ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୫/୨୦୨୨ (୮+୮=୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, March 5/2022 | Page 16 | ₹ 7.00 | ★★★★★★

୪୮ଶ ଭାଗ ୧୦୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ₹୭/-

# ରନ୍ଧନ, ଇନ୍ଧନ ଚିନ୍ତା ବଢ଼ିଲା

## ଯୁଦ୍ଧ ଘନଘଟା

- ଶୁଳ୍କ ହ୍ରାସ କରୁ କେନ୍ଦ୍ର: ଯୋଗାଣ ମନ୍ତ୍ରୀ
- ସରକାରଙ୍କର କୌଣସି ଯୋଜନା ନାହିଁ: ବ୍ୟବସାୟୀ ସଂଘ
- ପରିବାର ଚଳାଇବା କଷ୍ଟକର ହେବ: ଗୃହିଣୀ

ଭୁବନେଶ୍ୱର,୪।୩(ବ୍ୟୁରୋ)

ୟୁକ୍ରେନ୍ ଉପରେ ରୁଷିଆ ୧୦ ଦିନ ହେବ ଜୋରଦାର ଯୁଦ୍ଧ ଚଳାଇଛି। ଏହାର ପ୍ରଭାବ ଏବେ ହାଣ୍ଡିଶାଳ ଓ ଯାନବାହନ ଉପରେ ପଡ଼ିଛି। ଗତ କିଛିଦିନ ହେବ ସୂର୍ଯ୍ୟମୁଖୀ ଓ ଖାଇବା ତେଲ ମୂଲ୍ୟ ଅହେତୁକ ଭାବେ ବଢ଼ିଚାଲିଛି। ୮ ଦିନ ମଧ୍ୟରେ ଖାଇବା ତେଲ ଲିଟର ପିଛା ୨୦ରୁ ୩୦ ଟଙ୍କା ବଢ଼ିଯାଇଛି। ଯୁଦ୍ଧ ଲାଗି ରହିଲେ ଦର ଆହୁରି ବଢ଼ିବା ନେଇ ଆଶଙ୍କା ପ୍ରକାଶ ପାଇଛି। ବିଦେଶରୁ ଆମଦାନୀ ହେଉଥିବା ତେଲ ଉପରେ ନିର୍ଭର କରିବାକୁ ପଡୁଥିବାରୁ ଏହି ଦର ବୃଦ୍ଧି ଘଟିଥିବା ବ୍ୟବସାୟୀ କହୁଛନ୍ତି। ସେହିପରି ଅନ୍ତର୍ଜାତୀୟ ବଜାରରେ ମଧ୍ୟ ଅଶୋଧିତ ପେଟ୍ରୋଲିୟମ୍



ତୈଳ ଦର ବ୍ୟାରେଲ ପିଛା ୧୧୦ ଡଲାରକୁ ଟପିଗଲାଣି। ଦେଶର ୫ଟି ରାଜ୍ୟରେ ନିର୍ବାଚନ ଥିବାରୁ ବାଧ୍ୟ ହୋଇ ତୈଳ କମ୍ପାନୀଗୁଡ଼ିକ କ୍ଷତି ସତ୍ତ୍ୱେ ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି କରିନାହାନ୍ତି। ଉତ୍ତରପ୍ରଦେଶ ନିର୍ବାଚନ ପରେ ଆସନ୍ତା ସପ୍ତାହରେ ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ହେବା ସ୍ପଷ୍ଟ ହେଲାଣି। ତୈଳ ଦର ବୃଦ୍ଧି ହେବା ଜାଣିବା ପରେ ପେଟ୍ରୋଲ ପମ୍ପଗୁଡ଼ିକରେ ଭିଡ଼ ଲାଗିଲାଣି। ଲୋକମାନେ ଦର ବଢ଼ିବା ଆଶଙ୍କା କରି ଯାନବାହନ ଟାଙ୍କି ଭର୍ତ୍ତି କରୁଥିବା ଦେଖାଯାଉଛି। ତୈଳ ଦର ବୃଦ୍ଧି ହେଲେ ଅତ୍ୟାବଶ୍ୟକ ସାମଗ୍ରୀ ଦର ମଧ୍ୟ ବଢ଼ିବ। କରୋନା ସମୟରେ ଲୋକମାନଙ୍କର ଆର୍ଥିକ ଅବସ୍ଥା ଭଲ ନ ଥିବା ବେଳେ ବଜାରରେ ଅତ୍ୟାବଶ୍ୟକ ତୈଳ ଦର ବୃଦ୍ଧି ଚିନ୍ତା ବଢ଼ାଇ ଦେଇଛି। କ୍ଷୁଦ୍ର ବ୍ୟବସାୟୀ, ମଧ୍ୟବିତ୍ତ ପରିବାରଙ୍କ ଉପରେ ଆର୍ଥିକ ବୋଝ ଆହୁରି ବଢ଼ିଯିବ। ଆଗାମୀ ଦିନରେ ପରିବାର ଚଳାଇବା କଷ୍ଟକର ହୋଇପଡ଼ିବ।

ଖାଇବା ତେଲ ଦର ଆହୁରି ବଢ଼ିବ ବୋଲି ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମଧ୍ୟ ଆଶଙ୍କା କରିଛନ୍ତି। ସାମୟିକ ଭାବେ ଖାଇବା ତେଲ ଉପରୁ ଶୁଳ୍କ ହ୍ରାସ କରିବାକୁ ସେ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରିଛନ୍ତି। ନଚେତ ଖାଉଟିମାନେ ଦର ବୃଦ୍ଧି ଦ୍ୱାରା ଗଭୀର ଭାବେ ପ୍ରଭାବିତ ହେବେ ବୋଲି ସେ କହିଛନ୍ତି। ମନ୍ତ୍ରୀ ଟୁଇଟ୍ କରି କହିଛନ୍ତି ଯେ କେନ୍ଦ୍ର ସରକାର ଖାଇବା ତେଲ ଉପରେ ସଂଗ୍ରହ କରୁଥିବା ଆମଦାନୀ ଓ ଅନ୍ୟାନ୍ୟ ଶୁଳ୍କ ସାମୟିକ ଭାବେ ହ୍ରାସ କରିବା ଉଚିତ। ନଚେତ ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସ୍ ଭଳି ଖାଇବା ତେଲର ମଧ୍ୟ ଦରବୃଦ୍ଧି ଘଟିବ। ଏହା ଗରିବ, ଚାଷୀ, ମୂଲିଆ, ଖଟିଖିଆ ଓ ମଧ୍ୟବିତ୍ତ ପରିବାର ପାଇଁ ଦୁର୍ବିଷହ ହେବ। ସାମ୍ପ୍ରତିକ ଯୁଦ୍ଧ ପରିସ୍ଥିତି ଯୋଗୁ ଅନେକ ଦେଶ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ପ୍ରଭାବିତ ହେଉଛନ୍ତି। ଆଗାମୀ ଦିନରେ ଆହୁରି ପ୍ରଭାବିତ ହେବାର ଆଶଙ୍କା ରହିଛି। ଏହି ପରିପ୍ରେକ୍ଷୀରେ ଦେଶରେ ଖାଇବା ତେଲ, ବିଶେଷକରି ସୂର୍ଯ୍ୟମୁଖୀ ତେଲ ଦର ଅହେତୁକ ଭାବେ ବଢ଼ିବା ଆଶଙ୍କା ରହିଛି। ବଜାରରେ ଏହାର ପ୍ରଭାବ ଅନୁଭୂତ ହେବା ଆରମ୍ଭ ହୋଇଛି ବୋଲି ସେ କହିଛନ୍ତି। ତେବେ ଏହାର ଫାଇଦା ନେବାକୁ ଅସାଧୁ ବ୍ୟବସାୟୀମାନେ ମଧ୍ୟ ବଜାରରେ କୃତ୍ରିମ ଅଭାବ ସୃଷ୍ଟି କରିବା ଆଶଙ୍କା ରହିଛି। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ନିଯୁକ୍ତିକୁ ଚ୍ୟାଲେଞ୍ଜ**






# ରେକର୍ଡ ବ୍ୟବଧାନରେ ଜିତିଲେ ସରପଞ୍ଚ, ସମିତିସଭ୍ୟ

**ଝୁମ୍ପୁରୀ,୪।୩(ଡି.ଏନ.ଏ.):** ଯାଜପୁର ଜିଲା ଦଶରଥପୁର ବ୍ଲକ୍‌ରେ ପଞ୍ଚାୟତ ନିର୍ବାଚନ ଫଳାଫଳ ଘୋଷଣା ପରେ ଚମ୍ପେଇପାଳ ସରପଞ୍ଚ ଓ ସମିତିସଭ୍ୟ ପ୍ରାର୍ଥୀ ସର୍ବାଧିକ ଭୋଟ୍ ବ୍ୟବଧାନରେ ଜିତି ରେକର୍ଡ କରିଛନ୍ତି। ବିଜେଡି ସମର୍ଥନରେ ସରପଞ୍ଚ ପ୍ରାର୍ଥୀଭାବେ ଲଢୁଥିବା ହିମାଂଶୁ କୁମାର ନାୟକ ୩୬୯୨ ଭୋଟ୍ ପାଇଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ପ୍ରଶାନ୍ତ ନାୟକଙ୍କଠାରୁ ୨୧୦୩ ଖଣ୍ଡ ଭୋଟ୍ ବ୍ୟବଧାନରେ ବିଜୟ ହାସଲ କରିଛନ୍ତି। ସେହିପରି ସମିତିସଭ୍ୟ ପ୍ରାର୍ଥୀଭାବେ ଶାସକ ଦଳ ସମର୍ଥନରେ ଲଢୁଥିବା ବିଜୟ କୁମାର ନାୟକ ୩୭୬୮




ବିଜୟ ନାୟକ ଓ ହିମାଂଶୁ କୁମାର ନାୟକ

ଖଣ୍ଡ ଭୋଟ୍ ପାଇଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜୟ ମଲ୍ଲିକଙ୍କୁ ୨୨୬୦ ଖଣ୍ଡ ଭୋଟ୍ ବ୍ୟବଧାନରେ ହରାଇଛନ୍ତି। ଏହି ଦୁଇ ପ୍ରାର୍ଥୀ ବ୍ଲକ୍‌ରେ ସର୍ବାଧିକ ଭୋଟ୍ ବ୍ୟବଧାନରେ ବିଜୟୀ ହୋଇଥିବାରୁ ସେମାନଙ୍କୁ ଯାଜପୁର ବିଧାୟକ ତଥା ବିଜେଡି ସାଙ୍ଗଠନିକ ସାଧାରଣ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ଜିଲା ବିଜେଡି ସଭାପତି ସରୋଜ କୁମାର ମହାପାତ୍ର, ବିଧାୟକଙ୍କ ପ୍ରତିନିଧି କର୍ଣ୍ଣାଟ କେଶରୀ ଦାସ, ଜିଲା ବିଜେଡି ଉପସଭାପତି ଜୟନ୍ତ କୁମାର ନାୟକ, ସରପଞ୍ଚ ସତ୍ୟଭାମା ମଲ୍ଲିକ, ସମିତିସଭ୍ୟା ମାତନ ଜେନା, ବିଜେଡି ଯୁବନେତା ରମେଶ ଦାସ, ଅମିତ ଦାସ, ସଞ୍ଜୟ ସାହୁ, ରାଜେନ୍ଦ୍ର ମଲ୍ଲିକ, କାର୍ତ୍ତିକ ଜେନା, ପଞ୍ଚାନନ ବେହେରା ଓ ରବିନାରାୟଣ ପଲେଇ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।



ଶେଷ ପର୍ଯ୍ୟାୟ ନିର୍ବାଚନ ପାଇଁ ଉତ୍ତରପ୍ରଦେଶର ମାଉଠାରେ ସମାଜବାଦୀ ପାର୍ଟି ନେତା ଅଖିଳେଶ ଯାଦବ ଓ ଅନ୍ୟ ନେତୃବୃନ୍ଦ ପ୍ରଚାର କରୁଛନ୍ତି।

# ମଧୁସ୍ମିତା କଂଗ୍ରେସର ଭୁବନେଶ୍ୱର ମେୟର ପ୍ରାର୍ଥୀ

**ଭୁବନେଶ୍ୱର,୪।୩(ବ୍ୟୁରୋ)**

ଓଡିଶା ପ୍ରଦେଶ କଂଗ୍ରେସ ପକ୍ଷରୁ ଶୁକ୍ରବାର ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପାଇଁ ମେୟର ପ୍ରାର୍ଥୀ ଘୋଷଣା କରାଯାଇଛି। କଂଗ୍ରେସ ନେତ୍ରୀ ତଥା ସାମାଜିକ କର୍ମୀ ମଧୁସ୍ମିତା ଆଚାର୍ଯ୍ୟଙ୍କୁ ମେୟର ପ୍ରାର୍ଥୀ ଭାବେ ଚୟନ କରାଯାଇଛି। କଂଗ୍ରେସ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଧାୟକ ସୁରେଶ କୁମାର ରାଉତରାୟ ମଧୁସ୍ମିତାଙ୍କ ନାମକୁ ଘୋଷାଣ କରିଥିଲେ। ରାଉତରାୟ କହିଛନ୍ତି, ମଧୁସ୍ମିତାଙ୍କ ଭଳି ଉଚ୍ଚ ଶିକ୍ଷିତା ତଥା ଖେଳ ଓ ସମାଜସେବାରେ ସାମୂହିକ ଯୋଗଦାନ କରିଥିବା ଜଣେ ମହିଳାଙ୍କୁ ଆମେ କଂଗ୍ରେସ ପକ୍ଷରୁ ମେୟର ପ୍ରାର୍ଥୀ ଭାବେ ଦେଇଛୁ। ଭୁବନେଶ୍ୱର ଭଳି ଶିକ୍ଷିତ ସହରର ଉନ୍ନତି କରିବା ପାଇଁ ସହରର ନାଗରିକମାନେ ଆଶୀର୍ବାଦ କରିବେ। ସେହିପରି କର୍ପୋରେଟର ପାଇଁ ଇଂଜିନିୟର, ଡାକ୍ତର, ଲେଖକ, ଅବସରପ୍ରାପ୍ତ ଅଫିସର ଓ ବସ୍ତି କର୍ମୀଙ୍କୁ ପ୍ରାର୍ଥୀ ଭାବେ ମନୋନୀତ କରାଯାଇଛି ବୋଲି ରାଉତରାୟ କହିଛନ୍ତି। ଅନ୍ୟପକ୍ଷରେ ମେୟର ପ୍ରାର୍ଥୀ ହୋଇଥିବା ମଧୁସ୍ମିତା କହିଛନ୍ତି, ଲଢେଇ କରିବା ପାଇଁ ଆସିଛି। ଏଥର ରାଜଧାନୀ ରାଜନୀତିରେ ନୂଆ ଇତିହାସ ସୃଷ୍ଟି ହେବ। ଲୋକଙ୍କ ପାଇଁ କାମ କରିବା ଲାଗି କଂଗ୍ରେସ ଗୋଟିଏ ମାଧ୍ୟମ ଦେଇଛି। ଏଥିପାଇଁ ଦଳ ନିକଟରେ କୃତଜ୍ଞ ବୋଲି ସେ କହିଛନ୍ତି। ଏହି ଘୋଷଣା ଅବସରରେ କଂଗ୍ରେସର ଭୁବନେଶ୍ୱର ଜିଲା ସଭାପତି ବିଶ୍ୱଜିତ



ମଧୁସ୍ମିତା ଆଚାର୍ଯ୍ୟ

ଦାଶ, ପିସିସି ସମ୍ପାଦକ ସୁବ୍ରତ ମହାପାତ୍ର, ସାଧାରଣ ସମ୍ପାଦକ ଚିନ୍ମୟ ସୁନ୍ଦରଦାସ, ଅନ୍ୟତମ ମେୟର ଆଶାୟୀ ପ୍ରାର୍ଥିନୀ ରଶ୍ମି ମହାପାତ୍ର ମଧ୍ୟ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ପ୍ରାର୍ଥୀ ଚୟନ, ବଜେଟ ଓ ପରିଚାଳନା ଏବଂ ପ୍ରଚାରକୁ ନେଇ କଂଗ୍ରେସ ପକ୍ଷରୁ ପଞ୍ଚାୟତ ଓ ପୌର ନିର୍ବାଚନ ପରିଚାଳନା କମିଟି ବୈଠକ ବୁଧବାର ଅନୁଷ୍ଠିତ ହୋଇଥିଲା। ବିଧାୟକ ଦଳ ନେତା ତଥା ନିର୍ବାଚନ ପରିଚାଳନା କମିଟି ଅଧ୍ୟକ୍ଷ ନରସିଂହ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମେୟର ପ୍ରାର୍ଥୀ ଭାବେ ଦୁଇଜଣଙ୍କ ନାମ ଉଠିଥିଲା। ଗତ ବିଧାନସଭା ନିର୍ବାଚନରେ ଏକାମ୍ର ନିର୍ବାଚନ ମଣ୍ଡଳୀର ବିଧାୟିକା ପ୍ରାର୍ଥିନୀ ରଶ୍ମି ମହାପାତ୍ର ଓ କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ ସ୍ୱର୍ଗତ କାଙ୍ଗାଳି ଚରଣ ପଣ୍ଡାଙ୍କ ପୁତ୍ରବଧୂ ସାମାଜିକ କର୍ମୀ ମଧୁସ୍ମିତା ଆଚାର୍ଯ୍ୟଙ୍କ ନାମକୁ ନେଇ ଆଲୋଚନା ହୋଇଥିଲା। ବିଭିନ୍ନ ଦିଗକୁ ତର୍ଜମା କରାଯିବା ପରେ ମଧୁସ୍ମିତାଙ୍କୁ ଚୂଡ଼ାନ୍ତ କରାଯାଇଥିଲା।

# ଆଜି ମଣିପୁରରେ ଦ୍ୱିତୀୟ ପର୍ଯ୍ୟାୟ ଭୋଟ

**ଇମ୍ଫାଲ,୪।୩ (ପି.ଟି.)**

ମଣିପୁର ବିଧାନସଭା ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ଭୋଟ ଶନିବାର ଅନୁଷ୍ଠିତ ହେବାକୁ ଯାଉଛି। ଏହି ପର୍ଯ୍ୟାୟରେ ୬ ଜିଲାର ୨୨ ଆସନରେ ମତଦାନ ହେବ। ଏଥିପାଇଁ ପ୍ରତିଦ୍ୱନ୍ଦ୍ୱିତାରେ ୯୨ ପ୍ରାର୍ଥୀ ଅଛନ୍ତି। ୧,୨୪୭ ବୁଥ୍‌ରେ ସକାଳ ୭ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମତଦାନ ହେବ ଏବଂ ୮.୩୮ ଲକ୍ଷ ଭୋଟର ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ। ଏହି ପର୍ଯ୍ୟାୟରେ ଥିବା ପ୍ରମୁଖ ପ୍ରାର୍ଥୀ ହେଲେ ପୂର୍ବତନ ମୁଖ୍ୟମନ୍ତ୍ରୀ ଓ. ଇବୋବି ସିଂ, ପୂର୍ବତନ ଉପମୁଖ୍ୟମନ୍ତ୍ରୀ ଗୈଖାନଗାମ୍ ଗଙ୍ଗମେଇ। ଉଭୟ କଂଗ୍ରେସରୁ ପ୍ରାର୍ଥୀ ହୋଇଛନ୍ତି। ଭାଜପା ସମସ୍ତ ୨୨ ଆସନରେ ପ୍ରାର୍ଥୀ ଦେଇଥିବାବେଳେ କଂଗ୍ରେସ ୧୮, ଏନ୍‌ପିପି ୧୧, ଜନତା ଦଳ (ସଂଯୁକ୍ତ) ଏବଂ ନାଗା ପିପୁଲ୍ସ ଫ୍ରଣ୍ଟ ୧୦ଟି ଲେଖାଏ ଆସନରେ ପ୍ରାର୍ଥୀ ଦେଇଛନ୍ତି। ୨୨୩ ଭୋଟକେନ୍ଦ୍ରକୁ କେବଳ ମହିଳା କର୍ମଚାରୀ ପରିଚାଳନା କରିବେ। ମଣିପୁରରେ ପ୍ରଥମ ପର୍ଯ୍ୟାୟ ମତଦାନ ଫେବୃୟାରୀ ୨୮ରେ ଅନୁଷ୍ଠିତ ହୋଇଥିଲା।

# ଭାଜପାକୁ କ୍ଷମତାରୁ ହଟାଇବା ପାଇଁ ଏସ୍‌ପି ସହ ହାତ ମିଳାଇପାରେ ଏଏପି: ସଞ୍ଜୟ ସିଂ

**ନୂଆଦିଲ୍ଲୀ,୪।୩**

ଉତ୍ତରପ୍ରଦେଶରେ ଭାଜପାକୁ କ୍ଷମତାରୁ ହଟାଇବା ଲାଗି ଆବଶ୍ୟକ ପଡ଼ିଲେ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ସମାଜବାଦୀ ପାର୍ଟି ସହ ହାତ ମିଳାଇବାକୁ ପ୍ରସ୍ତୁତ। ଏଏପି ନେତା ସଞ୍ଜୟ ସିଂ ଏହା କହିଛନ୍ତି। ସେ କହିଛନ୍ତି, ପଞ୍ଜାବରେ ଏଏପି ସରକାର ଗଢ଼ିବ। ଉତ୍ତରାଖଣ୍ଡ ଓ ଗୋଆରେ ସକାରାତ୍ମକ ଫଳାଫଳ ହେବ। ଏଏପିର ରାଜନୀତି ଲୋକଙ୍କ ପାଖରେ ପହଞ୍ଚିଛି। ଉତ୍ତରପ୍ରଦେଶରେ ମଧ୍ୟ ଏହି ଦଳ ଭଲ ସ୍ଥିତିରେ ରହିଛି। ଲୋକେ ବିକାଶ ନାମରେ ଭୋଟ ଦେଉଛନ୍ତି। ଅନ୍ୟ ଦଳଗୁଡ଼ିକ ଏଏପିର ନିର୍ବାଚନୀ



ଇସ୍ତାହାରକୁ ଅନୁସରଣ କରୁଛନ୍ତି। ୟୁପି ଜାତି ରାଜନୀତିରୁ ଊର୍ଦ୍ଧ୍ୱକୁ ଯିବା ଆବଶ୍ୟକ ବୋଲି ସିଂ କହିଛନ୍ତି। ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ବାବା ବୁଲ୍‌ଡୋଜର ଡାକିଲେ ସେ ଖୁସି ହେଉଛନ୍ତି। ଏଭଳି ସ୍ଥିତିରେ ନିଯୁକ୍ତି କେଉଁଠୁ ଆସିବ ବୋଲି ସଞ୍ଜୟ ପ୍ରଶ୍ନ କରିଥିଲେ।

# ଭୋଟ ଜାଲିଆତି ଅଭିଯୋଗ: ପୁନଃ ଗଣତି ଦାବି

**ନବରଙ୍ଗପୁର, ୪।୩ (ବି.ପ୍ର.)**

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଜୋନ୍-୧ର କଂଗ୍ରେସ ଜିଲା ପରିଷଦ ପ୍ରାର୍ଥୀ ହାରାବତୀ ଗଣ୍ଡ ଭୋଟ ପୁନଃ ଗଣତି କରିବାକୁ ଜିଲା ନିର୍ବାଚନ ଅଧିକାରୀଙ୍କ ନିକଟରେ ଦାବି କରିଛନ୍ତି। ଭୋଟ ଜାଲିଆତି ହୋଇଥିବା ନେଇ ସେ ଅଭିଯୋଗ କରିଛନ୍ତି।

ହାରାବତୀଙ୍କ ଅଭିଯୋଗ ପ୍ରକାରେ ସେ ଝରିଗାଁ ବିଡିଓଙ୍କୁ ଭେଟି ଜୋନ୍-୧ର ନିର୍ବାଚନ ସମ୍ବନ୍ଧୀୟ ସରକାରୀ ତଥ୍ୟ ସଂଗ୍ରହ କରିଥିଲେ। କେତୋଟି ବୁଥ୍‌ରେ ପୋଲିଂ ସଂଖ୍ୟାରୁ ଅଧିକ ଭୋଟ ଗଣତି ବେଳେ ବାହାରିଥିଲା। ତେଣୁ ଭୋଟ ଜାଲିଆତି ହୋଇଛି ଯାହା ଜନମତକୁ କୁଠାରାଘାତ ବୋଲି ନିଜ ଅଭିଯୋଗ ପତ୍ରରେ ସେ ଉଲ୍ଲେଖ କରିଛନ୍ତି। ତେଣୁ ଏହାର ନିରପେକ୍ଷ ତଦନ୍ତକରି ଜନମତକୁ ଉଚିତ ନ୍ୟାୟ ପ୍ରଦାନ କରିବାକୁ ହାରାବତୀ ଜିଲା ନିର୍ବାଚନ ଅଧିକାରୀଙ୍କ ନିକଟରେ ଗୁହାରି କରିଛନ୍ତି।

# ବହିଷ୍କାର ପରେ ବିଜେଡିରେ ଯୋଗଦେଲେ ଜିଲା ଛାତ୍ର କଂଗ୍ରେସ ସଭାପତି



ମନ୍ତ୍ରୀ ନବ ଦାସ ଓ ଅନ୍ୟ ନେତୃବୃନ୍ଦ ନବନିତ୍ କୌରଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରୁଛନ୍ତି।

**ଝାରସୁଗୁଡ଼ା ଅଫିସ,୪।୩:** ଜିଲା ଛାତ୍ର କଂଗ୍ରେସ ସଭାପତି (ଏନ୍‌ଏସ୍‌ୟୁଆଇ) ନବନିତ୍ କୌରଙ୍କୁ ଗୁରୁବାର ଦଳରୁ ବହିଷ୍କାର କରାଯାଇଛି। ଏ ନେଇ ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ୟାଶିର୍ ନୱାଜ ଘୋଷଣା କରିଛନ୍ତି। କଂଗ୍ରେସ ଜିଲା କମିଟି ସାଧାରଣ ସମ୍ପାଦକ ମନିଷ ବାଜପେୟୀ କହିଛନ୍ତି, ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଜିଲା ଛାତ୍ର କଂଗ୍ରେସ ସଭାପତି କୌର ଦଳ ବିରୋଧୀ କାର୍ଯ୍ୟ କରିଥିବାରୁ ତାଙ୍କ ବିରୋଧରେ ଏଭଳି ପଦକ୍ଷେପ ନିଆଯାଇଛି। ନବନିତ୍ କୌର ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଦଳର ସ୍ଥିତି ନୈରାଶ୍ୟଜନକ ଦେଖାଦେବା ଫଳରେ ତାଙ୍କୁ ବହିଷ୍କାର କରିବା ପୂର୍ବରୁ ସେ ଦଳରୁ ଇସ୍ତଫା ଦେଇଛନ୍ତି। ଦଳ ବିରୋଧୀ କାର୍ଯ୍ୟକୁ ସେ ଅସ୍ୱୀକାର କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶରେ ଅନୁପ୍ରାଣୀତ ହୋଇ ସେ ଶୁକ୍ରବାର ବିଜେଡିରେ ଯୋଗଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ, ଉପପର୍ଯ୍ୟବେକ୍ଷକ ବିଷ୍ଣୁ ପ୍ରସାଦ କେଡିଆ, ଉପସଭାପତି ମନୋରଞ୍ଜନ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ନବନିତ୍‌ଙ୍କ ସମେତ ଶତାଧିକ କର୍ମୀଙ୍କୁ ବିଜେଡିକୁ ସ୍ୱାଗତ କରିଥିଲେ।

# ନୂଆ ମୁହଁକୁ ଭରସା କରିପାରେ ଖୋର୍ଦ୍ଧା ବିଜେଡି

**ଖୋର୍ଦ୍ଧା ଅଫିସ,୪।୩**

ପୌର ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଛି। ପଞ୍ଚାୟତ ନିର୍ବାଚନର ସଫଳତା ପରେ ଶାସକ ଦଳ ବିଜେଡି ପୌର ନିର୍ବାଚନରେ କ୍ଲିନ ସୁଇପ ଯୋଜନାରେ ରହିଛି। ଅନ୍ୟପଟେ ବିରୋଧୀ ଭାଜପା ଓ କଂଗ୍ରେସ ଭଲ ପ୍ରଦର୍ଶନ କରିବେ ବୋଲି ଆଶା ବାନ୍ଧିଛନ୍ତି। ଶୁକ୍ରବାର ସୁଦ୍ଧା କୌଣସି ଦଳ ପକ୍ଷରୁ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇନାହିଁ। ଖୋର୍ଦ୍ଧା ପୌର ନିର୍ବାଚନରେ ଅଧ୍ୟକ୍ଷା ପଦ ପାଇଁ ବିଜେଡିର ୧୫ଜଣ ଦାବିଦାର ରହିଛନ୍ତି। ତେବେ ଦଳ ନୂଆ ମୁହଁ ଖୋଜୁଛି। ଅନ୍ୟପଟେ ବିରୋଧୀଙ୍କୁ ଉପଯୁକ୍ତ ପ୍ରାର୍ଥୀ ମିଳୁ ନ ଥିବା ଶୁଣିବାକୁ ମିଳୁଛି। ଶନିବାର ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ। ଏହି ଅବସରରେ ବିଜେଡି ଜିଲାୱାରୀ ପ୍ରାର୍ଥୀ ତାଲିକା ଘୋଷଣା କରିବା ସମ୍ଭାବନା ରହିଛି। ଅନ୍ୟପଟେ ଆଶାୟୀ ପ୍ରାର୍ଥୀ ନିଜ ୱାର୍ଡରେ ପୋଷ୍ଟର ଓ ବ୍ୟାନର ମାରି କାର୍ଯ୍ୟ ଆରମ୍ଭ କରିଦେଲେଣି। ଚଳିତ ପୌର ନିର୍ବାଚନରେ ପୌରାଧ୍ୟକ୍ଷ ପଦ ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। ଏଥିପାଇଁ ସିଧାସଳଖ ଭୋଟ ଗ୍ରହଣ କରାଯିବ। ବହୁ ପୁରୁଣା କର୍ମୀ ନିଜ ପାଇଁ ଓ ସମ୍ପର୍କୀୟଙ୍କ ଲାଗି ଲବି ଚଳାଇଛନ୍ତି। ଦଳୀୟ ବିଧାୟକ, ସାଙ୍ଗଠନିକ କର୍ମକର୍ତ୍ତା, ପର୍ଯ୍ୟବେକ୍ଷକଙ୍କୁ ମନାଇବା ପାଇଁ ଚାଲିଛି ଛକାପଞ୍ଝା। ଏଥର ବିଜେଡି ପକ୍ଷରୁ ଦଳୀୟ ବିଧାୟକ, ଏମ୍‌ପି ଏପରି କି ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ରହିଥିବା ବ୍ୟକ୍ତିଙ୍କ ପରିବାରରୁ କାହାରିକୁ ଟିକେଟ ଦିଆଯିବ ନାହିଁ ବୋଲି ହୁଇପ ଜାରି ହୋଇଥିବା ଶୁଣିବାକୁ ମିଳୁଛି। ସ୍ୱଚ୍ଛ ଓ ନିର୍ବିବାଦୀୟ ବ୍ୟକ୍ତିତ୍ୱ ସମ୍ପନ୍ନ ମହିଳାଙ୍କୁ ପୌରାଧ୍ୟକ୍ଷ ପଦରେ ବସାଇବା ପାଇଁ ଲକ୍ଷ୍ୟ ରଖିଛି। ତେଣୁ ବିଜେଡି ନୂଆ ମୁହଁ ଖୋଜୁଛି ବୋଲି ରାଜନୈତିକ ବିଶେଷଜ୍ଞମାନେ ମତ ଦେଉଛନ୍ତି। ତେବେ କିଏ ନୂଆ ମୁହଁ ତାହା ଏଯାଏ ସ୍ପଷ୍ଟ ହୋଇପାରିନାହିଁ। ଅନ୍ୟପଟେ ଭାଜପା ପକ୍ଷରୁ ପୌର ଅଧ୍ୟକ୍ଷା ଆସନରେ ବସାଇବା ପାଇଁ ଜଣେ ପୂର୍ବତନ କାଉନସିଲରଙ୍କ ନାମ କୋର୍ କମିଟି ବୈଠକରେ ପ୍ରସ୍ତାବ ଦିଆଯାଇଛି ବୋଲି କମିଟି ସଦସ୍ୟ ଦେବବ୍ରତ ଆଚାର୍ଯ୍ୟ ସୂଚନା ଦେଇଛନ୍ତି। କଂଗ୍ରେସ ପକ୍ଷରୁ ପ୍ରାର୍ଥୀ ତାଲିକା ପ୍ରସ୍ତୁତି ଚାଲିଛି। ଶନିବାର ତାଲିକା ପ୍ରକାଶ କରାଯିବ ବୋଲି ନଗର କଂଗ୍ରେସ ସଭାପତି ରଣଜିତ ମହାପାତ୍ର କହିଛନ୍ତି। ପୌରାଧ୍ୟକ୍ଷା ପଦ ପାଇଁ କୌଣସି ଦଳୀୟ କର୍ମୀ ପ୍ରାର୍ଥିପତ୍ର କିଣି ନ ଥିବା ବେଳେ ସାମାଜିକ କର୍ମୀ ମମତା ପୃଷ୍ଟି ସ୍ୱାଧୀନ ପ୍ରାର୍ଥୀ ଭାବେ ଫର୍ମ କିଣିଥିବା ଜଣାପଡ଼ିଛି। ସେ ବିଜେଡିରୁ ଟିକେଟ ପାଇଁ ଆଶା ବାନ୍ଧିଛନ୍ତି। ସେ ସାମାଜିକ କର୍ମୀ ନରେନ୍ଦ୍ର ପୃଷ୍ଟିଙ୍କ ସହଧର୍ମିଣୀ। ଅନ୍ୟପକ୍ଷରେ ୨୦୧୩ରେ ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁଙ୍କ ସହଧର୍ମିଣୀ ସଂଯୁକ୍ତା ସାହୁ ପୌରାଧ୍ୟକ୍ଷା ହୋଇଥିଲେ। ତେବେ ଚଳିତ ପୌର ନିର୍ବାଚନରେ ସେ ଦୌଡରେ ନ ଥିବା ସ୍ପଷ୍ଟ କରିଛନ୍ତି। ସେହିପରି ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର କହିଛନ୍ତି, ତାଲିକା ପ୍ରସ୍ତୁତ କରାଯାଇଛି। ଦଳ ଯାହା ନାମରେ ମୋହର ମାରିବ, ସେ ହିଁ ନିର୍ବାଚନ ଲଢିବେ। ପୌର ନିର୍ବାଚନ ଦୌଡ଼ରେ ସେ ନ ଥିବା ସ୍ପଷ୍ଟ କରିଛନ୍ତି।

# ବିଜେଡିରେ ଶିକ୍ଷାବିତ୍ ଶାନ୍ତି ମଞ୍ଜରୀ

**ଭୁବନେଶ୍ୱର, ୪।୩(ବ୍ୟୁରୋ)**

ବିଶିଷ୍ଟ ଶିକ୍ଷାବିତ୍ ତଥା ରାଷ୍ଟ୍ରପତି ଓ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀ ଶାନ୍ତି ମଞ୍ଜରୀ ଦେଇ ଶୁକ୍ରବାର ବିଜେଡିରେ ଯୋଗ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ତାଙ୍କୁ ବିଜେଡିରେ ସାମିଲ କରିଛନ୍ତି। ଏହି ଅବସରରେ ବିଜେଡି ଦେବଗଡ଼ ଜିଲା ସଭାପତି ରୋମାଞ୍ଚ ରଞ୍ଜନ ବିଶ୍ୱାଳ ସେଠାରେ ଉପସ୍ଥିତ ଥିଲେ। ବିଜେଡି ରାଜ୍ୟ ସମ୍ପାଦକ କୁନବିହାରୀ ଦାସ ଏବଂ ଅନ୍ୟ ସମର୍ଥକଙ୍କ ସମେତ ଯୁବନେତା ରାଜକିଶୋର ଦାଶ ମଧ୍ୟ ସେଠାରେ ଉପସ୍ଥିତ ଥିଲେ।



ମିଶ୍ରଣ ପର୍ବରେ ବିଜେଡି ନେତୃବୃନ୍ଦଙ୍କ ସହ ଶାନ୍ତି ମଞ୍ଜରୀ।

# ଅଧ୍ୟକ୍ଷ ପଦକୁ ନେଇ ଉତ୍କଣ୍ଠା

**ଯୋଡ଼ା,୪।୩(ଡି.ଏନ.ଏ.)**

**ଯୋଡ଼ା ପୌର ପରିଷଦ ନିର୍ବାଚନ**

କେନ୍ଦୁଝର ଜିଲା ଯୋଡ଼ା ପୌର ପରିଷଦ ନିର୍ବାଚନ ପାଇଁ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ସଙ୍ଗଠନକୁ ସୁଦୃଢ଼ କରି କିପରି ଅଧିକ ଆସନ ଅକ୍ତିଆର କରାଯାଇ ପାରିବ ଏ ନେଇ ରଣକୌଶଳ ପ୍ରସ୍ତୁତ କରୁଛନ୍ତି। ୧୪ଟି ୱାର୍ଡ ବିଶିଷ୍ଟ ଏହି ପୌରପାଳିକାର ଅଧ୍ୟକ୍ଷ ପଦକୁ ନେଇ ବିଜେଡି ଓ ଭାଜପା ମଧ୍ୟରେ କଡ଼ା ମୁକାବିଲା ହେବ ବୋଲି ଆଲୋଚନା ଚାଲିଛି। ଚଳିତ ଥର ଭୋଟର ସିଧାସଳଖ ଅଧ୍ୟକ୍ଷ ନିର୍ବାଚନ କରିବାର ଥିବାରୁ ଉତ୍କଣ୍ଠା ପ୍ରକାଶ ପାଇଛି।

ଗତ ନିର୍ବାଚନ ଭଳି ଅଧ୍ୟକ୍ଷ ପଦ ଅକ୍ତିଆର କରିବା ପାଇଁ ଏଥର ବିଜେଡି ସ୍ୱତନ୍ତ୍ର ରଣକୌଶଳ ଚଳାଇଛି। ଆଶାୟୀଙ୍କ ସଂଖ୍ୟା ବଢ଼ିବଢ଼ି ଚାଲିଛି। କାଉନସିଲର ଓ ଅଧ୍ୟକ୍ଷ ପଦ ପାଇଁ ବିଜେଡି ନେତାଙ୍କ ମଧ୍ୟରେ ଏକ ପ୍ରକାର ପ୍ରତିଦ୍ୱନ୍ଦ୍ୱିତା ଆରମ୍ଭ ହୋଇଯାଇଛି। ପୂର୍ବତନ ବିଧାୟକ ସନାତନ ମହାକୁଡ଼, ଜିଲା ବିଜେଡି ଉପସଭାପତି କୁଶ ଆପଟ୍ଟ, ଚମ୍ପୁଆ ବିଧାୟିକା ମିନାକ୍ଷୀ ମହାନ୍ତଙ୍କ ମଧ୍ୟରୁ କିଏ ପୌର ନିର୍ବାଚନରେ ଦଳୀୟ ଟିକେଟ ଦେବେ ସେଥିନେଇ ଆଶାୟୀଙ୍କ ମଧ୍ୟରେ ଛକାପଞ୍ଝା ଲାଗି ରହିଛି। ନାମାଙ୍କନ ପତ୍ର ଦାଖଲର ତୃତୀୟ ଦିନ ସୁଦ୍ଧା ବିଜେଡି ପକ୍ଷରୁ ପ୍ରାର୍ଥୀ ତାଲିକା ପ୍ରକାଶ ପାଇନାହିଁ। ଏଣୁ ଆଶାୟୀମାନେ ଟିକେଟ ପାଇବା ପାଇଁ ଜୋରଦାର ଲବି ଜାରି ଚଳାଇଛନ୍ତି। ପଞ୍ଚାୟତ ନିର୍ବାଚନରେ ସନାତନଙ୍କ ସଂଗଠନ ଦୁର୍ବଳ ହୋଇପଡ଼ିଥିବାରୁ ଏହାର ପ୍ରଭାବ ପୌର ନିର୍ବାଚନରେ ମଧ୍ୟ ଦେଖିବାକୁ ମିଳିବ ବୋଲି କେତେକ ବିଜେଡି ନେତା ନାମ ଗୋପନ ରଖି ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ପ୍ରାର୍ଥୀ ଚୟନ ବେଳେ ଶିକ୍ଷିତ ଓ ଯୋଡ଼ାର ସ୍ଥାୟୀ ବାସିନ୍ଦାଙ୍କୁ ଅଗ୍ରାଧିକାର ଦିଆଗଲେ ସହରର ବିକାଶ ହୋଇପାରିବ ବୋଲି ଭୋଟରମାନେ ମତ ଦେଇଛନ୍ତି। ଯୋଡ଼ା ସହରର ଚତୁଃପାର୍ଶ୍ୱରେ ବହୁ ଖଣି ଖାଦାନ ଓ ଶିଳ୍ପ ଥିଲେ ମଧ୍ୟ ସହରବାସୀ ଏଥିରେ ନିଯୁକ୍ତି ପାଇ ପାରୁ ନାହାଁନ୍ତି। ଏଣୁ ଅଞ୍ଚଳର ଶିକ୍ଷିତ ଯୁବତୀଯୁବକମାନଙ୍କ ଲାଗି ନିଯୁକ୍ତି ସୁଯୋଗ ସୃଷ୍ଟି କରାଇବା ଏବଂ ବିଭିନ୍ନ ତାଲିମ ଦେଇ ସେମାନଙ୍କୁ ସ୍ୱାବଲମ୍ବୀ କରାଇବା ପାଇଁ ଯେଉଁ ପ୍ରାର୍ଥୀମାନେ ଚେଷ୍ଟା କରିବେ ତାଙ୍କୁ ସମର୍ଥନ ଦେବେ ବୋଲି ଭୋଟରମାନେ କହି ବୁଲୁଛନ୍ତି।

# ଚର୍ଚ୍ଚାରେ ଗଞ୍ଜାମ ଜିଲା ପରିଷଦ ଅଧ୍ୟକ୍ଷା ପଦ

**ବ୍ରହ୍ମପୁର ଅଫିସ,୪।୩**

ଗଞ୍ଜାମ ଜିଲା ପରିଷଦ ନିର୍ବାଚନରେ ବିଜେଡି ନିରଙ୍କୁଶ ସଂଖ୍ୟା ଗରିଷ୍ଠ ହୋଇଛି। ୬୯ ଜୋନ୍‌ରୁ ୬୭ଟିରେ ବିଜେଡି ପ୍ରାର୍ଥୀମାନେ ନିର୍ବାଚିତ ହୋଇ ରେକର୍ଡ ସୃଷ୍ଟି କରିଛନ୍ତି। ଅର୍ଦ୍ଧେକ ଜୋନ୍ ନିୟମ ପ୍ରକାରେ ମହିଳାଙ୍କ ପାଇଁ ସଂରକ୍ଷିତ ଥିବା ସ୍ଥଳେ ଅଧିକ ୬ ଅର୍ଥାତ୍ ୪୧ ଜଣ ବିଭିନ୍ନ ବ୍ଲକରୁ ନିର୍ବାଚିତ ହୋଇଛନ୍ତି। ଅନ୍ୟପକ୍ଷରେ ଅଧ୍ୟକ୍ଷ ପଦ ମଧ୍ୟ ମହିଳାଙ୍କ ଲାଗି ସଂରକ୍ଷିତ ରହିଛି। ଆସନ୍ତା ୧୩ ତାରିଖରେ ଏଥିପାଇଁ ନିର୍ବାଚନ ହେବାର ଚୂଡ଼ାନ୍ତ ହୋଇଛି। ଅଧ୍ୟକ୍ଷା ପଦ କାହାକୁ ମିଳିବ ସେନେଇ ଶାସକ ଦଳରେ ଚର୍ଚ୍ଚା ଚାଲିଛି। ନିଷ୍ପତ୍ତି ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନେବା ସ୍ପଷ୍ଟ ହୋଇଥିଲେ ମଧ୍ୟ ଏହି ପଦ ଲାଗି ଅନେକ ଆଶାୟୀ ଅଛନ୍ତି।

ଅତୀତରେ ଗଞ୍ଜାମ ଜିଲା ବୋର୍ଡ ଥିଲା। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପରେ ସେହି ବୋର୍ଡର ଅଖଣ୍ଡ କ୍ଷମତା ଥିଲା। ସମସ୍ତ ଯୋଜନା ସେଠାରେ ପ୍ରଣୟନ ହେଉଥିଲା। ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଦିବାକର ପଟ୍ଟନାୟକ ଓ ଦୀନବନ୍ଧୁ ବେହେରା ଏବଂ ଖଲ୍ଲିକୋଟର ସ୍ୱର୍ଗତ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓ ପ୍ରମୁଖ ସଭାପତି ହୋଇଥିଲେ। ସେମାନଙ୍କ ଶାସନରେ ଜିଲାର ବହୁମୁଖୀ ଉନ୍ନୟନ କାର୍ଯ୍ୟ ହୋଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ବୋର୍ଡକୁ ଭାଙ୍ଗି ଦିଆଗଲା। ପ୍ରଶାସନକୁ କ୍ଷମତା ଦିଆଯାଇଥିଲା। ଦୀର୍ଘବର୍ଷ ପରେ ୧୯୯୭ରେ ଜିଲା ପରିଷଦ ଗଠନ କରାଗଲା। ପ୍ରଥମ ନିର୍ବାଚନ ଦଳୀୟ ସଂକେତରେ ହୋଇଥିଲା। ଅଧ୍ୟକ୍ଷା ପଦ ସାଧାରଣ ବର୍ଗର ମହିଳାଙ୍କ ଲାଗି ସଂରକ୍ଷିତ ରଖାଯାଇଥିଲା। ସେହି ନିର୍ବାଚନରେ କଂଗ୍ରେସ ସଂଖ୍ୟା ଗରିଷ୍ଠ ଥାଇ ମଧ୍ୟ ଦଳରେ ଗୋଷ୍ଠୀ କନ୍ଦଳରୁ ଅଧ୍ୟକ୍ଷା ପଦ ହରାଇଥିଲା।

ରାଜନୈତିକ ସମୀକରଣରେ ତତ୍କାଳୀନ ଜନତା ଦଳ, ଭାଜପା ଓ ସିପିଆଇ ମେଣ୍ଟ କରାଗଲା। ଜଣେ ସ୍ୱାଧୀନ ପ୍ରାର୍ଥୀଙ୍କ ସମର୍ଥନରୁ ଦିଗପହଣ୍ଡି ବ୍ଲକରୁ ନିର୍ବାଚିତ ଜନତା ଦଳର ରେଣୁବାଳା ପ୍ରଧାନ ଅଧ୍ୟକ୍ଷା ହୋଇଥିଲେ। ସଦ୍ୟ ସମାପ୍ତ ଜିଲା ପରିଷଦ ନିର୍ବାଚନରେ ରଙ୍ଗେଇଲୁଣ୍ଡା ବ୍ଲକର ୫୩ନଂ ଜୋନରୁ ବିଜେଡିରୁ ନିର୍ବାଚିତ ରାଜେଶ୍ୱରୀ ଦୋରା ସେତେବେଳେ କଂଗ୍ରେସରୁ ସେହି ଜୋନ୍‌ରୁ ଜିତିଥିଲେ। ରେଣୁବାଳାଙ୍କ ସହିତ ଅଧ୍ୟକ୍ଷା ପଦ ନିମନ୍ତେ ରାଜେଶ୍ୱରୀ ପ୍ରତିଦ୍ୱନ୍ଦ୍ୱିତା କରି ପରାଜିତ ହୋଇଥିଲେ। ପରବର୍ତ୍ତୀ ସ୍ଥିତିରେ ରେଣୁ ୨୦୦୮ ରାଜ୍ୟସଭା ନିର୍ବାଚନରେ ବିଜେଡିରୁ ନିର୍ବାଚିତ ହେଲେ ଏବଂ ରାଜେଶ୍ୱରୀ କଂଗ୍ରେସ ଛାଡ଼ି ବିଜେଡିରେ ଯୋଗଦେଲେ। ଦୀର୍ଘ ୨୫ ବର୍ଷ ବ୍ୟବଧାନରେ ଜିଲା ପରିଷଦ ଅଧ୍ୟକ୍ଷା ପଦ ମହିଳାଙ୍କ ନିମନ୍ତେ ସଂରକ୍ଷିତ ହୋଇଛି। ବିଜେଡିରୁ ୪୦ରୁ ଊର୍ଦ୍ଧ୍ୱ ମହିଳା ନିର୍ବାଚିତ ହୋଇଥିବାରୁ ଅନେକେ ଅଧ୍ୟକ୍ଷା ହେବାକୁ ଆଶା କରିଛନ୍ତି। ବିଜେଡି ଶାସନରେ ୨୦୦୨ରେ ହୋଇଥିବା ପ୍ରଥମ ଜିଲା ପରିଷଦ ନିର୍ବାଚନରେ ଶଙ୍ଖ ଦଳ ସଂଖ୍ୟାଗରିଷ୍ଠ ଥିବାରୁ ତତ୍କାଳୀନ ଜଗନ୍ନାଥପ୍ରସାଦ ନିର୍ବାଚନ ମଣ୍ଡଳୀ ଓ ବର୍ତ୍ତମାନର ପୋଲସରା ବିଧାନସଭା କ୍ଷେତ୍ର ଅନ୍ତର୍ଗତ ବୁଗୁଡ଼ା ବ୍ଲକରୁ ନିର୍ବାଚିତ ରେବତୀ ମୋହନ ନାୟକ ଅଧ୍ୟକ୍ଷ ହୋଇଥିଲେ। ୨୦୦୭ ଦ୍ୱିତୀୟ ନିର୍ବାଚନରେ ଗୋପାଳପୁର ନିର୍ବାଚନ ମଣ୍ଡଳୀ ରଙ୍ଗେଇଲୁଣ୍ଡା ବ୍ଲକରୁ ନିର୍ବାଚିତ ବିଜେଡି ଯୁବନେତା ପରିଷଦ ଅଧ୍ୟକ୍ଷ ପଦ ପାଇଥିଲେ। ଘଟଣାକ୍ରମେ ତାଙ୍କୁ ଅନସ୍ଥା ପ୍ରସ୍ତାବରେ ପଦ ହରାଇବାକୁ ପଡ଼ିଥିଲା। ହୋଇଥିବା ଉପନିର୍ବାଚନରେ ସେହି ବ୍ଲକରୁ ନିର୍ବାଚିତ କାମରାଜୁ ସେଠୀ ପରିଷଦ ଅଧ୍ୟକ୍ଷ ହେଲେ।

ପରବର୍ତ୍ତୀ ୨୦୧୨ ନିର୍ବାଚନରେ ପୁନର୍ବାର ଜିଲା ପରିଷଦ ନିର୍ବାଚନରେ ବିଜେଡି ସଂଖ୍ୟା ଗରିଷ୍ଠ ହୋଇଥିବାରୁ କବିସୂର୍ଯ୍ୟନଗର ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ସୁରଥ ପ୍ରଧାନଙ୍କୁ ଅଧ୍ୟକ୍ଷ କରାଯାଇଥିଲା। ୨୦୧୭ ନିର୍ବାଚନରେ ବିଜେଡିରୁ ନିର୍ବାଚିତ ଛତ୍ରପୁର ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ସୁବାସ ଚନ୍ଦ୍ର ବେହେରା ଅଧ୍ୟକ୍ଷ ପଦ ପାଇଥିଲେ। ୨୦୧୯ ସାଧାରଣ ନିର୍ବାଚନରେ ସେ ଛତ୍ରପୁର ବିଧାୟକ ଭାବେ ନିର୍ବାଚିତ ହେବାରୁ ପଦରୁ ଇସ୍ତଫା ଦେଇଥିଲେ। ତେଣୁ ହୋଇଥିବା ଉପନିର୍ବାଚନରେ ଖଲ୍ଲିକୋଟରୁ ନିର୍ବାଚିତ ସୋନମ ପଲେଇ ନିର୍ବାଚିତ ହୋଇଥିଲେ। ଚଳିତ ନିର୍ବାଚନରେ ସୋନମ ଖଲ୍ଲିକୋଟ ବ୍ଲକରୁ ଜିଲା ପରିଷଦ ସଦସ୍ୟା ହୋଇଛନ୍ତି। ଆଗାମୀ ଅଧ୍ୟକ୍ଷା କାହାକୁ କରାଯିବ ସେନେଇ ବିଜେଡିରେ ଅଙ୍କକଷା ଚାଲିଛି। ହିଞ୍ଜିଳି, ଭଞ୍ଜନଗର, ସାନଖେମୁଣ୍ଡି, ଚିକିଟି, ଆସିକା, ସୋରଡ଼ା ଓ ଅନ୍ୟ ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ହୋଇଥିବା ମହିଳାମାନେ ମଧ୍ୟ ପଦ ନିମନ୍ତେ ଆଶା ରଖିଛନ୍ତି। ଦଳର ସୁପ୍ରିମୋ କ'ଣ ନିଷ୍ପତ୍ତି ନେବେ ତାହାକୁ ବିଭିନ୍ନ ମହଲ ଅପେକ୍ଷା କରିଛନ୍ତି।




- ୪୧ ମହିଳା ବିଜେଡିରୁ ନିର୍ବାଚିତ
- ୨୫ ବର୍ଷ ପରେ ମହିଳାଙ୍କ ହାତରେ ଶାସନ

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୪୪,୩୦,୫୦,୨୬୯ | ୬୦,୦୫,୨୭୭ | ୩୭,୬୦,୫୪,୯୧୭ |
| ଭାରତ | ୪,୨୯,୫୧,୫୫୬ | ୫,୧୪,୨୨୦ | ୪,୨୩,୬୭,୦୭୦ |
| ଓଡ଼ିଶା | ୧୨,୮୫,୬୧୫ | ୯୦୯୧(+୫୩) | ୧୨,୭୫,୦୧୯ |

ଶୁକ୍ରବାର ରାତି ୧୨ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର




# ଏପ୍ରିଲ ୨୫ରୁ ଆଇସିଏସ୍ଇ, ଆଇଏସ୍ସି ପରୀକ୍ଷା

ଭୁବନେଶ୍ୱର, ୪।୩(ବ୍ୟୁରୋ)

କାଉନ୍ସିଲ ଫର୍ ଦି ଇଣ୍ଡିଆନ ସ୍କୁଲ ସାର୍ଟିଫିକେଟ୍ ଏକ୍ଜାମିନେଶନ (ସିଆଇଏସ୍ସିଇ) ଦ୍ୱାରା ପରିଚାଳିତ ଆଇସିଏସ୍ଇ (ଦଶମ) ଓ ଆଇଏସ୍ସି (ଦ୍ୱାଦଶ) ସେମିଷ୍ଟର-୨ ପରୀକ୍ଷା ଏପ୍ରିଲ ୨୫ରୁ ଆରମ୍ଭ ହେବ। ଦଶମ ପରୀକ୍ଷା ୨୫ରୁ ଆରମ୍ଭ ହୋଇ ମେ' ୨୩ ରେ ସରିବ। ପୂର୍ବାହ୍ନ ୧୧ଟାରୁ ପରୀକ୍ଷା ଆରମ୍ଭ ହେବ ଓ ଏହାର ଅବଧି ଦେଢ଼ଘଣ୍ଟା ଧାର୍ଯ୍ୟ କରାଯାଇଛି। ତେବେ ପ୍ରଥମ ଦିନ ଇଂଲିଶ ପରୀକ୍ଷା ରହିଛି। ପରୀକ୍ଷା ଆରମ୍ଭର ୧୦ ମିନିଟ୍ ପୂର୍ବରୁ ଅର୍ଥାତ୍ ୧୦ଟା ୫୦ରେ ପ୍ରଶ୍ନପତ୍ର ପ୍ରଦାନ କରାଯିବ। ସେହିପରି ଦ୍ୱାଦଶ ପରୀକ୍ଷା ଏପ୍ରିଲ ୨୫ରୁ ଆରମ୍ଭ ହୋଇ ଜୁନ ୬ ପର୍ଯ୍ୟନ୍ତ ଚାଲିବ। ଏହି ପରୀକ୍ଷା ଅପରାହ୍ନ ୨ଟାରୁ ଆରମ୍ଭ ହବାକୁ ଥିବାବେଳେ ୧ଟା ୫୦ରେ ପ୍ରଶ୍ନପତ୍ର ପ୍ରଦାନ କରାଯିବ। ପ୍ରଶ୍ନପତ୍ର ପଢ଼ିବାକୁ ପରୀକ୍ଷାର୍ଥୀଙ୍କୁ ୧୦ ମିନିଟ୍ ସମୟ ଦିଆଯିବ। ଏହି ପରୀକ୍ଷା ଅବଧି ମଧ୍ୟ ଦେଢ଼ ଘଣ୍ଟା ଧାର୍ଯ୍ୟ କରାଯାଇଛି। ଏନେଇ ସିଆଇଏସ୍ସିଇ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପରୀକ୍ଷା ସମ୍ପର୍କିତ ସମସ୍ତ ସୂଚନା ଓ କାର୍ଯ୍ୟସୂଚୀ ସିଆଇଏସ୍ସିଇର ୱେବ୍ସାଇଟ୍ cisce.orgରେ ଉପଲବ୍ଧ ରହିଛି। ଛାତ୍ରୀଛାତ୍ରମାନେ ଏହି ୱେବ୍ସାଇଟ୍କୁ ଯାଇ ଆବଶ୍ୟକ ସୂଚନା ପାଇବାକୁ ପରାମର୍ଶ ଦିଆଯାଇଛି।

# ଛାତ୍ରୀଛାତ୍ରଙ୍କୁ ସ୍ଥାନାନ୍ତର ପାଇଁ ତୁରନ୍ତ ପଦକ୍ଷେପ ନିଅ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୪।୩(ବ୍ୟୁରୋ)

ଯୁଦ୍ଧଗ୍ରସ୍ତ ୟୁକ୍ରେନ୍‌ରେ ଫସି ରହିଥିବା ପ୍ରାୟ ୫୦୦ ଓଡ଼ିଆ ଛାତ୍ରୀଛାତ୍ରଙ୍କୁ ସୁରକ୍ଷିତ ଭାବେ ଫେରାଇ ଆଣିବା ଲାଗି ଶୁକ୍ରବାର ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି।

ଅନେକ ଓଡ଼ିଆ ଛାତ୍ରୀଛାତ୍ର ପୋଲାଣ୍ଡ, ରୋମାନିଆ, ହଙ୍ଗେରୀ ଏବଂ ସ୍ଲୋଭାକିଆରେ ଅଟକିଛନ୍ତି। ସେଠାରୁ ଘରକୁ ଆସିବା ପର୍ଯ୍ୟନ୍ତ ସମ୍ପୃକ୍ତ ପିଲାମାନଙ୍କ ସମସ୍ତ ଖର୍ଚ୍ଚ ଓଡ଼ିଶା ସରକାର ବହନ କରିବେ ବୋଲି ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଅଦ୍ୟାବଧି ପ୍ରାୟ ୪୦୦ ଜଣଙ୍କୁ ରାଜ୍ୟ ସରକାରଙ୍କ ଦ୍ୱାରା ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ତନ୍ମଧ୍ୟରୁ ୩୦୦ ଛାତ୍ରୀଛାତ୍ର ୟୁକ୍ରେନ୍‌ରୁ ପୋଲାଣ୍ଡ, ରୋମାନିଆ, ହଙ୍ଗେରୀ ଏବଂ ସ୍ଲୋଭାକିଆ ସୀମା ଅତିକ୍ରମ କରିସାରିଛନ୍ତି। ଖାରକିଭ୍‌ରେ ଫସିଥିବା ଅବଶିଷ୍ଟ ୧୦୦ ଓଡ଼ିଆ ପିଲାଙ୍କୁ ନିରାପଦ ସ୍ଥାନକୁ ନେବା ଲାଗି ପଦକ୍ଷେପ ନିଆଯାଉଛି। ଯେତେଶୀଘ୍ର ସମସ୍ତ ୫୦୦ ଓଡ଼ିଆ ଛାତ୍ରୀଛାତ୍ର ସେମାନଙ୍କ ଘରେ ପହଞ୍ଚିପାରିବେ, ସେ ବ୍ୟବସ୍ଥା କରାଯାଉଛି।

ରୁଷିଆ ଆକ୍ରମଣରେ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିବା ୟୁକ୍ରେନ୍‌ରେ ଅନ୍ୟତମ ବୃହତ୍ତମ ସହର ଖାରକିଭ୍‌ରେ ପ୍ରାୟ ୭୦% ଓଡ଼ିଆ ଛାତ୍ରୀଛାତ୍ର ଫସିଥିଲେ। ବୋମାମାଡ଼ ମଧ୍ୟରେ ବଙ୍କର ଏବଂ ମେଟ୍ରୋ ଷ୍ଟେସନ୍‌ରେ ସେମାନେ ଅତି ଦୟନୀୟ ଅବସ୍ଥାରେ ଥିଲେ। ସେମାନଙ୍କୁ ସୁରକ୍ଷିତ ସ୍ଥାନକୁ ଆଣିବା ଆହ୍ୱାନ ପାଲଟିଥିଲା। ଯୁଦ୍ଧ ଜୋନ୍ ଖାର୍‌କିଭ୍‌ରୁ ୨୫ଜଣ ଓଡ଼ିଆ ପିଲାଙ୍କୁ ଓଡ଼ିଶା ସରକାର ଏକ ବସ୍ ବ୍ୟବସ୍ଥା କରି ସ୍ଥାନାନ୍ତର କରିଥିବା ସୂଚନା ଦିଆଯାଇଛି।

## ଭି.ଭି. ଯାଦବଙ୍କୁ ପୂର୍ତ୍ତ ବିଭାଗ ଦାୟିତ୍ୱ

ଭୁବନେଶ୍ୱର,୪।୩(ବ୍ୟୁରୋ): ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ସଚିବ ଭି.ଭି. ଯାଦବଙ୍କୁ ପୂର୍ତ୍ତ ବିଭାଗର ପ୍ରମୁଖ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଏ ନେଇ ଶୁକ୍ରବାର ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଯାଦବ ଯୋଗାଣ ବିଭାଗ, ସମବାୟ ବିଭାଗ ପ୍ରମୁଖ ସଚିବ ସହ ଓଡ଼ିଶା ରାଜ୍ୟ ପଛୁଆ ବର୍ଗ କମିଶନର ମେମ୍ବର ସେକ୍ରେଟାରି ଅଛନ୍ତି। ପୂର୍ତ୍ତ ବିଭାଗ ସଚିବ ତଥା ପୁରୀ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଥିବା କ୍ରିଷନ କୁମାରଙ୍କୁ କେନ୍ଦ୍ରୀୟ ଡେପୁଟେଶନରେ ଯିବାକୁ ରାଜ୍ୟ ସରକାର ଅନୁମତି ଦେଇଛନ୍ତି। ସେ ଆସନ୍ତା ୭ ତାରିଖରେ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ଅଧୀନରେ ଥିବା ବାଣିଜ୍ୟ ବିଭାଗର ଯୁଗ୍ମ ସଚିବ ଭାବେ ଯୋଗ ଦେବେ।

# ପଶ୍ଚିମ ୟୁକ୍ରେନ୍ ସୀମାରେ ପହଞ୍ଚିଲେ ୬୫ ଓଡ଼ିଆ ବିଦ୍ୟାର୍ଥୀ

ଭୁବନେଶ୍ୱର, ୪।୩(ବ୍ୟୁରୋ)

ରୁଷିଆ ଆକ୍ରମଣରେ ଯୁଦ୍ଧଭୂମି ପାଲଟିଥିବା ଖାରକିଭ୍ ଏବଂ ପେସୋଚୀନରେ ଅଟକିଥିବା ଓଡ଼ିଆ ଛାତ୍ରୀଛାତ୍ରଙ୍କୁ ଉଦ୍ଧାର କରିବା ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ଜୋରଦାର୍ ଉଦ୍ୟମ ଜାରିରହିଛି। ଗତ ୩ଦିନ ଧରି ସେମାନେ ସାଂଘାତିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ରାଜ୍ୟ ସରକାର ସେମାନଙ୍କ ମଧ୍ୟରୁ ୨୫ ଜଣଙ୍କୁ ଦୁଇଟି ସ୍ୱତନ୍ତ୍ର ବସ୍‌ରେ ସୁରକ୍ଷିତ ଭାବେ ପଶ୍ଚିମ ୟୁକ୍ରେନ ସୀମାକୁ ଆଣିବାରେ ସଫଳ ହୋଇଛନ୍ତି। ସେହି ଅଞ୍ଚଳରେ ଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ବିମାନରେ ଭାରତ ଆଣିବା ଲାଗି ପ୍ରକ୍ରିୟା ଜାରି ରହିଛି। ଅଦ୍ୟାବଧି ୧୯୯ ଓଡ଼ିଆ ଛାତ୍ରୀଛାତ୍ର ନିରାପଦରେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିସାରିଲେଣି। ନୂଆଦିଲ୍ଲୀସ୍ଥିତ ରେସିଡେଣ୍ଟ କମିଶନ ଅଫିସ ଉଦ୍ଧାର କାର୍ଯ୍ୟରେ ସହାୟତା କରୁଛି। ୟୁକ୍ରେନ ସୀମା ସଂଲଗ୍ନ ୪ ଦେଶ ପାଇଁ ୪ ଜଣ ସ୍ୱତନ୍ତ୍ର ପ୍ରତିନିଧିଙ୍କୁ ସମନ୍ୱୟ ରଖିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦାୟିତ୍ୱ ଦେଇଛନ୍ତି।

# ମୁହାଁମୁହିଁ ଟ୍ରେନ୍ ଦୁର୍ଘଟଣା ରୋକିଲା 'କବଚ'

## ସୁରକ୍ଷା ସିଷ୍ଟମର ସଫଳ ପରୀକ୍ଷଣ

ନୂଆଦିଲ୍ଲୀ,୪।୩

ରେଳ ଦୁର୍ଘଟଣା ରୋକିବା ପାଇଁ ଭାରତ ପକ୍ଷରୁ ସ୍ୱତଃ ରେଳ ସୁରକ୍ଷା ସିଷ୍ଟମ ତିଆରି କରାଯାଇଛି। ଏହି ସିଷ୍ଟମର ନାମ 'କବଚ' ରଖାଯାଇଛି। ଶୁକ୍ରବାର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ତତ୍ତ୍ୱାବଧାନରେ ଏହି ସିଷ୍ଟମର ସଫଳ ପରୀକ୍ଷଣ କରାଯାଇଛି। ସିକନ୍ଦରାବାଦରେ କବଚର ପରୀକ୍ଷଣ କରାଯାଇଥିବାବେଳେ ଡ୍ରୋନ୍ ସହାୟତାରେ ଏହାର ଭିଡିଓ ଉତ୍ତୋଳନ କରାଯାଇଛି। ଦୁଇଟି ଟ୍ରେନ୍‌କୁ ନେଇ ଏହି ପରୀକ୍ଷଣ କରାଯାଇଥିଲା। ଗୋଟିଏ ଟ୍ରେନ୍‌ରେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ ଅନ୍ୟ ଟ୍ରେନରେ ରେଲ୍‌ୱେ ବୋର୍ଡ ଚେୟାରମ୍ୟାନ୍ ଉପସ୍ଥିତ ଥିଲେ। ଟ୍ରେନ ଦ୍ୱୟ ପରସ୍ପର ବିପରିତ ଦିଗରୁ ଆସୁଥିବାବେଳେ କବଚ ସହାୟତାରେ ଦୁଇଟିଯାକ ଟ୍ରେନ୍ ପରସ୍ପର ସହ ପିଟିହେବା ବଦଳରେ ୩୮୦ ମିଟର ଦୂରରୁ ଟ୍ରେନ୍ ଅଟକି ଯାଇଥିଲା। କବଚ ସୁରକ୍ଷା ସିଷ୍ଟମ ଜରିଆରେ ଟ୍ରେନ୍‌ର ବେଗ କମିବା କାରଣରୁ ଦୁର୍ଘଟଣାକୁ ରୋକାଯାଇପାରିଛି। ଏ ନେଇ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଟୁଇଟରରେ ଏକ ଭିଡିଓ ମଧ୍ୟ ଶେୟାର କରିଛନ୍ତି। କବଚ ହେଉଛି ବିଶ୍ୱର ଶସ୍ତା ଟ୍ରେନ୍ କୋଲାଇଜନ୍ ପ୍ରୋଟେକ୍ସନ ସିଷ୍ଟମ। ଏହି ସୁରକ୍ଷା ସିଷ୍ଟମକୁ ଦିଲ୍ଲୀ-ମୁମ୍ବାଇ ଏବଂ ଦିଲ୍ଲୀ-ହାୱଡ଼ା କରିଡ଼ୋରରେ ବ୍ୟବହାର କରାଯିବ। ମିଶନ ରଫତାର ପ୍ରୋଜେକ୍ଟ ଅନ୍ତର୍ଗତ ପାଖାପାଖି ୩ ହଜାର କିଲୋମିଟର ରେଳପଥରେ ଏହି ସିଷ୍ଟମ ଲଗାଯିବ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଚଳିତ ବର୍ଷ ବଜେଟରେ ଆତ୍ମନିର୍ଭର ଭାରତ ମିଶନ ଅଧୀନରେ ୨ ହଜାର କି.ମି ରେଳ ନେଟୱାର୍କକୁ କବଚ ସିଷ୍ଟମରେ ଅନ୍ତର୍ଭୁକ୍ତ କରିବାକୁ ଯୋଜନା ରଖାଯାଇଛି।


ରେଳ ସୁରକ୍ଷା ସିଷ୍ଟମ 'କବଚ'ର ପରୀକ୍ଷଣ ସମୟରେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ।

# ରୋଗୀ ସେବା ମୂଳମନ୍ତ୍ର

**ପିଲାବେଳେ ଖେଳିବା ସମୟରେ ଡାକ୍ତର ସାଜି ମିଛଟାରେ ସାଙ୍ଗସାଥୀଙ୍କ ଚିକିତ୍ସା କରୁଥିଲେ। ବଡ଼ ହେବା ପରେ ପ୍ରଥମେ ବୁର୍ଲା ମେଡିକାଲ କଲେଜ ହସ୍ପିଟାଲ ଓ ପରେ ଏସ୍‌ସିବିରେ ଡାକ୍ତରୀ ପାଠ ପଢ଼ି ସତସତିକା ଚିକିତ୍ସକ ହେଲେ। ଅନେକ ବର୍ଷ ଧରି ବିଭିନ୍ନ ହସ୍ପିଟାଲରେ ସରକାରୀ ମେଡିକାଲ ଅଫିସର ଭାବେ କାର୍ଯ୍ୟ କରିବା ପରେ ନିଜସ୍ୱ ଉଦ୍ୟମରେ କିଛି କରିବାର ସ୍ୱପ୍ନକୁ ସେ ପୂରଣ କରିଥିଲେ। କଟକର ଜଗତପୁରସ୍ଥିତ ସଦ୍‌ଗୁରୁ ମେଡିକାଲ ଆଣ୍ଡ୍ ରିସର୍ଚ୍ଚ ସେଣ୍ଟର ପ୍ରାଇଭେଟ ଲିମିଟେଡ୍ ପରିଚାଳନା ନିର୍ଦ୍ଦେଶକ ଡ. ପ୍ରଦୀପ କୁମାର ମହାନ୍ତି ଧରିତ୍ରୀକୁ ସାକ୍ଷାତ୍‌କାର ଦେଇ ତାଙ୍କ ଦୀର୍ଘ ଜୀବନର ସଫଳ ଯାତ୍ରା ସମ୍ପର୍କରେ ଶେୟାର କରିଛନ୍ତି।**


ଡ. ପ୍ରଦୀପ କୁମାର ମହାନ୍ତି, ଏମ୍‌ଡି, ସଦ୍‌ଗୁରୁ ମେଡିକାଲ ଆଣ୍ଡ ରିସର୍ଚ୍ଚ ସେଣ୍ଟର ପ୍ରା.ଲିଃ




**▶▶ ସଦ୍‌ଗୁରୁ ହସ୍ପିଟାଲ ସ୍ଥାପନାଠାରୁ ଏ ପର୍ଯ୍ୟନ୍ତର ଯାତ୍ରା କିପରି ରହିଛି?**

ସଦ୍‌ଗୁରୁ ହସ୍ପିଟାଲ ୨୦୧୦ ନଭେମ୍ବର ୨୩ରେ ସତ୍ୟସାଇବାବାଙ୍କ ଜନ୍ମଦିନରେ ଶୁଭାରମ୍ଭ ହୋଇଥିଲା। ସେହିଦିନଠାରୁ ନିରବଚ୍ଛିନ୍ନ ଭାବେ ରୋଗୀ ସେବାକୁ ମୂଳମନ୍ତ୍ର କରି ଏ ପର୍ଯ୍ୟନ୍ତ ଦାୟିତ୍ୱ ସମ୍ପାଦନ କରିଆସିଛୁ। ବିଗତ ୧୨ ବର୍ଷରେ ଅନେକ ସଫଳତା ମିଳିଥିଲେ ମଧ୍ୟ ପ୍ରତି ମୁହୂର୍ତ୍ତରେ କିଛି ନା କିଛି ସମସ୍ୟାର ସମ୍ମୁଖୀନ ହୋଇଛୁ। ସଦ୍‌ଗୁରୁଙ୍କ ଅଶେଷ କୃପାରୁ ଧୈର୍ଯ୍ୟ ଓ କର୍ତ୍ତବ୍ୟନିଷ୍ଠା ସହ ସବୁ ପ୍ରତିକୂଳ ପରିସ୍ଥିତିକୁ ତାଙ୍କ ପରୀକ୍ଷା ଭାବେ ଗ୍ରହଣ କରି ଯାତ୍ରାପଥରେ ଅଗ୍ରସର ହେଉଛୁ। ବିଭିନ୍ନ ବିଭାଗ ଖୋଲି ବିଶେଷଜ୍ଞମାନଙ୍କ ସହଯୋଗରେ ରୋଗୀ ସେବାକୁ ବ୍ୟାପକ କରିଛୁ ଏବଂ ଅନୁଷ୍ଠାନକୁ ଏକ ମଲ୍ଟି ସ୍ପେଶାଲିଟି ହସ୍ପିଟାଲରେ ପରିଣତ କରିପାରିଛୁ।

**▶▶ ହସ୍ପିଟାଲର ସ୍ୱତନ୍ତ୍ରତା କ'ଣ ରହିଛି,ଏଠାରେ କେଉଁ ସୁବିଧା ରୋଗୀଙ୍କୁ ଦିଆଯାଉଛି?**

ପ୍ରତ୍ୟେକ ରୋଗୀଙ୍କୁ ଉପଯୁକ୍ତ ସମୟରେ ଆବଶ୍ୟକ ଚିକିତ୍ସା ସହାୟତା ଯୋଗାଇଦେବା ଏହି ହସ୍ପିଟାଲର ବିଶେଷତ୍ୱ। ପୂର୍ବରୁ ରାଜ୍ୟ ସରକାରଙ୍କ ଡ୍ରିମ୍ ପ୍ରୋଜେକ୍ଟ ବିକେକେୱାଇ ଏବଂ ବର୍ତ୍ତମାନର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ) ଆଦିରେ ଅନେକ ଜନକଲ୍ୟାଣକାରୀ ସ୍ୱାସ୍ଥ୍ୟ ଓ ଚିକିତ୍ସା ସମ୍ପର୍କିତ ପଦକ୍ଷେପ ନେଇଛୁ। ସରକାରଙ୍କ ସହ ପାଦ ମିଳାଇ ସଦ୍‌ଗୁରୁ ହସ୍ପିଟାଲ କର୍ତ୍ତବ୍ୟ ଜାରି ରଖିଛୁ। ଏହି ସବୁ ଯୋଜନାରେ ଅନ୍ତର୍ଭୁକ୍ତ ହିତାଧିକାରୀ ଯେଉଁଭଳି ସରକାରୀ ସାହାଯ୍ୟ ଉପଯୁକ୍ତ ସମୟରେ ପାଇବେ ସେହିଭଳି ଗୁରୁତ୍ୱ ଓ ପ୍ରାଥମିକତା ପ୍ରତ୍ୟେକ ରୋଗୀଙ୍କୁ ସଦ୍‌ଗୁରୁ ହସ୍ପିଟାଲ ପ୍ରଦାନ କରିବା ପାଇଁ ପ୍ରତିଜ୍ଞାବଦ୍ଧ।

**▶▶ ଏହାର କେତୋଟି ସୁପର ସ୍ପେଶାଲିଟି ବିଭାଗ ରହିଛି? ସେଗୁଡ଼ିକ କିପରି କାର୍ଯ୍ୟ କରୁଛି?**

ପ୍ରତିବର୍ଷ ସତ୍ୟସାଇ ବାବାଙ୍କ ଜନ୍ମ ଦିବସରେ ଗୋଟିଏ ଲେଖାଏ ନୂତନ ସୁପର ସ୍ପେଶାଲିଟି ବିଭାଗ ହସ୍ପିଟାଲ ସହିତ ଯୋଡ଼ାଯାଇ କଳେବର ବୃଦ୍ଧି କରାଯାଉଛି। ଏଠାରେ କ୍ୟାଥ୍‌ଲ୍ୟାବ୍, କମ୍ପ୍ଲିଟ୍ ଜି.ଆଇ, କାର୍ଡିଓ ଥୋରାସିକ, ଓପେନ ହାର୍ଟ ସର୍ଜରି, ହିପ୍ ଓ ନି ରି-ପ୍ଲେସ୍‌ମେଣ୍ଟ ସର୍ଜରି, ପ୍ଲାଷ୍ଟିକ ସର୍ଜରି, ବ୍ରେନ ସର୍ଜରି ଆଦି ୨୧ ବିଭାଗ ରହିଛି। ଏହାର ଭିତ୍ତିଭୂମିକୁ ସୁଦୃଢ଼ କରି ଉନ୍ନତ ସେବା ପ୍ରଦାନ ଉଦ୍ଦେଶ୍ୟରେ ବର୍ନ ୟୁନିଟ୍, ଆଇସିୟୁ ଓ ମୋଡ୍ୟୁଲାର ଓଟିକୁ ମଧ୍ୟ ସମ୍ପୂର୍ଣ୍ଣ ଭାବେ ନବୀକରଣ କରାଯାଇଛି। ଡାଏଲିସିସ୍ ପାଇଁ ଅତ୍ୟାଧୁନିକ ଉପକରଣ କ୍ରୟ କରାଯାଇଛି। ଫଳରେ ବହୁ ସଂଖ୍ୟକ ଡାଏଲିସିସ୍ ରୋଗୀଙ୍କୁ ପର୍ଯ୍ୟାପ୍ତ ସୁବିଧା ଯୋଗାଇ ଦିଆଯାଇପାରୁଛି।

**▶▶ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ରାଜ୍ୟ ସରକାରଙ୍କ କିପରି ଭୂମିକା ରହିଛି?**

କୋଭିଡ୍ ମହାମାରୀ ମଧ୍ୟରେ ସାରା ବିଶ୍ୱରେ ସ୍ୱାସ୍ଥ୍ୟ ସେବାର ଯଥେଷ୍ଟ ଗୁରୁତ୍ୱ ବଢ଼ିଯାଇଛି। ଏହି ପରିପ୍ରେକ୍ଷୀରେ ଆମର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱାସ୍ଥ୍ୟସେବାକୁ ଯଥେଷ୍ଟ ଗୁରୁତ୍ୱ ଦେଇ ସରକାରୀ ତଥା ଘରୋଇ ହସ୍ପିଟାଲଗୁଡ଼ିକୁ ମହାମାରୀ ନିରାକରଣରେ ସାମିଲ କରିଛନ୍ତି। ତେଣୁ ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ସ୍ୱାସ୍ଥ୍ୟସେବା ସମଗ୍ର ବିଶ୍ୱରେ ପ୍ରଶଂସିତ। ଇତିମଧ୍ୟରେ ମହାମାରୀର ୩ଟି ଲହରକୁ ରାଜ୍ୟ ସରକାର ଦୃଢ଼ ଇଚ୍ଛା ଶକ୍ତିରେ ସାମ୍ନା କରିଛନ୍ତି। ସେହିଭଳି ସରକାର ଯେଉଁ ପ୍ରକାର ଚିକିତ୍ସା ସହାୟତା ଆମଠାରୁ ଆଶା କରିଛନ୍ତି ସଦ୍‌ଗୁରୁ ହସ୍ପିଟାଲ ଅବିଳମ୍ବେ ତାହା ଯୋଗାଇ ସହଯୋଗ କରିଆସିଛି। ସଙ୍କଟ ସମୟରେ ରାଜ୍ୟ ସରକାର ଆମକୁ ଏହି ସୁଯୋଗ ଦେଇଥିବାରୁ ହସ୍ପିଟାଲ ପକ୍ଷରୁ ଧନ୍ୟବାଦ ଜଣାଉଛୁ।

**▶▶ କୋଭିଡ୍ ମହାମାରୀ ସମୟରେ ସ୍ୱାସ୍ଥ୍ୟସେବା କିଭଳି ବିପଦପୂର୍ଣ୍ଣ ରହିଥିଲା?**

ପ୍ରାଣଘାତୀ ମହାମାରୀ ପ୍ରାଥମିକ ଅବସ୍ଥାରେ ଏଭଳି ବ୍ୟାପିଲା ଯେ ଏହାର ନିରାକରଣ ପାଇଁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଆହ୍ୱାନ ହୋଇପଡ଼ିଥିଲା। ପ୍ରଥମ ଲହରୀରେ ଏହାର ଲକ୍ଷଣ ଦେଖି ଠିକ୍ ରୂପେ ଚିହ୍ନଟ କରିବା ପରେ ମଧ୍ୟ ଉପଯୁକ୍ତ ଚିକିତ୍ସା ଯୋଗାଇଦେବା ପାଇଁ ଆମକୁ ଅନେକ ପରୀକ୍ଷା ନିରୀକ୍ଷା କରିବାକୁ ପଡ଼ିଥିଲା। ଘଣ୍ଟା ଘଣ୍ଟା ଧରି ପିପିଇ କିଟ୍ ପିନ୍ଧି ରୋଗୀଙ୍କୁ ଚିକିତ୍ସା କରିବାକୁ ପଡ଼ିଥିଲା। ସଂକ୍ରମଣ ଭୟ ଅପେକ୍ଷା ଚିକିତ୍ସା ଅଧିକ ଗୁରୁତ୍ୱ ବହନ କରୁଥିଲା। ତେବେ ସରକାରଙ୍କ ସହାନୁଭୂତି ଓ ପୂର୍ଣ୍ଣ ସହଯୋଗ ଯୋଗୁ ଉକ୍ତ ସମସ୍ୟାର ସମାଧାନ ହୋଇପାରୁଥିଲା। ୨ୟ ଓ ୩ୟ ଲହରକୁ ମଧ୍ୟ ଆମେ ସଫଳତାର ସହ ମୁକାବିଲା କରିଛୁ।

**▶▶ ସଦ୍‌ଗୁରୁ ହସ୍ପିଟାଲର ଆଗାମୀ ଯୋଜନା କ'ଣ ରହିଛି?**

ଏହି ମଲ୍ଟି ସ୍ପେଶାଲିଟି ହସ୍ପିଟାଲରେ ଏକ 'କମ୍ପ୍ରିହେନସିଭ କ୍ୟାନ୍ସର ହସ୍ପିଟାଲ' ଯୋଡ଼ାଯାଇଛି, ଯାହାକି ଚଳିତବର୍ଷ ଶେଷ ସୁଦ୍ଧା କାର୍ଯ୍ୟକ୍ଷମ ହେବ। ଗ୍ରାମାଞ୍ଚଳ ରୋଗୀମାନଙ୍କୁ ଏଠାରେ ପର୍ଯ୍ୟାପ୍ତ ସୁବିଧା ମିଳିବ। ରେଡିଓଥେରାପି, କେମୋଥେରାପି ଏବଂ ସର୍ଜରି ଉପଲବ୍ଧ ହେବ। ଏହା ବ୍ୟତୀତ ଆଉ ଏକ ଅଭିନବ ଗଠନମୂଳକ ପଦକ୍ଷେପ ମଧ୍ୟ ହସ୍ପିଟାଲ ପକ୍ଷରୁ ସମ୍ପ୍ରତି ଗ୍ରହଣ କରାଯାଇଛି, ଯାହାକି ରାଜ୍ୟର ସ୍ୱାସ୍ଥ୍ୟ ଓ ଚିକିତ୍ସା କ୍ଷେତ୍ର ପାଇଁ ଅତ୍ୟାବଶ୍ୟକ ମନେହୁଏ। ସ୍ୱାସ୍ଥ୍ୟ କର୍ମୀମାନଙ୍କ ଅଭାବକୁ ଦୃଷ୍ଟିରେ ରଖି ଏକ ଉନ୍ନତ ମାନର ସ୍ୱାସ୍ଥ୍ୟ ସେବା ତାଲିମଭିତ୍ତିକ 'ଏଜୁକେଶନାଲ ହବ' ବା ଏକ ନର୍ସିଂ, ଫାର୍ମାସୀ ଓ ଟେକ୍ନିସିଆନ ଇନ୍‌ଷ୍ଟିଚ୍ୟୁଟର ପରିକଳ୍ପନା ମଧ୍ୟ କରାଯାଇଛି।

**▶▶ ସଂକ୍ରମଣର ପରବର୍ତ୍ତୀ ସମୟରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସମସ୍ୟାର ସମାଧାନ ଦିଗରେ କିଭଳି ପଦକ୍ଷେପ ଗ୍ରହଣ କରାଯାଇଛି?**

କୋଭିଡ୍ ସଂକ୍ରମଣ ସମୟରେ ରୋଗକୁ ଚିହ୍ନିବା ଓ ଏହାର ଯଥାସାଧ୍ୟ ଚିକିତ୍ସା କରିବା ଆମ ପାଇଁ ଏକ ବିରାଟ ପ୍ରଶ୍ନବାଚୀ ଥିଲା। କାରଣ ପ୍ରତିଟି ଲହରରେ ଭୂତାଣୁ ରୂପ ପରିବର୍ତ୍ତନ କରୁଥିଲା। ସେହି ଅନୁସାରେ ଆମକୁ ତାହାର ଚିକିତ୍ସା କରିବାକୁ ପଡୁଥିଲା। ଅଧିକାଂଶ କ୍ଷେତ୍ରରେ ଆମକୁ ସଫଳତା ମିଳିଥିଲା। ସଦ୍‌ଗୁରୁ ହସ୍ପିଟାଲରେ ପୋଷ୍ଟ-କୋଭିଡ୍ ଲଙ୍ଗସ ଜନିତ ସଂକ୍ରମଣରେ ଆକ୍ରାନ୍ତ ବ୍ୟବସ୍ଥା କରାଯାଇଛି।

## ଆଜି ସବୁ ନିର୍ବାଚନମଣ୍ଡଳୀରେ ବିଜେଡି ପାଳିବ ବିଜୁ ଜୟନ୍ତୀ

ଭୁବନେଶ୍ୱର, ୪।୩(ବ୍ୟୁରୋ)

ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ୧୦୬ତମ ଜୟନ୍ତୀ ପ୍ରତ୍ୟେକ ନିର୍ବାଚନମଣ୍ଡଳୀ ସ୍ତରରେ ଶନିବାର ନିରଡ଼ମ୍ବର ଭାବେ ପାଳନ କରାଯିବ। ଏନେଇ ସାଧାରଣ ସଭା ଆୟୋଜନ କରାଯାଇ ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି ବିଜୁ ବାବୁଙ୍କ ନୀତି ଏବଂ ଆଦର୍ଶରେ ପରିଚାଳିତ ବିଜେଡିର ସଫଳ ଯାତ୍ରା ସମ୍ପର୍କରେ ଆଲୋଚନା କରିବା ଲାଗି ନିଷ୍ପତ୍ତି ହୋଇଛି। ଏହାସହ ଆସନ୍ତା ୮ ତାରିଖ ସବୁ ନିର୍ବାଚନମଣ୍ଡଳୀରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯାଇ ବିଜେଡିର କାର୍ଯ୍ୟକର୍ତ୍ତା ତଥା ସଦସ୍ୟାମାନଙ୍କ ଦ୍ୱାରା ମହିଳା ସଶକ୍ତୀକରଣ ଦିଗରେ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋଚନା କରାଯିବ। କୋଭିଡ୍ ନିୟମ କଡାକଡି ପାଳନ ପୂର୍ବକ ବିଜୁ ଜୟନ୍ତୀ ଓ ଅନ୍ତର୍ଜାତୀୟମହିଳା ସମାବେଶ ପାଳିତ ହେବ।


ବାରାଣସୀରେ ନିର୍ବାଚନୀ ପ୍ରଚାର ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉତ୍ତରପ୍ରଦେଶ ନିର୍ବାଚନ ପ୍ରଭାରୀ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ଚା' ପିଇ ବାର୍ତ୍ତାଳାପ କରିବାର ଏକ ମୁହୂର୍ତ୍ତ।

# ପରକୀୟା ପ୍ରୀତି ସନ୍ଦେହରେ ଯୁବକଙ୍କ ଯୌନାଙ୍ଗରେ ଚେଙ୍କ

- ଭାଇରାଲ ହେଉଛି ଭିଡିଓ
- ୭ ଅଭିଯୁକ୍ତ ଗିରଫ

ପାପଡ଼ାହାଣ୍ଡି (ଡି.ଏନ୍.ଏ.)/ ନବରଙ୍ଗପୁର (ବି.ପ୍ର.), ୪।୩

ହଜିଗଲା ମାନବିକତା, ଟପିଗଲା କ୍ରୂରତା। ଅନୈତିକ ସମ୍ପର୍କ ସନ୍ଦେହରେ କଙ୍ଗାରୁ କୋର୍ଟରେ ଗଛରେ ବାନ୍ଧି ଜଣେ ଯୁବକଙ୍କୁ ନିସ୍ତୁକମାଡ଼ ମରାଯାଇଛି। ଏପରିକି ସମ୍ପୃକ୍ତ ଯୁବକଙ୍କ ଯୌନାଙ୍ଗରେ ସିଗାରେଟ୍ ଚେଙ୍କ ମଧ୍ୟ ଦିଆଯାଇଛି। ଏହା ହେଉଛି ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ଥାନା ଅଧୀନ ସିନ୍ଧିଗୁଡ଼ା ଗ୍ରାମର ଘଟଣା। ୨୮ ତାରିଖରେ ଏହି ଘଟଣା ଘଟିଛି। ଏହାର ଭିଡିଓ ଏବେ ମୋବାଇଲରୁ ମୋବାଇଲ ଘୂରି ବୁଲୁଛି। ପୀଡ଼ିତ ଶୁକ୍ରବାର ଥାନାରେ ଏତଲା ଦେବା ପରେ ଉକ୍ତ ଭିଡିଓ ଆଧାରରେ ପୋଲିସ ଜଣେ ନାବାଳକଙ୍କ ସମେତ ୮ ଜଣଙ୍କୁ ପଚରାଉଚରା କରିଥିଲା। ଏହାପରେ ପୋଲିସ ୭ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଆନନ୍ଦ ଗୌଡ଼, ମାଧବ ପାଇକ, ଜଗନ୍ନାଥ ଗୌଡ଼, ଇନ୍ଦ୍ର ଗୌଡ଼, ପୂରନ ଗୌଡ଼, ବୁଟୁ ଗୌଡ଼, ବେଣୁ ଗୌଡ଼।

ସ୍ତ୍ରୀଙ୍କ ସହ ପଲସାଗୁଡା ଗ୍ରାମର ଗୋପୀ ମୁଦୁଲିଙ୍କର ଅନୈତିକ ସମ୍ପର୍କ ଥିବା ନେଇ ଜଣେ ଅଭିଯୁକ୍ତ ସନ୍ଦେହ କରୁଥିଲେ। ଗୋପୀ ମଧ୍ୟ ସିନ୍ଧିଗୁଡ଼ା ଗାଁକୁ ଯିବାଆସିବା କରନ୍ତି। ଘଟଣା ଦିନ ରାତିରେ ଗୋପୀ ଜଣେ ଅଭିଯୁକ୍ତଙ୍କ ଘରେ ପଶିବା ପରେ ସେଠାରେ ପୂର୍ବରୁ ଜଗି ରହିଥିବା କେତେଜଣ ଯୁବକ ତାଙ୍କୁ କାବୁ କରିଥିଲେ। ମହିଳା ଓ ଗୋପୀଙ୍କୁ ଆଣି ସେମାନେ ଗାଁ ଦାଣ୍ଡରେ ଏକ ଗଛରେ ବାନ୍ଧି ଦେଇଥିଲେ। ଗୋପୀଙ୍କୁ ଗ୍ରାମବାସୀ ନିସ୍ତୁକ ମାଡ଼ ମାରିଥିଲେ। କେତେଜଣ ଯୁବକ ଗୋପୀଙ୍କ ଯୌନାଙ୍ଗରେ ସିଗାରେଟ୍ ଚେଙ୍କ ଦେଇଥିଲେ। ଏହାପରେ ଏକ ଆଦିବାସୀ ଗୀତ ବଜାଇ ଉଭୟଙ୍କୁ ନଚାଇବା ପରେ ଗାଁରୁ ତଡ଼ି ଦେଇଥିଲେ। ଏସବୁର ଭିଡିଓ ସୋସିଆଲ ମିଡିଆରେ ଏବେ ଭାଇରାଲ ହେଉଛି। ଶୁକ୍ରବାର ପୀଡ଼ିତ ଜଣକ ମୈଦଲପୁର ଫାଣ୍ଡିରେ ଏତଲା ଦେଇଥିଲେ। ପୋଲିସ ୩୦/୨୨ ରେ ମାମଲା ରୁଜୁ କରିଥିଲା। ଏହାପରେ ସିନ୍ଧିଗୁଡ଼ା ଗ୍ରାମରେ ପହଞ୍ଚି ଭିଡିଓ ଫୁଟେଜ ଆଧାରରେ ୮ଜଣଙ୍କୁ ଆଣି ପଚରାଉଚରା କରିଥିଲା। ସେମାନଙ୍କ ମଧ୍ୟରେ ଜଣେ ନାବାଳକ ଥିବାରୁ ତାଙ୍କୁ ପଚରାଉଚରା ପରେ ମା' ବାପାଙ୍କ ଜିମାରେ ଛଡ଼ାଯାଇଛି। ଅନ୍ୟ ୭ ଜଣଙ୍କୁ ଗିରଫ କରାଯାଇଛି ବୋଲି ପାପଡ଼ାହାଣ୍ଡି ଥାନାଧିକାରୀ ଶୁଭେନ୍ଦୁ ଶବର କହିଛନ୍ତି। ଏଥିରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଖୋଜା ଚାଲିଛି ବୋଲି ପୋଲିସ କହିଛି।


ଗିରଫ ଅଭିଯୁକ୍ତମାନେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ସାଇ ପ୍ରତୀକ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ରୁଷିଆରେ ଖବରଦାତାଙ୍କ କାର୍ଯ୍ୟ ବନ୍ଦ ରଖିଲା ବିବିସି

ଲଣ୍ଡନ,୪।୩ (ପି.ଟି.): ରୁଷିଆ ସଶସ୍ତ୍ର ବାହିନୀ ବିରୋଧରେ ମିଥ୍ୟା ତଥ୍ୟ ପ୍ରସାରଣ ପାଇଁ ୧୫ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ହୋଇପାରେ ବୋଲି କ୍ରେମ୍‌ଲିନ୍ ନୂଆ ଆଇନ ଆଣିବା ପରେ ବିବିସି ସେଠାରେ ଏହାର ଖବରଦାତାମାନଙ୍କ କାର୍ଯ୍ୟକୁ ସାମୟିକ ଭାବେ ବନ୍ଦ ରଖିଛି। ଏହା ବ୍ୟତୀତ ଅନ୍ୟ ଉପାୟ ନ ଥିଲା ବୋଲି ଶୁକ୍ରବାର ବିବିସି ପକ୍ଷରୁ କୁହାଯାଇଛି। ରୁଷିଆ ଆଣିଥିବା ଆଇନ ସ୍ୱାଧୀନ ସାମ୍ବାଦିକତା ପ୍ରକ୍ରିୟାକୁ ଅପରାଧୀକରଣ କରିବା ଭଳି ମନେ ହେଉଛି। ବ୍ରିଟିଶ ବ୍ରଡକାଷ୍ଟିଂ କର୍ପୋରେଶନ ପାଇଁ ଏହାର କର୍ମଚାରୀଙ୍କ ସୁରକ୍ଷା ସର୍ବାଗ୍ରେ ବୋଲି ବିବିସି ମହାନିର୍ଦ୍ଦେଶକ ଟିମ୍ ଡାଭି କହିଛନ୍ତି। ରୁଷିଆ ବାହାରୁ ସେଠାରେ ଖବର ସଂଗ୍ରହ ଓ ପରିବେଷଣ ଜାରି ରହିବ ବୋଲି କୁହାଯାଇଛି। ରୁଷିଆ ପାର୍ଲାମେଣ୍ଟର ନିମ୍ନ ସଦନ (ଡୁମା) ଶୁକ୍ରବାର ନୂଆ ଆଇନକୁ ଅନୁମୋଦନ କରିଛି। ଏଥିରେ ତଥାକଥିତ ମିଥ୍ୟା ଖବର ପାଇଁ ଜେଲଦଣ୍ଡର ବ୍ୟବସ୍ଥା କରାଯାଇଛି। ରୁଷିଆରେ ବିବିସି ଖବରଦାତାମାନଙ୍କ କାମ ବନ୍ଦ ରହିଲେ ମଧ୍ୟ ଆମେ ସାରା ବିଶ୍ୱର ଶ୍ରୋତାଙ୍କ ପାଇଁ ଠିକ୍, ନିରପେକ୍ଷ ଖବର ଉପଲବ୍ଧ କରାଇବୁ ବୋଲି ଡାଭି କହିଛନ୍ତି।

# ସହକାରୀ ନିର୍ବାହୀ ଯନ୍ତ୍ରୀ ଗିରଫ

ଆସିକା,୪।୩(ଡି.ଏନ୍.ଏ.)

ଗଞ୍ଜାମ ଜିଲା ଆସିକା ବିଦ୍ୟୁତ ବିଭାଗର ସହକାରୀ ନିର୍ବାହୀଯନ୍ତ୍ରୀ ଏନ୍.ଭି ରାମଦାସଙ୍କୁ ବିଭାଗୀୟ ଅର୍ଥ ଆତ୍ମସାତ ଅଭିଯୋଗରେ ପୋଲିସ ଶୁକ୍ରବାର ଗିରଫ କରିଛି। ଏ ନେଇ ଆସିକା ଥାନାରେ ନଂ.୧୧୬/୨୨ରେ ମାମଲା ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି। ସହକାରୀ ନିର୍ବାହୀଯନ୍ତ୍ରୀ ରାମଦାସ ଅର୍ଥ ଆତ୍ମସାତ କରିଥିବା ନେଇ ବିଦ୍ୟୁତ ପରିଚାଳନା ଦାୟିତ୍ୱରେ ଥିବା ଟିପିଏସଓଡିଲର ବ୍ରହ୍ମପୁରସ୍ଥିତ ଏନଫୋର୍ସମେଣ୍ଟ ମୁଖ୍ୟ ସିଲେନ୍ଦ୍ର ସିଂ ଆସିକା ପୋଲିସରେ ଅଭିଯୋଗ କରିଥିଲେ। ଅଭିଯୁକ୍ତ ଯନ୍ତ୍ରୀ ୨୦୧୭ରୁ ୨୦୨୧ ମଧ୍ୟରେ ଆସିକା ବିଦ୍ୟୁତ ସର୍କଲର ଏନଫୋର୍ସମେଣ୍ଟ ଦାୟିତ୍ୱରେ ରହିଥିଲା ବେଳେ ଉପଭୋକ୍ତାଙ୍କ ଠାରୁ ଆଦାୟ କରାଯାଇଥିବା ୬,୩୦,୭୪୪ ଟଙ୍କାକୁ ବିଭାଗୀୟ ଜମା ଖାତାରେ ବାନ୍ଧି ନ ଥିଲେ। ଏପରିକି ନିଲମ୍ବିତ ହେଲା ପରେ ମଧ୍ୟ ଦାୟିତ୍ୱ ଗ୍ରହଣ କରିଥିବା ଅଧିକାରୀଙ୍କ ନିକଟରେ ଉକ୍ତ ଟଙ୍କା ଜମା କରି ନ ଥିବା ଅଭିଯୋଗରେ ଦର୍ଶାଯାଇଛି।

**ଅର୍ଥ ଆତ୍ମସାତ ଅଭିଯୋଗ**

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଧଡ଼ ଧଡ଼,**
**ଘରେ ଭାତ ନାହିଁ,**
**ବୁଢ଼ୀକି ତଡ଼ ।**

ଅଭାବଗ୍ରସ୍ତ ଘର ଅକର୍ମଣ୍ୟ ବୃଦ୍ଧା, ବୃଦ୍ଧଙ୍କୁ ରଖି କେମିତି ଚଳେଇବେ, ବରଂ ଘରୁ ବାହାର କରିଦେଲେ ଘରଖର୍ଚ୍ଚ କମିଯିବ। ଏହା କିନ୍ତୁ ଏକ ସାମାଜିକ ଅନ୍ୟାୟ। ସାଧାରଣତଃ ଅକ୍ଷମ ହୋଇଗଲେ ବୃଦ୍ଧା ବା ବୃଦ୍ଧ ବ୍ୟକ୍ତି ଅଲୋଡ଼ା ହୋଇଯାଇଥାନ୍ତି। ସମାଜରେ ତାଙ୍କର ଆଉ କିଛି ଆବଶ୍ୟକତା ରହୁ ନ ଥିବା ନେଇ ବିଚାର କରାଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅତି ଅଲାଜୁକ ଚଲଣା ଚୋର**
**ଅଣ୍ଟି ନ ପୂରିଲେ ଆହୁରି ତୋଳା।**

ସାଧାରଣତଃ ଚୋରି ଭଳି ହୀନ ବୃତ୍ତି ଆପଣେଇ ନେଉଥିବା ବ୍ୟକ୍ତିଙ୍କର କୌଣସି ଲାଜସରମ ନ ଥାଏ। ଏପରି ବ୍ୟକ୍ତି ଟିକିଏ ସୁବିଧା ସୁଯୋଗ ପାଇଲେ ଉତ୍ସାହିତ ହୋଇ ଅଧିକରୁ ଅଧିକ ହାତେଇ ନେବାକୁ କେବେ ପଛାଇ ନ ଥାନ୍ତି। ପରୋକ୍ଷରେ ଯେଉଁମାନେ ଅଲାଜୁକ ବେହିଆ ସେମାନେ ଯେତେ ଫାଇଦା ପାଇଲେ ସୁଦ୍ଧା ଆହୁରି ପାଇବା ପାଇଁ ବ୍ୟାକୁଳ ହୋଇ ଉଠୁଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ପ୍ରତ୍ୟୁଷ ଯାତ୍ରା, ବନ୍ଧୁ ସମ୍ପର୍କ, ଆନୁଷ୍ଠାନିକ କ୍ଷେତ୍ର ବହୁତ ଭଲ ରହିବ। ପ୍ରତ୍ୟେକ କ୍ଷେତ୍ରରେ ସଫଳତାର ସହ ପ୍ରଶଂସା ଓ ପ୍ରୋତ୍ସାହନ ପାଇ ଖୁସି ରହିବେ। ଘରର କେତେକ ସ୍ଥଗିତ କାମ ସମ୍ପନ୍ନ କରିବା ସକାଶେ ତତ୍ପର ରହିପାରନ୍ତି। ଆର୍ଥିକ ସ୍ୱଚ୍ଛଳତା ଫେରି ପାଇବେ ସତ ମାତ୍ର ଆଶା କରିଥିବା ଦିଗରୁ ଅର୍ଥ ପ୍ରାପ୍ତି ହେବ ନାହିଁ।

**ବୃଷ** କର୍ମକ୍ଷେତ୍ରରେ ଗୁଡ଼ିଏ କାମ ହାତକୁ ନେଇ ଟେନ୍‌ସନ ମଧ୍ୟରେ ରହିବେ। ପାରିବାରିକ ସ୍ଥିତି ମନ୍ଦ ହେବନି କିନ୍ତୁ ସାମୟିକ ମତାନ୍ତର ଘଟିବ। ବ୍ୟବସାୟିକ ଉତ୍କର୍ଷ, ବିବାଦୀୟ ପରିସ୍ଥିତିର ଶିଥିଳତାରୁ ଆଶ୍ୱସ୍ତି ମିଳିବ। ଜମିଜମା କାରବାର, ରାଜନୀତି, ଲେଖାପଢ଼ା, ଯାତ୍ରା ଓ ଆଲୋଚନାଦି କ୍ଷେତ୍ରରେ ଉନ୍ନତମାନର ସୁଫଳ ପାଇବେ।

**ମିଥୁନ** ଅତୀତ ଘଟଣାକୁ କେନ୍ଦ୍ରକରି ପରିବାରରେ ବିବାଦୀୟ ପରିସ୍ଥିତି ଆଶଙ୍କା ଜାଗ୍ରତ ହୋଇପାରେ। ସ୍ନାୟବିକ ଦୁର୍ବଳତା, ପରୋକ୍ଷ ଶତ୍ରୁତା, ଧାର, କରଜ ହେତୁ ଚିନ୍ତିତ ରହିବେ। ବନ୍ଧୁଙ୍କ ନିକଟରେ ମନକଥାକୁ ଲୁଚାଇ ରଖିପାରିବେ ନାହିଁ। ସାଙ୍ଗଠନିକ, ରାଜନୈତିକ, ଆନୁଷ୍ଠାନିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ।

**କର୍କଟ** ଦୀର୍ଘମିଆଦୀ କାମଗୁଡ଼ିକ ସୁରୁଖୁରୁରେ ସମ୍ପନ୍ନ ହେବାରେ କୌଣସି ପ୍ରତିବନ୍ଧକ ରହିବ ନାହିଁ। ସଭାସମିତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ସାନ୍ନିଧ୍ୟଲାଭର ସୁଯୋଗ ପାଇବେ। ବାଣିଜ୍ୟ, ବ୍ୟବସାୟରେ ସଫଳତା ହାସଲ କରିବେ। କଳା, କ୍ରୀଡ଼ା, ସଙ୍ଗୀତ ଓ ପ୍ରତିଯୋଗିତାରେ ନିଜର ଦକ୍ଷତା ପ୍ରତିପାଦନ କରି ପ୍ରଶଂସିତ ହେବେ।

**ସିଂହ** ବାଧ୍ୟବାଧକତାରେ କେତେକ କାମ କରିବାକୁ ପଡ଼ିପାରେ। ଆକସ୍ମିକ ଭାବରେ ବନ୍ଧୁଙ୍କ ଅନୁରୋଧ ରକ୍ଷାକରି ଦୂରଯାତ୍ରା କରିବାର ସୂଚନା ରହିଛି। ଘରୋଇ ସମସ୍ୟା ହେତୁ ମାନସିକ ଶାନ୍ତି ବ୍ୟାହତ ହେବ। ପ୍ରଶାସନ, ବ୍ୟବସାୟ, ବନ୍ଧୁମିଳନ, ଅର୍ଥପ୍ରାପ୍ତି, ସଭାସମିତିରେ ଯୋଗଦାନ ପ୍ରଭୃତି ସୁଯୋଗ ଜୁଟିପାରେ।

**କନ୍ୟା** ସକାଳୁ ସକାଳୁ ବନ୍ଧୁଙ୍କ ଆହ୍ୱାନ ଆପଣଙ୍କୁ ଯାତ୍ରାର ପ୍ରସ୍ତୁତିକୁ ତ୍ୱରାନ୍ୱିତ କରାଇବ। ଆଜିର ଅପରାହ୍ନରେ ଜଣେ ମହିଳାଙ୍କ ସାହାଯ୍ୟରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରି ନିଜର କୌଣସି କାର୍ଯ୍ୟ ସକାଶେ ଅନୁରୋଧ କରିପାରନ୍ତି। ପରିବାରର ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କରିବେ ।

**ତୁଳା** କର୍ମକ୍ଷେତ୍ରରେ ଜଟିଳତା ଦୂରେଇଯିବା ଆଶା କରାଯାଇପାରେ। କଳା, କ୍ରୀଡ଼ା, ପ୍ରତିଯୋଗିତା, ସଙ୍ଗୀତ କ୍ଷେତ୍ରରେ ପ୍ରଶଂସାଭାଜନ ହେବେ। ଶାରୀରିକ ଅସୁସ୍ଥତା ଲାଗି ରହିବା କାରଣରୁ ମନୋରଞ୍ଜନ ଉପଭୋଗ୍ୟ ହୋଇ ନପାରେ । ବାଣିଜ୍ୟ ବ୍ୟବସାୟରେ ବିଭିନ୍ନ ପ୍ରକାର ମଧ୍ୟ ସମସ୍ୟା ଦେଖାଦେବାର ସୂଚନା ରହିଛି।

**ବିଛା** କର୍ମକ୍ଷେତ୍ରରେ କିଛି ମନ୍ତବ୍ୟକୁ କେନ୍ଦ୍ରକରି ବୟସ୍କ ବ୍ୟକ୍ତି ଜଣେ ଅସନ୍ତୋଷ ପ୍ରକାଶ କରିପାରନ୍ତି। ମାନସିକ ଦ୍ୱନ୍ଦ୍ୱ ଦୂରେଇଯିବ ଓ ଭାଙ୍ଗିପଡ଼ିଥିବା ସମ୍ପର୍କର ପୁନରୁଦ୍ଧାର କରିପାରିବେ। କିଣା ବିକା କ୍ଷେତ୍ରରେ କିମ୍ବା ଜମିଜମା କାରବାରରେ ସତର୍କ ନ ହେଲେ ଠକାମିରେ ପଡ଼ିପାରନ୍ତି। ବାଣିଜ୍ୟ, ବ୍ୟବସାୟ, ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ।

**ଧନୁ** ଅଯଥା ଗୁଡ଼ାଏ କଥା ଚିନ୍ତାକରି ମନକୁ ବିଭ୍ରମ କରିପାରନ୍ତି। ଅନ୍ୟମନସ୍କ ହେତୁ ଧନହାନି, କଳହ, ପ୍ରତାରଣା ଓ ଶାରୀରିକ ଆଘାତ ପାଇବାର ସମ୍ଭାବନା ରହିଛି। କର୍ମକ୍ଷେତ୍ରରେ ମିଥ୍ୟାଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିବେ। ବିଳାସ ଉପକରଣ କ୍ରୟ କରିବା ସକାଶେ ଘରୁ ବରାଦ ପାଇପାରନ୍ତି।

**ମକର** ପାରିବାରିକ ଜୀବନ ପ୍ରୀତିପ୍ରଦ ରହିବା ସହ ଲୋକ ସମ୍ପର୍କରେ ଉନ୍ନତି ଘଟିବ। କର୍ମକ୍ଷେତ୍ରରେ ଉଚ୍ଚ ଚିନ୍ତା କରିବେ ଏବଂ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। ଭୁଲ୍ ବୁଝାମଣା କାରଣରୁ ଆତ୍ମୀୟମାନଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି। ବନ୍ଧୁଙ୍କ ନିକଟରେ ବାକି ରହିଯାଇଥିବା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ।

**କୁମ୍ଭ** ସ୍ୱାସ୍ଥ୍ୟ ଯଦିଓ ଠିକ୍ ରହିବ ତଥାପି ଏଣୁତେଣୁ କଥା ଭାବି ମାନସିକ ସ୍ଥିତି ଠିକ୍ ରହି ନ ପାରେ। ସମସ୍ତ ସୁବିଧା ଥିଲେ ମଧ୍ୟ ହାତକୁ ନେଇଥିବା କାମଟି ବିଳମ୍ବରେ ଓ ବହୁ କଷ୍ଟରେ ସମ୍ପନ୍ନ ହେବ। କେତେକ ବିବାଦୀୟ କଥାକୁ ମନେପକାଇ ଆତ୍ମୀୟସ୍ୱଜନ ଦୂରେଇ ଯାଇପାରନ୍ତି। ଅର୍ଥ ସମ୍ପର୍କୀୟ କଥାକୁ କେନ୍ଦ୍ରକରି ପରିବାରରେ ଝଡ଼ ଉଠିପାରେ।

**ମୀନ** ଆଜିର ପ୍ରତ୍ୟୁଷ ଯାତ୍ରା ଫଳପ୍ରଦ ହେବ ଏବଂ ଅଭିଳଷିତ ଦ୍ରବ୍ୟ ପ୍ରାପ୍ତିରେ କୌଣସି ଅସୁବିଧା ରହିବ ନାହିଁ । ସଭାସମିତିରେ ସମ୍ମାନିତ ହେବେ ଏବଂ ଆନୁଷ୍ଠାନିକ କାମରେ ଦକ୍ଷତା ବୃଦ୍ଧି ପାଇବ। ଅଜଣା ବନ୍ଧୁଙ୍କ ସାହାଯ୍ୟ ସବୁ ଦିନ ସକାଶେ ସ୍ମରଣୀୟ ରହିଯାଇପାରେ। ସ୍ୱକର୍ମକ୍ଷେତ୍ରରେ ମଧ୍ୟ ଅପ୍ରିୟ ସତ୍ୟ ଭାଷଣରୁ ଦୂରେଇ ରହିବା ଭଲ ।

## classifieds Everyday 0674-2580101, 2549302




**SALE**

Plot for sale at Chhatabar per sqft. @99/-. 7381268181, 9583295832. D-23294

**Residential plot near AIIMS, Bhubaneswar, Sole Owner, 2000 sqft. 18 Lakhs. Contact- 8917645241.** D-23305

2BHK flat with parking Rs.29lakh near Sai Temple, Tankapani road, Bhubaneswar. 9776080988, 9238361409. D-70779

ଭୁବନେଶ୍ୱର-ପୁରୀ ବାଇପାସ ରୋଡ୍‌ରେ ବାଙ୍କୁଆଳ ମୌଜାରେ ଘରବାରି ପ୍ଲଟ୍ ମିଳୁଛି। ବର୍ଗଫୁଟକୁ ଟ୧୬୦୦ଙ୍କାରେ । ଯୋଗାଯୋଗ- **9827339640/ 8328992008.** D-23279

ଭୁବନେଶ୍ୱର ଜଟଣୀଗେଟ୍ ନିକଟରେ sqft.-300/- ଏବଂ ତ୍ରିନାଥବଜାର ନିକଟରେ sqft.-240/- (outright). 9776974912. D-23286

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact 9937059891.** D-23189

BDA plot Pitapalli NHକୁ ଲାଗି Electricity, Boundary ଥାଇ ମିଳୁଅଛି। Contact: 9437285016, 7735888421. D-23268

**30' Road, Gated society, Security guard, CCTV ଥାଇ ତୁରନ୍ତ ଘର କଲାଭଳି 3ଟି plot ହଂସପାଳ ରାମଚନ୍ଦ୍ରପୁର ମୌଜାରେ ବିକ୍ରିହେବ। 9437033320.** D-71798

Gharabari land 1707sqft. near AIIMS Hospital, Police Academy back side Bhubaneswar @2500/- per sqft. for sale. Contact: 9438376959. D-71478

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact 9937059891.** D-23190

କଟକ-ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ ଓଡ଼ିଶାର Biggest Commercial Hub "GrandBazar" ସମ୍ମୁଖରୁ ଅଳ୍ପଦୂରରେ ବାସୋପଯୋଗୀ ଘରବାରି ପ୍ଲଟ୍ ଶସ୍ତାରେ କିଣନ୍ତୁ। 8249310759. D-73204

**3BHK Residential/ Commercial Flat with Garage sale at Rasulgarh. Contact for details: 9437629713/ 9438220432.** D-23300




Want a dream home on your own plot assistance for construction design and development. Contact: K.K. Construction. 7008268129, 9439143273. D-71334




2BHK for rent, 7000 rent P.m. 118-Ratnakar Bag-1, Tankapani road. 9902406161. D-23303

**1.5 Lakh sqft. to 2 Lakh sqft. developed bounded land with facility (Water/ Electricity/ Watch/ Ward) Shed & Showroom/ Office Space ranging from 20,000sqft. to 40,000sqft. at Bhubaneswar (Pahal, NH-5) Balasore, Angul, Rourkela, Sambalpur, Keonjhar, Barbil. Contact- 8599011551, 8599011545.** D-23282

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com




Ashirvaad Saloon and SPA get good massage for your health tha best therapy. 7077181074. D-71870

Refreshing your mind and body with the best therapy, 7873794731. D-23292

Newly open SPA positively health benefit with expert. Contact: 7749976301. D-71951

All types body massage with hiprofile smart lady room service available. 8917243035. D-71341

**Relax, Refresh your Body, Mind at Lotus Spa with Best Therapies. 8018891951.** D-23276

Newly open full body massage ladies and gents. 8327740003. D-71869

**Relax, Refresh your body, mind at SAIKRUPA SPA with best therapies. 8984068077.** D-23219

All types body massage with hiprofile smart lady room service available. 9142145769. D-71337

**AFFIDAVIT**

By virtue of affidavit before Executive Magistrate, Daspalla I do declare that Lili Samantara and Jhuni lata Samantara, W/o.-Prafulla Kumar Samantara is one and same person for all purpose. D-23304

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଶ୍ରୀମନ୍ଦିରରେ ରକ୍ତଛିଟା

**ମହାପ୍ରଭୁଙ୍କର ହେଲା ମହାସ୍ନାନ**

ପୁରୀ ଅଫିସ, ୪।୩



ଶ୍ରୀମନ୍ଦିରରେ ଶୁକ୍ରବାର ମଧ୍ୟାହ୍ନରେ ଶ୍ରୀବିଗ୍ରହଙ୍କ ମହାସ୍ନାନ ନୀତି ଅନୁଷ୍ଠିତ ହୋଇଛି। ଅପରାହ୍ନ ପ୍ରାୟ ୩ଟାରେ ଶ୍ରୀମନ୍ଦିର ଅଣସର ପିଣ୍ଡି ନିକଟରେ ରକ୍ତ ପଡ଼ିଥିବା ଦେଖିବାକୁ ମିଳିଥିଲା। ଫଳରେ ଶ୍ରୀବିଗ୍ରହମାନଙ୍କର ମହାସ୍ନାନ କରାଯାଇଥିଲା। ସୂଚନାଯୋଗ୍ୟ ଶୁକ୍ରବାର ଶ୍ରୀବିଗ୍ରହମାନଙ୍କର ମଧ୍ୟାହ୍ନ ଧୂପ ସରି ପାଣି ପଡ଼ିଥିଲା। ଭକ୍ତମାନେ ଦର୍ଶନ କରୁଥିଲେ। ଏହି ସମୟରେ ଦ୍ୱିତୀୟ ଭୋଗ ମଣ୍ଡପ ପାଇଁ ପ୍ରସ୍ତୁତି ଚାଲିଥିଲା। ତେବେ ଅଣସର ପିଣ୍ଡି ନିକଟରେ ରକ୍ତ ପଡ଼ିଥିବା ସେବାୟତମାନେ ଦେଖିବାକୁ ପାଇଥିଲେ। ଅଣସର ପିଣ୍ଡି ନିକଟକୁ ଭକ୍ତଙ୍କ ପ୍ରବେଶ ଉପରେ କଟକଣା ରହିଛି। ତେଣୁ ସେବାୟତଙ୍କ ଦେହରେ କିମ୍ବା ଗୋଡ଼ରେ ଆଘାତ ଲାଗି ରକ୍ତ ବାହାରି ଅଣସର ପିଣ୍ଡି ନିକଟରେ ପଡିଥିବା ଅନୁମାନ କରାଯାଉଛି। ରକ୍ତ ଛିଟା ଦେଖିବା ପରେ ଦର୍ଶନ ବନ୍ଦ ରଖାଯିବା ସହ କବାଟ ବନ୍ଦ କରାଯାଇଥିଲା। ପରେ ମହାସ୍ନାନ ନୀତି ଆରମ୍ଭ କରାଯାଇଥିଲା। ଏହା ସନ୍ଧ୍ୟା ୫ଟା ୫୦ରେ ସମ୍ପନ୍ନ ହୋଇଥିଲା। ଏଥିଯୋଗୁ ଅନ୍ୟାନ୍ୟ ନୀତିରେ ବିଳମ୍ବ ଘଟିଥିଲା। ଶ୍ରୀମନ୍ଦିର ନିୟମ ଅନୁଯାୟୀ, ରତ୍ନସିଂହାସନ ଆଗରେ ଯଦି କୌଣସି ଭକ୍ତ ବା ସେବାୟତ ପଡ଼ି ଆହତ ହେବା ବେଳେ ରକ୍ତ ପଡ଼ିଥାଏ, କେହି ବାନ୍ତି କରିଦିଏ, ପରିଶ୍ରା ଆଦି କରିଥିବାର ଦେଖାଯାଏ ବା ନୀତି ସମୟରେ ମହାପ୍ରଭୁଙ୍କୁ କିଏ ସ୍ପର୍ଶ କରନ୍ତି ତେବେ ମହାପ୍ରଭୁଙ୍କ ସମସ୍ତ ନୀତି ସ୍ଥଗିତ ରଖାଯାଇ ମହାସ୍ନାନ ନୀତି କରାଯାଇଥାଏ। ପରେ ପୁଣି ଦୈନିକ ନୀତିକାନ୍ତି ଆଗେଇଥାଏ।

# ଥାନାରେ ହାଜର ହେଲେ କେନ୍ଦ୍ରମନ୍ତ୍ରୀ

ବାରିପଦା ଅଫିସ,୪।୩

ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ କ୍ରମେ କେନ୍ଦ୍ର ଜଳଶକ୍ତି ଓ ଆଦିବାସୀ ବ୍ୟାପାର ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଶୁକ୍ରବାର ମୟୂରଭଞ୍ଜ ଜିଲା ବାରିପଦା ଟାଉନ ଥାନାରେ ହାଜର ହୋଇଛନ୍ତି। ଦୁଇ ସରକାରୀ ଅଧିକାରୀଙ୍କୁ ମାଡ଼ ମାରିବା ଘଟଣାକୁ ନେଇ ସେ ତଦନ୍ତକାରୀ ଅଫିସରଙ୍କୁ ଭେଟିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଗତ ଜାନୁଆରୀ ୨୧ରେ ଏମ୍‌ପି ହାତପାଣ୍ଠିର ବିନିଯୋଗକୁ ନେଇ ସମୀକ୍ଷା କରିବାକୁ କେନ୍ଦ୍ରମନ୍ତ୍ରୀ ଟୁଡୁ ଜିଲା ଯୋଜନା ଓ ପର୍ଯ୍ୟବେକ୍ଷଣ ବିଭାଗର ଉପନିର୍ଦ୍ଦେଶକ ଅଶ୍ୱିନୀ କୁମାର ମଲ୍ଲିକ ଓ ସହକାରୀ ନିର୍ଦ୍ଦେଶକ ଦେବାଶିଷ ମହାପାତ୍ରଙ୍କୁ ନିଜ କାର୍ଯ୍ୟାଳୟକୁ ଡକାଇଥିଲେ। ସେଠାରେ ଉଭୟଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରି ଆହତ କରିଥିବା ନେଇ ଅଭିଯୋଗ ହୋଇଥିଲା। ଏ ନେଇ ବାରିପଦା ଟାଉନ ଥାନରେ ଏକ ମାମଲା (ନଂ. ୫୦/୨୨) ରୁଜୁ ହୋଇଥିଲା। ପୋଲିସ ସ୍ଥାନୀୟ ଜେଏମ୍ଏଫ୍‌ସି କୋର୍ଟରେ ଆହତ ଦୁଇ ଅଧିକାରୀଙ୍କ ବୟାନ ରେକର୍ଡ କରାଇଥିଲା। ତେବେ ଗିରଫଦାରୀକୁ ଏଡ଼ାଇବା ପାଇଁ କେନ୍ଦ୍ରମନ୍ତ୍ରୀ ଟୁଡୁ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଥିଲେ। ହାଇକୋର୍ଟ ତାଙ୍କୁ ଜାମିନ ପ୍ରଦାନ କରିବା ସହ ମାର୍ଚ୍ଚ ୪ରେ ତଦନ୍ତକାରୀ ଅଧିକାରୀଙ୍କ ନିକଟରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଥିଲେ। ଶୁକ୍ରବାର କେନ୍ଦ୍ରମନ୍ତ୍ରୀ ଟୁଡୁ ଟାଉନ ଥାନାରେ ପହଞ୍ଚି ୫ରୁ ୭ମିନିଟ ମଧ୍ୟରେ ତଦନ୍ତକାରୀ ଅଧିକାରୀଙ୍କ ସହ ଆଲୋଚନା କରି ଫେରିଥିଲେ। ଏସମ୍ପର୍କରେ ମନ୍ତ୍ରୀ କିମ୍ବା ପୋଲିସ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ ।


କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ

# ସେଣ୍ଟ ଜାଭିୟର ଛାତ୍ରଙ୍କୁ ମେରିଟ ଭିତ୍ତିରେ ଗ୍ରେଡ୍ ଦିଆଯାଇଛି

**ସୁପ୍ରିମକୋର୍ଟଙ୍କୁ ଜଣାଇଲା ସିବିଏସ୍‌ଇ**

ନୂଆଦିଲ୍ଲୀ,୪।୩

ଓଡ଼ିଶାର ସେଣ୍ଟ ଜାଭିୟର ଇଣ୍ଟରନ୍ୟାଶନାଲ ସ୍କୁଲ୍ ୨୦୨୧ ଦଶମ ଶ୍ରେଣୀ ଫଳାଫଳ ପ୍ରସ୍ତୁତିରେ ଅନିୟମିତତା କରିଥିବା ଅଭିଯୋଗକୁ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ଖଣ୍ଡନ କରିଛି। ଛାତ୍ରୀଛାତ୍ରଙ୍କୁ କେବଳ ମେରିଟ୍ ଅନୁଯାୟୀ ନମ୍ବର ଦିଆଯାଇଥିବା ବୋର୍ଡ ପକ୍ଷରୁ ଶୁକ୍ରବାର ସୁପ୍ରିମକୋର୍ଟଙ୍କୁ ଅବଗତ କରାଯାଇଛି। ଦଶମ ପାସ୍ ପିଲାଙ୍କୁ ଉକ୍ତ ସ୍କୁଲ୍‌ରେ ଏକାଦଶ ଶ୍ରେଣୀରେ ନାମ ଲେଖାଇବା ଲାଗି ଶିକ୍ଷାନୁଷ୍ଠାନ ପକ୍ଷରୁ ଅନୁଚିତ ଚାପ ପକାଯାଉଥିବା ଅଭିଯୋଗକୁ ବୋର୍ଡ ପକ୍ଷରୁ ଦାଖଲ ସତ୍ୟପାଠରେ ଖଣ୍ଡନ କରାଯାଇଛି। ଏନେଇ କୌଣସି ପ୍ରମାଣ ତଦନ୍ତକାରୀ କମିଟିକୁ ମିଳି ନ ଥିବା ସିବିଏସ୍‌ଇ କହିଛି। ଉକ୍ତ ପିଟିଶନ ଉପରେ ପ୍ରତ୍ୟୁତ୍ତର ଦାଖଲ ଲାଗି ଜଷ୍ଟିସ୍ ଏ.ଏମ୍. ଖାନ୍‌ୱିଲକର ଏବଂ ସି.ଟି. ରବିକୁମାରଙ୍କ ଖଣ୍ଡପୀଠ ଆବେଦନକାରୀଙ୍କୁ ଦୁଇ ସପ୍ତାହ ସମୟ ଦେଇଛନ୍ତି। ସୂଚନାଯୋଗ୍ୟ, କୋଭିଡ୍ ମହାମାରୀ ଯୋଗୁ ୨୦୨୧ ମେ'ରେ ସିବିଏସ୍‌ଇ ଦଶମ ବୋର୍ଡ ପରୀକ୍ଷାକୁ ବାତିଲ କରାଯାଇଥିଲା। ପିଲାମାନଙ୍କ ପୂର୍ବ ପରୀକ୍ଷା ନମ୍ବର ଆଧାରରେ ଗ୍ରେଡ୍ ପ୍ରଦାନ ପାଇଁ ବୋର୍ଡ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ତେବେ ନମ୍ବର ପ୍ରଦାନରେ ଜାଲିଆତିକୁ ଲୁଚାଇବା ପାଇଁ ଓଡ଼ିଶାର ଉକ୍ତ ସ୍କୁଲ୍ ଦଶମ ପାସ୍ ଛାତ୍ରୀଛାତ୍ରଙ୍କୁ ସ୍କୋର୍‌କାର୍ଡ ଓ ଉତ୍ତର ଖାତା ଦେବାକୁ ମନା କରିଥିବା ଅଭିଯୋଗ କରି ୨୪ ଜଣ ପିଲା ସୁପ୍ରିମକୋର୍ଟରେ ପିଟିଶନ ଦାଏର କରିଥିଲେ। ସିବିଏସ୍‌ଇ ଏହାର ସମୀକ୍ଷା କରି ବୋର୍ଡ ମୂଲ୍ୟାୟନ ନୀତି ଅନୁଯାୟୀ ସେମାନଙ୍କ ଫଳାଫଳ ଘୋଷଣା କରିବା ନିମନ୍ତେ ନିର୍ଦ୍ଦେଶ ଦେବାକୁ ପିଟିଶନରେ ସର୍ବୋଚ୍ଚ ଅଦାଲତଙ୍କୁ ଅନୁରୋଧ କରାଯାଇଥିଲା।

ପ୍ରଥମ ପୃଷ୍ଠାରୁ...

## ରନ୍ଧନ, ଇନ୍ଧନ...

ଏହାକୁ ଦୃଷ୍ଟିରେ ରଖି ଯୋଗାଣ ବିଭାଗ ପକ୍ଷରୁ ବିଭିନ୍ନ ଗୋଦାମ ଯାଞ୍ଚ କରିବାକୁ ଜିଲା ଯୋଗାଣ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଦରବୃଦ୍ଧିକୁ ନେଇ ବ୍ୟବସାୟୀମାନେ ମଧ୍ୟ ଖୁସି ନାହାନ୍ତି। ରାଜ୍ୟ ବ୍ୟବସାୟୀ ସଂଘର ସାଧାରଣ ସମ୍ପାଦକ ସୁଧାକର ପଣ୍ଡା କହିଛନ୍ତି ଯେ ଆମ ରାଜ୍ୟରେ ଗୋଟିଏ ଡ୍ରପ୍ ସୂର୍ଯ୍ୟମୁଖୀ କିମ୍ବା ପାମୋଲିନ ତେଲ ଉତ୍ପାଦନ ହେଉ ନାହିଁ। ଅନ୍ୟ ଦେଶ ଉପରେ ଆମକୁ ନିର୍ଭର କରିବାକୁ ପଡୁଛି। ଯୁଦ୍ଧ ଯୋଗୁ ତେଲ ଦର ବଢ଼ିଛି। ଆଗକୁ କ'ଣ ହେବ କହିହେବ ନାହିଁ। ରାଜ୍ୟରେ ଖାଇବା ତେଲ ଉତ୍ପାଦନ ନେଇ କୌଣସି ଯୋଜନା ନାହିଁ। ରାଜ୍ୟରେ ସମସ୍ତ ତେଲ ଉତ୍ପାଦନ ହୋଇପାରନ୍ତା। ସେଥିପାଇଁ ଆନ୍ତରିକତାର ଅଭାବ ରହିଛି। ଅନ୍ୟ ଉପରେ ନିର୍ଭର କରିବାକୁ ପଡୁଥିବାରୁ ଦର ବୃଦ୍ଧିକୁ ମଧ୍ୟ ସମ୍ଭାଳିବାକୁ ହେବ। ଯୁଦ୍ଧ ଅଧିକ ଦିନ ଚାଲିଲେ ପରିସ୍ଥିତି ଆହୁରି ବିଗିଡ଼ିବା ଆଶଙ୍କା ରହିଛି।

ଖାଇବା ତେଲ ଦରବୃଦ୍ଧିକୁ ନେଇ ଗୃହିଣୀମାନେ ମଧ୍ୟ ଚିନ୍ତାରେ ପଡ଼ିଛନ୍ତି। ଶ୍ରଦ୍ଧାଞ୍ଜଳି ପଣ୍ଡା କହିଛନ୍ତି ଯେ ଯୁଦ୍ଧର ପ୍ରଭାବ ରୋଷେଇ ଘର ଉପରେ ପଡ଼ିବା ଆରମ୍ଭ ହେଲାଣି। ରିଫାଇନ୍ ତେଲରେ ଏକାଥରକେ ୨୦ଟଙ୍କା ବୃଦ୍ଧି ହୋଇଛି। ଆମ ଘରେ ମାସକୁ ୩ ଲିଟର ରିଫାଇନ୍ ତେଲ ଆବଶ୍ୟକ ହୁଏ। ଦର ବୃଦ୍ଧି ସମସ୍ୟା ସୃଷ୍ଟି କରିଛି। ବାଧ୍ୟ ହୋଇ ତେଲ ବ୍ୟବହାର କମ୍ କରିବାକୁ ପଡ଼ିବ। ସେହିପରି ଗୃହିଣୀ ସସ୍ମିତା ରାୟ କହିଛନ୍ତି ଯେ ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ୍ ହୁ ହୁ ହୋଇ ବଢ଼ି ଚାଲିଥିବା ବେଳେ ଖାଇବା ତେଲ ଦର ମଧ୍ୟ ବଢ଼ିଲାଣି। ଆମ ଭଳି ମଧ୍ୟବିତ୍ତ ପରିବାର ସୀମିତ ରୋଜଗାରରେ ଚଳିବା କଷ୍ଟକର ହୋଇପଡୁଛି। ପ୍ରତି ଘରେ ସୂର୍ଯ୍ୟମୁଖୀ ଏବଂ ପାମୋଲିନ୍ ତେଲ ବ୍ୟବହାର ହୁଏ। ମାସକୁ ଅତି କମ୍‌ରେ ୨ରୁ ୩ଲିଟର ତେଲ ଖର୍ଚ୍ଚ ହୋଇଥାଏ। ଲିଟର ପିଛା ୨୦ ଟଙ୍କା ବୃଦ୍ଧି ପାଇଥିବାରୁ ବାଧୁଛି। ରାଜ୍ୟ ସରକାର ଏହା ଉପରେ ଦୃଷ୍ଟି ଦେବା ସହ ଦରବୃଦ୍ଧି ଉପରେ ନିୟନ୍ତ୍ରଣ ଆଣିବା ଆବଶ୍ୟକ।

## ଖୋଲିଲା ଜାମିଆ ମସଜିଦ୍

ଶ୍ରୀନଗର,୪।୩: ଦୀର୍ଘ ଦୁଇବର୍ଷରୁ ଊର୍ଦ୍ଧ୍ୱ ସମୟ ବନ୍ଦ ରହିବା ପରେ ଶୁକ୍ରବାର ଶ୍ରୀନଗରରେ ଥିବା ଜାମିଆ ମସଜିଦ୍ ଖୋଲିଛି। ଜମ୍ମୁ-କଶ୍ମୀରରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରେ ପ୍ରଶାସନ ପକ୍ଷରୁ ୨୦୧୯ ଅଗଷ୍ଟ ମାସରୁ ଉକ୍ତ ମସଜିଦ୍‌କୁ ବନ୍ଦ ରଖାଯାଇଥିଲା। ମସଜିଦ୍ ଖୋଲିବା ପରେ ଶୁକ୍ରବାର ଏକକାଳିନ ୩ ହଜାର ଲୋକ ସେଠାରେ ନମାଜ ପାଠ କରିଥିଲେ।

## ସଂକ୍ଷେପରେ

### ପୂର୍ବତନ ସେନା ମୁଖ୍ୟ ଜେନେରାଲ ସୁନୀଥଙ୍କ ବିୟୋଗ



ପଣଜୀ,୪।୩: ପୂର୍ବତନ ଆର୍ମି ମୁଖ୍ୟ ଜେନେରାଲ ସୁନିଥ ଫ୍ରାନ୍ସିସ୍ ରୋଡ୍ରିଗୁଜ୍‌ଙ୍କ ୮୮ ବର୍ଷ ବୟସରେ ପରଲୋକ ହୋଇଯାଇଛି। ଶୁକ୍ରବାର ଏ ନେଇ ଆର୍ମିର ଅଫିସିଆଲ ଟୁଇଟର ପେଜ୍‌ରେ ସୂଚନା ଦିଆଯାଇଥିଲା। ଜେନେରାଲ ସୁନୀଥ ୧୯୯୦ରୁ ୧୯୯୩ ପର୍ଯ୍ୟନ୍ତ ଆର୍ମି ମୁଖ୍ୟ ଭାବେ କାର୍ଯ୍ୟ ନିର୍ବାହ କରିଥିଲେ। ୪୦ ବର୍ଷର ଚାକିରିକାଳରୁ ଅବସର ନେବା ପରେ ସେ ୨୦୦୪ରୁ ୨୦୧୦ ପର୍ଯ୍ୟନ୍ତ ପଞ୍ଜାବର ରାଜ୍ୟପାଳ ଥିଲେ।

### ଆଶିଷଙ୍କ ଜାମିନକୁ ଚ୍ୟାଲେଞ୍ଜ: ୧୧ରେ ଶୁଣାଣି



ନୂଆଦିଲ୍ଲୀ,୪।୩: ଲଖିମପୁର ଖେରି ହିଂସାର ମୁଖ୍ୟ ଅଭିଯୁକ୍ତ ତଥା ଗୃହ ରାଷ୍ଟ୍ରମନ୍ତ୍ରୀ ଅଜୟ୍ ମିଶ୍ରାଙ୍କ ପୁଅ ଆଶିଷ ମିଶ୍ରାଙ୍କ ଜାମିନକୁ ଚ୍ୟାଲେଞ୍ଜ କରି ମୃତ କୃଷକଙ୍କ ପରିବାର ପକ୍ଷରୁ ସୁପ୍ରିମକୋର୍ଟରେ ଦାଏର ପିଟିଶନର ଶୁଣାଣି ମାର୍ଚ୍ଚ ୧୧ରେ କରାଯିବ। ଶୁକ୍ରବାର ପ୍ରଧାନବିଚାରପତି ଏନ୍.ଭି ରମନାଙ୍କ ଖଣ୍ଡପୀଠ ଉକ୍ତ ନିଷ୍ପତ୍ତି ନେଇଛନ୍ତି। ମୃତ କୃଷକଙ୍କ ପରିବାର ଆଲାହାବାଦ ହାଇକୋର୍ଟଙ୍କ ନିଷ୍ପତ୍ତିକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଆଶିଷଙ୍କୁ ଜାମିନ ମିଳିବା ଦ୍ୱାରା ସେ ପ୍ରମାଣ ନଷ୍ଟ କରିବା ସହ କୃଷକ ପରିବାରକୁ ଧମକ ଦେବା ଅଶଙ୍କା କରି କୃଷକଙ୍କ ତରଫରୁ ଓକିଲ ପ୍ରଶାନ୍ତ ଭୂଷଣ ସୁପ୍ରିମକୋର୍ଟରେ ପିଟିଶନ ଦାଏର କରିଥିଲେ। ଗତବର୍ଷ ଅକ୍ଟୋବର ୩ ରେ ଲଖିମପୁର ଖେରିରେ ତିନି କୃଷି ଆଇନ୍ ବିରୋଧରେ କୃଷକ ସଂଗଠନ ବିକ୍ଷୋଭ କରୁଥିବାବେଳେ ଅଶିଷ ମିଶ୍ରା ଓ ତାଙ୍କ ସହଯୋଗୀ ସେମାନଙ୍କ ଉପରେ ଗାଡ଼ି ଚଢ଼ାଇଦେଇଥିଲେ। ହିଂସାକାଣ୍ଡରେ ୮ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ସେମାନଙ୍କ ମଧ୍ୟରେ ୪ ଜଣ କୃଷକ ଥିଲେ।

# ୨୬% ପ୍ରାର୍ଥୀଙ୍କ ନାଁରେ ଆପରାଧିକ ମାମଲା

## ୟୁପି ନିର୍ବାଚନ

ନୂଆଦିଲ୍ଲୀ,୪।୩ (ପି.ଟି.)

ସାତ ପର୍ଯ୍ୟାୟ ବିଶିଷ୍ଟ ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନରେ ମୋଟ ୪,୪୦୬ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସେମାନଙ୍କ ମଧ୍ୟରୁ ୨୬ ପ୍ରତିଶତଙ୍କ ନାଁରେ ଆପରାଧିକ ମାମଲା ରହିଥିବା ସେମାନେ ସତ୍ୟପାଠରେ ଘୋଷଣା କରିଥିବା ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମ୍ସ (ଏଡିଆର୍) ରିପୋର୍ଟରେ ପ୍ରକାଶ ପାଇଛି। ୨୦୧୭ ବିଧାନସଭା ନିର୍ବାଚନରେ ୪,୮୨୩ ପ୍ରାର୍ଥୀଙ୍କ ମଧ୍ୟରୁ ୧୮ ପ୍ରତିଶତ ଅର୍ଥାତ୍ ୮୫୯ ଜଣଙ୍କ ବିରୋଧରେ ଆପରାଧିକ ମାମଲା ରହିଥିବା ସେମାନେ ଘୋଷଣା କରିଥିଲେ। ଚଳିତ ନିର୍ବାଚନରେ ୮୮୯ ବା ୨୦ ପ୍ରତିଶତ ପ୍ରାର୍ଥୀଙ୍କ ନାଁରେ ଗୁରୁତର ଅପରାଧ ମାମଲା ରହିଛି। ୨୦୧୭ରେ ୭୦୪ ଜଣଙ୍କ ବିରୋଧରେ ଏଭଳି ମାମଲା ରହିଥିଲା।

ଏଡିଆର୍ ରିପୋର୍ଟ ଅନୁଯାୟୀ ଚଳିତ ନିର୍ବାଚନରେ ୪,୪୦୬ ପ୍ରାର୍ଥୀଙ୍କ ମଧ୍ୟରୁ ୧,୧୪୨ ଜଣ(୨୬%) ସେମାନଙ୍କ ନାଁରେ ଆପରାଧିକ ମାମଲା ଥିବା କଥା ନାମାଙ୍କନପତ୍ର ଦାଖଲ ବେଳେ ଘୋଷଣା କରିଛନ୍ତି। ସମାଜବାଦୀ ପାର୍ଟିର ୩୪୭ ପ୍ରାର୍ଥୀଙ୍କ ମଧ୍ୟରୁ ୨୨୪ ଜଣ ଅର୍ଥାତ୍ ୬୫ ପ୍ରତିଶତଙ୍କ ନାଁରେ ଆପରାଧିକ ମାମଲା ଥିବାବେଳେ ସୁହଲଦେବ ଭାରତୀୟ ସମାଜ ପାର୍ଟିର ୧୯ ପ୍ରାର୍ଥୀଙ୍କ ମଧ୍ୟରୁ ୧୧ ଜଣ (୫୮ ପ୍ରତିଶତ), ଆର୍‌ଏଲ୍‌ଡିର ୩୩ ପ୍ରାର୍ଥୀଙ୍କ ମଧ୍ୟରୁ ୧୯ ଜଣ (୫୮ ପ୍ରତିଶତ)ଙ୍କ ବିରୋଧରେ ଆପରାଧିକ ମାମଲା ରହିଛି। ଅନ୍ୟମାନଙ୍କ ମଧ୍ୟରେ ଭାଜପାର ୩୭୪ ପ୍ରାର୍ଥୀଙ୍କ ମଧ୍ୟରୁ ୧୬୯ ଜଣ ଅର୍ଥାତ୍ ୪୫%, କଂଗ୍ରେସର ୩୯୭ ପ୍ରାର୍ଥୀଙ୍କ ମଧ୍ୟରୁ ୧୬୦ (୪୦%), ବିଏସ୍‌ପିର ୩୯୯ ପ୍ରାର୍ଥୀଙ୍କ ମଧ୍ୟରୁ ୧୫୩ (୩୮%) ଜଣ ସେମାନଙ୍କ ନାଁରେ ଆପରାଧିକ ମାମଲା ରହିଥିବା ଘୋଷଣା କରିଛନ୍ତି। ସେହିପରି ଅପ୍‌ନା ଦଳ (ସୋନେଲାଲ)ରେ ୬%, ଏଏପିରେ ୧୮% ପ୍ରାର୍ଥୀ ସେମାନଙ୍କ ନାଁରେ ଆପରାଧିକ ମାମଲା ଥିବା ସତ୍ୟପାଠରେ ଦର୍ଶାଇଛନ୍ତି। ୬୯ ପ୍ରାର୍ଥୀଙ୍କ ନାମରେ ମହିଳାଙ୍କ ପ୍ରତି ଅପରାଧ ମାମଲା ଥିବାବେଳେ ସେମାନଙ୍କ ମଧ୍ୟରୁ ୧୦ ଜଣଙ୍କ ବିରୋଧରେ ବଳାତ୍କାର ମାମଲା ରହିଛି। ସେହିପରି ୩୭ ଜଣଙ୍କ ନାମରେ ହତ୍ୟା ଏବଂ ୧୫୯ ଜଣଙ୍କ ନାଁରେ ହତ୍ୟା ଉଦ୍ୟମ ମାମଲା ରହିଛି। ୟୁପି ବିଧାନସଭାର ୪୦୩ ଆସନ ମଧ୍ୟରୁ ୨୨୬ ଅର୍ଥାତ୍ ୫୬ ପ୍ରତିଶତ ରେଡ୍ ଆଲର୍ଟରେ ରହିଛି। ଆର୍‌ଏଲ୍‌ଡିର ୯୪ ପ୍ରତିଶତ ପ୍ରାର୍ଥୀଙ୍କ ସମ୍ପତ୍ତି ମୂଲ୍ୟ କୋଟିଏରୁ ଅଧିକ ହୋଇଥିବାବେଳେ ଭାଜପାର ୯୦ ପ୍ରତିଶତ, ସମାଜବାଦୀ ପାର୍ଟିର ୮୭ ପ୍ରତିଶତ ପ୍ରାର୍ଥୀ କୋଟିପତି ଥିବା ଜଣାପଡ଼ିଛି। ସେହିପରି ବିଏସ୍‌ପିର ୭୯%, ଅପ୍‌ନା ଦଳ (ସୋନେଲାଲ୍)ର ୭୧%, ସୁହେଲଦେବ ଭାରତୀୟ ସମାଜ ପାର୍ଟିର ୬୮%, କଂଗ୍ରେସର ୫୦% ଏବଂ ଏଏପିର ୩୩ ପ୍ରତିଶତ ପ୍ରାର୍ଥୀଙ୍କ ସମ୍ପତ୍ତି ୧ କୋଟିରୁ ଅଧିକ ବୋଲି ସେମାନେ ଦେଇଥିବା ସତ୍ୟପାଠରୁ ଜଣାପଡ଼ିଛି।

# ବୃଦ୍ଧା ମାଲିକାଣୀଙ୍କୁ ଅନ୍ଧ କରି ଚୋରି

- ଘରୋଇ ପରିଚାରିକା ଗିରଫ
- ହରପିକ୍, ଝଣ୍ଡୁବାମ୍‌ର ବିଷାକ୍ତ ମିଶ୍ରଣକୁ ବ୍ୟବହାର କରିଥିଲେ



ପି. ଭାର୍ଗବୀ

ହାଇଦ୍ରାବାଦ,୪।୩

ଚୋରି ପାଇଁ ମଣିଷ କେତେ ନିମ୍ନସ୍ତରକୁ ଖସିପାରେ ଏବଂ ଜଘନ୍ୟକାଣ୍ଡ ଘଟାଇପାରେ ତାହା ଦେଖିବାକୁ ମିଳିଛି ସିକନ୍ଦରାବାଦର ନାଚରମରେ। ହାଇଦ୍ରାବାଦ ପୋଲିସ ପି. ଭାର୍ଗବୀ ନାମ୍ନୀ ଜଣେ ୩୨ବର୍ଷୀୟା ମହିଳାଙ୍କୁ ଗତ ବୁଧବାର ଗିରଫ କରିଛି, ଯିଏ କି ଚୋରି କରିବା ନିମନ୍ତେ ବାଥରୁମ୍‌ରେ ବ୍ୟବହୃତ 'ହର୍‌ପିକ୍' ଏବଂ 'ଝଣ୍ଡୁବାମ୍'ର ବିଷାକ୍ତ ମିଶ୍ରଣକୁ ବ୍ୟବହାର କରି ୭୩ ବର୍ଷୀୟା ମାଲିକାଣୀଙ୍କୁ ଅନ୍ଧ କରିଦେଇଛନ୍ତି। ଘରୋଇ ପରିଚାରିକା ଭାର୍ଗବୀଙ୍କ ନୃଶଂସ କାଣ୍ଡର ଶିକାର ହୋଇଥିବା ବୃଦ୍ଧା ହେମବତୀ ନାଚରମସ୍ଥିତ ଏକ ଆପାର୍ଟମେଣ୍ଟ କମ୍ପ୍ଲେକ୍ସରେ ରହୁଥିବାବେଳେ ତାଙ୍କ ପୁଅ ଶଶିଧର ଲଣ୍ଡନରେ ରୁହନ୍ତି। ମା' ହେମବତୀଙ୍କ ଯତ୍ନନେବା ପାଇଁ ଶଶିଧର ୨୦୨୧ ଅଗଷ୍ଟରେ ଭାର୍ଗବୀଙ୍କୁ ମାସିକ ୧୫ ହଜାର ଟଙ୍କା ଦରମାରେ ନିଯୁକ୍ତ କରିଥିଲେ। ସ୍ୱାମୀଙ୍କଠାରୁ ଅଲଗା ହୋଇଥିବା ଭାର୍ଗବୀ ତାଙ୍କ ୭ ବର୍ଷର ଝିଅ ସହ ହେମବତୀଙ୍କ ଆପାର୍ଟମେଣ୍ଟରେ ରହୁଥିଲେ। କିନ୍ତୁ ଏକାକୀ ରହୁଥିବା ହେମବତୀଙ୍କୁ ଲୁଟିବା ଭାର୍ଗବୀଙ୍କ ଲକ୍ଷ୍ୟ ଥିଲା। ଏଥିପାଇଁ ସେ ସୁଯୋଗକୁ ଅପେକ୍ଷା କରି ରହିଥିଲେ। ଗତ ଅକ୍ଟୋବରରେ ହେମବତୀଙ୍କ ଆଖି ସମସ୍ୟା ଆସିବା ପରେ ଡାକ୍ତର ତାଙ୍କୁ 'ଆଇ ଡ୍ରପ୍' ପକାଇବାକୁ ପରାମର୍ଶ ଦେଇଥିବା ବେଳେ ଭାର୍ଗବୀଙ୍କ ସଇତାନି ବୁଦ୍ଧି ଜାଗି ଉଠିଥିଲା। ହେମବତୀଙ୍କ ଆଖିରେ ଡାକ୍ତରଙ୍କ କହିବାନୁଯାୟୀ ଆଇ ଡ୍ରପ୍ ନ ପକାଇ ଭାର୍ଗବୀ ପାଣି, ହର୍‌ପିକ୍ ଏବଂ ଝଣ୍ଡୁବାମ୍‌ର ଏକ ମିଶ୍ରଣ ପ୍ରସ୍ତୁତ କରି ତାହାକୁ ପକାଇଥିଲେ। ଫଳରେ କିଛି ଦିନ ପରେ ତାଙ୍କ ଆଖି ସଂକ୍ରମିତ ହୋଇଯାଇଥିଲା। ଏନେଇ ହେମବତୀ ପୁଅ ଶଶିଧରଙ୍କୁ ଜଣାଇବା ପରେ ସ୍ଥାନୀୟ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ବ୍ୟବସ୍ଥା କରାଯାଇଥିଲା। କିନ୍ତୁ ସୁଫଳ ମିଳି ନ ଥିଲା, ବରଂ ଆଖି ଅଧିକ ଖରାପ ହୋଇଥିଲା। ଏହାପରେ ହେମବତୀଙ୍କୁ ତାଙ୍କ ଝିଅ ଉର୍ବଶୀ ଆଉଥରେ ହସ୍ପିଟାଲ ନେଇଥିଲେ ମଧ୍ୟ ରୋଗ ନିରୂପଣ ହୋଇପାରି ନ ଥିଲା। ଏହାପରେ ହେମବତୀ ସମ୍ପୂର୍ଣ୍ଣ ଭାବେ ଦୃଷ୍ଟିଶକ୍ତି ହରାଇ ବସିଥିଲେ। ଫଳରେ ଶଶିଧର ଲଣ୍ଡନରୁ ହାଇଦ୍ରାବାଦ ଆସି ମା'ଙ୍କୁ ଏଲ୍.ଭି. ପ୍ରସାଦ ଆଇ ହସ୍ପିଟାଲକୁ ନେଇଥିଲେ। ତରଳ ବିଷାକ୍ତ ପଡ଼ିଥିବାରୁ ଆଖି ସଂକ୍ରମିତ ହୋଇଥିବା ଡାକ୍ତର ଯାଞ୍ଚ କରି କହିଥିଲେ। ଏହା ଜାଣିବା ପରେ କେୟାରଟେକର ଭାର୍ଗବୀଙ୍କ ଉପରେ ଶଶିଧର ଓ ପରିବାରବର୍ଗଙ୍କ ସନ୍ଦେହ ହୋଇଥିଲା। ଏନେଇ ଅଭିଯୋଗ ହେବା ପରେ ପୋଲିସ ଭାର୍ଗବୀଙ୍କୁ ଜେରା କରିବାରୁ ସେ ସବୁ ସତ କଥା ଓକାଳିଥିଲେ। ହେମବତୀଙ୍କୁ ଅନ୍ଧ କରି ତାଙ୍କଠାରୁ ନଗଦ ୪୦ ହଜାର ଟଙ୍କା, ଦୁଇ ସୁନା ଚୁଡ଼ି, ସୁନାଚେନ ଓ ଅନ୍ୟ ଅଳଙ୍କାର ଚୋରି କରି ନେଇଥିବା ଭାର୍ଗବୀ ମାନିଥିଲେ। ଏହାପରେ ପୋଲିସ ତାଙ୍କୁ କୋର୍ଟ ଚାଲାଣ କରିଥିଲା।

# ଶ୍ୱେତା ସିଂଙ୍କ ଜାମିନ ଖାରଜ

## ବୁଲ୍ଲି ବାଈ ଆପ୍ ମାମଲା

ମୁମ୍ବାଇ, ୪।୩

ବୁଲ୍ଲି ବାଈ ଆପ୍ ଜରିଆରେ ମୁସଲମାନ ମହିଳାଙ୍କ ଫଟୋର ଦୁରୁପଯୋଗ କରି ଟଙ୍କା ଉପାର୍ଜନ ଅଭିଯୋଗରେ ଗିରଫ ହୋଇଥିବା ଶ୍ୱେତା ସିଂଙ୍କ ଜାମିନ ଶୁକ୍ରବାର ଖାରଜ ହୋଇଯାଇଛି। ଏଥରକୁ ମିଶାଇ ସେ ଦୁଇଥର ଜାମିନ ପାଇଁ ଆବେଦନ କରିଥିଲାବେଳେ ଶୁକ୍ରବାର ମୁମ୍ବାଇ ସେସନ୍ସ କୋର୍ଟ ତାଙ୍କ ଜାମିନ ଆବେଦନକୁ ଖାରଜ କରିଛନ୍ତି। ବୁଲ୍ଲି ବାଈ ଆପ୍ ମାମଲାରେ ବର୍ତ୍ତମାନ ସୁଦ୍ଧା ୬ ଜଣଙ୍କୁ ଗିରଫ କରାଯାଇଛି।




ଅନ୍ଧେରୀର ୩୪ ବର୍ଷୀୟା ସାମାଜିକ କର୍ମୀଙ୍କ ଅଭିଯୋଗକ୍ରମେ ମୁମ୍ବାଇ ସାଇବର ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଥିଲା। ବୁଲ୍ଲି ବାଈ ଆପ୍ ଦ୍ୱାରା ପରିଚାଳିତ ଗିଟ୍‌ହବ୍ ପ୍ଲାଟଫର୍ମ ଜରିଆରେ ପାଖାପାଖି ୧୦୦ରୁ ଊର୍ଦ୍ଧ୍ୱ ମୁସଲମାନ ମହିଳାଙ୍କ ଫଟୋ ଏହି ଆପ୍‌ରେ ଅପ୍‌ଲୋଡ୍ କରାଯାଇ ନିଲାମ ଡକାଯାଇଥିଲା।

## ହସ୍ପିଟାଲରେ ନିଆଁ

ଶ୍ରୀନଗର,୪।୩: ଶ୍ରୀନଗର ବାରଗୁଲ୍ଲା ସରକାରୀ ଡାକ୍ତରଖାନାର ଅସ୍ଥିଶଲ୍ୟ ବିଭାଗରେ ଶୁକ୍ରବାର ସନ୍ଧ୍ୟାରେ ବଡ଼ ଧରଣର ଅଗ୍ନିକାଣ୍ଡ ଘଟିଛି। ଘଟଣା ସମୟରେ ଡାକ୍ତରଖାନାରେ ୨୫୦ରୁ ଊର୍ଦ୍ଧ୍ୱ ରୋଗୀ ଏବଂ ସମ୍ପର୍କୀୟ ଉପସ୍ଥିତ ଥିଲେ। ନିଆଁ ଲାଗିବାର କାରଣ ଜଣାପଡ଼ି ନ ଥିବାବେଳେ ଗୁରୁତର ରୋଗୀଙ୍କୁ ଆମ୍ବୁଲାନ୍ସ ଯୋଗେ ଅନ୍ୟତ୍ର ସ୍ଥାନାନ୍ତର କରାଯାଉଛି। ଅଗ୍ନିଶମ ପକ୍ଷରୁ ନିଆଁକୁ ଆୟତ କରାଯିବା ସହ ନିଆଁ ଭିତରେ ଫସିଥିବା ଲୋକଙ୍କ ଉଦ୍ଧାର ଜାରି ରହିଛି। ରିପୋର୍ଟ ଲେଖାଯିବା ବେଳକୁ ଘଟଣାରେ କାହାରି ମୃତ୍ୟୁ ହୋଇ ନ ଥିଲା।

# ବାଣ କାରଖାନାରେ ବିସ୍ଫୋରଣ: ୧୦ ମୃତ

ଭାଗଲପୁର(ବିହାର),୪।୩ (ପି.ଟି.)

ବିହାରର ଭାଗଲପୁର ଜିଲାରେ ଏକ ବେଆଇନ ବାଣ କାରଖାନାରେ ଶୁକ୍ରବାର ବଡ଼ ଧରଣର ବିସ୍ଫୋରଣ ହୋଇଛି। ଏଥିରେ ୧୦ ଜଣଙ୍କ ମୃତ୍ୟୁ ଘଟିବା ସହ ୯ ଜଣ ଗୁରୁତର ଆହତ ହୋଇଛନ୍ତି। ଭୋର ସମୟରେ କାଜବାଲିଚକ ଅଞ୍ଚଳର ମହେନ୍ଦ୍ର ମଣ୍ଡଳଙ୍କ ଘର ଭିତରେ ବିସ୍ଫୋରଣ ହୋଇଥିଲା। ତାଙ୍କ ଘର ଲୋକେ ବେଆଇନ ବାଣ କାରବାରରେ ସମ୍ପୃକ୍ତ ଥିବା କୁହାଯାଉଛି। ବିସ୍ଫୋରଣରେ ମଣ୍ଡଳଙ୍କ ଘର ସମେତ ପାଖରେ ଥିବା ଦୁଇଟି ବିଲ୍ଡିଂ ଧୂଳିସାତ୍ ହୋଇଯାଇଛି। ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ ଏହାର ଶବ୍ଦ ବହୁ ଦୂର ପର୍ଯ୍ୟନ୍ତ ଶୁଣାଯାଇଥିଲା ବୋଲି ଭାଗଲପୁର ଜିଲା ମାଜିଷ୍ଟ୍ରେଟ୍ ସୁବ୍ରତ କୁମାର ସେନ୍ କହିଛନ୍ତି। ବିସ୍ଫୋରଣରେ କେଉଁ ସାମଗ୍ରୀ ବ୍ୟବହାର ହୋଇଥିଲା ଜାଣିବା ପାଇଁ ଫୋରେନସିକ୍ ବିଶେଷଜ୍ଞ ଏବଂ ବୋମା ନିଷ୍କ୍ରିୟକାରୀ ଟିମ୍ ଘଟଣାସ୍ଥଳରେ ପହଞ୍ଚି ନମୁନା ସଂଗ୍ରହ କରିଛନ୍ତି। ମିଳିଥିବା ୧୦ ମୃତଦେହ ଅତ୍ୟନ୍ତ ବିକୃତ ହୋଇଯାଇଥିବାରୁ ପ୍ରଶାସନ ସେମାନଙ୍କୁ ଚିହ୍ନଟ କରିପାରି ନାହିଁ। ଆହତମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଜିଲା ମାଜିଷ୍ଟ୍ରେଟ୍‌ଙ୍କ କହିବା ଅନୁଯାୟୀ ମଣ୍ଡଳ ପୂର୍ବରୁ ବେଆଇନ ବାଣ ଉତ୍ପାଦନରେ ସମ୍ପୃକ୍ତ ଥିଲେ। ୨୦୦୮ରେ ତାଙ୍କ ଘରେ ଅନୁରୂପ ବିସ୍ଫୋରଣରେ ସ୍ତ୍ରୀଙ୍କ ସମେତ ୩ ଜଣଙ୍କ ମୃତ୍ୟୁ ଘଟିଥିଲା।

ବାଣ କାରଖାନା ବିସ୍ଫୋରଣ ମୃତ୍ୟୁ ଘଟଣାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକବ୍ୟକ୍ତ କରିଛନ୍ତି। ସେ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିବା ସହ ସେମାନଙ୍କୁ ସମସ୍ତ ସହାୟତା ଯୋଗାଇ ଦିଆଯିବ ବୋଲି କହିଛନ୍ତି। ମୋଦି ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ସହ ଏ ସମ୍ପର୍କରେ କଥା ହୋଇଛନ୍ତି।



ଭାଗଲପୁରରେ ବାଣ ବିସ୍ଫୋରଣ ପରେ ଧ୍ୱଂସ ବିଲ୍ଡିଂ ମଧ୍ୟରେ ସ୍ୱେଚ୍ଛାସେବୀମାନେ ଉଦ୍ଧାର କାର୍ଯ୍ୟ ଚଳାଇଛନ୍ତି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

URGENT REQUIRED
▸ TELECALLER
▸ OFFICE PEON
Call:8984063447
ହୋଟେଲ ପାଇଁ ଜଳଖିଆ, ମିଠା ମିସ୍ତ୍ରି ଓ ହେଲ୍‌ପର ଆବଶ୍ୟକ।
ଭୁବନେଶ୍ୱର 8984063445

REQUIRED
Young candidate for electricity meter reading work in Bhubaneswar.
*Attractive Salary Package*
Contact:
9938616544, 6371044387
Email id:jitpowertech12345@gmail.com

WANTED
Reputed Construction Company Bhubaneswar Requires
AUTOCAD & 3D Designer-2 Nos., (Minimum 1 Year Experience), Office Boy cum Site Supervisor.
Contact:7205779223

JOB VACANCY
REQUIRED FOR STEEL FACTORY IN AFRICA
- 1 Plant Head.
- 1 Steel Melt Shop - (Induction Furnace, CCM, AOD), Production Manager.
- 1 Project Manager with experience of AOD Installation.
- 1 Scrap Processing Manager.
- 3 Induction Furnace Melter - (More than 20 MT Furnace) .
- 1 Induction Furnace Shift-in-Charge (More than 20 Mt Furnace).
- 2 Induction Furnace Mechanical maintenance.
- 3 Crane Operator - For Scraping Handling.
- 2 CCM Shift-in-Charge - 6/11 CCM or Larger.
- 1 CCM Mould Operator - 6/11 CCM or Larger.
- 1 Cook - (Factory Workers).

Those interested may please share their resumes by email or Phone/Mobile No. +91-9023610554, Email ID: africasteel121@gmail.com

URGENT HIRING
Darshan Security Services Pvt.Ltd. is hiring below mentioned staff for National Council for Cement & Building Materials, Bhubaneswar.

| Sl.No. | Description of Manpower | No. of Required | Minimum Wages |
|---|---|---|---|
| 1 | Graduate Civil Engineer for construction site inspections with a minimum of one year experience in the relevant field. | 03 | Skilled |
| 2 | Field Technician possessing diploma in Civil Engineering or ITI with Minimum of One Year Relevant Field experience. | 03 | Semi Skilled |
| 3 | Lab Technician possessing diploma in Civil Engineering or ITI with Minimum of One Year Relevant Field experience. | 02 | Semi Skilled |
| 4 | Lab Helper possessing 10th Std. Qualification | 02 | Un Skilled |

Age limit for all above post 30 years. Interested candidates please share their resume on DSS231020@gmail.com. Contact:9540530908, 9639884780. Last Date : 10.03.2022

No. W-30

ACCESS TO JUSTICE FOR ALL

## ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ, ୨୦୨୨

ତା ୧୨.୦୩.୨୦୨୨ ରିଖ (ଶନିବାର)

ବିଶେଷ ସୂଚନା

୧ ଆଜ୍ଞା, କୌଣସି କଚେରୀ ରେ ଆପଣଙ୍କର କୌଣସି ମକଦ୍ଦମା ବିଚାରାଧିନ ରହିଛି କି, ବା ଆପଣଙ୍କ ର କାହା ସହିତ କୌଣସି ବିବାଦ ରହିଛି କି?

୨ ତେବେ ଆପଣ ସେ ମକଦ୍ଦମା / ବିବାଦର ସହଜ ଏବଂ ଆପୋଷ ସହମତରେ ସମାଧାନ ପାଇଁ ଲୋକ ଅଦାଲତଙ୍କ ସହାୟତା ନିଅନ୍ତୁ।

୩ ତା ୧୨.୦୩.୨୦୨୨ ରିଖ (ଶନିବାର) ରେ ଉଚ୍ଚ ନ୍ୟାୟାଳୟ ପରିସରରେ ଏବଂ ପ୍ରତ୍ୟେକ ଜିଲ୍ଲା ସ୍ତରୀୟ ଏବଂ ରାଷ୍ଟ୍ର ସ୍ତରୀୟ ଏବଂ ତାଲୁକ୍ ସ୍ତରୀୟ ବିଚାର ବିଭାଗୀୟ କୋର୍ଟ ପରିସର ରେ ଏକ ରାଷ୍ଟ୍ର ସ୍ତରୀୟ ଲୋକ ଅଦାଲତ ଅନୁଷ୍ଠିତ ହେଉଛି।

୪ ଏହି ରାଷ୍ଟ୍ରୀୟ ଲୋକ ଅଦାଲତ ରେ ପ୍ରାୟ ସମସ୍ତ ପ୍ରକାରର ବିଚାରାଧିନ ମକଦ୍ଦମା ଯଥା ଫୌଜଦାରୀ (ସାଲିସ୍ ଯୋଗ୍ୟ), ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ମାମଲା, ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ୍, ଜଳ ଓ ଅନ୍ୟାନ୍ୟ ବିଲ୍ ଦେୟ ଜନିତ ବିବାଦ (ସାଲିସ୍ ବିହିନ ବିବାଦକୁ ବାଦ ଦେଇ), ବୈବାହିକ ବିବାଦ (ଛାଡପତ୍ର ବ୍ୟତିତ), ଜମି ଅଧିଗ୍ରହଣ, ଚାକିରି ସମ୍ବନ୍ଧିୟ (ଦରମା, ଭତା ଓ ଅବସରକାଳୀନ ପ୍ରାପ୍ୟ) ଓ ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଇତ୍ୟାଦିର ଆପୋଷ ସହମତିରେ ସମାଧାନ କରାଯାଇପାରିବ।

୫ କେବଳ ବିଚାରାଧିନ ମକଦ୍ଦମା ନୁହେଁ, ପ୍ରାକ୍-ମକଦ୍ଦମା ସ୍ତରୀୟ (କଚେରୀରେ ଦାୟର ହୋଇନଥିବା) ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ବିବାଦ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ୍, ଜଳ ଓ ଅନ୍ୟାନ୍ୟ ବିଲ୍ ଦେୟ ଜନିତ ବିବାଦ (ସାଲିସ୍ ବିହିନ ବିବାଦକୁ ବାଦ ଦେଇ), ଭରଣପୋଷଣ ବିବାଦ, ଅନ୍ୟାନ୍ୟ ସାଲିସ୍ ଯୋଗ୍ୟ ଫୌଜଦାରୀ ଓ ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଇତ୍ୟାଦିର ମଧ୍ୟ ସମାଧାନ ଏହି ରାଷ୍ଟ୍ରୀୟ ଲୋକଅଦାଲତ ରେ ହୋଇପାରିବ।

୬ ଲୋକ ଅଦାଲତରେ ମକଦ୍ଦମା /ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡେ ନାହିଁ ଏବଂ ଲୋକ ଅଦାଲତଙ୍କ ରାୟ ବୈଧ, ଚୂଡାନ୍ତ ଏବଂ ଅମଳଯୋଗ୍ୟ।

୭ ଯଦି କୌଣସି ବିଚାରାଧିନ ମକଦ୍ଦମା ର ସମାଧାନ ଲୋକ ଅଦାଲତ ମାଧ୍ୟମରେ ହୁଏ, ଆଗରୁ ପଇଠ ହୋଇଥିବା କୋର୍ଟ ଫି ଫେରସ୍ତ ହୋଇପାରିବ।

୮ ଦୀର୍ଘ ଦିନ ଧରି ଚାଲୁରହିଥିବା ମକଦ୍ଦମାର ସହଜ ସମାଧାନ ପାଇଁ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇଁ ଏହି ସୁଯୋଗର ସଦୁପଯୋଗ କରନ୍ତୁ।

୯ ସବିଶେଷ ବିବରଣୀ ନିମେନ୍ତ ଆପଣଙ୍କ ନିକଟସ୍ଥ ଅଦାଲତ ରେ କାର୍ଯ୍ୟରତ ଥିବା ଜିଲ୍ଲା ବା ତାଲୁକ୍ ଆଇନ ସେବା କାର୍ଯ୍ୟାଳୟ ସହ ତୁରନ୍ତ ଯୋଗାଯୋଗ କରନ୍ତୁ।

ସଦସ୍ୟ ସଚିବ
ଓଡିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ, କଟକ
ଯୋଗାଯୋଗ :
ମୋ-୯୪୩୮୫୭୮୫୮୬ ଏବଂ ୯୪୩୭୯୫୯୭୩୧

OIPR-18008/11/0014/2122

# ଆମକୁ ମାରି ଦିଆଯିବ, ରକ୍ଷା କର

## ଉଦ୍ଧାର ପାଇଁ ସୁମିରେ ଫସିଥିବା ଛାତ୍ରୀଛାତ୍ରଙ୍କ ନିବେଦନ

ସୁମି,୪।୩

ଏଠାରେ ନା ଅଛି ଖାଦ୍ୟ, ନା ପାଣି। ପଦାକୁ ବାହାରିବାକୁ ଭୟ ଲାଗୁଛି। ପ୍ରତି ୨୦ ମିନିଟରେ ଏଠାରେ ଗୁଳି ଫୁଟିବା ସହ ଏୟାର ଷ୍ଟ୍ରାଇକର ଭୟ ରହିଛି। ଆମକୁ ରକ୍ଷା କରାଯାଉ ନଚେତ୍ ଆମକୁ ମାରି ଦିଆଯିବ। ଏମିତି କିଛି ବାର୍ତ୍ତା ଦେଇ ୟୁକ୍ରେନ୍‌ର ଉତ୍ତର-ପୂର୍ବାଞ୍ଚଳ ସୁମିରେ ଫସିଥିବା ଭାରତୀୟ ଛାତ୍ରୀଛାତ୍ର ଏକ ଭିଡିଓ ଜାରି କରିଛନ୍ତି। ସୁମିରେ ଫସି ରହିଥିବା ଛାତ୍ରୀଛାତ୍ରଙ୍କ ଉଦ୍ଧାର ପାଇଁ କେନ୍ଦ୍ର ସରକାର କୌଣସି ବ୍ୟବସ୍ଥା କରି ନ ଥିବା କୁହାଯାଉଛି। ସହରରୁ ବାହାରିବା ପାଇଁ ରୁଷିଆ ସୀମାରେ ବସ୍ ବ୍ୟବସ୍ଥା କରାଯାଇଛି। ରୁଷିଆ ପଟୁ ତୁହାକୁ ତୁହା ଆକ୍ରମଣ ଭୟରେ ଛାତ୍ରୀଛାତ୍ରମାନେ ବାହାରକୁ ବାହାରିବା ପାଇଁ ଡରୁଛନ୍ତି। ଖର୍କିଭରେ ୩୦୦ ଏବଂ ସୁମିରେ ୭୦୦ ଜଣ ଭାରତୀୟ ଫସି ରହିଥିବାବେଳେ ସେମାନଙ୍କ ଉଦ୍ଧାର ପାଇଁ ବସ୍ ବ୍ୟବସ୍ଥା କରାଯିବ ବୋଲି ବହିର୍ବ୍ୟାପାର ସଚିବ ଅରିନ୍ଦମ ବାଗଚୀ କହିଛନ୍ତି। ୟୁକ୍ରେନ୍‌ରେ ଫସିଥିବା ଭାରତୀୟଙ୍କ ଉଦ୍ଧାର ପାଇଁ ଅପରେଶନ ଗଙ୍ଗା ସାହାଯ୍ୟରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି।



## ଅତିରିକ୍ତ ସଲିସିଟର ଜେନେରାଲ ପଦରୁ ଅମନଙ୍କ ଇସ୍ତଫା

ନୂଆଦିଲ୍ଲୀ,୪।୩ (ପି.ଟି.): ଭାରତର ଅତିରିକ୍ତ ସଲିସିଟର ଜେନେରାଲ ପଦରୁ ବରିଷ୍ଠ ଆଇନଜୀବୀ ଅମନ ଲେଖି ଶୁକ୍ରବାର ଇସ୍ତଫା ଦେଇଛନ୍ତି। ସେ କେନ୍ଦ୍ର ଆଇନମନ୍ତ୍ରୀ କିରେନ ରିଜିଜୁଙ୍କ ନିକଟକୁ ତାଙ୍କ ଇସ୍ତଫା ପତ୍ର ପଠାଇ ଦେଇଛନ୍ତି। ତେବେ ଇସ୍ତଫାର କାରଣ ସମ୍ପର୍କରେ ସେ କିଛି ଲେଖିନାହାନ୍ତି। ସେ ୨୦୧୮ ମାର୍ଚ୍ଚରେ ଉକ୍ତ ପଦବୀରେ ନିଯୁକ୍ତ ହୋଇଥିଲେ ଏବଂ ୨୦୨୦ ଜୁଲାଇରେ ତାଙ୍କୁ ପୁନଃନିଯୁକ୍ତି ଦିଆଯାଇଥିଲା। ତାଙ୍କ କାର୍ଯ୍ୟକାଳ ୨୦୨୩ ଜୁନ୍ ୩୦ ପର୍ଯ୍ୟନ୍ତ ଥିଲା।

SBI
## ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), ସମ୍ବଲପୁର,
ସା.: ହୁସେନ୍ ହାଉସ୍, ପୋ.: ଅଇଁଠାପାଲି, ଜିଲ୍ଲା: ସମ୍ବଲପୁର, ଓଡ଼ିଶା-୭୬୮୦୦୪,
ଫୋନ୍: ୦୬୬୩-୨୫୪୦୦୨୫, ଇ-ମେଲ: sbi.18398@sbi.co.in

## ଦଖଲ ନୋଟିସ୍
(ସ୍ଥାବର ସମ୍ପତ୍ତି ନିମନ୍ତେ)[ରୁଲ୍ ୮(୧)]

ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୪) ଅନୁଯାୟୀ ଦଖଲ ନିଆଯାଇଥିବା ସମ୍ପତ୍ତି ସମ୍ବନ୍ଧୀୟ ବିଜ୍ଞପ୍ତି ପ୍ରକାଶନ

ଏତଦ୍‌ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ ର ୫୪) ଏବଂ ଧାରା ୧୩(୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୯ ଅନୁଯାୟୀ ନିମ୍ନଲିଖିତ ଆକାଉଣ୍ଟକୁ ନିମ୍ନଦର୍ଶିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଋଣ ରାଶି କଥିତ ନୋଟିସ୍ ପାଇବାର ୬୦ ଦିନ୍ର ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।

ଯେହେତୁ ଋଣଗ୍ରହୀତା ଋଣ ପରିଶୋଧ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ଆକ୍ଟର ରୁଲ ୯ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତି ନିମ୍ନଦର୍ଶିତ ତାରିଖରେ ଦଖଲ ନେଇଛନ୍ତି। ତେଣୁ ବିଶେଷତଃ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତି ଉପରେ କୌଣସି କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ ନିମନ୍ତେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB)ନିକଟରେ ଉତ୍ତରଦାୟୀ ରହିବେ। ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।

| ଋଣଗ୍ରହୀତା/ଜାମିନଦାରମାନଙ୍କ ନାମ ଏବଂ ଠିକଣା/ଆକାଉଣ୍ଟ ନଂ. | ସମ୍ପତ୍ତିର ମାଲିକ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ତାରିଖ | ବକେୟା ପରିମାଣ |
|---|---|---|---|---|---|
| ଋଣଗ୍ରହୀତା: ଶ୍ରୀମତୀ ପ୍ରିୟା ଘୋଷ (ମୃତକ), ସ୍ୱାମୀ: ଶ୍ରୀ କମଳେସ ଘୋଷ ଏବଂ ଶ୍ରୀମତୀ ଗୀତାରାଣୀ ଘୋଷ, ସ୍ୱାମୀ: ଶ୍ରୀ ଶଙ୍କର ଘୋଷ, ସା.: ଷ୍ଟେସନ ରୋଡ୍, ଲମତିବାହାଲ, ପୋ.: ବ୍ରଜରାଜନଗର, ଜିଲ୍ଲା: ଝାରସୁଗୁଡ଼ା, ରାଜ୍ୟ: ଓଡ଼ିଶା, ପିନ୍-୭୬୮୨୧୬ / ଆକାଉଣ୍ଟ ନଂ.:୩୫୮୪୧୮୪୧୪୦୪ (ଟିଏଲ୍) | ଶ୍ରୀମତୀ ଗୀତାରାଣୀ ଘୋଷ | ଶ୍ରୀମତୀ ଗୀତାରାଣୀ ଘୋଷଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୬୧୦/୮୩୨, ପ୍ଲଟ୍ ନଂ.: ୮୬୦, କ୍ଷେତ୍ର: ଏକର୦.୦୮୩ଡିସିମିଲି, କିସମ: ଘରବାରୀ, ମୌଜା: ବ୍ରଜରାଜନଗର ଟାଉନ ୟୁନିଟ୍ ନଂ.: ୧, ଥାନା: ବ୍ରଜରାଜନଗର, ତହସିଲ/ଜିଲ୍ଲା: ଝାରସୁଗୁଡ଼ା, ଓଡ଼ିଶା | ୨୯.୧୧.୨୦୨୧ | ୦୨.୦୩.୨୦୨୨ | ୨୪.୧୧.୨୦୨୧ ସୁଦ୍ଧା ଟ.୨୩,୯୮,୬୯୧/- + ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ |
| ଋଣଗ୍ରହୀତା: ମେସର୍ସ ମେକ୍ସ ଇଣ୍ଡଷ୍ଟ୍ରିଜ, ପରିଚାଳନା ଅଂଶୀଦାରମାନେ: ୧) ଶ୍ରୀ ଶିବାଶିଷ ପାତ୍ର, ପିତା: ୰ ପ୍ରଫୁଲ୍ଲ କୁମାର ପାତ୍ର, ୨) ଶ୍ରୀମତୀ ପ୍ରମୋଦିନୀ ପାତ୍ର, ସ୍ୱାମୀ: ୰ ପ୍ରଫୁଲ୍ଲ କୁମାର ପାତ୍ର, ସା.: ପ୍ଲଟ୍ ନଂ.: ୨୫୨/୯୪୮, ଖାତା ନଂ.: ୧୯/୩୦, ଆରଟିଓ:୨, ଏରୋଡ୍ରିଲ୍ଲା, କମ୍ପ୍ଲେକ୍ସ, ଓମ୍ପେଡ୍ କାରଖାନା ନିକଟ, ରାଉରକେଲା-୭୬୯୦୦୯, ଜିଲ୍ଲା: ସୁନ୍ଦରଗଡ, ରାଜ୍ୟ: ଓଡ଼ିଶା /ଆକାଉଣ୍ଟ ନଂ.:୩୬୫୫୫୬୧୫୧୬୬ (ସିସି), ୩୬୫୫୫୪୭୧୪୯୪(ଟିଏଲ୍) | ମେସର୍ସ ମେକ୍ସ ଇଣ୍ଡଷ୍ଟ୍ରିଜ | ମେସର୍ସ ମେକ୍ସ ଇଣ୍ଡଷ୍ଟ୍ରିଜର ବନ୍ଧକ ଥିବା କାରଖାନା ଏବଂ ଯନ୍ତ୍ରପାତିର ଗଚ୍ଛିତ ଏବଂ ଗ୍ରହଣଯୋଗ୍ୟ | ୩୧.୦୮.୨୦୨୧ | ୦୩.୦୩.୨୦୨୨ | ୩୧.୦୮.୨୦୨୧ ସୁଦ୍ଧା ଟ.୩୬,୩୨,୨୬୦/- + ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ |

ସ୍ଥାନ: ସମ୍ବଲପୁର, ତାରିଖ: ୦୪.୦୩.୨୦୨୨
ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

ଧରିତ୍ରୀ DHARITRI
ଭୁବନେଶ୍ୱର, ଶନିବାର, ୫ ମାର୍ଚ୍ଚ, ୨୦୨୨

"ମୁଁ ଜଣେ ଭକ୍ତ ନୁହେଁ, ମୁଁ ମଧ୍ୟ ଜ୍ଞାନୀ ନୁହେଁ। ମୁଁ ମଧ୍ୟ ଭଗବାନଙ୍କର ଜଣେ କର୍ମୀ ନୁହେଁ। ମୁଁ ତା'ହେଲେ କ'ଣ ? ମୁଁ ପ୍ରଭୁଙ୍କ ହାତରେ ଏକ ଯନ୍ତ୍ର। ମୁଁ ସେହି ଗୋପାଳ ଭଗବାନ ବଜାଉଥିବା ଖଣ୍ଡିଏ ବଂଶୀ ମାତ୍ର। ପ୍ରଭୁଙ୍କ ଶ୍ୱାସ- ପବନରେ ଉଡ଼ିଯାଉଥିବା ପତ୍ରଟିଏ। -ଶ୍ରୀଅରବିନ୍ଦ



# ନିଯୁକ୍ତିକୁ ଚ୍ୟାଲେଞ୍ଜ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ତେଲଙ୍ଗାନା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ମେମ୍ବର ସେକ୍ରେଟାରି ତଥା ଆଇଏଏସ୍ ଅଧିକାରୀ ନୀତୁ କୁମାରୀ ପ୍ରସାଦଙ୍କ ପାଇଁ ଅଡୁଆ ବଢ଼ିଛି। ତାଙ୍କୁ ପଦବୀରୁ ହଟାଇବା ଲାଗି ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବା ସକାଶେ ଜଣେ ସାମାଜିକ କର୍ମୀ ତେଲଙ୍ଗାନା ଉଚ୍ଚନ୍ୟାୟାଳୟରେ ପିଟିଶନ ଦାଏର କରିଛନ୍ତି। କୋର୍ଟର ଏକ ଡିଭିଜନାଲ ବେଞ୍ଚ୍ ମଧ୍ୟ ଏହି ପିଟିଶନର ଶୁଣାଣି କରିବାକୁ ଗ୍ରହଣ କରିଛନ୍ତି। ସୁପ୍ରିମକୋର୍ଟଙ୍କ ଅନୁଯାୟୀ,ଏହି ପଦବୀ ଲାଗି ପରିବେଶ, ଜଙ୍ଗଲ ଏବଂ ବିଜ୍ଞାନ ବିଷୟରେ ବାଧ୍ୟତାମୂଳକ ଯୋଗ୍ୟତା ଏକ ବୈଧାନିକ ଆବଶ୍ୟକତା। ହେଲେ ପ୍ରସାଦ ତାହା ହାସଲ କରିନାହାନ୍ତି ବୋଲି ସମାଜସେବୀ ଜଣକ ଅଭିଯୋଗ କରିଛନ୍ତି। ପ୍ରାରମ୍ଭରୁ ବୋର୍ଡର ମେମ୍ବର ସେକ୍ରେଟାରି ଓ ଅଧ୍ୟକ୍ଷ ପଦବୀରେ ନିଯୁକ୍ତି ପାଇଁ ପ୍ରାର୍ଥୀ ଚୟନ ସକାଶେ ସ୍ଥିରୀକୃତ ଗାଇଡ୍‌ଲାଇନ୍‌ର ବୈଧତା ଉପରେ ପ୍ରଶ୍ନ ଉଠାଇ ରାଜ୍ୟ ଉଚ୍ଚନ୍ୟାୟାଳୟରେ ସମାନ ପ୍ରକାରର ଜନସ୍ୱାର୍ଥ ମାମଲା ଦାଏର କରାଯାଇଥିଲା। ଏହାର ବିଚାର କରି ଉଚ୍ଚନ୍ୟାୟାଳୟ ନିର୍ଦ୍ଦେଶ ଦେଇଥିଲେ ଯେ, ଏହି ପଦବୀ ଲାଗି ରାଜ୍ୟ ସରକାର କେବଳ ଆଇଏଏସ୍ ଓ ଆଇଏଫ୍‌ଏସ୍‌ରୁ ଚୟନ କରିପାରିବେ ନାହିଁ। ପୁନଶ୍ଚ କୋର୍ଟ ମଧ୍ୟ ସୂଚାଇ ଦେଇଥିଲେ ଯେ, ଆଇଏଏସ୍ ଏବଂ ଆଇଏଫ୍‌ଏସ୍‌ଙ୍କ ନିଯୁକ୍ତି ବୋର୍ଡର କାର୍ଯ୍ୟକଳାପକୁ ପ୍ରଭାବିତ କରିବ। ମେମ୍ବର ସେକ୍ରେଟାରି ପଦବୀରେ ସର୍ବନିମ୍ନ କାର୍ଯ୍ୟକାଳ ଦୁଇରୁ ତିନି ବର୍ଷ ରହିବାର ଆବଶ୍ୟକତା ଥିବାବେଳେ ଯେହେତୁ ସରକାର ଏହି ଅଧିକାରୀମାନଙ୍କୁ ଲଗାତର ବଦଳି କରୁଛନ୍ତି ସେଥିପାଇଁ ବୋର୍ଡ କାର୍ଯ୍ୟରେ ବାଧା ଉପୁଜିବ ବୋଲି କୋର୍ଟ ଦର୍ଶାଇଥିଲେ। ଏ ଦୃଷ୍ଟିରୁ ଏବେ ପ୍ରସାଦଙ୍କ ନିଯୁକ୍ତିକୁ ନେଇ ଦାଏର ହୋଇଥିବା ପିଟିଶନ ଉପରେ କିଛି ଭିନ୍ନ ପରିଣାମ ଆସିବାର ସମ୍ଭାବନା ନାହିଁ।

### ରପ୍ତାନି ଟାର୍ଗେଟ୍

ଭାରତର ଦୁର୍ବଳ ରପ୍ତାନି ସ୍ଥିତିକୁ ସୁଧାରିବା ଲାଗି ବାଣିଜ୍ୟ ମନ୍ତ୍ରଣାଳୟର ପୁନର୍ଗଠନ ଆବଶ୍ୟକ। ଜଣାପଡ଼ିଛି ଯେ, ନିକଟରେ ବରିଷ୍ଠ ଅଧିକାରୀଙ୍କ ସହ ଆୟୋଜିତ ବୈଠକରେ ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋଏଲ ମନ୍ତ୍ରଣାଳୟ ପୁନର୍ଗଠନର ଆବଶ୍ୟକତା ଉପରେ ଅଧିକ ଗୁରୁତ୍ୱ ଦେଇଛନ୍ତି। ବିଶ୍ୱ ବାଣିଜ୍ୟରେ ରହିଥିବା ସୁବିଧା ସୁଯୋଗରୁ ଲାଭ ଉଠାଇବା ପାଇଁ ମନ୍ତ୍ରଣାଳୟର ପୁନର୍ଗଠନ ଦରକାର ବୋଲି ଗୋଏଲ ଜୋର୍ ଦେଇଛନ୍ତି। ସେ ବାଣିଜ୍ୟ ମନ୍ତ୍ରଣାଳୟ ସଚିବ ବି.ଭି .ଆର୍.ସୁବ୍ରମଣ୍ୟମ ଏବଂ ତାଙ୍କ ଟିମ୍‌ଙ୍କୁ ୨୦୨୭ ସୁଦ୍ଧା ରପ୍ତାନିକୁ ଆଗକୁ ବଢ଼ାଇବା ସହ ୨ ବିଲିୟନ୍ ଡଲାରର ଟାର୍ଗେଟ ହାସଲ କରିବାକୁ କହିଛନ୍ତି। ଯେଉଁମାନେ ଏହିସବୁ ନୂତନ ବିଚାର ଉପରେ ଅବଗତ ସେମାନେ କହନ୍ତି ଯେ, ନିବେଶ ଓ ବାଣିଜ୍ୟକୁ ପ୍ରୋତ୍ସାହିତ କରୁଥିବା ତଥା ମନ୍ତ୍ରଣାଳୟ ଅଧୀନସ୍ଥ ଡାଇରେକ୍ଟୋରେଟ୍ ଜେନେରାଲ ଅଫ୍ ଫରେନ୍ ଟ୍ରେଡ୍ ଏବଂ ଅନ୍ୟ ସଂସ୍ଥାଗୁଡ଼ିକର ପୁନର୍ଗଠନ ପରେ ସେଗୁଡ଼ିକୁ ରପ୍ତାନି ଟାର୍ଗେଟ ହାସଲ କରିବା ଲାଗି ଫ୍ରି ହ୍ୟାଣ୍ଡ୍ ଦେବା ଉଚିତ। ବୈଠକରେ ଗୋଏଲ ମଧ୍ୟ ସୂଚାଇ ଦେଇଥିଲେ ଯେ, ଏଥିପାଇଁ କାର୍ଯ୍ୟ କରିବା ଲାଗି ବିଶେଷଜ୍ଞମାନଙ୍କୁ ନେଇ ଏକ ଟ୍ରେଡ୍ ରେମିଡିଜ୍ ରିଭ୍ୟୁ କମିଟି ଗଠନ କରାଯିବ । କମିଟିର ଅନୁଧ୍ୟାନଭିତ୍ତିକ ପରିଣାମକୁ ନିଶ୍ଚିତ କରିବା ପାଇଁ ଅର୍ଥ ମନ୍ତ୍ରଣାଳୟ ଏବଂ ଏହାସହ କାର୍ଯ୍ୟ କରୁଥିବା ଅନ୍ୟ ମନ୍ତ୍ରଣାଳୟଗୁଡ଼ିକୁ ମଧ୍ୟ ସାମିଲ କରାଯିବ। ତେବେ ବ୍ରାଣ୍ଡ୍ ଇଣ୍ଡିଆକୁ ମଜଭୁତ କରିବା ଏବଂ ସୁବ୍ରମଣ୍ୟମ ଓ ତାଙ୍କ ସାଥୀମାନଙ୍କ ଦାୟିତ୍ୱ କମ୍ କରିବା ଲାଗି ଏହା ଆଉ ଏକ ପଦକ୍ଷେପ ବୋଲି ସ୍ପଷ୍ଟ ହୋଇଛି।

### ପୋଲିସ ଅଧିକାରୀଙ୍କୁ ଅଙ୍କୁଶ

ନିକଟରେ ଗୁଜରାଟରେ ବ୍ୟାପକ ଘୋଟାଲା ସାମ୍ନାକୁ ଆସିଛି ଓ ଏହାକୁ ନେଇ ରାଜ୍ୟ ମୁଖ୍ୟମନ୍ତ୍ରୀ ଭୂପିନ୍ଦ୍ର ପଟେଲ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। କିଛିଦିନ ହେଲା ପୋଲିସ ଅଧିକାରୀଙ୍କ ବିରୋଧରେ ବହୁ ଲାଞ୍ଚ ଓ ଦୁର୍ନୀତି ଅଭିଯୋଗ ଆସିବାରେ ଲାଗିଛି। ଖୁବ୍ ନିକଟରେ ରାଜକୋଟ ପୋଲିସ କମିଶନର ମନୋଜ ଅଗ୍ରୱାଲଙ୍କ ବିରୋଧରେ ଲାଞ୍ଚ ଅଭିଯୋଗଗୁଡ଼ିକ ଆସିଛି। ଜଣେ ଭାଜପା ବିଧାୟକ ବି ଅଭିଯୋଗ ଆଣିଛନ୍ତି, ଯାହାକୁ ଅଣଦେଖା କରାଯାଇପାରିବ ନାହିଁ। ସୂତ୍ରରୁ ଜଣାପଡ଼ିଛି ଯେ, ପୋଲିସ ଅଧିକାରୀମାନେ ଜବରଦସ୍ତ ଅର୍ଥ ଆଦାୟ ଏବଂ ଜମି ଅଧିଗ୍ରହଣ ଆଇନର ଅପବ୍ୟବହାର ସଂକ୍ରାନ୍ତୀୟ ଅନେକ ଅଭିଯୋଗ ପଟେଲ ସରକାର ଗ୍ରହଣ କରିଛନ୍ତି । କେବଳ ରାଜକୋଟରେ ନୁହେଁ ସାରା ରାଜ୍ୟରେ ଏହା ଏକ ଗମ୍ଭୀର ପ୍ରସଙ୍ଗ ହେବାକୁ ଯାଉଛି। ସରକାର ପୋଲିସ ଅଧିକାରୀଙ୍କ ଉପରେ ଅଙ୍କୁଶ ଲଗାଇବାକୁ ଯାଉଛନ୍ତି। ଜମି କିଣାବିକା ମାମଲାରୁ ସେମାନଙ୍କୁ ଦୂରେଇ ରଖିବା ଲାଗି ସରକାର ମାର୍ଗଦର୍ଶିକା ପ୍ରସ୍ତୁତ କରୁଥିବା ବିଶ୍ୱାସ କରାଯାଉଛି। ସରକାରଙ୍କ ବିନା ଅନୁମତିରେ ଜମିଜମା ସଂକ୍ରାନ୍ତୀୟ ମମଲାରେ ପୋଲିସ ଅଧିକାରୀମାନେ ତଦନ୍ତ କରିପାରିବେ ନାହିଁ ବୋଲି ନୂଆ ନିୟମରେ ଏକ ନିର୍ଦ୍ଦେଶ ରହିବ ବୋଲି କୁହାଯାଉଛି। ବରିଷ୍ଠ ଆଇପିଏସ୍ ଏବଂ ଆଇଏଏସ୍ ଅଧିକାରୀମାନଙ୍କ ବିରୋଧରେ ଥିବା ସବୁ ବଡ଼ଧରଣର ଜମିଜମା ଦୁର୍ନୀତି ଉପରେ ତଦନ୍ତ କରିବା ଲାଗି ସରକାର ଏକ ଉଚ୍ଚ କ୍ଷମତାସମ୍ପନ୍ନ କମିଟି ଗଠନ କରିବା ଲାଗି ମଧ୍ୟ ଯୋଜନା କରୁଛନ୍ତି।

Email: dilipcherian@gmail.com

# ଏମିତି ଜଣେ ଓଡ଼ିଆ ଥିଲେ



ଡ. ପ୍ରଫୁଲ୍ଲ କୁମାର ସାହୁ

ଓଡ଼ିଆ ସ୍ୱାଭିମାନର ପ୍ରତୀକ ବିଜୁ ପଟ୍ଟନାୟକ। ନବ ଉତ୍କଳର ନିଆରା ବିନ୍ଧାଣି। ତାଙ୍କ ନାମ ସ୍ମରଣ ମାତ୍ରେ ଆଖିଆଗରେ ନାଚିଯାଏ ସ୍ୱାଭିମାନ ଓ ସାହସିକତାର ଶିଖର ଛୁଇଁଥିବା ଜଣେ ଉତ୍ତୁଙ୍ଗ ମଣିଷର ଛବି। ପଢ଼ିଆରେ ଫୁଟ୍‌ବଲ ଖେଳିବାଠାରୁ ଆକାଶରେ ବିମାନ ଉଡ଼ାଇବା ପର୍ଯ୍ୟନ୍ତ ସବୁଥିରେ ସେ ଥିଲେ ସାହସୀ, ଧୁରନ୍ଧର ଓ ଦୁର୍ଦ୍ଧର୍ଷ। ଜଣେ ଅଭିଜ୍ଞ ରାଜନୀତିଜ୍ଞ, ସୁଦକ୍ଷ ବୈମାନିକ, ସଫଳ ଶିଳ୍ପୋଦ୍ୟୋଗୀ ଓ ସ୍ୱାଭିମାନୀ ଓଡ଼ିଆ ଭାବରେ ସେ ନିଜର ଘଟଣାବହୁଳ ଜୀବନରେ ଏମିତି କିଛି କାମ କରିଯାଇଛନ୍ତି, ଯାହାକୁ କେନ୍ଦ୍ରକରି ଅନେକ କାହାଣୀ ଓ କିମ୍ବଦନ୍ତୀ ଗଢ଼ିଉଠିଛି ଏବଂ ତାଙ୍କ ନାମ ସହିତ ଯୋଡ଼ି ହୋଇଯାଇଛି ପ୍ରବାଦପୁରୁଷ, ଦ୍ୱିତୀୟ ଖାରବେଳ ଓ ଝଡ଼ର ଇଗଲ ଆଦି ଅନେକ ବର୍ଣ୍ଣାଢ଼୍ୟ ବିଶେଷଣ। ଏସବୁ କୌଣସି ଅନୁଷ୍ଠାନପ୍ରଦତ୍ତ ଉପାଧି ନୁହେଁ, ବରଂ ବୀରତ୍ୱ, ବିବେକ, ଉଦାରତା ତଥା ତାଙ୍କ ବଡ଼ପଣ ବା ମହାନୁଭବତା ପ୍ରତି ଲୋକଙ୍କ ହୃଦୟର ନିରୋଳା ଭଲ ପାଇବାରୁ ଉତ୍ସରିତ ଏକ ଏକ ଶ୍ରଦ୍ଧାସ୍ନାତ ସମ୍ବୋଧନ।

ବାସ୍ତବରେ ବିଜୁବାବୁ ଥିଲେ କୋଟି ଓଡ଼ିଆଙ୍କ ହୃଦୟ ସିଂହାସନରେ ସ୍ଥାନ ପାଇଥିବା ଜଣେ ପ୍ରିୟ ମଣିଷ। ତାଙ୍କ ନିଜ ଭାଷାରେ-'ମୁଁ ଯେମିତି ଓଡ଼ିଶାକୁ ଭଲପାଏ, ମୋତେ ସେମିତି ଅତି ନିବିଡ଼ ଭାବରେ ଭଲପାଏ ଓଡ଼ିଶା। ଓଡ଼ିଶାବାସୀଙ୍କ ସେହି ଅଜସ୍ର ଭଲପାଇବା କାରଣରୁ ବିଜୟାନନ୍ଦ ପଟ୍ଟନାୟକ ଆଜି ବିଜୁବାବୁ ନାମରେ ପରିଚିତ।

ଓଡ଼ିଶା ଓ ଓଡ଼ିଆଙ୍କ ପ୍ରତି ବିଜୁବାବୁଙ୍କ ଭଲପାଇବାରେ ଥିଲା ଏକ ଆବେଗମୟ ଉଚ୍ଛ୍ୱାସ। ସେ ଅନାବିଳ ମମତା କଥା ଭାବିଲେ ଅସୀମ ଦିଗ୍‌ବଳୟ ଆଡକୁ ପ୍ରସରିଯାଏ ପ୍ରତ୍ୟେକ ଓଡ଼ିଆର ବିସ୍ମୟ ବିସ୍ଫାରିତ ନେତ୍ର। ବିଶ୍ୱ ସ୍ତରରେ ଓଡ଼ିଆର ଟେକ ରଖିବା ଥିଲା ବିଜୁବାବୁଙ୍କ ଲକ୍ଷ୍ୟ। ସେହି ଲକ୍ଷ୍ୟ ହାସଲ ପାଇଁ ସେ ଛଟପଟ ହୋଇଛନ୍ତି ସାରା ଜୀବନ। ଓଡ଼ିଆଙ୍କ ଭିତରେ ଓଡ଼ିଆତ୍ୱ ଭରିଦେବା ପାଇଁ ବା ଏକ ସଂକଳ୍ପବଦ୍ଧ ଓଡ଼ିଆ ଜାତି ନିର୍ମାଣ ଲକ୍ଷ୍ୟରେ ସେ ରୋମନ୍ଥନ କରିଛନ୍ତି ଓଡ଼ିଶା ଇତିହାସର ଗୌରବମୟ କାହାଣୀ। ତାଙ୍କ ପ୍ରାଣକୁ ଉଦ୍‌ବେଳିତ କରିଛି ପ୍ରାଚୀନ କଳିଙ୍ଗର ଅନୁପମ ଐଶ୍ୱର୍ଯ୍ୟ।

ଅପରାଜେୟ ସାମ୍ରାଜ୍ୟ ଭାବରେ ଜାତ କଳିଙ୍ଗ ଯେ ଦିନେ ମଗଧ ସମ୍ରାଟ ଅଶୋକଙ୍କ ଦ୍ୱାରା ପରାଜୟବରଣ କରିଥିଲା, ଏ କଥାକୁ ସହଜରେ ଗ୍ରହଣ କରି ନ ପାରି ସେ କଳିଙ୍ଗ ଯୁଦ୍ଧର ଐତିହାସିକ ସତ୍ୟତା ଉପରେ ଉଠାଇଛନ୍ତି କିଛି ବିଚାରାନୁମୋଦିତ ପ୍ରଶ୍ନ। ଐତିହାସିକମାନଙ୍କ ଦକ୍ଷତା ଓ ନିରପେକ୍ଷତାକୁ କାଠଗଡ଼ାକୁ ଟାଣିବା ସହିତ ଖୋଜିଛନ୍ତି ଅଶୋକଙ୍କଠାରୁ ପରାଜୟବରଣ କରିଥିବା କଳିଙ୍ଗ ସମ୍ରାଟଙ୍କ ପରିଚୟ। ଏ ସମ୍ପର୍କରେ ଅଶୋକଙ୍କ ଶିଳାଲେଖ ନୀରବ ଥିବାରୁ ସେ ହାତୀଗୁମ୍ଫା ଶିଳାଲେଖ ସହାୟତାରେ ପାଇଛନ୍ତି ପ୍ରାଚୀନ କଳିଙ୍ଗର ଅନୁପମ ଐଶ୍ୱର୍ଯ୍ୟର ପ୍ରମାଣ। କଳିଙ୍ଗାଃ ସାହସିକାଃ-ଏହି ପ୍ରାଚୀନ ଉକ୍ତି ତାଙ୍କ ଭିତରେ ଭରିଦେଇଛି ଗୌରବମୟ ଅତୀତକୁ ଉଜ୍ଜୀବିତ କରିବାର ଦମ୍ଭିଲାପଣ।



ଓଡ଼ିଆଙ୍କ ଭିତରେ ଓଡ଼ିଆତ୍ୱ ଭରିଦେବା ଆଭିମୁଖ୍ୟ ନେଇ ସେ କହନ୍ତି- କଳିଙ୍ଗ ଶବ୍ଦର ଅର୍ଥ ହେଉଛି ବୀରତ୍ୱ ଓ ସାହସିକତା। ଏକଦା ତାହା ହିଁ ଥିଲା କଳିଙ୍ଗବାସୀଙ୍କ ଚରିତ୍ରର ଭୂଷଣ। ସେମାନେ ଯୁଦ୍ଧଭୂଇଁରେ ବୀରତ୍ୱ ପ୍ରଦର୍ଶନ କରି ଯେମିତି ସାମ୍ରାଜ୍ୟ ବିସ୍ତାର କରିଥିଲେ, ସେମିତି ସାଗରକୁ ସାମ୍ରାଜ୍ୟରେ ପରିଣତ କରିଦେଇଥିଲେ ଦରିଆପାରି ନୌବାଣିଜ୍ୟ ପାଇଁ। କଲମ୍ବସ୍(୧୪୯୨) ଓ ଭାସ୍କୋଡାଗାମା (୧୪୯୮)ଭାରତକୁ ଜଳପଥ ଆବିଷ୍କାର କରିବାର ବହୁ ଶତାବ୍ଦୀ ପୂର୍ବରୁ ପ୍ରାଚ୍ୟ ଏସିଆର ପ୍ରାୟ ପ୍ରତ୍ୟେକ ଦେଶ ସହିତ ବାଣିଜ୍ୟିକ ସମ୍ପର୍କ ପ୍ରତିଷ୍ଠା କରିସାରିଥିଲା କଳିଙ୍ଗର ସାଧବପୁଅ। କଳିଙ୍ଗମାଟିର ପାଇକ ଓ ସାଧବପୁଅ ଏଭଳି ଅକଳ୍ପନୀୟ ସାହସିକତା ପାଇଁ କଳିଙ୍ଗ ନାମକୁ ସେ ଖୁବ୍ ଭଲପାଉଥିଲେ ଏବଂ ଏହି ନାମ ପାଲଟିଯାଇଥିଲା ତାଙ୍କ ପ୍ରାଣର ସ୍ପନ୍ଦନ। ସେଥିପାଇଁ ଓଡ଼ିଶା ପରିବର୍ତ୍ତେ କଳିଙ୍ଗ ନାମକୁ ସେ ବ୍ୟବହାର କରିଛନ୍ତି ସବୁ କ୍ଷେତ୍ରରେ। ପୂର୍ବରୁ ଯେଉଁ କଳିଙ୍ଗ ନାମ କେବଳ ଇତିହାସର ପୃଷ୍ଠା ମଣ୍ଡନ କରୁଥିଲା ସଂଗ୍ରହାଳୟର ନିର୍ଜୀବ ସାମଗ୍ରୀ ଭାବରେ, ସେଥିରେ (୧୯୫୧ପରେ) ପ୍ରାଣ ସଞ୍ଚାର ହେବାକୁ ଲାଗିଲା ବିଜୁବାବୁଙ୍କ ଭାବାବେଗ ବଳରେ। ବସ୍ତୁତଃ ବ୍ୟବହାରର ବ୍ୟାପକତା ଦୃଷ୍ଟିରୁ କଳିଙ୍ଗ ନାମ ସହିତ ଯୋଡ଼ି ହୋଇଗଲା ବିଜୁବାବୁଙ୍କ ଜାତିପ୍ରାଣତାର ସ୍ୱର ଓ ସଂକଳ୍ପ। କେବଳ କଳିଙ୍ଗ ନୁହେଁ, କଳିଙ୍ଗାଧିପତି ଐର ଖାରବେଳଙ୍କ ନାମ ଥିଲା ତାଙ୍କର ଅତି ପ୍ରିୟ। ତାଙ୍କୁ ଆଦ୍ୟରୁ ଉଦ୍‌ବୋଧିତ କରିଥିଲା ମଗଧକୁ ପରାସ୍ତ କରି ଗଙ୍ଗାରୁ ଗୋଦାବରୀ ପର୍ଯ୍ୟନ୍ତ ସାମ୍ରାଜ୍ୟ ବିସ୍ତାର କରିପାରିଥିବା ସମ୍ରାଟ ଖାରବେଳଙ୍କ ପରାକ୍ରମ। ତାଙ୍କ ଭଳି ଜଣେ ପରାକ୍ରମଶାଳୀ, ଉଦାରମନା, ଗୁଣଗ୍ରାହୀ ତଥା ସର୍ବଧର୍ମ ସମନ୍ୱୟକାରୀ ସୁଶାସକଙ୍କ ନାମ ସହିତ ଓଡ଼ିଆ ଜାତିର ଶକ୍ତି, ସାମ୍ରାଜ୍ୟ, ପ୍ରତିଷ୍ଠା ଓ ପ୍ରଭୁତ୍ୱ ଯୋଡ଼ିହୋଇ ରହିଥିବାରୁ ତାଙ୍କୁ ଆଦର୍ଶ ଭାବରେ ଗ୍ରହଣ କରି ସେ ଆରମ୍ଭ କରିଛନ୍ତି ନୂଆ ଓଡ଼ିଶା ଗଢ଼ିବାର ସଂକଳ୍ପବଦ୍ଧ ପ୍ରୟାସ। ସମ୍ରାଟ ଖାରବେଳଙ୍କ ବଂଶଧର ଭାବରେ ଗର୍ବର ସହିତ ସେ କହିଛନ୍ତି-''ମୁଁ ଖାରବେଳ ଜାତିର ଦାୟାଦ। ପୁରୁଷୋତ୍ତମ ଦେବଙ୍କ ବଂଶଧର। ମୋ ସଂସ୍କୃତି ଜଗନ୍ନାଥ ସଂସ୍କୃତି। କଳାର ଉତ୍କର୍ଷ ପାଇଁ ମୋ ରାଜ୍ୟର ନାମ କଳିଙ୍ଗ। ଏହି କଳିଙ୍ଗ ହେଉଛି ମୋ ମାଆ। ନିଜ ଜୀବନ ବିନିମୟରେ ମା' ପାଇଁ ଯଦି କିଛି କରିପାରିବି, ତେବେ ସାର୍ଥକ ହେବ ଜୀବନ।'' ତାଙ୍କ ମତରେ ଏହି ହେଉଛି ସେହି ଓଡ଼ିଶା ବା କଳିଙ୍ଗ, ଯେଉଁଠି ରଚିତ ହୋଇଥିଲା 'ଗୀତ ଗୋବିନ୍ଦ'। ଏହି ସ୍ଥାନରେ ପଠାଣି ସାମନ୍ତଙ୍କ ଭଳି ବୈଜ୍ଞାନିକ ଜନ୍ମ ନେଇଥିଲେ, ଯିଏ ଖାଲି ଆଖିରେ ଆକାଶକୁ ଚାହିଁ ଆବିଷ୍କାର କରିପାରିଥିଲେ ଜଟିଳ ମହାକାଶ ତତ୍ତ୍ୱ। ଗୋଟିଏ ରାଜ୍ୟ ଯେଉଁଠାରେ ସବୁଠାରୁ ପ୍ରସିଦ୍ଧ ବୈଜ୍ଞାନିକ, ଗଣିତଜ୍ଞ, ବିଦ୍ୱାନ୍, କାରିଗର, ବାସ୍ତୁବିତ୍ର, ସଙ୍ଗୀତଜ୍ଞ, ନୃତ୍ୟାଙ୍ଗନା ଓ ମହାନ୍ ସଂସ୍କୃତିର ଲୋକ ଭରି ରହିଥିବେ,ସେହି ହେଉଛି ମୋ ସ୍ୱପ୍ନର ଓଡ଼ିଶା। ତାହାହିଁ ମୋ ଜୀବନର ସ୍ୱପ୍ନ।

ନିଜର ଅଭିଳଷିତ ସ୍ୱପ୍ନ ସମ୍ପର୍କରେ ପ୍ରକାଶ କରିବାକୁ ଯାଇ ସେ ଗୁରୁଦେବ ରବୀନ୍ଦ୍ର ନାଥ ଟାଗୋରଙ୍କ ଉକ୍ତିକୁ ଉଦ୍ଧାରକରି କହନ୍ତି- ''ଯେତେବେଳେ ବି ସ୍ୱପ୍ନ ଦେଖିବ ବଡ଼ ବଡ଼ ସ୍ୱପ୍ନ ଦେଖ। କେବଳ ବଡ଼ ବଡ଼ ସ୍ୱପ୍ନ ଦେଖିଲେ ବଡ଼ ବଡ଼ କାର୍ଯ୍ୟ କରିହେବ।''

ରାଜନୀତି କ୍ଷେତ୍ରରେ ବିଜୁବାବୁ ଥିଲେ ଜଣେ ଭିନ୍ନ ବ୍ୟକ୍ତିତ୍ୱ। ଭାରି ରୋକ୍‌ଠୋକ୍ ଓ ବେପରୁଆ । ଆଜିକାଲି ନେତାଙ୍କ ପରି ଜୟଧର୍ମକୁ ସେ ରାଜଧର୍ମ ଭାବରେ ଗ୍ରହଣ କରୁ ନ ଥିଲେ କି ଭୋଟ ହାତେଇବା ପାଇଁ ଅଜାଡି ଦେଉ ନ ଥିଲେ ସ୍ୱର୍ଗରୁ ଚାନ୍ଦ ତୋଳି ଆଣିବାର ପ୍ରତିଶ୍ରୁତି। କାରଣ ଜୟଧର୍ମ ନୁହେଁ, ଦୁର୍ବାର ଦୁଃସାହସ ମଧ୍ୟରେ ଦେଶ ଓ ଜାତିକୁ ଆଗକୁ ନେବା ଥିଲା ତାଙ୍କର ରାଜନୈତିକ ଆଦର୍ଶର ମୂଳକଥା। କ୍ଷମତା ହାତେଇବା ନିଶାରେ ଦେଶର ସ୍ୱାର୍ଥକୁ ବଳି ଦେବାର ଯେଉଁ ହୀନମନ୍ୟତା ବର୍ତ୍ତମାନର ନେତାଙ୍କୁ ଗ୍ରାସ କରିଛି, ବିଜୁବାବୁ ଥିଲେ ତା'ଠାରୁ ବହୁ ଦୂରରେ। ଓଡ଼ିଶା ପ୍ରତି ତାଙ୍କ ଅନାବିଳ ଭଲପାଇବା ଯୋଗୁ ସମଗ୍ର ରାଜ୍ୟ ଥିଲା ତାଙ୍କ ନଖ ଦର୍ପଣରେ। ଓଡ଼ିଶାର ପ୍ରାୟ ଏମିତି କୌଣସି ଅଞ୍ଚଳ ନାହିଁ, ଯେଉଁଠି ପଡ଼ିନାହିଁ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ପାଦ। ଓଡ଼ିଶାରେ ପ୍ରାୟ ଏମିତି କେହି ଲୋକ ବି ନାହିଁ, ଯିଏ କେବେ ଶୁଣିନାହିଁ ଜାତିପ୍ରାଣ ବିଜୁ ପଟ୍ଟନାୟକଙ୍କ ନାମ। ତା'ର ରୂପରେଖ ଆଙ୍କିବାକୁ ଯାଇ ସେ କହୁଥିଲେ ରାଜ୍ୟର ପ୍ରତ୍ୟେକ ଲୋକଙ୍କ ମୁଣ୍ଡ ଉପରେ ଖଣ୍ଡିଏ ଭଲ ଛାତ, ସବୁ ପରିବାରକୁ ପିଇବାପାଣି, ସବୁ ପିଲାଙ୍କ ପାଇଁ ଭଲ ସ୍କୁଲ ଓ ସମସ୍ତଙ୍କ ପାଇଁ ମାଗଣାରେ ଭଲ ସ୍ୱାସ୍ଥ୍ୟସେବା ଇତ୍ୟାଦି ଯୋଗାଇବା ଥିଲା ତାଙ୍କର ଲକ୍ଷ୍ୟ।

ସମଗ୍ର ଦେଶରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା କାର୍ଯ୍ୟକାରୀ ହେବାର ପ୍ରାୟ ଅଢ଼େଇ ବର୍ଷ ପୂର୍ବରୁ ତାକୁ ଏଠାରେ ସେ କାର୍ଯ୍ୟକାରୀ କରିଥିଲେ ଏକ ନୂଆ ରୂପରେ। ଆଇନରେ ବ୍ୟାପକ ସଂଶୋଧନ ଆଣି ପଞ୍ଚାୟତ ନିର୍ବାଚନରେ ମହିଳାଙ୍କ ପାଇଁ ରଖିଥିଲେ ଶତକଡା ୩୩ଭାଗ ଆସନ ସଂରକ୍ଷଣ ବ୍ୟବସ୍ଥା। ଅର୍ଥାତ କ୍ଷମତା ବିକେନ୍ଦ୍ରୀକରଣ ଏବଂ ମହିଳାଙ୍କୁ ସୁରକ୍ଷା ଓ ସମ୍ମାନ ପ୍ରଦାନ କ୍ଷେତ୍ରରେ ସେ ଥିଲେ ଭାରତବର୍ଷର ଜଣେ ଦୃଷ୍ଟାନ୍ତ ସୃଷ୍ଟିକାରୀ ନେତା। ଏହି କାରଣରୁ ବିଜୁବାବୁଙ୍କ ଜନ୍ମଦିନ(ମାର୍ଚ୍ଚ-୫)କୁ ପଞ୍ଚାୟତିରାଜ ଦିବସ ଭାବେ ପାଳନ କରୁଛି (୧୯୯୩ମସିହାରୁ) ରାଜ୍ୟ। ଓଡ଼ିଶାର ମୁଖ୍ୟମନ୍ତ୍ରୀ ବା କେନ୍ଦ୍ରମନ୍ତ୍ରୀ ଭାବରେ ସେ ଦୀର୍ଘକାଳ ଧରି କ୍ଷମତାସୀନ ନ ଥିଲେ ସତ, ମାତ୍ର ଜଣେ ମହାନ୍ ଜନନାୟକ ଭାବରେ ଲୋକଙ୍କ ହୃଦୟ ଭିତରେ ସେ ଅଛନ୍ତି ଓ ରହିବେ କାଳ କାଳ ପାଇଁ।

ଅଧ୍ୟକ୍ଷ, ଫୁଲମତୀ ହେମ୍ବ୍ରମ ମହାବିଦ୍ୟାଳୟ, ମୟୂରଭଞ୍ଜ।
ମୋ-୬୩୭୧୬୪୨୪୬୪

# ସବୁ ରାତି ପୂନିଅଁ ରାତି



ଡ. ନରେନ୍ଦ୍ରକୁମାର ସେଠୀ

ଆଧୁନିକ ବିଜ୍ଞାନ ମଣିଷକୁ ଭୋଗ ବିଳାସ ଓ ଐଶ୍ୱର୍ଯ୍ୟପୂର୍ଣ୍ଣ ସୁଖ ସୁବିଧା ପ୍ରଦାନ କରିଛି, ଯେଉଁଥିପାଇଁ ମଣିଷ କୃତ୍ରିମ ଉପାୟରେ ଅନେକ ଜିନିଷ ତିଆରି କରିପାରିଛି। ନିଜ ପାଇଁ ଘର, ବସ୍ତ୍ର, ଖାଦ୍ୟ, ବାହନ ଇତ୍ୟାଦିଠାରୁ ଆରମ୍ଭକରି ଜୀବନ୍ତ ଯନ୍ତ୍ର ମାନବ ପର୍ଯ୍ୟନ୍ତ ଅନେକ ଜିନିଷ ବିଜ୍ଞାନ ଆମକୁ ଦେଇଛି। ସେହିପରି ବିଜ୍ଞାନର ଆଉ ଏକ ଚମତ୍କାର ହେଲା କୃତ୍ରିମ ଜହ୍ନ। ନିଜର ଆବଶ୍ୟକତା ପାଇଁ ମଣିଷ ଜହ୍ନ ତିଆରି କରି ଆକାଶରେ ଛାଡ଼ିବାକୁ ସଜବାଜ ହେଲାଣି। ଏହା ଚିନ୍ତାକଲେ ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ ସତ। ଯେମିତି ଜହ୍ନର ଆଲୋକ ନ ଥାଏ ଓ ଏହା ସୂର୍ଯ୍ୟ ଆଲୋକକୁ ପୃଥିବୀ ଉପରେ ପ୍ରତିଫଳିତ କରିଥାଏ, ସେହିପରି ଏହି କୃତ୍ରିମ ଜହ୍ନ କାର୍ଯ୍ୟ କରିବ। ତେବେ ପ୍ରାକୃତିକ ଜହ୍ନ ଆକାରରେ ଖୁବ୍ ବଡ଼ ଓ ଏହା ପୃଥିବୀ ଉପରେ ୩ଲକ୍ଷ ୮୦ ହଜାର କିଲୋମିଟର ଥିବାବେଳେ କୃତ୍ରିମ ଜହ୍ନ ମାତ୍ର ପାଞ୍ଚ ଶହ କିଲୋମିଟର ଉପରେ ରହିବ। ଜହ୍ନ ପୃଥିବୀ ପରି ମାଟି ପଥରରେ ତିଆରି ହୋଇଥିବା ବେଳେ କୃତ୍ରିମ ଜହ୍ନ ଏକ ଧାତୁ ନିର୍ମିତ ଯନ୍ତ୍ର। ଏହି କୃତ୍ରିମ ଜହ୍ନ ପ୍ରକୃତରେ ଏକ ଆଲୋକୀକରଣ ଉପଗ୍ରହ, ଯାହା ଦର୍ପଣ ପରି ସୂର୍ଯ୍ୟ ଆଲୋକକୁ ପୃଥିବୀ ଉପରେ ବିଚ୍ଛୁରିତ କରିବ। ସବୁଠୁ ବଡ଼ କଥା ହେଲା ଏହି ଆଲୋକୀକରଣ ଉପଗ୍ରହକୁ ବୈଜ୍ଞାନିକମାନେ ନିଜ ଇଚ୍ଛାରେ ନିୟନ୍ତ୍ରଣ କରିପାରିବେ ଓ ଏହାର ଆଲୋକ ଜହ୍ନ ଆଲୋକଠାରୁ ଆଠଗୁଣ ଅଧିକ ହେବ।

ନିକଟରେ ଚାଇନା ଏହାର ପରୀକ୍ଷଣ କରିବାକୁ ଯାଇ ଛେଙ୍ଗଡୁ ସହରକୁ ଆଲୋକିତ କରିବା ପାଇଁ ଲକ୍ଷ୍ୟ ରଖିଛି। ନବେ ଦଶକରେ ପ୍ରଥମ କରି ରୁଷିଆ କୃତ୍ରିମ ଜହ୍ନ ପାଇଁ ଆଲୋକୀକରଣ ଉପଗ୍ରହ ପ୍ରେରଣ କରିଥିଲା। ମାତ୍ର ବିଫଳ ହେବାରୁ ଏହି ଯୁଗାନ୍ତକାରୀ କାର୍ଯ୍ୟକ୍ରମକୁ ସ୍ଥଗିତ କରିଦିଆଗଲା। ତେବେ ଚାଇନା ଯଦି ଏହି ପରୀକ୍ଷାରେ ସଫଳ ହୁଏ ତାହାଲେ ଏହା ମାନବ ସଭ୍ୟତା ପାଇଁ ଏକ ବରଦାନ ହେବ କହିଲେ ଭୁଲ ହେବନି। ପୃଥିବୀର ସବୁ ବଡ଼ ବଡ଼ ସହରର ବ୍ୟୟବହୁଳ ଷ୍ଟ୍ରିଟ୍ ଲାଇଟ ବ୍ୟବସ୍ଥା ଖୁବ୍ ଶସ୍ତା ଓ ସହଜରେ କୃତ୍ରିମ ଜହ୍ନ ଉପରେ ନିର୍ଭରଶୀଳ ହୋଇଯିବ। ଖାଲି ସେତିକି ନୁହେଁ ବିଜୁଳି ବ୍ୟବସ୍ଥା ନଥିବା ଦୁର୍ଗମ ଅଞ୍ଚଳଗୁଡ଼ିକରେ କିମ୍ବା ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଏହି କୃତ୍ରିମ ଆଲୋକୀକରଣ ଉପଗ୍ରହକୁ ଫୋକସ କରି ଆଲୋକିତ କରିହେବ। ଉଦାହରଣ ସ୍ୱରୂପ ଚାଇନାର ବେଜିଂ ସହରରେ ଏହିପରି ତିନୋଟି ଆଲୋକୀକରଣ ଉପଗ୍ରହ ଲଗେଇ ଛଅ ହଜାର ବର୍ଗ କିଲୋମିଟର ଅଞ୍ଚଳକୁ ଆଲୋକିତ କରିବାର ଲକ୍ଷ୍ୟ ରଖା ଯାଇଛି, ଯାହାଦ୍ୱାରା ବର୍ଷକୁ ତେରଶ କୋଟି ଟଙ୍କା ଖର୍ଚ୍ଚ ହେବାରୁ ରକ୍ଷାପାଇଯିବ। ରାସ୍ତାକଡ଼ରେ ଛିଡ଼ା ହୋଇଥିବା ମାଳ ମାଳ ବତିଖୁଣ୍ଟଗୁଡ଼ିକ ଦିନେ ସ୍ୱପ୍ନ ହୋଇଯିବ। ସଞ୍ଜ ହେଲା ମାତ୍ରେ କଣ୍ଟ୍ରୋଲରୁମ୍‌ରେ ଥିବା ଅପରେଟର ତା'ର କରାମତି ଦେଖେଇ କୃତ୍ରିମ ଜହ୍ନର ସ୍ୱିଚ୍ ଟିପିଦେବ ଓ ସାରା ସହର ଆଲୋକିତ ହୋଇଯିବ। ସବୁଠୁ ବଡ଼ କଥା ହେଲା ଏହାର ଆଲୋକକୁ ନିୟନ୍ତ୍ରଣ କରିହେବ ଓ ଯେଉଁଠି ଦରକାର ସେଠାକୁ ଫୋକସ କରିହେବ। ତେବେ ଏହି କୃତ୍ରିମ ଜହ୍ନର ଆକାର ମାତ୍ର କେଇ ଫୁଟ୍ ବ୍ୟାସର ହୋଇଥିବାରୁ ଆକାଶରେ ମାଳ ମାଳ ଜହ୍ନର ଭ୍ରମ ସୃଷ୍ଟି ହେବ ନାହିଁ। ଏହା ଖାଲି ଏକ ଉଜ୍ଜ୍ୱଳ ତାରା ପରି ଦୂରରୁ ପରିଲକ୍ଷିତ ହେବ।

ତେବେ ପରିବେଶ ବିଜ୍ଞାନୀମାନେ କୃତ୍ରିମ ଜହ୍ନର ଏହି ଉଜ୍ଜ୍ୱଳ ଆଲୋକରେ ଅନେକ ଆଶଙ୍କା ମଧ୍ୟ ବ୍ୟକ୍ତ କରିଛନ୍ତି। ଏହା ଦ୍ୱାରା ପୃଥିବୀ ଉପରେ ମାନବ ଓ ଜୀବଜନ୍ତୁମାନଙ୍କର ଶୟନଶୈଳୀ ଉପରେ ପ୍ରଭାବ ପଡ଼ିପାରେ ଓ ରାତ୍ରିଚର ପ୍ରାଣୀମାନେ ଅଡୁଆରେ ପଡ଼ିପାରନ୍ତି। ତେଣୁ ପ୍ରଥମ କରି ଏହି ପରୀକ୍ଷଣକୁ ମରୁଭୂମି ଅଞ୍ଚଳରେ କରିବାକୁ ସ୍ଥିର କରାଯାଇଛି। ତେବେ ଏହି କୃତ୍ରିମ ଜହ୍ନ ତିଆରି କରିବାର ପ୍ରେରଣା ରୁଷିଆର ପ୍ରଖ୍ୟାତ ପଦାର୍ଥ ବିଜ୍ଞାନୀ ଆଣ୍ଡ୍ରେ ଜିମ୍‌ଙ୍କ ଯୁଗାନ୍ତକାରୀ ପରୀକ୍ଷଣରୁ ଆସିଥିଲା। ସେ ମାଧ୍ୟାକର୍ଷଣ ବଳକୁ ଶକ୍ତିଶାଳୀ ଚୁମ୍ବକୀୟ ବଳ ପ୍ରୟୋଗ କରି ଏକ ବେଙ୍ଗକୁ ଶୂନ୍ୟରେ ଝୁଲେଇ ରଖିପାରି ବିଜ୍ଞାନ ଜଗତରେ ଚହଳ ସୃଷ୍ଟି କରିଥିଲେ। ଏହି ଯୁଗାନ୍ତକାରୀ ଉଦ୍ଭାବନ ପାଇଁ ତାଙ୍କୁ ନୋବେଲ ପୁରସ୍କାର ମିଳିଲା। ଜହ୍ନରେ ମଧ୍ୟ ମାଧ୍ୟାକର୍ଷଣ ବଳ ପୃଥିବୀ ଅପେକ୍ଷା ଛଅ ଗୁଣ କମ୍ ଥାଏ ଓ ପୃଥିବୀ ଉପରେ ଜହ୍ନର ବାତାବରଣ ତିଆରି କରି ଅନେକ ବୈଜ୍ଞାନିକ ପରୀକ୍ଷା କରିବାକୁ ପ୍ରଥମେ କୃତ୍ରିମ ଜହ୍ନ ତିଆରି କରିବାକୁ ଅନେକ ଦେଶ ଆଗେଇ ଆସିଥିଲେ। ଫଳରେ ଭବିଷ୍ୟତରେ ଜହ୍ନରେ ଜନବସତି ସ୍ଥାପନ କରିବାର ମଣିଷର ସ୍ୱପ୍ନକୁ ସାକାର କରିବାକୁ ଏହା ସାହାଯ୍ୟ କରିବ। ମାତ୍ର ଏଥିରେ କେଇ ପାଦ ଆଗକୁ ଯାଇ ଚାଇନା ସହରଗୁଡ଼ିକୁ ଆଲୋକିତ କରିବାକୁ ଯେଉଁ ଚେଷ୍ଟା କରୁଛି ତାହା ମାନବ ସମାଜ ପାଇଁ ଏକ ଆଶୀର୍ବାଦ ସାବ୍ୟସ୍ତ ହେବ। ଯଦି ଏହି ପରୀକ୍ଷାରେ ମଣିଷ ସଫଳ ହୁଏ ତାହାଲେ ପୃଥିବୀର ସବୁ ସହରର ପରିବେଶ ବଦଳିଯିବ। ଆଉ କୋଟି କୋଟି ଟଙ୍କା ବ୍ୟୟରେ ବିଜୁଳିଖୁଣ୍ଟ ଲଗେଇ ସହରଗୁଡ଼ିକୁ ଆଲୋକୀକରଣ କରିବାକୁ ପଡ଼ିବ ନାହିଁ। ସବୁ ସହର ଉପରେ ଗୋଟେ ଗୋଟେ ଆଲୋକୀକରଣ ଉପଗ୍ରହ ରହି ତାକୁ ଆଲୋକିତ କରିବ। ଖରା ବର୍ଷା ଝଡ଼ ତୋଫାନରେ ଏହି ଆଲୋକ ବ୍ୟବସ୍ଥାରେ କିଛି ବାଧା ଆସିବ ନାହିଁ । ଯଦି କେଉଁ ଦୁର୍ଗମ ଅଞ୍ଚଳରେ କିଛି ପ୍ରାକୃତିକ ବିପ୍ରାତ ଆସିଛି ସେଠାରେ ଦିନରାତି ଉଦ୍ଧାର କାମ କରିବା ପାଇଁ ଏହି ଆଲୋକୀକରଣ ଉପଗ୍ରହକୁ ଉପଯୋଗ କରିହେବ। ସବୁଠୁ ବଡ଼ କଥା ହେଲା ମଣିଷ ଏହି କୃତ୍ରିମ ଜହ୍ନର ଅଲୋକକୁ ନିଜ ଇଚ୍ଛାରେ ନିୟନ୍ତ୍ରିତ କରିପାରିବ। ତେବେ ସେ ଯାହା ହେଉ ବିଜ୍ଞାନ ଯେ ଦିନେ ସବୁ ରାତିକୁ ପୂନିଅଁ ରାତି କରିଦେବ ସେଦିନ ଆଉ ଦୂର ନୁହେଁ।

ମୋ:୭୦୦୪୦୬୮୧୧୦

## ଏଇ ଭାରତରେ

ଆଇନ ଡିଗ୍ରୀ ହାସଲ କରିବା ପରେ ଜଣେ ଆଇନଜୀବୀ ରୋଜଗାର ଲକ୍ଷ୍ୟ ନେଇ କାମ କରୁଥିବାବେଳେ ତାମିଲନାଡୁର ସି ଗୁଣସେକର କିନ୍ତୁ ଭିନ୍ନ ଧାରାରେ ଚାଲିଛନ୍ତି। ସେ ୨୦ ବର୍ଷ ହେଲା ଇଣ୍ଟରକାଷ୍ଟ କପଲ ବା ଆନ୍ତଃଜାତି ଦମ୍ପତିଙ୍କ କଲ୍ୟାଣ ଲାଗି କାର୍ଯ୍ୟ କରୁଛନ୍ତି। ଏଭଳି ୨୦୦ ଦମ୍ପତିଙ୍କୁ ସେ ଏକାଠି କରିବାରେ ସକ୍ଷମ ହୋଇଛନ୍ତି। ଆନ୍ତଃଜାତି ବିବାହକୁ ନେଇ ବୃଦ୍ଧିପାଉଥିବା ଅନରକିଲିଂ ମୃତ୍ୟୁ ରୋକିବା ଲାଗି ଦମ୍ପତିମାନଙ୍କୁ ଆଇନଗତ ଓ ସାମାଜିକ ସୁରକ୍ଷା ଯୋଗାଇ ଦେଉଛନ୍ତି। ୨୦୧୧ରେ ଆଇନରେ ଡିଗ୍ରୀ ହାସଲ କଲା ପରେ ସେ ଆମ୍ବେଡକର ପେରିୟାର ଇଣ୍ଟରକାଷ୍ଟ ମ୍ୟାରେଡ କପଲ୍ସ ଆଶୋସିଏଶନ ଗଠନ କରି ଆନ୍ତଃଜାତି ବିବାହ ସମ୍ପାଦନ କରୁଛନ୍ତି। ଏହାବାଦ ୨୦୧୭ରେ 'ଅଧନିନାଲ କଧଲ ସିଭର' (ଏକେଏସ୍) ଏନ୍‌ଜିଓ ଗଠନ କରି ଆଇନଗତ ସହାୟତା ଯୋଗାଇ ଦେଉଛନ୍ତି। ଉକ୍ତ ଏନ୍‌ଜିଓ ନାମର ଅର୍ଥ ହେଉଛି 'ଏଣୁ ଆଗେଇଯାଅ ଓ ଭଲ ପାଅ'। ଏନ୍‌ଜିଓରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ପ୍ରାୟ ୩୦୦ ଆଇନଜୀବୀ ଯୋଡ଼ି ହୋଇଛନ୍ତି। ଦମ୍ପତିମାନଙ୍କ ସୁରକ୍ଷା ପ୍ରତି ମଧ୍ୟ ଧ୍ୟାନ ଦିଆଯାଉଛି। ଏବେ ତ୍ରିଚି ସେଫ୍ ହାଉସ୍‌ରେ ୧୦-୧୫ ଦମ୍ପତି ରହିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

ୡ ମାର୍ଚ୍ଚ ୧୯୯୭

- ସିଓଲର ପୂର୍ବତନ ମେୟର କୋ କୁନ୍‌ଙ୍କୁ ଦକ୍ଷିଣ କୋରିଆର ନୂତନ ପ୍ରଧାନମନ୍ତ୍ରୀ ଭାବରେ ଦେଶର ରାଷ୍ଟ୍ରପତି କିମ୍ ୟଙ୍ଗ ସାମ୍ ନିଯୁକ୍ତି ଦେଇଛନ୍ତି।
- ଆଲ୍‌ବାନିଆର ରାଷ୍ଟ୍ରପତି ସାଲୀ ବେରିଶା ଦ୍ୱିତୀୟ ଥର ପାଇଁ ରାଷ୍ଟ୍ରପତି ଭାବରେ ଶପଥ ଗ୍ରହଣ କରିଛନ୍ତି।
- ଉତ୍ତରପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ଦର୍ଶନ ସିଂ ଯାଦବ ନିଜ ପଦବୀ ତଥା ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି।

## sudoku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 2 | | | 7 | | 9 | 5 | | |
| | 3 | | | | 6 | 4 | | |
| 7 | | | | 4 | | | | |
| | | | | | | | 2 | 6 |
| | 7 | | | 6 | | | | 4 |
| | | | 1 | 9 | | 8 | | |
| | | 2 | | | | | | 3 |
| 4 | 8 | | | | | 1 | | |
| | | 3 | 5 | | | | | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 3 | 5 | 4 | 1 | 9 | 2 | 8 | 7 |
| 8 | 1 | 2 | 6 | 3 | 7 | 4 | 5 | 9 |
| 9 | 4 | 7 | 2 | 5 | 8 | 6 | 1 | 3 |
| 4 | 2 | 3 | 7 | 8 | 1 | 9 | 6 | 5 |
| 7 | 9 | 8 | 5 | 6 | 4 | 3 | 2 | 1 |
| 5 | 6 | 1 | 3 | 9 | 2 | 7 | 4 | 8 |
| 3 | 5 | 4 | 1 | 7 | 6 | 8 | 9 | 2 |
| 2 | 7 | 9 | 8 | 4 | 5 | 1 | 3 | 6 |
| 1 | 8 | 6 | 9 | 2 | 3 | 5 | 7 | 4 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ମୋ ବସ୍ ସେବା ବ୍ୟାପକ ହେଉ

ମହାଶୟ,

ଓଡ଼ିଶା ସରକାରଙ୍କ ମୋ ବସ୍ ସେବା ରାଜଧାନୀ ଭୁବନେଶ୍ୱରରେ ବହୁ ମାତ୍ରାରେ ଆଦୃତ ହୋଇପାରିଛି। କିନ୍ତୁ ନିର୍ଦ୍ଦିଷ୍ଟ କିଛି ରୁଟ୍‌ର ମୋ ବସ୍‌ଗୁଡିକରେ ଅତ୍ୟଧିକ ଭିଡ଼ ପରିଲକ୍ଷିତ ହେଉଛି। ଖାସ୍ କରି ମଧ୍ୟାହ୍ନ ସମୟରେ ବସ୍ ମଧ୍ୟରେ ଅସମ୍ଭବ ଭିଡ଼ ଯୋଗୁ ଯାତ୍ରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସମୁଦାୟ ସିଟ୍ ସଂଖ୍ୟାର ଦୁଇଗୁଣାରୁ ଅଧିକ ଯାତ୍ରୀ ଏକା ସମୟରେ ଯାତ୍ରା କରୁଥିବାର ନଜରକୁ ଆସୁଛି। ବସ୍ ଭିତରେ ଅଧିକାଂଶ ଯାତ୍ରୀ ଠିଆହୋଇ ଯାତ୍ରା କରିବାକୁ ବାଧ୍ୟ ହେଉଛନ୍ତି। ଖାସ୍ କରି ଖୋର୍ଦ୍ଧା-ମାଷ୍ଟର କ୍ୟାଣ୍ଟିନ ୨୦ ନମ୍ବର ରୁଟ୍, କଳିଙ୍ଗ ବିହାର-ରସୁଲଗଡ଼ ୨୪ ନମ୍ବର ରୁଟ୍ ଓ ଏହିଭଳି ଅନେକ ରୁଟ୍‌ର ବସ୍‌ରେ ଭିଡ଼ ଅସମ୍ଭାଳ ଦେଖାଦେଉଛି। ଭିଡ଼ ଏତେ ମାତ୍ରାରେ ହେଉଛି ଯେ ଯାତ୍ରୀମାନେ ବସ୍‌ରେ ଚଢିବା ଓ ଓହ୍ଲାଇବା ବେଳେ ସମସ୍ୟାରେ ପଡୁଛନ୍ତି। ଯେହେତୁ ମୋ ବସ୍‌ର ଯାତ୍ରୀ ଭଡ଼ା ଅନ୍ୟ ବସ୍ ଓ ଅଟୋର ଯାତ୍ରୀ ଭଡ଼ାଠାରୁ ବହୁଗୁଣରେ କମ୍, ଅଧିକାଂଶ ଯାତ୍ରୀ ବିଶେଷକରି କଲେଜ ଛାତ୍ରୀଛାତ୍ରମାନେ ବହୁ ସଂଖ୍ୟାରେ ଏହି ବସ୍‌ରେ ଯିବାଆସିବା କରୁଛନ୍ତି। ତେଣୁ ସରକାରଙ୍କୁ ଅନୁରୋଧ, କେଉଁ କେଉଁ ରୁଟ୍‌ରେ ଅଧିକ ଭିଡ ଜମୁଛି ତା'ର ଏକ ଠିକ୍ ବିଶ୍ଳେଷଣ କରି ଯଥାଶୀଘ୍ର ସେହିସବୁ ରୁଟ୍‌ରେ ମୋ ବସ୍ ସଂଖ୍ୟାକୁ ବଢ଼ାଯାଉ,ଯାହାଫଳରେ ସାଧାରଣ ଯାତ୍ରୀ ଉପକୃତ ହୋଇପାରିବେ।

-ଋତୁରାଜ ପ୍ରଧାନ, ତମାଣ୍ଡୋ, ଭୁବନେଶ୍ୱର

## ଚିରନ୍ତନୀ

ଛୋଟ ଛୋଟ ଦିଓଟି ସେ ଛଳ ଛଳ ଆଖି
ଏ ଗଗନେ ଏ ପବନେ ଯାଇଛି ସେ ଲାଖି
ଦରୋଟି ଦୁଇଟି କଥା
ଏ ଭୁବନେ ଦିଏ ବ୍ୟଥା,
ଅତି କ୍ଷୁଦ୍ର ଦନ୍ତପୁଟେ ହାସ ରଖେ ଢାକି।
-(ଚିତ୍ରୋତ୍ପଳା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ସିରିଜ ସି ପାଣ୍ଠିରେ ୬୫ ମିଲିୟନ ଡଲାର ସଂଗ୍ରହ**

ମୁମ୍ବାଇ : ଦେଶର ଅଗ୍ରଣୀ ଅଡିଓ ଓଟିଟି ପ୍ଲାଟ୍‌ଫର୍ମ ପକେଟ ଏଫ୍‌ଏମ୍ ନିକଟରେ ନିବେଶକଙ୍କଠାରୁ ଏକ ସିରିଜ ସି ପାଣ୍ଠି ରାଉଣ୍ଡରେ ୬୫ ମିଲିୟନ ଡଲାର ସଂଗ୍ରହ କରିଛି। ନୂତନ ଭାବେ ବୃଦ୍ଧି ହୋଇଥିବା ପକେଟ ଏଫ୍‌ଏମ୍ ଆରମ୍ଭ ହେବାର ୩ବର୍ଷ ମଧ୍ୟରେ ଏକ ଅଗ୍ରଣୀ ଅଡିଓ ପ୍ଲେୟାର ଭାବେ ନିଜକୁ ପ୍ରତିଷ୍ଠିତ କରିପାରିଛି। ଏହାରି ମଧ୍ୟରେ କମ୍ପାନୀ ପ୍ରାୟ ୫୦ ମିଲିୟନରୁ ଅଧିକ ଉପଭୋକ୍ତା ଓ ୩ ବିଲିୟନ ମାସିକ ଶ୍ରୋତାଙ୍କ ସହ ସର୍ବଭାରତୀୟ ସ୍ତରରେ ଏକ ଅଗ୍ରଣୀ ଓଟିଟି ପ୍ଲାଟ୍‌ଫର୍ମ ହୋଇପାରିଛି। ଏ ସମ୍ପର୍କରେ ପକେଟ ଏଫ୍‌ଏମ୍‌ର ସହ ପ୍ରତିଷ୍ଠାତା ତଥା ସିଇଓ ରୋହନ ନାୟକ କହିଛନ୍ତି, ସିରିଜ ସି ପାଣ୍ଠି ଘୋଷଣା କରିଥିବାରୁ ଆମେ ବେଶ୍ ଆନନ୍ଦିତ।

## ସଂକ୍ଷେପରେ

### ଜେଟ୍ ଏୟାରୱେଜ୍ ପକ୍ଷରୁ ନୂଆ ସିଇଓ ନିଯୁକ୍ତ



**ନୂଆଦିଲ୍ଲୀ, ୪।୩:** ଓବେରୟ ହୋଟେଲ୍ସ ଆଣ୍ଡ ରିସର୍ଟର ସଭାପତି ଭାବେ କାର୍ଯ୍ୟରତ ସଞ୍ଜୀବ କପୁରଙ୍କୁ ଜେଟ୍ ଏୟାରୱେଜ୍‌ର ନୂଆ ସିଇଓ ନିଯୁକ୍ତ କରାଯାଇଛି। ଏ ସମ୍ପର୍କରେ ଶୁକ୍ରବାର ଜେଟ୍ ଏୟାରୱେଜ୍ ପକ୍ଷରୁ ଘୋଷଣା କରାଯାଇଛି। କପୁର ଏପ୍ରିଲ ୪ରୁ ଦାୟିତ୍ୱ ଗ୍ରହଣ କରିବେ। ଓବେରୟ ଗ୍ରୁପ୍‌ରେ ଯୋଗଦେବା ପୂର୍ବରୁ ସେ 'ଭିସ୍ତାରା' ଏୟାରଲାଇନ୍‌ର ଚିଫ୍ ଷ୍ଟ୍ରାଟେଜି ଏବଂ କମର୍ସିଆଲ ଅଫିସର ଭାବେ ୨୦୧୬ରୁ ୨୦୧୮ ପର୍ଯ୍ୟନ୍ତ ଦାୟିତ୍ୱ ନିର୍ବାହ କରିଛନ୍ତି। ଭିସ୍ତାରାରେ କାର୍ଯ୍ୟ କରିବା ସମୟରେ କପୁର କମ୍ପାନୀର ରେଭିନ୍ୟୁ, ଗ୍ରାହକଙ୍କ ସୁବିଧା ଅସୁବିଧା, ନେଟ୍‌ୱାର୍କ ପ୍ଲାନିଂ, ମାର୍କେଟିଂ ଇନ୍‌ଫ୍ଲାଇଟ୍ ସର୍ଭିସ୍, ଗ୍ରାଉଣ୍ଡ ସର୍ଭିସ୍ ଏବଂ ପ୍ରଡକ୍ଟର ଉନ୍ନତି ଦିଗରେ ବିଶେଷ ଭାବରେ ଧ୍ୟାନ ଦେଇଥିଲେ। ଏହାଛଡ଼ା ୨୦୧୪-୧୫ରେ ସେ ସ୍ୱାଇସ୍ ଜେଟ୍‌ର ସିଓଓ ଦାୟିତ୍ୱ ମଧ୍ୟ ନିର୍ବାହ କରିଥିଲେ।

### ନିଲନ୍ସର ୬୦ତମ ବାର୍ଷିକ ଉତ୍ସବ ପାଳନ

**ମୁମ୍ବାଇ,୪।୩ :** ଖାଦ୍ୟ ପ୍ରକ୍ରିୟାକରଣ କମ୍ପାନୀ ନିଲନ୍ସ ପକ୍ଷରୁ ଏହାର ୬୦ତମ ବାର୍ଷିକ ପୂର୍ତ୍ତି ଉତ୍ସବ ପାଳନ କରାଯାଉଛି। ମହାରାଷ୍ଟ୍ରର ଜଲଗାଓଁରେ ଏକ ଛୋଟ କୃଷିକ୍ଷେତ୍ରରୁ ଏହାର ଯାତ୍ରା ଆରମ୍ଭ କରି ସମ୍ପ୍ରତି ଭାରତରେ ଦ୍ରୁତ ଅଭିବୃଦ୍ଧିଶୀଳ ଖାଦ୍ୟ ପ୍ରକ୍ରିୟାକରଣ କମ୍ପାନୀରେ ରୂପାନ୍ତରିତ ହୋଇପାରିଛି। ୧୯୬୨ରେ ସୁରେଶ ସାଂଘଭିଙ୍କ ଦ୍ୱାରା ଗୋଟିଏ କୋଠରିରେ ଛୋଟ ପ୍ରକ୍ରିୟାକରଣ ୟୁନିଟ୍ ଭାବେ ଆରମ୍ଭ ହୋଇଥିବା ନିଲନ୍ସ ନିକଟରେ ବର୍ତ୍ତମାନ ୩ଟି ଅତ୍ୟାଧୁନିକ ଉତ୍ପାଦନକାରୀ ବ୍ୟବସ୍ଥା ରହିଛି। କମ୍ପାନୀର ଏମ୍‌ଡି ଦୀପକ ସାଂଘଭି କହିଛନ୍ତି, ନିଲନ୍ସରେ ଗ୍ରାହକଙ୍କୁ ଗୁଣାତ୍ମକ ମାନର ଉତ୍ପାଦ ଯୋଗାଇଦେବାର ଏକାଗ୍ର ପ୍ରୟାସରେ କେବେହେଲେ ପୂର୍ଣ୍ଣଚ୍ଛେଦ ପଡ଼େ ନାହିଁ ଏବଂ ଗତ ୬ଦଶନ୍ଧି ଧରି ଏହା ନିଚ୍ଛକ ଉଦାହରଣ ହୋଇଛି।

# ମାର୍ଚ୍ଚ ୨ୟ ସପ୍ତାହ ପରେ ତୈଳ ଦର ବୃଦ୍ଧି ପାଇବ

**ନୂଆଦିଲ୍ଲୀ,୪।୩**

ଗତ ୪ମାସରୁ ଉର୍ଦ୍ଧ୍ୱ ହେବ ଭାରତରେ ପେଟ୍ରୋଲ ଓ ଡିଜେଲର ମୂଲ୍ୟ ସ୍ଥିର ରହିଛି। ଫଳରେ ତୈଳ ବିପଣନ କମ୍ପାନୀ ଓ ଇନ୍ଧନ ଖୁଚୁରା ବ୍ୟବସାୟୀମାନେ ମଧ୍ୟ ବ୍ୟାପକ କ୍ଷତି ସହିଛନ୍ତି। ସୂଚନାଯୋଗ୍ୟ, ଦେଶର ପ୍ରମୁଖ ୫ ରାଜ୍ୟର ବିଧାନସଭା ନିର୍ବାଚନ କାରଣରୁ ପେଟ୍ରୋଲ ଓ ଡିଜେଲ ଦର ବଢ଼ିନାହିଁ। ହେଲେ ମାର୍ଚ୍ଚ ୧୦ରେ ଉକ୍ତ ରାଜ୍ୟଗୁଡ଼ିକର ନିର୍ବାଚନ ଫଳାଫଳ ପ୍ରକାଶ ପାଇଲା ପରେ ତେଲ ଦର ବଢ଼ିବା ଯଥେଷ୍ଟ ସମ୍ଭାବନା ରହିଛି ବୋଲି ବିଶେଷଜ୍ଞମାନେ ଆକଳନ କରିଛନ୍ତି। ଏପରିକି ମାର୍ଚ୍ଚ ୨ୟ ସପ୍ତାହ ପରେ ଉଭୟ ପେଟ୍ରୋଲ ଏବଂ ଡିଜେଲ ଉପରେ ପ୍ରାୟ ୧୫ ଟଙ୍କା ପର୍ଯ୍ୟନ୍ତ ଦର ବଢ଼ିପାରେ ବୋଲି ଆଇସିଆଇସିଆଇ ସିକ୍ୟୁରିଟିଜ୍ ପକ୍ଷରୁ ଏକ ବିସ୍ତୃତ ରିପୋର୍ଟ ପ୍ରକାଶ ପାଇଛି। ଉକ୍ତ ରିର୍ପୋଟରେ କୁହାଯାଇଛି , ମାର୍ଚ୍ଚ ୧୫ ପୂର୍ବରୁ ତୈଳ ଲିଟର ପିଛା ୧୨ ଟଙ୍କାରୁ ଉର୍ଦ୍ଧ୍ୱ ବୃଦ୍ଧି ଆବଶ୍ୟକ ସାଙ୍ଗକୁ ବ୍ରେକ୍‌ଭେନ ଏବଂ ତୈଳ ସଂସ୍ଥାଗୁଡ଼ିକ ପାଇଁ ମାର୍ଜିନ ଅନ୍ତର୍ଭୁକ୍ତ କରିବା ପରେ ଏହାର ମୂଲ୍ୟ ପ୍ରାୟ ୧୫ ଟଙ୍କା ବୃଦ୍ଧି ଘଟିପାରେ ବୋଲି ଆଇସିଆଇସିଆଇ ସିକ୍ୟୁରିଟି ପକ୍ଷରୁ ଆକଳନ କରାଯାଇଛି।




ଗୋଟିଏ ପଟେ ରୁଷିଆ ଓ ୟୁକ୍ରେନ୍ ମଧ୍ୟରେ ସପ୍ତାହବ୍ୟାପୀ ଯୁଦ୍ଧ ଲାଗି ରହିଥିବା ବେଳେ ଅପରପକ୍ଷରେ ଅନ୍ତଃରାଷ୍ଟ୍ରୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟ ଆକାଶଛୁଆଁ ରହିଛି। ଏପରିକି ପ୍ରତିଦିନ ବ୍ରେଣ୍ଟ କ୍ରୁଡ୍‌ର ମୂଲ୍ୟ ମଧ୍ୟ ବୃଦ୍ଧି ପାଇଚାଲିଛି। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ୧୨୦ ଡଲାରରୁ ଅଧିକ ରହିଛି। ନିକଟରେ ଏହି ଦର ବୃଦ୍ଧି ଯୋଗୁ ବିଗତ ୯ବର୍ଷର ରେକର୍ଡ ଭଙ୍ଗ ସହ ପ୍ରଥମ ଥର ପାଇଁ ବ୍ୟାରେଲ ପିଛା ୧୨୦ ଡଲାରରେ କାରବାର ହୋଇଥିଲା।

ସେହିଭଳି ତୈଳ ମନ୍ତ୍ରଣାଳୟ ଅନ୍ତର୍ଗତ ପେଟ୍ରୋଲିୟମ ଯୋଜନା ଏବଂ ବିଶ୍ଳେଷଣ ପ୍ରକୋଷ୍ଠ (ପିପିଏସି)ର ସୂଚନା ଅନୁଯାୟୀ ଭାରତ ଯେଉଁ ଅଶୋଧିତ ତୈଳ ଆମଦାନୀ କରିଥାଏ, ମାର୍ଚ୍ଚ ୩ରେ ଏହାର ଦାମ ବ୍ୟାରେଲ ପିଛା ୧୧୭.୩୯ ଡଲାରରେ ପହଞ୍ଚିଛି। ଇନ୍ଧନର ଏହି ମୂଲ୍ୟ ୨୦୧୨ ପରେ ସର୍ବୋଚ୍ଚ ସ୍ତରରେ ରହିଛି ବୋଲି ସୂଚନା ମିଳିଛି। ଗତବର୍ଷ ନଭେମ୍ବର ଆରମ୍ଭରୁ ପେଟ୍ରୋଲ ଏବଂ ଡିଜେଲ ଦାମ ବୃଦ୍ଧି ଉପରେ ରୋକ୍ ଲାଗିଥିଲା। ସେହି ସମୟରେ ଅଶୋଧିତ ତୈଳ ଦର ଅନ୍ତର୍ଜାତୀୟ ବଜାରରେ ବ୍ୟାରେଲ ପିଛା ୮୧.୫ ଡଲାର ରହିଥିଲା। ଦେଶର ଇନ୍ଧନ ମୂଲ୍ୟ ଅନ୍ତର୍ଜାତୀୟ ବଜାରର ମୂଲ୍ୟ ଉପରେ

**ପେଟ୍ରୋଲ, ଡିଜେଲ ୧୫ଟଙ୍କା ବଢ଼ିପାରେ**

ନିର୍ଭର କରିଥାଏ ,କାରଣ ଭାରତ ନିଜ ଆବଶ୍ୟକତାର ୮୫% ତୈଳ ବିଦେଶରୁ ଆମଦାନୀ କରିଥାଏ। ୟୁରୋପର ପ୍ରାକୃତିକ ଗ୍ୟାସ୍‌ର ଏକତୃତୀୟାଂଶ ଏବଂ ବିଶ୍ୱର ତୈଳ ଉତ୍ପାଦନର ପ୍ରାୟ ୧୦% ରୁଷିଆ କରିଥାଏ। ୟୁରୋପରେ ରୁଷିଆର ଗ୍ୟାସ୍ ଯୋଗାଣର ଏକତୃତୀୟାଂଶ ସାଧାରଣତଃ ୟୁକ୍ରେନ୍ ପାର ହେଉଥିବା ପାଇପଲାଇନ ଦେଇ ଆସିଥାଏ। କିନ୍ତୁ ଭାରତ ପାଇଁ ରୁଷିଆର ଯୋଗାଣ ଖୁବ୍ କମ୍ ପ୍ରତିଶତ ରହିଛି। ୨୦୨୧ରେ ଭାରତ ରୁଷିଆରୁ ପ୍ରତିଦିନ ୪୩,୪୦୦ ବ୍ୟାରେଲ ତେଲ ଆମଦାନୀ କରୁଥିବା ବେଳେ ସମସ୍ତ କୋଇଲା ଆମଦାନୀରେ ୧.୩% ରହିଥିଲା। ଦିଲ୍ଲୀରେ ପେଟ୍ରୋଲ ଲିଟର ୯୫.୪୧ ଟଙ୍କା ଏବଂ ଡିଜେଲ ମୂଲ୍ୟ ୮୬.୬୭ ଟଙ୍କା ରହିଛି। ନଭେମ୍ବରରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଟିକସ ହ୍ରାସ ଘୋଷଣା ସାଙ୍ଗକୁ ରାଜ୍ୟ ସରକାରଙ୍କ ଦ୍ୱାରା ଭାଟ୍ ହାର ହ୍ରାସ ପାଇବା ପୂର୍ବରୁ ଦିଲ୍ଲୀରେ ପେଟ୍ରୋଲ ମୂଲ୍ୟ ଲିଟର ପିଛା ୧୧୦.୦୪ ଟଙ୍କା ଏବଂ ଡିଜେଲ ୯୮.୪୨ ଟଙ୍କା ରହିଥିଲା।

## ହିରୋ ମୋଟୋକର୍ପର ନୂଆ ଇଭି ବ୍ରାଣ୍ଡର ଶୁଭାରମ୍ଭ



**ନୂଆଦିଲ୍ଲୀ, ୪।୩**

ଦେଶର ପ୍ରମୁଖ ଦୁଇ ଚକିଆ ଯାନ ନିର୍ମାତା କମ୍ପାନୀ ହିରୋ ମୋଟୋକର୍ପ ପକ୍ଷରୁ ନୂଆ ଇଲେକ୍ଟ୍ରିକ୍ ଯାନ(ଇଭି) ବିଭାଗରେ ଏକ ନୂଆ ବ୍ରାଣ୍ଡର ଶୁଭାରମ୍ଭ କରାଯାଇଛି। ଉକ୍ତ ବ୍ରାଣ୍ଡର ନାମ 'ଭିଡା' ରଖାଯାଇଛି। ଭିଡା ବ୍ରାଣ୍ଡ୍ ଦ୍ୱାରା ହିରୋ ମୋଟୋକର୍ପର ପ୍ରଥମ ଦୁଇଚକିଆ ଇଭି ଯାନ ଚଳିତ ବର୍ଷ ଜୁଲାଇ ପହିଲାରେ ଉନ୍ମୋଚନ ହେବାର ଯୋଜନା ରହିଛି। ସେହିଭଳି ଚଳିତ ବର୍ଷ ଶେଷ ସୁଦ୍ଧା ଏହା ଗ୍ରାହକଙ୍କ ପାଇଁ ଉପଲବ୍ଧ ହେବ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। କମ୍ପାନୀର ଏହି ପ୍ରଥମ ମଡେଲକୁ ହିରୋ ମୋଟୋକର୍ପର ଚିତ୍ତୁର ପ୍ଲାଣ୍ଟରେ ନିର୍ମାଣ କରାଯିବାର ଯୋଜନା ରହିଛି। ନିକଟରେ ଦୁବାଇର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ 'ଭିଡା' ବ୍ରାଣ୍ଡର ଶୁଭାରମ୍ଭ କରି ହିରୋ ମୋଟୋକର୍ପର ଚେୟାରମ୍ୟାନ୍ ଏବଂ ସିଇଓ ପୱନ ମୁଞ୍ଜାଲ୍ ଏ ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ ସହ ଏଥିପାଇଁ ୭୬୧ କୋଟି ଟଙ୍କା ନିବେଶ ସମ୍ପର୍କରେ ଘୋଷଣା କରିଛନ୍ତି।

ପ୍ରଥମ ବିବାହ ବାର୍ଷିକୋତ୍ସବ



ରମେଶ ଏବଂ ଜ୍ୟୋତିର୍ମୟୀ
ତୁମ ଦୁହିଁଙ୍କ ଆଗାମୀ ଦିନ କୁସୁମିତ ହେଉ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ କରୁଣାରୁ ଦାମ୍ପତ୍ୟ ଜୀବନ ସୁଖମୟ ହେଉ।
ଶୁଭେଚ୍ଛା ସହ: ଲକି, ପୂଜା, ବଳିଆ, ଖୁସି, ମାମୁନି
D-23308

# ଜିଓଫୋନ୍ ନେକ୍ସଟ୍‌ର ଓଡ଼ିଶା ବଜାର ପ୍ରବେଶ

**ଭୁବନେଶ୍ୱର,୪।୩**

ଗୁଗଲ୍ ଓ ଜିଓ ପକ୍ଷରୁ ମିଳିତ ଭାବେ ବିକଶିତ କରାଯାଇଥିବା ସୁଲଭ ମୂଲ୍ୟର ସ୍ମାର୍ଟଫୋନ୍ ଜିଓଫୋନ୍ ନେକ୍ସଟ ବର୍ତ୍ତମାନ ଓଡ଼ିଶା ବଜାରରେ ପ୍ରବେଶ କରିଛି। ସେହିଭଳି ଏହି ଫୋନ ରାଜ୍ୟର ୭୦୦୦ରୁ ଅଧିକ ମୋବାଇଲ ଷ୍ଟୋର୍ ସମେତ ଜିଓ ଷ୍ଟୋର୍, ଜିଓ ପଏଣ୍ଟ, ରିଲାଏନ୍ସ ଡିଜିଟାଲ ଷ୍ଟୋର୍ ଏବଂ ଜିଓ ସେଣ୍ଟର ଆଦିରେ ଉପଲବ୍ଧ ହେଉଛି ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ଏହି ବର୍ଗରେ ସବୁଠୁ ସୁଲଭ ସ୍ମାର୍ଟଫୋନ୍ ଭାବେ ପରିଚିତ ଜିଓଫୋନ୍ ନେକ୍ସଟ୍‌ର ମୂଲ୍ୟ ୬,୪୯୯ ଟଙ୍କା ରହିଛି। ସେହିପରି ସ୍ୱଳ୍ପ ମାସିକ କିସ୍ତିରେ କିଣିବାକୁ ଚାହୁଁଥିବା ଗ୍ରାହକମାନେ ମାତ୍ର ୧,୯୯୯ ଟଙ୍କା ଦେଇ ଜିଓଫୋନ୍ ନେକ୍ସଟ୍ କିଣିପାରିବେ ଏବଂ ଅବଶିଷ୍ଟ



ଟଙ୍କା ୧୮ କିମ୍ବା ୨୪ ମାସର ସହଜ କିସ୍ତି (ଇଏମ୍‌ଆଇ) ଆକାରରେ ମଧ୍ୟ ଦେଇପାରିବେ। ସାରା ଦେଶର ନିୟୁତାଧିକ ଗ୍ରାହକଙ୍କ ସ୍ୱତନ୍ତ୍ର ଆବଶ୍ୟକତାକୁ ନଜରରେ ରଖି ଉଭୟ ଗୁଗଲ୍ ଓ ଜିଓ ମିଳିତ ଭାବେ ଏହି ଅପରେଟିଂ ସିଷ୍ଟମ ବିକଶିତ କରିଛନ୍ତି। ଜିଓ ଫୋନ୍ ନେକ୍ସଟ୍ ରେ ୫.୪୫ ଇଞ୍ଚର ଏଚ୍‌ଡି ଡିସ୍‌ପ୍ଲେ ମଲ୍‌ଟି ଟଚ୍ ସ୍କ୍ରିନ୍, କର୍ଣ୍ଣିଂ ଗୋରିଲା ଗ୍ଲାସ୍ ଥ୍ରି, ପୂର୍ବରୁ ଲୋଡ୍ ହୋଇଥିବା ଅପ୍ଟିମାଇଜ୍‌ଡ ଜିଓ ଓ ଗୁଗଲ୍‌ର

**୭୦୦୦ରୁ ଊର୍ଦ୍ଧ୍ୱ ମୋବାଇଲ ଷ୍ଟୋରରେ ଉପଲବ୍ଧ**

ଆପ୍ ସମୂହ, ଶକ୍ତିଶାଳୀ ୧୩ ମେଗାପିକ୍ସେଲ୍ କ୍ୟାମେରା, ୮ମେଗାପିକ୍ସେଲ୍ ସେଲ୍‌ଫି କ୍ୟାମେରା ସହିତ ବିଲ୍‌ଟ ଇନ୍ ଫିଲ୍‌ଟର ଓ ସ୍ୱଳ୍ପ ଆଲୋକରେ ଫଟୋ ଉଠାଇବା ସୁବିଧା, ୩୫୦୦ ଏମ୍‌ଏଏଚ୍ ବ୍ୟାଟେରି, କ୍ୱାଲ୍‌କମ୍ ସ୍ନାପ୍ ଡ୍ରାଗନ୍ କ୍ୟୁ ଏମ୍ ୨୧୫ ପ୍ରୋସେସର, ୨ଜିବି ରାମ୍, ୩୨ଜିବି ଆଭ୍ୟନ୍ତରୀଣ ମେମୋରି, ୫୧୨ ଜିବି ପର୍ଯ୍ୟନ୍ତର ବାହ୍ୟ ମେମୋରି ଲାଗି ସ୍ୱତନ୍ତ୍ର ସ୍ଲଟ୍, ସ୍ୱୟଂକ୍ରିୟ ସଫ୍ଟୱେର ଓ ସିକ୍ୟୁରିଟି ଅପ୍‌ଡେଟ୍ ସୁବିଧା, ବ୍ଲୁଟୁଥ୍, ୱାଇଫାଇ, ହଟ୍‌ସ୍ପଟ୍, ଓଟିଜି ସହାୟତା, ଲାଇଟ୍ ସେନ୍‌ସର ଓ ପ୍ରକ୍ସିମିଟି ସେନ୍‌ସର ଆଦି ସୁବିଧା ରହିଛି।

## ସେନ୍‌ସେକ୍ସ ୭୬୯ ପଏଣ୍ଟ ହ୍ରାସ

**ମୁମ୍ବାଇ,୪।୩**

ଗତ ସପ୍ତାହବ୍ୟାପୀ ୟୁକ୍ରେନ୍ ଓ ରୁଷିଆ ମଧ୍ୟରେ ଲାଗି ରହିଥିବା ଯୁଦ୍ଧ ସାଙ୍ଗକୁ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ମଧ୍ୟ ସର୍ବାଧିକ ସ୍ତରରେ ପହଞ୍ଚିବା ଯୋଗୁ ଏହାର ପ୍ରଭାବ ଶେୟାର ବଜାର ଉପରେ ପଡ଼ିଛି। ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ର ସେନ୍‌ସେକ୍ସ ୭୬୯ ପଏଣ୍ଟ ହ୍ରାସ ଘଟି ୫୪,୩୩୪ ଅଙ୍କରେ କାରବାର ଶେଷ କରିଛି। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ନିଫ୍ଟି ୫୦ରେ ୨୫୩ ପଏଣ୍ଟ କମି ୧୬,୨୪୫ ଅଙ୍କରେ ବନ୍ଦ ରହିଛି। ବିଏସ୍‌ଇର ସୂଚନା ଅନୁସାରେ ସେନ୍‌ସେକ୍ସ ୭୬୮.୮୭ ପଏଣ୍ଟ (୧.୪୦%) ହ୍ରାସ ଘଟି ୫୪,୩୩୩.୮୧ ରେ ରହିଥିବା ବେଳେ ନିଫ୍ଟିରେ ମଧ୍ୟ ୨୫୨.୭୦ ପଏଣ୍ଟ (୧.୫୩ %) କମି ୧୬,୨୪୫.୩୫ ଅଙ୍କରେ କାରବାର ବନ୍ଦ କରିଥିବା ଜଣାପଡ଼ିଛି।

CLASSIFIED DISPLAY
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact: 0674-2580385 8637280816, 7894447167, 9338226625

!! LOAN !! LOAN !!
ଫୋନ୍ ମାଧ୍ୟମରେ ଲୋନ୍ କରାଯାଏ ନାହିଁ, ବ୍ୟାଙ୍କକୁ ଯିବା ଆବଶ୍ୟକ।
ଓଡିଶାର ସମସ୍ତ ଜିଲ୍ଲାରେ ପ୍ରଧାନମନ୍ତ୍ରୀ ରୋଜଗାର ଯୋଜନା ମାଧ୍ୟମରେ ଯଦି ଆପଣଙ୍କର କର୍ମଚାରୀଙ୍କ ଦରମା ସ୍ଲିପ୍ ଏବଂ ବ୍ୟବସାୟୀଙ୍କ ପାଇଁ ବ୍ୟବସାୟ ଲାଇସେନ୍ସ ଅଛି। ତେବେ ଆପଣ ଆପଣଙ୍କର ସ୍ଥାନୀୟ ବ୍ୟାଙ୍କରୁ ୫ଲକ୍ଷ ରୁ ୪୦ଲକ୍ଷ ପର୍ଯ୍ୟନ୍ତ ୮% ରୁ ୧୦% ସିକ୍ୟୁରିଟି ରେ ୧୨-୧୫ ଦିନ ମଧ୍ୟରେ ଲୋନ୍ ନେଇପାରିବେ।
ନୋଟ୍- ୧.ପ୍ରଥମେ ଲୋନ୍ ନିଅନ୍ତୁ, ତା ପରେ କମିସନ ଦିଅନ୍ତୁ। ୨.ପର୍ସନାଲ କିମ୍ବା କମ୍ପାନୀ ନାମରେ ଲୋନ୍ ନିଅନ୍ତୁ - କୌଣସି ଫାଇଲ୍ ଚାର୍ଜେସ୍, ବୀମା କିମ୍ବା ଅନ୍ୟ କୌଣସି ଚାର୍ଜେସ୍ ଦେଇ ଠକାମିର ଶୀକାର ହୁଅନ୍ତୁ ନାହିଁ।
+91 9038258863
+91 7797044021

ALL EDITION - B/W (Everyday)
for Booking Contact:
0674-2580385
8637280816,
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଫୁରସତ୍

# ବରଫରେ ତିନି ଘଣ୍ଟା

**ନୂଆଦିଲ୍ଲୀ:** ରେକର୍ଡ କରିବା ଯେମିତି କେତେଜଣଙ୍କର ନିଶା ପାଲଟି ଯାଇଥାଏ। ଆଉ ଭାବିଲେ ଆଶ୍ଚର୍ଯ୍ୟ ଲାଗେ ଯେ ଏହି ରେକର୍ଡ ନିଶାରେ ସେମାନେ ନିଜକୁ କଷ୍ଟ ଦେବାକୁ ବି ପଛାନ୍ତି ନାହିଁ। ଠିକ୍ ଏମିତି କିଛି କରି ଏବେ ଗିନିଜ୍ ରେକର୍ଡ କରିଛନ୍ତି ଭାଲେରଜାନ୍ ରୋମାନୋଭସ୍କି। ପାଦରୁ ମୁଣ୍ଡ ପର୍ଯ୍ୟନ୍ତ ବରଫ ଭର୍ତ୍ତି। ବାହାରକୁ କେବଳ ମୁହଁ ହିଁ ଦେଖାଯାଉଛି। ଏମିତି ଅବସ୍ଥାରେ କେହି ହୁଏତ କେଇ ମିନିଟ୍ ରହିବା କଥା ଚିନ୍ତା କରିପାରିବେ। କିନ୍ତୁ ବରଫ ଭିତରେ ଏମିତି ଅବସ୍ଥାରେ ପୂରା ୩ ଘଣ୍ଟା ରହିପାରିଛନ୍ତି ପୋଲାଣ୍ଡର ଭାଲେରଜାନ୍ ରୋମାନୋଭସ୍କି। ବରଫ ଖଣ୍ଡେ ହାତରେ କେଇ ମିନିଟ୍ ଧରି ରଖିବା ଯେଉଁଠି ସାଧାରଣ ଲୋକଙ୍କ ପାଇଁ କଷ୍ଟକର ହୋଇଥାଏ ସେଠି ଭାଲେରଜାନ୍ କିଭଳି ଏପରି କାମ କରିପାରିଲେ ତାହା ଏବେ ସମସ୍ତଙ୍କ ପାଇଁ




ଆଶ୍ଚର୍ଯ୍ୟର ବିଷୟ ପାଲଟିଛି। ତେବେ ଏମିତି ଏକ ଦୁଃସାହସିକ ପଦକ୍ଷେପ ନେଇ ଏବେ ସେ ଗିନିଜ୍ ୱାର୍ଲଡ ରେକର୍ଡସରେ ସ୍ଥାନ ପାଇଛନ୍ତି। ଏନେଇ ଏବେ ଏକ ଭିଜୁଆଲକୁ ଗିନିଜ୍ ୱାର୍ଲଡ ରେକର୍ଡସର ଅଫିସିଆଲ ଇନଷ୍ଟାଗ୍ରାମ୍ ପେଜ୍‌ରେ ଶେୟାର କରାଯାଇଛି। ଭିଜୁଆଲରେ ଦେଖିବାକୁ ମିଳିଛି, ବରଫ ଭିତରେ ବେକ ପର୍ଯ୍ୟନ୍ତ ଡାଙ୍କି ହୋଇ ଏକ କାଚ ବାକ୍ସରେ ବସିଛନ୍ତି ଭାଲେରଜାନ୍। ତାଙ୍କ ପାଖରେ ଗିନିଜ୍ ରେକର୍ଡସର ଅଧିକାରୀମାନେ ଅଛନ୍ତି। ମଝିରେ ମଝିରେ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ବି କରାଯାଉଛି। ତେବେ ଏମିତି ଅବସ୍ଥାରେ ସେ ମୋଟ ୩ ଘଣ୍ଟା ୨୮ ସେକେଣ୍ଡ ରହିପାରିଛନ୍ତି ବୋଲି ଅଧିକାରୀମାନେ କହିଛନ୍ତି। ତେବେ ଭାଲେରଜାନ୍‌ଙ୍କ ପୂର୍ବରୁ ଫ୍ରାନ୍ସର ରୋମେନ୍ ଭାନ୍ଦେନଡ୍ରୋପ୍‌ଙ୍କ ନାଁରେ ଏହି ରେକର୍ଡ ରହିଥିଲା। ସେ ବରଫ ଭିତରେ ୨ ଘଣ୍ଟା ୩୫ ମିନିଟ୍ ରହି ରେକର୍ଡ କରିଥିଲେ। କିନ୍ତୁ ତାଙ୍କ ରେକର୍ଡକୁ ଭାଙ୍ଗି ଏବେ ନୂଆ ରେକର୍ଡ କରିଛନ୍ତି ଭାଲେରଜାନ୍। ତେବେ ଆପଣ ଜାଣିଲେ ହୁଏତ ଆଶ୍ଚର୍ଯ୍ୟ ହେବେ କି ଏହି ରେକର୍ଡ ପାଇଁ ସେ କିଛି ମାସ ପୂର୍ବରୁ ଅଭ୍ୟାସ କରୁଥିଲେ। ଏଥିପାଇଁ ସେ ଢେର୍ ଦିନ ଆଗରୁ ଥଣ୍ଡା ପାଣି ପିଉଥିଲେ ଓ ଘର ତାପମାତ୍ରାକୁ ଖୁବ୍ ଥଣ୍ଡା କରି ସେଠାରେ ରହୁଥିଲେ।

## ମା'ଙ୍କ ବିବାହ କରାଇଲେ ପୁଅ



**ନୂଆଦିଲ୍ଲୀ:** ମା'ଙ୍କ ବିବାହ କରାଇଲେ ପୁଅ। କଥାଟା ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ ସତ। ଜିମିତ ଗାନ୍ଧୀ ନାମକ ଜଣେ ଯୁବକ ତାଙ୍କ ମା'ଙ୍କ ବିବାହର ଫଟୋ ସୋସିଆଲ ମିଡିଆରେ ଶେୟାର କରି ଏକ ଭାବପ୍ରବଣ ପୋଷ୍ଟ କରିଥିଲେ। ଏହି ଫଟୋଗୁଡିକ ଏବେ ଭାଇରାଲ ହେଉଛି। ସ୍ୱାମୀଙ୍କ ମୃତ୍ୟୁ ପରେ ଜିମିତଙ୍କ ମା' କର୍କଟ ଏବଂ ଡିପ୍ରେସନ ଭଳି ରୋଗରେ ପୀଡିତ ଥିଲେ। ଖରାପ ପରିସ୍ଥିତି ସତ୍ତ୍ୱେ ସେ କେବେବି କାହା ନିକଟରେ ଅଭିଯୋଗ କରି ନ ଥିଲେ ଏବଂ ଆଶା ହରାଇ ନ ଥିଲେ। ଜୀବନର କଠିନ ପରିସ୍ଥିତିରେ ମୁକାବିଲା କରି ସେ ଜଣେ ପୁରୁଷଙ୍କ ପ୍ରେମରେ ପଡ଼ି ୫୩ ବର୍ଷ ବୟସରେ ବିବାହ କରିଥିଲେ। ସୂଚନା ଅନୁଯାୟୀ, ଜିମିତ ରିଫିନିଟିଭ ନାମକ ଏକ କମ୍ପାନୀରେ କାର୍ଯ୍ୟ କରନ୍ତି। ସେ ଦେଶ ବାହାରେ ରୁହନ୍ତି। ତାଙ୍କ ମା' ଏକୁଟିଆ ଭାରତରେ ରୁହନ୍ତି।

## ଓଟିଟିରେ କାମ କରି ଖୁସି



**ମୁମ୍ବାଇ:** ବଲିଉଡ୍‌ର ସୁପରହିଟ ନାୟିକା ତାଲିକାରେ ନାଁ ଥିଲେ ହେଁ ବଡ଼ ପରଦାରୁ ଦୂରେଇ ଯାଇଥିଲେ ସୁନ୍ଦରୀ ସୁସ୍ମିତା ସେନ। ଏବେ କିନ୍ତୁ ସେ ଓଟିଟି ପ୍ଲାଟଫର୍ମରେ ନିଜର ଦମ ଦେଖାଉଛନ୍ତି। ୱେବ ସିରିଜ 'ଆର୍ୟା'ର ସଫଳତା ପରେ ଏବେ ଏହାର ଦ୍ୱିତୀୟ ଭାଗ ରିଲିଜ ହୋଇଛି। ଉଭୟ ଭାଗକୁ ଦର୍ଶକଙ୍କ ତରଫରୁ ଭରପୂର ଭଲପାଇବା ମିଳିଛି। ଏସବୁ ଭିତରେ ଏବେ ଦୀର୍ଘଦିନର ବ୍ୟବଧାନ ନେଇ ମୁହଁ ଖୋଲିଛନ୍ତି ସୁସ୍ମିତା। ଫିଲ୍ମରେ ଯେଉଁ ଭୂମିକା ଚାହୁଁଥିଲେ ତାହା ମିଳୁ ନ ଥିଲା। କିନ୍ତୁ ୱେବ୍ ସିରିଜ୍‌ରେ ଯେଉଁ ଚ୍ୟାଲେଞ୍ଜିଙ୍ଗ୍ ଭୂମିକା ମୋତେ ମିଳୁଛି ବହୁ ଦିନ ଧରି ମୁଁ ତା' ଅପେକ୍ଷାରେ ଥିଲି। ସେଥିପାଇଁ ଫିଲ୍ମ ଅପେକ୍ଷା ୱେବ୍ ସିରିଜ୍ ମୋତେ ଅଧିକ ଖୁସି ଦେଇଛି। କବୟସ ବଢ଼ିବା ପରେ ଧିରେ ଧିରେ ପିଲାଙ୍କ ଉପରେ ଧ୍ୟାନ ଦେବା ଆରମ୍ଭ କରିଥିଲେ। ଏଥିଲାଗି ଦୀର୍ଘ ୧୦ ବର୍ଷ ଧରି ସେ ବଲିଉଡ୍‌ରେ ନଜର ଆସି ନ ଥିଲେ ବୋଲି କହିଛନ୍ତି ସୁସ୍ମିତା। ୧୯୯୪ରେ ସୁସ୍ମିତା ମିସ ଇଣ୍ଡିଆ ଏବଂ ମିସ ୟୁନିଭର୍ସ ମୁକୁଟ ପିନ୍ଧିଥିଲେ। ସେତେବେଳକୁ ମାତ୍ର ୧୮ ବର୍ଷ ହୋଇଥିଲା ତାଙ୍କୁ। ଏହାପରେ ବଲିଉଡ ଫିଲ୍ମର ଅନେକ ଅଫର ତାଙ୍କୁ ମିଳି ଥିଲା। ୧୯୯୭ 'ଦସ୍ତକ' ଜରିଆରେ ଫିଲ୍ମ କ୍ୟାରିୟର ଆରମ୍ଭ କରିଥିଲେ ସେ। ହେଲେ ଫିଲ୍ମ ସଫଳ ହୋଇ ନ ଥିଲା। ପରେ ୧୯୯୯ରେ ଆସିଥିବା ଫିଲ୍ମ 'ବିବି ନମ୍ବର ୱାନ' ତାଙ୍କୁ ପରିଚିତି ଦେଇଥିଲା। ଏହା ହିଟ୍ ହୋଇଥିଲା। ଶେଷ ଥର ପାଇଁ ତାଙ୍କୁ ୨୦୧୦ରେ ଆସିଥିବା ଫିଲ୍ମ 'ଦୁଲ୍ହା ମିଲ ଗୟା'ରେ ଦେଖାଯାଇଥିଲା।

## ୩ ଭଉଣୀଙ୍କ ପ୍ରେମରେ ଯୁବକ

**କିନ୍ସାସା:** ଆଫ୍ରିକୀୟ ଦେଶ କାଙ୍ଗୋରେ ଏକ ଏକ ନିଆରା ଘଟଣା ଘଟିଛି। ଏଠାରେ ତିନି ଭଉଣୀ ଜଣେ ବରକୁ ବିବାହ କରିଛନ୍ତି। ତିନି ଭଉଣୀଙ୍କୁ ବିବାହ କରିଥିବା ବ୍ୟକ୍ତିଙ୍କ ନାମ ଲୁୱିଜୋ। ତାଙ୍କର ବୟସ ୩୨ ବର୍ଷ। ଲୁଭିଜୋ ନତାଶା, ନାଟାଲୀ ଏବଂ ନାଡେଜ ନାମକ ତିନିଜଣ ପ୍ରକୃତ ଭଉଣୀଙ୍କୁ ବିବାହ କରିଥିଲେ। ଲୁଭିଜୋ ପ୍ରଥମେ ସୋସିଆଲ ମିଡିଆ ମାଧ୍ୟମରେ ନାଟାଲୀଙ୍କୁ ଭେଟିଥିଲେ ଏବଂ ପରେ ତାଙ୍କର ଅନ୍ୟ ଦୁଇ ଭଉଣୀଙ୍କ ସହ ମଧ୍ୟ ସମ୍ପର୍କ ସ୍ଥାପନ କରିଥିଲେ। ଲୁଭିଜୋ କହିଛନ୍ତି, ଯେମିତି ଲାଗୁଛି ମୁଁ କୌଣସି ସ୍ୱପ୍ନ ଦେଖୁଛି। ଏହି ବିବାହରେ ପରିବାର ଲୋକେ ରାଜି ନ ଥିଲେ। ମୁଁ ଏପରି କାହିଁକି କଲି ମୋ ମାତାପିତା ବୁଝିପାରି ନ ଥିଲେ। ତେଣୁ ସେମାନେ ବିବାହ କାର୍ଯ୍ୟକ୍ରମକୁ ମଧ୍ୟ ଆସିଲେ ନାହିଁ। ମୁଁ କିନ୍ତୁ ୩ ଜଣଙ୍କୁ ବିବାହ କରି ଖୁସି ଅଛି ଏବଂ ସ୍ତ୍ରୀମାନେ ବି ଖୁସି ଅଛନ୍ତି।



ODISHA HYDRO POWER CORPORATION LTD
CIN: U40101OR1995SGC003963
(GOVERNMENT OF ODISHA UNDERTAKING)
OFFICE OF THE GENERAL MANAGER (EL.)
CHIPLIMA HYDRO ELECTRIC PROJECT, CHIPLIMA
At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)
WEB: www.ohpcltd.com ☎ (0663) 2460661,
No. CAD-3063 Email-hpschiplima@yahoo.in, Fax No. (0663) 2460505
No.-CHEP/TW-91 (Part File)/806 Date: 04.03.2022
TENDER CALL NOTICE NO.-CHEP-30/2021-22
Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the Manufacturer / Authorized Dealers / Authorized Distributors / Channel Partners / Reputed Suppliers meeting eligibility criteria only for the procurement of the following materials;

| Description | Cost of Tender Paper (Non-refundable) |
|---|---|
| Supply of 80mm Gate / Sluice Valves for Generator Air Coolers of Unit-I & II of Chiplima Power House | Rs.2,360/- (Rs.2,000/- + GST @18%) |

For details of Schedule of Dates, Tender Documents, Terms & Conditions and Corrigendum, please visit our website www.ohpcltd.com from dtd.09.03.2022 up to 11:00 AM of dtd.22.03.2022.
OIPR-04006/11/0020/2122 Sd/- Unit Head, CHEP, Chiplima

ତହସିଲଦାରଙ୍କ କାର୍ଯ୍ୟାଳୟ, ସୋନପୁର
ଦୀର୍ଘ ମିଆଦୀ ଲିଜ୍ ନିଲାମ ଇସ୍ତାହାର
ବିଜ୍ଞପ୍ତି ସଂଖ୍ୟା: ୯୯୦ ତାରିଖ: ୦୪।୦୩।୨୦୨୨
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ସୋନପୁର ତହସିଲ ଅନ୍ତର୍ଗତ ସୈରାତ ଉତ୍ସର ଦୀର୍ଘମିଆଦୀ ଲିଜ୍‌ସୂତ୍ରେ ଓଡ଼ିଶା ଲଘୁ ଖଣିଜ ରିହାତି ଆଇନ, ୨୦୧୬ (O.M.M.C. Rules, 2016) ମୁତାବକ ପାଞ୍ଚବର୍ଷ ନିମନ୍ତେ ୨୦୨୧-୨୨ ଆର୍ଥିକ ବର୍ଷଠାରୁ ୨୦୨୫-୨୬ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ଦିଆଯିବ। ଏଥି ସମ୍ପର୍କିତ ସମସ୍ତ ବିବରଣୀ ଯଥା: ବିଜ୍ଞାପନ, ସର୍ତ୍ତାବଳୀ, ସୈରାତ ଉତ୍ସରନାମ ଓ ଅବସ୍ଥାନ, ନିଲାମ ତାରିଖ ଓ ସ୍ଥାନ ଆଦି www.subarnapur.nic.inରେ ଉପଲବ୍ଧ କରାଯାଇଅଛି। ଇଚ୍ଛୁକ ବ୍ୟକ୍ତି ବିଶେଷ ବିଜ୍ଞାପନରେ ଦର୍ଶାଯାଇଥିବା Form-M ପୂରଣ କରି ତତ୍ ସହିତ ଆବଶ୍ୟକ ଦସ୍ତାବିଜ ସଂଲଗ୍ନ କରି ଜଉମୁଦା ଲଫାପାରେ ତହସିଲଦାର, ସୋନପୁରଙ୍କ କାର୍ଯ୍ୟାଳୟରେ ଦାଖଲ କରିବେ ଅଥବା ରେଜେଷ୍ଟ୍ରି ଡାକଯୋଗେ ଦତ୍ତ ସମୟସୀମା ମଧ୍ୟରେ ଦାଖଲ କରିପାରିବେ।
ସ୍ୱା./- ତହସିଲଦାର, ସୋନପୁର

OFFICE OF THE EXECUTIVE ENGINEER
LIFT IRRIGATION DIVISION, DHENKANAL
No.CAD-3058:- e-TENDER NOTICE
(E-mail: eeolicdkl55@yahoo.in)
Bid Identification No. EE DKL (OLIC) 04/2021-22/ 02.03.2022
Installation and Energisation of new 5 Nos. of State Plan Projects under Dhenkanal District

1. Execution of project works at KANKADAHAD & PARJANG Blocks under Dhenkanal District.
2. Cost of projects - 13.00 lakhs to 26.00 lakhs.
3. Class of contractors - Valid Civil 'D' to 'B' Class with HT Licence.
4. Availability of bid in portal - 05.03.22 to 15.03.22 upto 5.30 P.M.
5. Bid conference - On 08.03.22 during office hour in the Office of Executive Engineer.
6. Bid opening - 16.03.22 at 11 A.M. (Technical), Financial and Bid opening / Cover-II to be declared after technical evaluation.

Mandatory instruction:-
The bidders are requested to go through the DTCN including points below No. 01 & 02 before bidding in portal or else the bidders must not have any claim on rejection.
1. The bidders who have awarded the works vide this office Tender Call Notice all previous but not started or not completed are debarred to participate in the bid.
2. Completion report of the works under all previous T.C. must be certified by the concern J.E. & A.E. which will be scanned in the portal failing which the bidding will be outrightly rejected.
Sd./- Er. P.K. Jena, Executive Engineer, L.I. Divn., Dhenkanal
OIPR-32141/11/0011/2122

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୫/୨୦୨୨ Bhubaneswar, Saturday, March 5/ 2022



୧୦୦ତମ ଟେଷ୍ଟ ସ୍ମାରକୀ ଓ ସ୍ତ୍ରୀ ଅନୁଷ୍କା ଶର୍ମାଙ୍କ ସହ ବିରାଟ କୋହଲି।

# ପନ୍ତ ୯୬, ଭାରତ ୩୫୭/୬

**ମୋହାଲି ଟେଷ୍ଟ**

**ମୋହାଲି, ୪।୩**

ମୋହାଲିରେ ଶୁକ୍ରବାର ଆରମ୍ଭ ହୋଇଛି ଭାରତ-ଶ୍ରୀଲଙ୍କା ପ୍ରଥମ କ୍ରିକେଟ ଟେଷ୍ଟ। ରିଷଭ ପନ୍ତଙ୍କ ଷ୍ଟ୍ରୋକପୂର୍ଣ୍ଣ ଇନିଂସ ସହାୟତାରେ ଭାରତ ପ୍ରଥମ ଦିବସ ଖେଳ ଶେଷସୁଦ୍ଧା ୬ ଉଇକେଟ ହରାଇ ୩୫୭ ରନ ସଂଗ୍ରହ କରିଛି। ରବୀନ୍ଦ୍ର ଜାଡେଜା ୪୫ (୮୨ ବଲ, ୫ ଚୌକା) ଓ ରବିଚନ୍ଦ୍ରନ ଅଶ୍ୱିନ ୧୦ ରନରେ ଅପରାଜିତ ଅଛନ୍ତି।

**କୋହଲି ଖେଳିଲେ ୧୦୦ତମ ଟେଷ୍ଟ**

ପଞ୍ଜାବ କ୍ରିକେଟ ଆସୋସିଏଶନ ଗ୍ରାଉଣ୍ଡରେ ତାରକା ବ୍ୟାଟର ବିରାଟ କୋହଲି ଖେଳିଥିଲେ କ୍ୟାରିୟରର ୧୦୦ତମ ଟେଷ୍ଟ। ରୋହିତ ଶର୍ମା ମଧ୍ୟ ଟେଷ୍ଟ ଅଧିନାୟକ ଭାବେ ପ୍ରଥମ ଟସ୍ ଜିତିଥିଲେ। ସେ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ ଏବଂ ଦଳର ସମସ୍ତ ଖେଳାଳି ଭଲ ଆରମ୍ଭ ମଧ୍ୟ କରିଥିଲେ। ଓପନିଂ ଯୋଡ଼ିରେ ୫୨ ରନ ଯୋଗ ହେବା ପରେ ରୋହିତ ବ୍ୟକ୍ତିଗତ ୨୯ (୨୮ ବଲ, ୬ ଚୌକା) ରନ କରି ଲାହିରୁ କୁମାରାଙ୍କ ବଲ୍‌ରେ ଆଉଟ ହୋଇଥିଲେ। ମୟଙ୍କ ଅଗ୍ରୱାଲ ୩୩ ରନର ଯୋଗଦାନ ଦେଇଥିଲେ। ତୃତୀୟ ସ୍ଥାନରେ କ୍ରିଜ୍‌କୁ ଆସିଥିଲେ ହନୁମା ବିହାରୀ। ସମସ୍ତଙ୍କ ନଜର କିନ୍ତୁ କୋହଲିଙ୍କ ଉପରେ କେନ୍ଦ୍ରୀଭୂତ ହୋଇଥିଲା। ମୟଙ୍କ ଆଉଟ ହେବାପରେ କୋହଲି କ୍ରିଜ୍‌କୁ ଆସିବାବେଳେ ବିରାଟ, ବିରାଟ ଧ୍ୱନିରେ ଷ୍ଟାଡିୟମ କମ୍ପିଥିଲା। ମ୍ୟାଚ ପୂର୍ବରୁ ଏକ ସ୍ମାରକୀ ଦେଇ କୋହଲିଙ୍କୁ ସମ୍ବର୍ଦ୍ଧିତ କରିଥିଲେ କୋଚ୍ ରାହୁଲ ଦ୍ରାବିଡ। ନିଜ ପ୍ରଶଂସକଙ୍କୁ ନିରାଶ ନ କରି ବିରାଟ ଦଳୀୟ ଇନିଂସକୁ ଆଗେଇ ନେଇଥିଲେ। ମାତ୍ର ତୃତୀୟ ଉଇକେଟରେ ହନୁମାଙ୍କ ସହ ୯୦ ରନ ଯୋଗ କରିବା ପରେ ସେ ବ୍ୟକ୍ତିଗତ ୪୫ (୭୬ ବଲ, ୫ ଚୌକା) ରନକରି ଆଉଟ ହୋଇ ଯାଇଥିଲେ। ସ୍ପିନର ଲସିଥ ଏମ୍ବୁଲଦେନିୟାଙ୍କ ଅଫ୍‌ଷ୍ଟମ୍ପ ଉପର ଲେନ୍ଥ ବଲ୍‌କୁ ସେ ଷ୍ଟ୍ରେଟ୍ ବ୍ୟାଟ୍‌ରେ ଖେଳିବାକୁ ଯାଇଥିବାବେଳେ ବଲ୍ ଟର୍ନ କରି ଅଫ୍ ଷ୍ଟମ୍ପରେ ଲାଗିଥିଲା। ଫଳରେ ଶତକ ଟେଷ୍ଟରେ କୋହଲିଙ୍କ ଶତକ ଆଶା ସମ୍ଭବ ହୋଇ ନ ଥିଲା।



ଛକା ମାରିବା ଅବସରରେ ରିଷଭ ପନ୍ତ।

**ରିଷଭଙ୍କ ଷ୍ଟ୍ରୋକପୂର୍ଣ୍ଣ ଇନିଂସ**

ଅର୍ଦ୍ଧଶତକ ହାସଲ କରିଥିଲେ ହେଁ ହନୁମା ୧୨୮ ବଲ୍‌ରୁ ୫୮ ରନ କରି ଆଉଟ ହୋଇଥିଲେ। ଶ୍ରେୟାସ ଆୟାର ୨୭ ରନ କରିବାକୁ ସକ୍ଷମ ହୋଇଥିବାବେଳେ ଷ୍ଟ୍ରୋକପୂର୍ଣ୍ଣ ଇନିଂସ ଖେଳି ଦର୍ଶକଙ୍କ ମନୋରଞ୍ଜନ କରିଥିଲେ ଯୁବ ଉଇକେଟ କିପର ରିଷଭ ପନ୍ତ। ମାତ୍ର ୪ ରନ ପାଇଁ ଶତକ ହାସଲରୁ ବଞ୍ଚିତ ହୋଇଥିବା ରିଷଭ ୯୭ ବଲ୍‌ରୁ ୯ ଚୌକା ଓ ୪ ଛକା ସହାୟତାରେ ୯୬ ରନ କରିଥିଲେ। ସୁରଙ୍ଗ ଲକମଲଙ୍କ ଲେନ୍ଥ ବଲ୍‌କୁ ସେ ହାଲୁକା ଭାବେ ନେଇ ଡିଫେଣ୍ଡ କରିବାକୁ ଯାଇଥିଲେ। ମାତ୍ର ବିଳମ୍ବରେ ବ୍ୟାଟ୍ ଚାଳନା ଯୋଗୁ ସେ ବୋଲ୍ଡ ହୋଇ ଯାଇଥିଲେ। ଆଉଟ ହେବା ପୂର୍ବରୁ ସେ ରବୀନ୍ଦ୍ର ଜାଡେଜାଙ୍କ ସହ ୬ଷ୍ଠ ଉଇକେଟରେ ଶତକୀୟ (୧୧୮ ବଲ୍‌ରୁ ୧୦୪ ରନ) ପାର୍ଟନରଶିପ୍ ଗଢ଼ିଥିଲେ। ଶ୍ରୀଲଙ୍କା ପକ୍ଷରୁ ଲସିଥ ଏମ୍ବୁଲଦେନିୟା ୨ଟି ଏବଂ ସୁରଙ୍ଗ ଲକମଲ, ବିଶ୍ୱ ଫର୍ନାଣ୍ଡୋ, ଲାହିରୁ କୁମାରା ଓ ଧନଞ୍ଜୟ ଡି'ସିଲ୍‌ଭା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ: ୩୫୭/୬ (ରିଷଭ ପନ୍ତ-୯୬, ହନୁମା ବିହାରୀ-୫୮, ବିରାଟ କୋହଲି-୪୫, ରବୀନ୍ଦ୍ର ଜାଡେଜା-୪୫*, ଲସିଥ ଏମ୍ବୁଲଦେନିୟା-୨/୧୦୭, ସୁରଙ୍ଗ ଲକମଲ-୧/୬୩, ବିଶ୍ୱ ଫର୍ନାଣ୍ଡୋ-୧/୬୯, ଲାହିରୁ କୁମାରା-୧/୫୨, ଧନଞ୍ଜୟ ଡି'ସିଲ୍‌ଭା-୧/୪୭)।

# ଅଗ୍ରଣୀ ଦିଗରେ ମୁମ୍ବାଇ

**ରଣଜୀ ଟ୍ରଫି**

**ଭୁବନେଶ୍ୱର, ୪।୩ (କ୍ରୀଡ଼ା ପ୍ରତିନିଧି)**

ଅହମଦାବାଦରେ ଚାଲିଥିବା ଏଲିଟ ଗ୍ରୁପ୍ 'ଡି' ରଣଜୀ ଟ୍ରଫି କ୍ରିକେଟ ମ୍ୟାଚରେ ଓଡ଼ିଶା ପ୍ରଥମ ଇନିଂସରେ ୨୮୪ ରନ କରିବାକୁ ସକ୍ଷମ ହୋଇଛି। ଦ୍ୱିତୀୟ ଦିବସ ଷ୍ଟମ୍ପ ପ୍ରତ୍ୟାହୃତ ହେବା ବେଳକୁ ମୁମ୍ବାଇ ୩ ଉଇକେଟରେ ୨୫୯ ରନକରି ଅଗ୍ରଣୀ ପଥରେ ଅଗ୍ରସର ହୋଇଛି। ହାତରେ ୭ ଉଇକେଟ ସୁରକ୍ଷିତ ଥିବାବେଳେ ମୁମ୍ବାଇ ଆଉମାତ୍ର ୨୫ ରନ ପଛରେ ଅଛି।

**ରାଜେଶଙ୍କ ଟ୍ରିପଲ ଷ୍ଟ୍ରାଇକ୍**

ଅଧିନାୟକ ପୃଥ୍ୱୀ ଶ'ଙ୍କ ଅର୍ଦ୍ଧଶତକ ସହାୟତାରେ ମୁମ୍ବାଇ ଓପନିଂ ଯୋଡ଼ିରେ ୭୩ ରନ ସଂଗ୍ରହ କରିଥିଲା। ତେବେ ଓଡ଼ିଶା ଦ୍ରୁତ ବୋଲର ରାଜେଶ ମହାନ୍ତି ମାତ୍ର ୭ ବଲ୍ ଓ ୩ ରନ ବ୍ୟବଧାନରେ ୩ଟି ଉଇକେଟ ନେଇ ନିଜ ଦଳ ପାଇଁ ଆଶା ସଞ୍ଚାର କରିଥିଲେ। ସେ ପୃଥ୍ୱୀଙ୍କୁ ୫୩ ଓ ସଚିନ ଯାଦବଙ୍କୁ ୧୯ ରନରେ ଆଉଟ କରିଥିବାବେଳେ ଅଜିଙ୍କ୍ୟ ରାହାନେଙ୍କୁ ଗୋଲ୍ଡେନ ଡକ୍ (୦)ରେ ପ୍ୟାଭିଲିୟନ



ରାଜେଶ ମହାନ୍ତି: ୩/୬୪।

ପଠାଇଥିଲେ। ଫଳରେ ଏକଦା ବିନା ଉଇକେଟରେ ୭୩ ରନ କରିଥିବା ମୁମ୍ବାଇ ସ୍କୋର ୭୬/୩ ହୋଇ ଯାଇଥିଲା।

**ସର୍ଫରାଜଙ୍କ ଶତକ**

ମୁମ୍ବାଇ ଇନିଂସକୁ କିନ୍ତୁ ସମ୍ଭାଳି ନେଇଥିଲେ ଇନ୍‌ଫର୍ମ ବ୍ୟାଟର ସର୍ଫରାଜ ଖାଁ। ପୂର୍ବ ମ୍ୟାଚରେ ଦ୍ୱିଶତକ ହାସଲ କରିଥିବା ସର୍ଫରାଜ ଏଠାରେ ଅପରାଜିତ ଶତକୀୟ ଇନିଂସ ଖେଳି ମୁମ୍ବାଇକୁ ଅଗ୍ରଣୀ ଦ୍ୱାରରେ ପହଞ୍ଚାଇ ଦେଇଛନ୍ତି। ସେ ୧୧୭ ବଲ୍‌ରୁ ୧୧ ଚୌକା ଓ ୧ ଛକା ସହାୟତାରେ ୧୦୭ ରନରେ ଅପରାଜିତ ଅଛନ୍ତି। ତାଙ୍କୁ ଉପଯୁକ୍ତ ସହାୟତା କରି ଅର୍ମାନ ଜାଫର ୭୭ ରନରେ ଅପରାଜିତ ରହିଛନ୍ତି। ଦୁହେଁ ଅସମାପ୍ତ ୪ର୍ଥ ଉଇକେଟରେ ୧୮୩ ରନ ଯୋଗକରି ଓଡ଼ିଶା ବୋଲରଙ୍କୁ ନିରାଶ କରିଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ: ୨୮୪/ଅଲ୍‌ଆଉଟ (ଶାନ୍ତନୁ ମିଶ୍ର-୮୯, ଅଭିଷେକ ରାଉତ-୩୯, ରାଜେଶ ମହାନ୍ତି-୩୯, ମୋହିତ ଅବସ୍ଥି-୩/୬୬, ଧାୱଲ କୁଲକର୍ନୀ-୨/୪୨, ଶାମ୍ସ ମୁଲାନୀ-୨/୫୩, ତନୁଶ କୋଟିଆନ-୨/୬୮, ସିଦ୍ଧାର୍ଥ ରାଉତ-୧/୪୨)। ମୁମ୍ବାଇ ପ୍ରଥମ ଇନିଂସ: ୨୫୯/୩ (ସର୍ଫରାଜ ଖାଁ-୧୦୭*, ଅର୍ମାନ ଜାଫର-୭୭, ପୃଥ୍ୱୀ ଶ'-୫୩, ରାଜେଶ ମହାନ୍ତି-୩/୬୪)।

# ଓଡ଼ିଶା-କର୍ନାଟକ ଫାଇନାଲ ଆଜି

**ଜାତୀୟ ମହିଳା ଦୃଷ୍ଟିହୀନ କ୍ରିକେଟ**

**ଭୁବନେଶ୍ୱର, ୪।୩ (କ୍ରୀଡ଼ା ପ୍ରତିନିଧି):** ବେଙ୍ଗାଲୁରୁଠାରେ ଚାଲିଥିବା ୨ୟ ଜାତୀୟ ମହିଳା ଦୃଷ୍ଟିହୀନ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲରେ ଓଡ଼ିଶା ଦଳ ପ୍ରବେଶ କରିଛି। ଶୁକ୍ରବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ଓଡ଼ିଶା ପ୍ରତିପକ୍ଷ ଦିଲ୍ଲୀକୁ ୧୨୯ ରନରେ ହରାଇ ଦେଇଛି। ଦ୍ୱିତୀୟ ସେମିଫାଇନାଲରେ ଆନ୍ଧ୍ର ପ୍ରଦେଶକୁ ହରାଇ କର୍ନାଟକ ଫାଇନାଲରେ ପହଞ୍ଚିଛି। ଶନିବାର ଓଡ଼ିଶା ଓ କର୍ନାଟକ ମଧ୍ୟରେ ଫାଇନାଲ ଅନୁଷ୍ଠିତ ହେବ। ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଓଡ଼ିଶା ନିର୍ଦ୍ଧାରିତ ୧୫ ଓଭରରେ କୌଣସି ଉଇକେଟ ନ ହରାଇ ୧୮୭ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଝିଲି ବିରୁଆ



ଝିଲି ବିରୁଆଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଉଛି।

୪୯ ବଲ୍‌ରୁ ସର୍ବାଧିକ ୯୩ ଓ ରଚନା ଜେନା ୪୨ ବଲ୍‌ରୁ ୮୨ ରନକରି ଅପରାଜିତ ରହିଥିଲେ। ଜବାବରେ ଦିଲ୍ଲୀ ୧୧.୨ ଓଭରରେ ମାତ୍ର ୫୮ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ଓଡ଼ିଶା ବୋଲରଙ୍କ ମଧ୍ୟରେ ପ୍ରଭାତୀ ଟୁଡୁ ସର୍ବାଧିକ ୨ଟି ଉଇକେଟ ନେଇଥିଲେ। ଦ୍ରୁତ ବ୍ୟାଟିଂ ପାଇଁ ଝିଲି ବିରୁଆଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ୨୦୧୯ରେ ଅନୁଷ୍ଠିତ ପ୍ରଥମ ସଂସ୍କରଣରେ ଓଡ଼ିଶା ଚାମ୍ପିୟନ ହୋଇଥିଲା।

# ଓଡ଼ିଶା ଏଫ୍‌ସିର ଅଭିଯାନ ଶେଷ

**ଭୁବନେଶ୍ୱର, ୪।୩ (କ୍ରୀଡ଼ା ପ୍ରତିନିଧି)**

ଗୋଆରେ ଚାଲିଥିବା ଇଣ୍ଡିଆନ ସୁପରଲିଗ୍ (ଆଇଏସ୍‌ଏଲ୍)ରେ ଶୁକ୍ରବାର ଓଡ଼ିଶା ଏଫ୍‌ସି ଅଭିଯାନ ଶେଷ ହୋଇଛି। ନିଜ ଅନ୍ତିମ ମ୍ୟାଚରେ ଭୁବନେଶ୍ୱର ଭିତ୍ତିକ ଦଳ ୧-୫ ଗୋଲରେ ଜାମସେଦପୁର ଏଫ୍‌ସି ନିକଟରୁ ହାରି ଯାଇଛି। ଓଡ଼ିଶା ଏଫ୍‌ସି ଚଳିତ ସିଜନରେ ୨୦ଟି ମ୍ୟାଚ ଖେଳି ୬ ବିଜୟ, ୫ ଡ୍ର ଓ ୯ ପରାଜୟ ସହ ୨୩ ପଏଣ୍ଟ ପାଇ ୭ମ ସ୍ଥାନରେ ରହିଛି। ଦଳ ୩୧ଟି ଗୋଲ ଦେଇଥିବାବେଳେ ୪୩ଟି ବରଣ କରିଛି। ଗୋଲ ବ୍ୟବଧାନ ଅଛି -୧୨।




# ଓଡ଼ିଶା ପୋଲିସ ଚାମ୍ପିୟନ

**ଓଡ଼ିଶା ଓମେନ୍ସ ଲିଗ୍**

**ଭୁବନେଶ୍ୱର, ୨।୩ (କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା ଓମେନ୍ସ ଲିଗ୍ (ଓଡବ୍ଲ୍ୟୁଏଲ୍) ଫୁଟବଲ ଶେଷ ହୋଇଛି। ୬ଟି ଦଳକୁ ନେଇ ମୋଟ ୩୦ଟି ମ୍ୟାଚ ହେବାପରେ ଓଡ଼ିଶା ପୋଲିସ ସର୍ବାଧିକ ୨୮ ପଏଣ୍ଟ ପାଇ ଚାମ୍ପିୟନ ହୋଇଛି। ସ୍ପୋର୍ଟ୍ସ ଓଡ଼ିଶା ୨୦ ପଏଣ୍ଟ ସହିତ ଦ୍ୱିତୀୟ, ଇଷ୍ଟକୋଷ୍ଟ ରେଲଓ୍ୱେ ୧୯ ପଏଣ୍ଟ ସହ ତୃତୀୟ ସ୍ଥାନରେ ରହିଛି। ଶେଷ ୩ ସ୍ଥାନରେ ରହିଥିବା କ୍ଲବ ଗୁଡ଼ିକ ହେଲେ ରାଇଜିଂ ଷ୍ଟୁଡେଣ୍ଟ (୯), ସାଇ-ଏସ୍‌ଟିସି (୬) ଓ ଓଜିପି (୬)। ପ୍ରତିଯୋଗିତାରେ ଅପରାଜେୟ ରହିଥିବା ଓଡ଼ିଶା ପୋଲିସ ଇଣ୍ଡିଆନ ଓମେନ୍ସ ଲିଗ୍ (ଆଇଡବ୍ଲ୍ୟୁଏଲ୍) ପାଇଁ ଯୋଗ୍ୟତା ଅର୍ଜନ କରିଛି। ଶୁକ୍ରବାର ୩ଟି ମ୍ୟାଚ ଖେଳା ଯାଇଥିଲା। ଏଥିରେ ରାଇଜିଂ ଷ୍ଟୁଡେଣ୍ଟ ୩-୦ରେ ସାଇ ଏସ୍‌ଟିସିକୁ ଏବଂ ଓଡ଼ିଶା ପୋଲିସ ୨-୦ ଗୋଲରେ ଓଜିପି କ୍ଲବକୁ ହରାଇଥିବାବେଳେ ରେଲଓ୍ୱେ ଓ ସ୍ପୋର୍ଟ୍ସ ଓଡ଼ିଶା ମ୍ୟାଚ ୧-୧ରେ ଡ୍ର ରହିଥିଲା।



କ୍ୟାପିଟାଲ ହାଇସ୍କୁଲ ପଡ଼ିଆରେ ଶୁକ୍ରବାର ଓଡ଼ିଶା ପୋଲିସ ଓ ଓଜିପି କ୍ଲବ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

# ମହିଳା କ୍ରିକେଟ ବିଶ୍ୱକପ୍ ଆରମ୍ଭ

**ମାଉଣ୍ଟ ମଙ୍ଗାନୁଇ, ୪।୩(ପି.ଟି.):** ସ୍ଥାନୀୟ ବେ' ଓଭାଲଠାରେ ଶୁକ୍ରବାର ଖେଳାଯାଇଥିବା ଆଇସିସି ମହିଳା କ୍ରିକେଟ ବିଶ୍ୱକପ୍‌ର ଉଦ୍‌ଘାଟନୀ ମ୍ୟାଚରେ ୱେଷ୍ଟଇଣ୍ଡିଜ ରୋମାଞ୍ଚକ ବିଜୟ ହାସଲ କରିଛି। ହେଲି ମାଥ୍ୟୁସଙ୍କ ଶତକ ଓ ପରେ ଡିଣ୍ଡ୍ରା ଡଟିନ୍‌ଙ୍କ ଚମତ୍କାର ବୋଲିଂ ଯୋଗୁ ଦଳ ୩ ରନରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରି ଟୁର୍ନାମେଣ୍ଟରେ ତା'ର ଅଭିଯାନ ଆରମ୍ଭ କରିଛି। ମ୍ୟାଚରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ୱେଷ୍ଟଇଣ୍ଡିଜ ନିର୍ଦ୍ଧାରିତ ୫୦ ଓଭରରେ ୯ ଉଇକେଟ ବିନିମୟରେ ୨୫୯ ରନ କରିଥିଲା। ଟପ୍ ସ୍କୋରର ହେଲି ୧୨୮ ବଲ୍‌ରେ ୧୬ ଚୌକା ଓ ୧ ଛକା ସହ ୧୧୯ରନ କରିଥିଲେ। ୨୬୦ରନର ବିଜୟ ଲକ୍ଷ୍ୟ ପିଛା କରିବା ବେଳେ ନ୍ୟୁଜିଲାଣ୍ଡ ମହିଳା ଦଳ ଆରମ୍ଭ ଉତ୍ସାହଜନକ ନ ଥିଲା। ମାତ୍ର ଅଧିନାୟିକା ସୋଫି ଡିଭାଇନ୍ (୧୦୮ରନ)ଙ୍କ ଶତକ ଯୋଗୁ ମ୍ୟାଚ ଫାଇନାଲ ଓଭରକୁ ଯାଇଥିଲା। ବିଜୟ ପାଇଁ ନ୍ୟୁଜିଲାଣ୍ଡ ଅନ୍ତିମ ଓଭରରେ ମାତ୍ର ୬ ରନ ଆବଶ୍ୟକ କରୁଥିଲା। ମାତ୍ର ୱେଷ୍ଟଇଣ୍ଡିଜ ପେସ୍ ବୋଲର ଅଲରାଉଣ୍ଡର ଡଟିନଙ୍କ ବୋଲିଂ (୦.୫-୦-୨-୨) ଯୋଗୁ ଆୟୋଜକ ଦଳ ୪ ବଲ୍‌ରେ ଏହାର ୩ ଉଇକେଟ ହରାଇ ବସିଥିଲା। ଦଳ ୪୯.୫ ଓଭରରେ ୨୫୬ ରନ କରି ଅଲଆଉଟ ହୋଇଯାଇଥିଲା।

# ଅଷ୍ଟ୍ରେଲିଆର ମହାନ୍ କ୍ରିକେଟର ରଡ୍ ମାର୍ଶଙ୍କ ପରଲୋକ

**ବ୍ରିସ୍‌ବେନ୍, ୪।୩ (ଏପି):** ଅଷ୍ଟ୍ରେଲିଆର ମହାନ୍ କ୍ରିକେଟର ରଡ୍ ମାର୍ଶଙ୍କ ୭୪ବର୍ଷ ବୟସରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ୧୯୭୦ ଓ ୮୦ ଦଶକ ପ୍ରଥମ ଭାଗରେ ସେ ଜଣେ ପରିଚିତ କ୍ରିକେଟର ଥିଲେ। ଆକର୍ଷଣୀୟ ନିଶ, ବଟନ ଖୋଲା ଶର୍ଟ ଏବଂ ବ୍ୟାଗି ଗ୍ରୀନ କ୍ୟାପ୍ ପରିଧାନ କରି ସେ ଯେତେବେଳେ ଉଇକେଟ କିପିଂ କରନ୍ତି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥାନ୍ତି। ଅଷ୍ଟ୍ରେଲିଆନ ପେସ୍ ବୋଲର ଡେନିସ୍ ଲିଲିଙ୍କ ସହ ତାଙ୍କ ଉଇକେଟ ନେବା ପାର୍ଟନରଶିପ୍ ବହୁ ଦିନ ଧରି ଚାଲିଥିଲା। ଟେଷ୍ଟ କ୍ରିକେଟରେ ଉଭୟ ରେକର୍ଡ ୯୫ ଥର ବିପକ୍ଷ ଦଳର ବ୍ୟାଟରଙ୍କୁ ଆଉଟ କରିଥିଲେ। ମାର୍ଶ ଏବଂ ଲିଲି ସେମାନଙ୍କ ଟେଷ୍ଟ ପଦାର୍ପଣ ୧୯୭୦-୭୧ରେ ଇଂଲଣ୍ଡ ବିପକ୍ଷ ଆଶେସ ସିରିଜରେ କରିଥିଲେ। ୧୯୮୪ରେ ପାକିସ୍ତାନ ବିପକ୍ଷରେ ଏକ ଟେଷ୍ଟ ମ୍ୟାଚ ପରେ ଅବସର ନେଇଥିଲେ। ଉଭୟେ ସେ ସମୟରେ ମିଳିତ ଭାବେ ୩୫୫ ଉଇକେଟ ପତନ ଘଟାଇ ଜଣେ ଉଇକେଟକିପର ଓ ଫାଷ୍ଟ ବୋଲର ହିସାବରେ ଏକ ରେକର୍ଡ କରିଥିଲେ। ମାର୍ଶ ୧୯୭୧ ଜାନୁୟାରୀ ୫ରେ ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡରେ ତାଙ୍କ ପ୍ରଥମ ଅନ୍ତର୍ଜାତୀୟ ମ୍ୟାଚ ଖେଳିଥିଲେ।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୫/୨୦୨୨ (୮+୮=୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, March 5/2022 Page-16 | ପୃଷ୍ଠା-୧



**ସ୍ୱତନ୍ତ୍ର ଟ୍ରିବ୍ୟୁନାଲରେ ହେଉ ପୁଟିନ୍‌ଙ୍କ ବିଚାର**

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କୁ ଯୁଦ୍ଧ ଅପରାଧ ପାଇଁ ଦଣ୍ଡିତ କରିବା ଲାଗି ସ୍ୱତନ୍ତ୍ର ଟ୍ରିବ୍ୟୁନାଲ ଗଠନ ଦାବି କରିଛି ୟୁକ୍ରେନ୍

୦୨

୦୬

**ବାପା ହେଲେ ଆଦିତ୍ୟ ନାରାୟଣ**

ବଲିଉଡ୍ ସିଙ୍ଗର୍ ତଥା ଟିଭି ଆଙ୍କର୍ ଆଦିତ୍ୟ ନାରାୟଣ କନ୍ୟା ସନ୍ତାନର ଜନକ ହେବା ପରେ ଶୁକ୍ରବାର ଏ ନେଇ ଇନ୍‌ଷ୍ଟାଗ୍ରାମ୍‌ରେ ପୋଷ୍ଟ କରିଛନ୍ତି



# ରୁଷିଆ ଦଖଲରେ ୟୁକ୍ରେନ୍‌ର ଆଣବିକ କେନ୍ଦ୍ର

କ୍ୱିଭ୍/ମସ୍କୋ,୪।୩

ୟୁକ୍ରେନ୍ ଉପରେ ମସ୍କୋର ଆକ୍ରମଣ ଶୁକ୍ରବାର ନବମ ଦିନରେ ପହଞ୍ଚିଥିବାବେଳେ ରୁଷୀୟ ସୈନ୍ୟମାନେ ଜେପୋରିଝିଆ ସହରସ୍ଥିତ ୟୁରୋପର ସର୍ବବୃହତ୍ ଆଣବିକ ଶକ୍ତି କେନ୍ଦ୍ରକୁ ଟାର୍ଗେଟ କରି ଦଖଲ କରିଛନ୍ତି। ଏହି ନ୍ୟୁକ୍ଲିୟର ପାୱାର ପ୍ଲାଣ୍ଟକୁ ନେଇ ଗୁରୁବାର ରାତିସାରା ରୁଷିଆ ଓ ୟୁକ୍ରେନ୍ ସୈନ୍ୟଙ୍କ ମଧ୍ୟରେ ସଂଘର୍ଷ ଘଟିଥିଲା। ଭୋର ସମୟରେ ରୁଷୀୟ ସୈନ୍ୟଙ୍କ ଆକ୍ରମଣରେ ପ୍ଲାଣ୍ଟରେ ନିଆଁ ଲାଗିଯାଇଥିଲା। ଏଥିରେ ୟୁକ୍ରେନ୍‌ର ୩ ସୈନ୍ୟ ନିହତ ହୋଇଥିବାବେଳେ ୨ ଆହତ ହୋଇଥିବା କ୍ୱିଭ୍ ପକ୍ଷରୁ କୁହାଯାଇଛି। ରୁଷିଆ ପ୍ରତିରକ୍ଷା ମନ୍ତ୍ରଣାଳୟ ଅଭିଯୋଗକୁ ଖଣ୍ଡନ କରି ଏହାକୁ ୟୁକ୍ରେନୀୟଙ୍କ ଅନ୍ତର୍ଘାତୀ କାର୍ଯ୍ୟ ବୋଲି ଓଲଟା ଦୋଷାରୋପ କରିଛି।

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ କାହା କଥା ଶୁଣୁନାହାନ୍ତି। ବିଶ୍ୱବାସୀଙ୍କ ନିନ୍ଦା ଏବଂ ଆମେରିକା ସମେତ ୟୁରୋପୀୟ ସଂଘ(ଇୟୁ)ର ତମାମ ଆର୍ଥିକ କଟକଣା ସତ୍ତ୍ୱେ ସେ ଗୋଟିଏ ପରେ ଗୋଟିଏ ଦୁଃସାହସିକ ପଦକ୍ଷେପ ନେଇଚାଲିଛନ୍ତି। ପୁଟିନ୍‌ଙ୍କ ନିର୍ଦ୍ଦେଶକ୍ରମେ ତାଙ୍କ ଶକ୍ତିଶାଳୀ ସେନା ୟୁକ୍ରେନ୍ ସରକାରଙ୍କ ଦ୍ୱାରା ପରିଚାଳିତ ଜେପୋରିଝିଆ ନ୍ୟୁକ୍ଲିୟର ପାୱାର ପ୍ଲାଣ୍ଟକୁ ଟାର୍ଗେଟ କରିଛି। ରୁଷୀୟ ସୈନ୍ୟଙ୍କ ଆକ୍ରମଣରେ ଉକ୍ତ ପ୍ଲାଣ୍ଟରେ ଏକ ବଡ଼ଧରଣର ଅଗ୍ନିକାଣ୍ଡ ଘଟିଥିଲା। ନିଆଁ ଲିଭାଇବାକୁ ଯାଇଥିବା ୟୁକ୍ରେନ୍‌ର ୩ ସୈନ୍ୟଙ୍କ ପ୍ରାଣହାନି ଘଟିଥିବାବେଳେ ଅନ୍ୟ ୨ ଜଣ ଆହତ ହୋଇଛନ୍ତି। ପରେ ନିଆଁକୁ ଆୟତ୍ତ କରାଯାଇଥିଲା। ତାହା ଏବେ ସୁରକ୍ଷିତ। ସେଠାରେ ନିୟୋଜିତ କର୍ମଚାରୀମାନେ ନିଜ ନିଜ କାର୍ଯ୍ୟ କରୁଛନ୍ତି ବୋଲି ୟୁକ୍ରେନ୍ ଅଧିକାରୀମାନେ ସୂଚନା ଦେଇଛନ୍ତି। ଏହା ୟୁରୋପ ମହାଦେଶର ସର୍ବବୃହତ୍ ନ୍ୟୁକ୍ଲିୟର ପାୱାର ପ୍ଲାଣ୍ଟ ହୋଇଥିବାରୁ ଏଥିରୁ ବିଷାକ୍ତ ରେଡିଓଆକ୍ଟିଭ୍ ମ୍ୟାଟେରିଆଲ ଲିକ୍ ହୋଇଥିଲେ ବିପଦ ବଢ଼ିଯାଇଥାଆନ୍ତା। ତେବେ ରିଆକ୍ଟରର କୌଣସି ଅଂଶରେ ନିଆଁ ଲାଗି ନ ଥିଲା, ବରଂ ଉକ୍ତ ପ୍ଲାଣ୍ଟର ଏକ ପ୍ରଶିକ୍ଷଣ କେନ୍ଦ୍ରରେ ଅଗ୍ନିକାଣ୍ଡ ଘଟିଥିଲା। ତେଣୁ କୌଣସି ପ୍ରକାର ତେଜସ୍କ୍ରିୟ ବିକିରଣ ହୋଇ ନ ଥିବା ଅନ୍ତର୍ଜାତୀୟ ପରମାଣୁ ଶକ୍ତି ସଂସ୍ଥା (ଆଇଏଇଏ) ମହାନିର୍ଦ୍ଦେଶକ ରାଫାଲ ମାରିଆନୋ ଗ୍ରୋସି ସୂଚନା ଦେଇଛନ୍ତି। ସୁଇଡେନ୍ ଓ ଚାଇନାର ଆଣବିକ ଅଧିକାରୀମାନେ ମଧ୍ୟ ଏଥିରୁ କୌଣସି ରେଡିଏଶନ୍ ହୋଇ ନ ଥିବା ସ୍ପଷ୍ଟ କରିଛନ୍ତି। ରୁଷିଆର ଏହି ଆକ୍ରମଣକୁ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ଦାୟିତ୍ୱହୀନ ଓ ବିପଜ୍ଜନକ କାର୍ଯ୍ୟ ଭାବେ ଅଭିହିତ କରି ନିନ୍ଦା କରିଛନ୍ତି। ୟୁକ୍ରେନ୍ ରାଷ୍ଟ୍ରପତି ☞ପୃଷ୍ଠା-୬



ରୁଷିଆ କବ୍‌ଜାରେ ୟୁରୋପର ସର୍ବବୃହତ୍ ଆଣବିକ ଶକ୍ତି କେନ୍ଦ୍ର ଜେପୋରିଝିଆ।

## ଶେନ୍ ୱର୍ନଙ୍କ ପରଲୋକ

ମେଲବୋର୍ନ, ୪।୩ (ପି.ଟି.)

ଅଷ୍ଟ୍ରେଲିଆର ସ୍ପିନ୍ କିମ୍ବଦନ୍ତୀ ଶେନ ୱର୍ନଙ୍କ ଆକସ୍ମିକ ପରଲୋକ ଘଟିଛି। ତାଙ୍କୁ ମାତ୍ର ୫୨ବର୍ଷ ବୟସ ହୋଇଥିଲା। ମୃତ୍ୟୁ ବେଳକୁ ସେ ଥାଇଲାଣ୍ଡରେ ଥିଲେ। ସେଠାରେ କୋ' ସାମୁଇସ୍ଥିତ ଏକ ଭିଲାରେ ୱର୍ନ ନିସ୍ତେଜ ଅବସ୍ଥାରେ ପଡ଼ି ରହିଥିବା ଦେଖିବାକୁ ମିଳିଥିଲା। ବହୁ ପ୍ରଚେଷ୍ଟା ସତ୍ତ୍ୱେ ମେଡିକାଲ ଷ୍ଟାଫ୍ ତାଙ୍କ ଜୀବନକୁ ବଞ୍ଚାଇ ପାରି ନ ଥିଲେ। ତାଙ୍କର ହୃଦ୍‌ଘାତରେ ପ୍ରାଣହାନି ଘଟିଥିବା ସନ୍ଦେହ କରାଯାଉଛି। ତାଙ୍କ ପରିବାର ଏହି ସମୟରେ ଗୋପନୀୟତା ପାଇଁ ଅନୁରୋଧ କରିଛନ୍ତି। ଠିକଣା ସମୟରେ ସେମାନେ ବିବରଣୀ ପ୍ରଦାନ କରିବେ ବୋଲି କହିଛନ୍ତି। ସ୍ପିନ୍ ଯାଦୁକର ଭାବେ ପରିଚିତ ୱର୍ନଙ୍କୁ ଅନ୍ୟତମ ସର୍ବକାଳୀନ ଶ୍ରେଷ୍ଠ କ୍ରିକେଟର ବିବେଚନା କରାଯାଏ। ୱର୍ନ ୧୯୯୨ରେ ଅନ୍ତର୍ଜାତୀୟ ପଦାର୍ପଣ ପରେ ଅଷ୍ଟ୍ରେଲିଆ ପାଇଁ ୧୪୫ ଟେଷ୍ଟ ଖେଳି ୭୦୮ଉଇକେଟ ଅକ୍ତିଆର କରିଛନ୍ତି। ସେ ୧୯୪ ଅନ୍ତର୍ଜାତୀୟ ଦିନିକିଆ ଖେଳି ୨୯୩ ଉଇକେଟ ହାସଲ କରିଛନ୍ତି। ଶ୍ରୀଲଙ୍କା ଅଫ୍ ସ୍ପିନର ମୁଥୟା ମୁରଲୀଧରନ (୮୦୦ଉଇକେଟ)ଙ୍କ ପରେ ଅଷ୍ଟ୍ରେଲିଆର ଏହି ଲେଗ୍ ସ୍ପିନର ଟେଷ୍ଟ ଇତିହାସରେ ଦ୍ୱିତୀୟ ସର୍ବାଧିକ ଉଇକେଟ ହାସଲକାରୀ ବୋଲର। ୨୦୦୭ରେ ଏହି ଦୁଇ ମହାନ୍ କ୍ରିକେଟରଙ୍କ ସମ୍ମାନାର୍ଥେ କ୍ରିକେଟ ଅଷ୍ଟ୍ରେଲିଆ (ସିଏ) ଓ ଶ୍ରୀଲଙ୍କା କ୍ରିକେଟ ☞ପୃଷ୍ଠା-୬



## ରୁଷିଆ ଟିଭି ଚ୍ୟାନେଲ କର୍ମଚାରୀଙ୍କ ସମୂହ ଇସ୍ତଫା



ମସ୍କୋ,୪।୩

**ଯୁଦ୍ଧକୁ ନା**

ୟୁକ୍ରେନ୍ ଉପରେ ଆକ୍ରମଣକୁ ବିରୋଧ କରି ରୁଷିଆର ଏକ ଟିଭି ଚ୍ୟାନେଲର ସମସ୍ତ କର୍ମଚାରୀ ଇସ୍ତଫା ଦେଇଛନ୍ତି। ଷ୍ଟୁଡିଓରୁ ଚାଲିଯିବା ପୂର୍ବରୁ ସେମାନେ 'ନୋ ଟୁ ୱାର'ଘୋଷଣା କରିବା ପରେ ସମୂହ ଇସ୍ତଫା ଦେଇଥିଲେ ଯାହା ସିଧା ପ୍ରସାରଣ ହୋଇଥିଲା। ଏହା ଥିଲା ସେମାନଙ୍କର ଶେଷ ଟେଲିଭିଜନ ପ୍ରସାରଣ। ୟୁକ୍ରେନ୍ ଯୁଦ୍ଧ ଉପରେ 'ଟିଭି ରେନ୍'ର ଖବର ପ୍ରସାରଣକୁ ନେଇ ରୁଷିଆ କର୍ତ୍ତୃପକ୍ଷ ଏହା ଉପରେ ସ୍ଥଗିତାଦେଶ ଲଗାଇଥିଲେ। ଫଳରେ ଉକ୍ତ ଟିଭିର ସମସ୍ତ କର୍ମଚାରୀ ଇସ୍ତଫା ଦେବାକୁ ନିଷ୍ପତ୍ତି ନେଇଥିଲେ। ଷ୍ଟୁଡିଓରୁ କର୍ମଚାରୀମାନେ ଚାଲିଯାଇଥିବାରୁ 'ନୋ ଟୁ ୱାର' ସେମାନଙ୍କର ଶେଷ ଟେଲିକାଷ୍ଟ ବୋଲି ଚ୍ୟାନେଲର ଅନ୍ୟତମ ପ୍ରତିଷ୍ଠାତା ନାଟାଲିଆ ସିଣ୍ଡେୟେଭା କହିଛନ୍ତି। ଟିଭିର ପ୍ରସାରଣକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରଖାଯାଇଥିବା ପରେ ଚ୍ୟାନେଲ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ସମୂହ ଇସ୍ତଫାର ଭିଡିଓକୁ ଲେଖକ ଡାନିଏଲ୍ ଆବ୍ରାହମ୍ସ ଲିଙ୍କଡ୍‌ଇନ୍‌ରେ ଶେୟାର କରିଛନ୍ତି। ☞ପୃଷ୍ଠା-୬

## ପେଶାୱାରର ମସ୍‌ଜିଦରେ ବିସ୍ଫୋରଣ

ପେଶାୱର,୪।୩ (ପି.ଟି.)

**୫୬ ମୃତ, ୧୯୪ ଆହତ**

ପାକିସ୍ତାନର ପେଶାୱର ସହରରେ ଥିବା ଏକ ଶିୟା ମସ୍‌ଜିଦରେ ଶୁକ୍ରବାର ଶକ୍ତିଶାଳୀ ଆତ୍ମଘାତୀ ବିସ୍ଫୋରଣ ଘଟିଛି। ଏଥିରେ ୫୬ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୧୯୪ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ କେତେଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ବିସ୍ଫୋରଣ ପାଇଁ କୌଣସି ସଂଗଠନ ନିଜକୁ ଦାୟୀ କରିନାହାନ୍ତି। ତେବେ ଉକ୍ତ ଅଞ୍ଚଳରେ ଇସ୍‌ଲାମିକ୍ ଷ୍ଟେଟ୍ ଗ୍ରୁପ୍ ଏବଂ ପାକିସ୍ତାନୀ ତାଲିବାନ ସଂଗଠନ ଅନୁରୂପ ଆକ୍ରମଣ ପୂର୍ବରୁ କରିଥିବାରୁ ସେମାନେ ଏହି ବିସ୍ଫୋରଣରେ ସମ୍ପୃକ୍ତ ଥିବା ସନ୍ଦେହ କରାଯାଉଛି।

ପେଶାୱରର କିସା ଖ୍ୱାନି ବଜାର ଅଞ୍ଚଳରେ ଥିବା ଜାମିଆ ମସ୍‌ଜିଦ୍‌ରେ ଶୁକ୍ରବାର ନମାଜ ପାଠ ଲାଗି ୩୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଭିଡ଼ ଲାଗିଥିଲା। ଏହି ସମୟରେ ଦୁଇଜଣ ସଶସ୍ତ୍ର ଆକ୍ରମଣକାରୀ ମସ୍‌ଜିଦ ବାହାରେ ମୁତୟନ ଥିବା ପୋଲିସ ଉପରକୁ ଗୁଳି ଚଳାଇଥିଲେ। ☞ପୃଷ୍ଠା-୬







ରୁଷିଆର ରକେଟ ମାଡ଼ରେ ଚେର୍ନିହିଭ୍ ସହରର ବିଲ୍ଡିଂଗୁଡ଼ିକ ଭାଙ୍ଗିଯାଇଛି।



ୟୁକ୍ରେନ୍‌ର ଜଣେ ଶରଣାର୍ଥୀଙ୍କ ଝିଅ ବ୍ରାଜିଲସ୍ଥିତ କାନୋସ୍‌ର ଏକ ଚର୍ଚ୍ଚରେ ଯୁଦ୍ଧବିରତି ପାଇଁ ପ୍ରାର୍ଥନା କରି କ୍ୟାଣ୍ଡେଲ ଜାଳୁଛନ୍ତି।

# ଆକାଶରୁ ବୋମା ବର୍ଷା

କ୍ୱିଭ୍/ମସ୍କୋ,୪।୩

ଆକାଶରୁ ତୁହାକୁ ତୁହା ବର୍ଷୁଛି ବୋମା। ରାଜରାସ୍ତାରେ ଫୁଟୁଛି ଗୁଳି। ବଡ଼ ବଡ଼ ଆପାର୍ଟମେଣ୍ଟ ଓ ସରକାରୀ ବିଲ୍ଡିଂଗୁଡ଼ିକୁ ରକେଟ ମାଡ଼ କରି ଧରାଶାୟୀ କରିବାରେ ଲାଗିଛି ରୁଷିଆ ସେନା। ମୃତାହତଙ୍କ ସଂଖ୍ୟା କେବଳ ଅନୁମାନ ମାତ୍ର। ପ୍ରକୃତ ସଂଖ୍ୟାର ହିସାବ କାହା ପାଖରେ ନାହିଁ। ସବୁଠି ଶୁଭୁଛି କ୍ରନ୍ଦନରୋଳ। ମହିଳା ଓ ଶିଶୁମାନେ ପ୍ରାଣ ବିକଳରେ ଦେଶରୁ ପଳାୟନ କରିବାରେ ଲାଗିଥିବାବେଳେ ପୁରୁଷମାନେ ଘର ଜଗିଛନ୍ତି। ଏହା ହେଉଛି ଯୁଦ୍ଧ ପ୍ରଭାବିତ ପୂର୍ବ ୟୁରୋପୀୟ ରାଷ୍ଟ୍ର ୟୁକ୍ରେନ୍‌ର ସଦ୍ୟ ବିକଳ ଚିତ୍ର।

ରୁଷିଆ ପକ୍ଷରୁ ଆକ୍ରମଣର ନବମ ଦିନରେ ଛାରଖାର ହୋଇଯାଇଛି ୟୁକ୍ରେନ୍। ଶୁକ୍ରବାର ୟୁକ୍ରେନ୍ ଉତ୍ତରାଞ୍ଚଳରେ ଥିବା ଚେର୍ନିହିଭ୍ ସହରରେ ରୁଷୀୟ ସୈନ୍ୟଙ୍କ ବର୍ବରତା ସୀମା ଲଂଘିଛି। ଆବାସିକ କୋଠା, ସ୍କୁଲ, ଚର୍ଚ୍ଚ କାହାକୁ ବି ଛାଡ଼ିନାହାନ୍ତି ସେମାନେ।



ରୁଷିଆ ଆକ୍ରମଣରେ ଝିଟୋମିରରେ ଏକ ସ୍କୁଲ ଧରାଶାୟୀ ହୋଇଯାଇଥିବାବେଳେ ଉଦ୍ଧାରକାରୀଙ୍କ ଗହଣରେ ଜଣେ ମହିଳା ଛିଡ଼ା ହୋଇଛନ୍ତି।

ଆକ୍ରମଣରେ କେବଳ ଏହି ସହରରେ ଏକ ଏୟାର ଷ୍ଟ୍ରାଇକ୍‌ରେ ୪୭ ନିରୀହ ନାଗରିକଙ୍କ ମୃତ୍ୟୁ ଘଟିଛି। ସେହିପରି ବୋରୋଡ୍ୟାଙ୍କା ଓ ଖର୍କିଭ୍‌ରେ ମଧ୍ୟ ଅନୁରୂପ ଆକ୍ରମଣ ଜାରି ରହିଛି। ରଣନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ବନ୍ଦର ସହର ମାରିଉପୋଲକୁ ଦଖଲ କରିବା ପାଇଁ ରୁଷୀୟ ସୈନ୍ୟ କୌଣସି ସୁଯୋଗ ହାତଛଡ଼ା କରୁନାହାନ୍ତି। ରୁଷିଆ ସେନା ୟୁକ୍ରେନ୍‌ର ପୂର୍ବ, ଉତ୍ତର ଓ ଦକ୍ଷିଣ ତିନିପଟୁ ଘେରିରହିଥିବାବେଳେ ୟୁକ୍ରେନୀୟ ସୈନ୍ୟ ସେମାନଙ୍କୁ ଜବାବ ଦେଉଛନ୍ତି। କେବଳ ଖେରିସୋନ୍ ସହରକୁ ରୁଷିଆ ଦଖଲ କରିଥିବା କ୍ୱିଭ୍ ଦାବି କରିଛି। ଇତିମଧ୍ୟରେ ରୁଷିଆରେ ଏକ ନୂଆ ଆଇନ ଅଣାଯାଇଛି। ସେନା ସମ୍ପର୍କରେ ଅପପ୍ରଚାର କଲେ ଦଣ୍ଡ ଦିଆଯିବାକୁ ଏଥିରେ ବ୍ୟବସ୍ଥା କରାଯାଇଛି। ରୁଷିଆ ଉପରେ ଅତିରିକ୍ତ କଟକଣା ଲଗାଇ ସ୍ଥିତି ଖରାପ ନ କରିବାକୁ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକୁ ଚେତାବନୀ ଦେଇଛନ୍ତି। ଜର୍ମାନ ବ୍ରୋଡକାଷ୍ଟର ଡିଡବ୍ଲ୍ୟୁ ଉପରେ ରୁଷିଆ କଟକଣା ଜାରି କରିଛି।

## ‘ରୁଷିଆର ଆଣବିକ ଆତଙ୍କବାଦ’

ରୁଷିଆ ସୈନ୍ୟମାନେ ଜେପୋରିଝିଆ ନ୍ୟୁକ୍ଲିୟର ପାୱାର ପ୍ଲାଣ୍ଟ ଉପରେ ଆକ୍ରମଣ କରି ଏହାକୁ ଦଖଲ କରିନେଇଛନ୍ତି। ଏହି ପଦକ୍ଷେପକୁ ୟୁକ୍ରେନ୍ ଶକ୍ତିମନ୍ତ୍ରୀ ଜର୍ମାନ ଗଲୁସ୍କେଚେଙ୍କୋ ପ୍ରକୃତ ଆଣବିକ ଆତଙ୍କବାଦ ଭାବେ ଅଭିହିତ କରି ଦୃଢ଼ ନିନ୍ଦା କରିଛନ୍ତି। ଶକ୍ତିମନ୍ତ୍ରୀ କହିଛନ୍ତି, ରୁଷୀୟ ସୈନ୍ୟ ଷ୍ଟେଶନକୁ ପ୍ରତ୍ୟକ୍ଷ ଭାବେ ଆକ୍ରମଣ କରିଥିଲେ। ସୈନ୍ୟମାନେ କ'ଣ କରୁଥିଲେ ତାହା ସେମାନଙ୍କୁ ଜଣାଥିଲା। ଉକ୍ତ ପ୍ଲାଣ୍ଟ ନିକଟରେ ଲଢ଼େଇ ଜାରି ରହିଲେ ରୁଷିଆର କ୍ଷେପଣାସ୍ତ୍ର ମାଡ଼ରେ ସ୍ଥିତି ଆହୁରି ଜଟିଳ ହୋଇଯିବ। ଏହା ସାରା ବିଶ୍ୱ ପାଇଁ ସୁରକ୍ଷାର ପ୍ରଶ୍ନ। ତେଣୁ ୟୁକ୍ରେନ୍ ଉପରେ ରୁଷିଆର ଯୁଦ୍ଧବିମାନ ଉଡ଼ାଣକୁ ରୋକିବା ପାଇଁ ‘ନୋ ଫ୍ଲାଏ ଜୋନ୍’ ଘୋଷଣା କରାଯାଉ। ଆମେ ୟୁକ୍ରେନ୍ ଆକାଶକୁ ସୁରକ୍ଷିତ ରଖିବା ପାଇଁ ବନ୍ଦ କରିବାକୁ ଚାହୁଁ।

## ୟୁଏନ୍‌ଏଚ୍‌ଆର୍‌ସି ଭୋଟରୁ ଭାରତ ବିରତ

ଜେନେଭା,୪।୩ (ପି.ଟି.)

ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣର ପରିଣାମ ଉପରେ ତଦନ୍ତ ଲାଗି ତୁରନ୍ତ ଏକ ନିରପେକ୍ଷ ଅନ୍ତର୍ଜାତୀୟ ତଦନ୍ତ କମିଶନ ଗଠନ ଲାଗି ଜାତିସଂଘ ମାନବାଧିକାର ପରିଷଦ (ୟୁଏନ୍‌ଏଚ୍‌ଆର୍‌ସି) ନିଷ୍ପତ୍ତି ନେଇଛି। ଶୁକ୍ରବାର ଏହି ପ୍ରସ୍ତାବ ଉପରେ ଭୋଟ ଦେବାରୁ ଭାରତ ବିରତ ରହିଛି। ୪୭ ସଦସ୍ୟ ବିଶିଷ୍ଟ ୟୁଏନ୍‌ଏଚ୍‌ଆର୍‌ସି ୟୁକ୍ରେନ୍‌ରେ ମାନବାଧିକାର ସ୍ଥିତି ଉପରେ ଅଣାଯାଇଥିବା ଚିଠା ପ୍ରସ୍ତାବ ଉପରେ ଭୋଟ ଦେଇଥିଲା। ପ୍ରସ୍ତାବ ସପକ୍ଷରେ ୩୨ ଭୋଟ ପଡ଼ିଥିବାବେଳେ ବିରୋଧରେ ୨ ସଦସ୍ୟ (ରୁଷିଆ ଓ ଏରିଟ୍ରିଆ) ଭୋଟ ଦେଇଥିଲେ। ଭାରତ, ଚାଇନା, ପାକିସ୍ତାନ, ସୁଦାନ, ଭେନିଜୁଏଲା ସମେତ ୧୩ ସଦସ୍ୟ ରାଷ୍ଟ୍ର ଭୋଟଦାନରୁ ବିରତ ରହିଥିଲେ। ପ୍ରସ୍ତାବ ସପକ୍ଷରେ ଭୋଟ ଦେଇଥିବା ଦେଶ ମଧ୍ୟରେ ଆମେରିକା, ବ୍ରିଟେନ୍, ଫ୍ରାନ୍ସ, ଜର୍ମାନୀ, ଜାପାନ, ନେପାଳ, ୟୁଏଇ ପ୍ରମୁଖ ରହିଛନ୍ତି। ପୂର୍ବରୁ ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି) ଏବଂ ସାଧାରଣ ସଭାରେ ୟୁକ୍ରେନ୍ ପ୍ରସଙ୍ଗରେ ଅଣାଯାଇଥିବା ଦୁଇଟି ପ୍ରସ୍ତାବ ଉପରେ ଭୋଟଦାନରୁ ଭାରତ ବିରତ ରହିଥିଲା। ଜାତିସଂଘ ସାଧାରଣ ସଭାରେ ରୁଷିଆ ଆକ୍ରମଣ



ବିରୋଧରେ ନିନ୍ଦା ପ୍ରସ୍ତାବ ଗୃହୀତ ହୋଇଥିଲା। ୟୁକ୍ରେନ୍‌ରୁ ରୁଷିଆ ଏହାର ସମସ୍ତ ସୈନ୍ୟଙ୍କୁ ବିନା ସର୍ତ୍ତରେ ତୁରନ୍ତ ପ୍ରତ୍ୟାହାର କରିନେବାକୁ ଏଥିରେ ଦାବି କରାଯାଇଥିଲା। ଉକ୍ତ ପ୍ରସ୍ତାବ ସପକ୍ଷରେ ୧୪୧ ଦେଶ ଭୋଟ ଦେଇଥିବାବେଳେ ୫ ଜଣ ବିରୋଧ କରିଥିଲେ ଏବଂ ୩୫ ରାଷ୍ଟ୍ର ଭୋଟଦାନରୁ ବିରତ ରହିଥିଲେ।



ୟୁକ୍ରେନ୍‌ର କ୍ୱିଭ୍‌ସ୍ଥିତ ବୋରୋଡିଆଙ୍କାରେ ରୁଷିଆ ସେନାର ବୋମା ମାଡ଼ରେ ଆପାର୍ଟମେଣ୍ଟଗୁଡ଼ିକ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି। (ଆକାଶମାର୍ଗରୁ ଫଟୋ)

## ଜେଲେନ୍‌ସ୍କିଙ୍କୁ ୩ ଥର ହତ୍ୟା ଉଦ୍ୟମ

ରୁଷିଆର ୟୁକ୍ରେନ୍ ଆକ୍ରମଣ ଆରମ୍ଭ ହେବା ଦିନଠାରୁ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ହତ୍ୟା ଉଦ୍ୟମରୁ ୩ ଥର ବର୍ତ୍ତିଲେଣି। ‘ଦି ଟାଇମ୍ସ’ରେ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ଜେଲେନ୍‌ସ୍କିଙ୍କୁ ହତ୍ୟା କରିବା ପାଇଁ ୱାଗ୍‌ନର ଗ୍ରୁପ୍ ଓ ଚେଚେନ ବିଦ୍ରୋହୀଙ୍କୁ ପଠାଯାଇଥିଲା। ତେବେ ଦେଶର ଜାତୀୟ ସୁରକ୍ଷା ପରିଷଦ ଏନେଇ ଆଗୁଆ ସୂଚନା ପାଇବା ପରେ ହତ୍ୟା ଉଦ୍ୟମକୁ ପଣ୍ଡ କରିଥିଲା।



### ପଳାୟନ ଗୁଜବକୁ ୟୁକ୍ରେନ୍‌ର ଖଣ୍ଡନ

ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ଦେଶ ଛାଡ଼ି ପଳାୟନ କରିଥିବା ନେଇ ରୁଷିଆ ପକ୍ଷରୁ ଗୁଜବ ସୃଷ୍ଟି କରାଯାଇଥିବାବେଳେ ଏହାକୁ କ୍ୱିଭ୍ ପକ୍ଷରୁ ଖଣ୍ଡନ କରାଯାଇଛି। ଜେଲେନ୍‌ସ୍କି ଶୁକ୍ରବାର ପୋଲାଣ୍ଡକୁ ପଳାୟନ କରିଛନ୍ତି ବୋଲି ରୁଷିଆ ପାର୍ଲାମେଣ୍ଟ ବାଚସ୍ପତି ପ୍ରଚାର ଚଳାଇଥିବାବେଳେ ଦେଶର ଗଣମାଧ୍ୟମଗୁଡ଼ିକରେ ଏହି ଖବର ବହୁଳ ପ୍ରସାରିତ ହୋଇଛି। ଏନେଇ ୟୁକ୍ରେନ୍‌ର ଏମ୍‌ପି ୟେଭ୍‌ହେନିଆ କ୍ରାଭ୍‌ଚୁକ୍ କହିଛନ୍ତି, ଏହା ଏକ ଗୁଜବ। ରୁଷିଆ ପକ୍ଷରୁ ଏଭଳି ଫେକ୍ ନ୍ୟୁଜ୍ ଛାଡ଼ାଯାଉଛି। ଜେଲେନ୍‌ସ୍କି ୟୁକ୍ରେନ୍ ରାଜଧାନୀ କ୍ୱିଭ୍‌ରେ ଅଛନ୍ତି ଓ ଆଗକୁ ମଧ୍ୟ ରହିବେ। ସରକାରରୀ ଓ ସାମରିକ କାର୍ଯ୍ୟରେ ସେ ସହଯୋଗ କରୁଛନ୍ତି। ଦେଶ ଛାଡ଼ି ପଳାୟନ କରିବାର ପ୍ରଶ୍ନ ଉଠୁନାହିଁ। ତେଣୁ ୟୁକ୍ରେନ୍‌ବାସୀ ରୁଷିଆର ପ୍ରୋପାଗାଣ୍ଡାକୁ ବିଶ୍ୱାସ କରନ୍ତୁ ନାହିଁ ବୋଲି ୟେଭ୍‌ହେନିଆ କହିଛନ୍ତି।

## ସ୍ୱତନ୍ତ୍ର ଟ୍ରିବ୍ୟୁନାଲରେ ହେଉ ପୁଟିନ୍‌ଙ୍କ ବିଚାର



ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କୁ ଦଣ୍ଡିତ କରିବା ଲାଗି ଏକ ସ୍ୱତନ୍ତ୍ର ଟ୍ରିବ୍ୟୁନାଲରେ ବିଚାର କରାଯାଉ ବୋଲି ଶୁକ୍ରବାର ୟୁକ୍ରେନ୍ ଦାବି କରିଛି। ବ୍ରିଟେନର ପୂର୍ବତନ ପ୍ରଧାନମନ୍ତ୍ରୀ ଗୋର୍ଡୋନ ବ୍ରାଉନ୍ ପୁଟିନ୍ ତଥା ତାଙ୍କ ସହଯୋଗୀଙ୍କ ପାଇଁ ଏକ ଆପରାଧିକ ଟ୍ରିବ୍ୟୁନାଲ ପ୍ରତିଷ୍ଠା କରିବାକୁ ଦାବି କରିଛନ୍ତି। ବ୍ରାଉନ୍ କହିଛନ୍ତି, ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ବରିଷ୍ଠ ନାଜିମାନଙ୍କୁ ଯେଭଳି ଭାବେ ଦଣ୍ଡିତ କରାଯାଇଥିଲା, ପୁଟିନ୍‌ଙ୍କ ଆପରାଧିକ ଅତିକ୍ରମଣ ପାଇଁ ତାଙ୍କୁ ଦଣ୍ଡ ଦେବା ଲାଗି ଅନୁରୂପ ବ୍ୟବସ୍ଥା କରାଯାଉ। ନେଦରଲାଣ୍ଡସ୍‌ର ହେଗ୍‌ସ୍ଥିତ ଅନ୍ତର୍ଜାତୀୟ ଅଦାଲତରେ ଏହି ଯୁଦ୍ଧ ଅପରାଧର ଶୁଣାଣି ହେବ। ତେବେ ସେ ଖସିଯିବାରେ ଯେପରି ସଫଳ ନ ହୁଅନ୍ତି ସେଥିପ୍ରତି ସତର୍କ ହେବାକୁ ପଡ଼ିବ। ଟ୍ରିବ୍ୟୁନାଲରେ ପୁଟିନ୍‌ଙ୍କ ଶୁଣାଣି ପ୍ରସ୍ତାବକୁ ୟୁକ୍ରେନ୍‌ର ବହିର୍ବ୍ୟାପାର ମନ୍ତ୍ରୀ ଡିମିଟ୍ରୋ କୁଲେବା ସ୍ୱାଗତ କରିଛନ୍ତି।



ରୁଷିଆ ପକ୍ଷରୁ ଆକ୍ରମଣ ଜାରି ରହିଥିବାବେଳେ କ୍ୱିଭର ଇଣ୍ଡିପେଣ୍ଡେନ୍ସ ସ୍କୋୟାରସ୍ଥିତ ଏକ ଚେକ୍‌ପଏଣ୍ଟରେ ୟୁକ୍ରେନ୍ ଟେରିଟୋରିଆଲ ଡିଫେନ୍ସ ଫୋର୍ସ ସୈନ୍ୟ ଓ ସ୍ୱେଚ୍ଛାସେବୀମାନେ ଟ୍ୟାଙ୍କ ନିରୋଧୀ ଉପକରଣ ଲଗାଇଛନ୍ତି।

## କ୍ୱିଭ୍‌ରେ ଦିଲ୍ଲୀ ଛାତ୍ରଙ୍କୁ ଗୁଳି



ୟୁକ୍ରେନ୍‌ର ଖର୍କିଭ ସହରରେ ଗତ ମଙ୍ଗଳବାର ରୁଷିଆ ସୈନ୍ୟଙ୍କ ସେଲ୍ ମାଡ଼ରେ ଜଣେ ଭାରତୀୟ ଛାତ୍ରଙ୍କ ମୃତ୍ୟୁ ଘଟିଥିଲା। ଏହାର ୨ ଦିନ ପରେ ରାଜଧାନୀ କ୍ୱିଭ୍‌ରେ ଅନ୍ୟ ଜଣେ ଭାରତୀୟ ଛାତ୍ରଙ୍କୁ ଗୁଳି କରାଯାଇଥିବା କେନ୍ଦ୍ରମନ୍ତ୍ରୀ ଭି.କେ. ସିଂ ସୂଚନା ଦେଇଛନ୍ତି। ଦିଲ୍ଲୀର ଛାତ୍ର ହରଜୋତ୍ ସିଂ କ୍ୱିଭ୍ ଛାଡ଼ିବାକୁ ଉଦ୍ୟମ କରୁଥିବାବେଳେ ଗୁଳି ମାଡ଼ରେ ଆହତ ହୋଇଛନ୍ତି। ତାଙ୍କୁ ସହର ମଧ୍ୟକୁ ଫେରାଇ ନିଆଯାଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ଭି.କେ. ସିଂ ପୋଲାଣ୍ଡର ରେସ୍‌ଜୋ ବିମାନବନ୍ଦରରେ ଏକ ଗଣମାଧ୍ୟମକୁ କହିଛନ୍ତି।

ଗତ ମଙ୍ଗଳବାର କର୍ନାଟକର ୨୧ ବର୍ଷୀୟ ଛାତ୍ର ନବୀନ ଶେଖରପ୍ପା ଖର୍କିଭ୍ ସହରରେ ଟ୍ରେନ୍ ଧରିବା ପୂର୍ବରୁ ଖାଦ୍ୟ ସଂଗ୍ରହ ଲାଗି ଏକ ତେଜରାତି ଦୋକାନ ବାହାରେ ଧାଡ଼ିରେ ଛିଡ଼ା ହୋଇଥିବାବେଳେ ସେଲ୍‌ମାଡ଼ରେ ପ୍ରାଣ ହରାଇଥିଲେ। ୟୁକ୍ରେନ୍‌ରୁ ସର୍ବନିମ୍ନ କ୍ଷତି ସହ ସର୍ବାଧିକ ଛାତ୍ରୀଛାତ୍ରଙ୍କୁ ଫେରାଇ ଆଣିବା ଲାଗି କେନ୍ଦ୍ର ସରକାର ଉଦ୍ୟମ ଅବ୍ୟାହତ ରଖିଛନ୍ତି। ଏବେ ବି ୟୁକ୍ରେନ୍‌ରେ ୧,୭୦୦ ପିଲା ଭାରତ ଫେରିବା ଲାଗି ଅପେକ୍ଷାରେ ରହିଥିବା ମନ୍ତ୍ରୀ ସିଂ କହିଛନ୍ତି। ଉଦ୍ଧାର କାର୍ଯ୍ୟର ତଦାରଖ କରିବା ଲାଗି ଭି.କେ. ସିଂଙ୍କ ସମେତ ୪ କେନ୍ଦ୍ରମନ୍ତ୍ରୀ ୟୁକ୍ରେନ୍‌ର ପଡୋଶୀ ଦେଶକୁ ଯାଇଛନ୍ତି।



ୟୁକ୍ରେନ୍‌ରେ ଫସିଥିବା ୬୩୦ ଭାରତୀୟଙ୍କୁ ରୋମାନିଆ-ହଙ୍ଗେରି ସୀମାରୁ ନେଇ ବାୟୁସେନାର ସି-୧୭ ବିମାନ ଶୁକ୍ରବାର ସକାଳେ ଗାଜିଆବାଦର ହିଣ୍ଡନ୍ ଏୟାରବେସ୍‌ରେ ପହଞ୍ଚିଛି।

## ଏବେ ବି ଫସିଛନ୍ତି ହଜାରେ ଭାରତୀୟ

ନୂଆଦିଲ୍ଲୀ,୪।୩

ଯୁଦ୍ଧ ପ୍ରଭାବିତ ୟୁକ୍ରେନ୍‌ରେ ଫସିଥିବା ଭାରତୀୟମାନଙ୍କୁ ପର୍ଯ୍ୟାୟକ୍ରମେ ସ୍ୱଦେଶକୁ ଫେରାଇ ଆଣିବା ପାଇଁ କେନ୍ଦ୍ର ସରକାର ସବୁ ପ୍ରକାର ଉଦ୍ୟମ ଚଳାଇଛନ୍ତି। ବିଶେଷକରି ଖର୍କିଭ୍ ଓ ସୁମିରେ ଥିବା ନାଗରିକଙ୍କୁ ସୁରକ୍ଷିତ ଭାବେ ଆଣିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସୁମିରେ ୭୦୦ ଓ ଖର୍କିଭ୍‌ରେ ୩୦୦ ଭାରତୀୟ ଯୁଦ୍ଧ ଯୋଗୁ ଫେରିପାରି ନାହାନ୍ତି। ୧,୦୦୦ ଭାରତୀୟଙ୍କୁ ଫେରାଇ ଆଣିବା ସରକାରଙ୍କ ଆଗରେ ସବୁଠୁ ବଡ଼ ଚ୍ୟାଲେଞ୍ଜ ହୋଇଛି। ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଅରିନ୍ଦମ୍ ବାଗ୍‌ଚୀ ଶୁକ୍ରବାର ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। କେନ୍ଦ୍ର ସରକାର ପ୍ରଥମ ଆଡ୍‌ଭାଇଜରି ଜାରି କରିବା ଦିନଠାରୁ ୟୁକ୍ରେନ୍‌ରୁ ଅଦ୍ୟାବଧି ପ୍ରାୟ ୨୦,୦୦୦ ଭାରତୀୟଙ୍କୁ ଉଦ୍ଧାର କରି ଅଣାଯାଇଛି। ଅପରେଶନ ଗଙ୍ଗାରେ ଦିନକରେ ୧୫ଟି ବିମାନରେ ୩,୦୦୦ ଜଣଙ୍କୁ ଅଣାଯାଉଛି। ଆସନ୍ତା ୨୪ ଘଣ୍ଟା ଭିତରେ ଆହୁରି ୧୬ ବିମାନରେ ଭାରତୀୟମାନେ ସେଠାରୁ ଫେରିବେ।

# ପଞ୍ଚାୟତିରାଜ ଓ ବିଜୁବାବୁ



ବୀରପ୍ରସବିନୀ ଉତ୍କଳ ମାଟି ଜନ୍ମଦେଇଛି ଅନେକ ବରପୁତ୍ରଙ୍କୁ। ସେହି ଯୋଗ୍ୟସୁତଙ୍କୁ ନେଇ ଆମ ରାଜ୍ୟ ଆଜି ଗର୍ବିତ। ୧୯୧୬ ମାର୍ଚ୍ଚ ୫ ତାରିଖରେ ପିତା ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ ଓ ମାତା ଆଶାଲତାଙ୍କ କୋଳମଣ୍ଡନ କରିଥିଲେ ଉତ୍କଳର ଅନ୍ୟତମ ବରପୁତ୍ର ବିଜୁ ପଟ୍ଟନାୟକ। ବାଲ୍ୟ ଜୀବନରୁ ସେ ଥିଲେ ଅସୀମ ସାହସୀ ଓ ଦେଶପ୍ରେମୀ। ଉତ୍କଳ ମାଟିର ଜଣେ ସୁଯୋଗ୍ୟ ସନ୍ତାନ ଭାବେ ପରିଚିତ ବିଜୁ ଥିଲେ ଆଧୁନିକ ଓଡ଼ିଶାର ବିଶ୍ୱକର୍ମା। ନାରୀ ସଶକ୍ତୀକରଣ, ଆଦିବାସୀଙ୍କ ପାଇଁ ନିରଳସ କାମ କରିବା ଥିଲା ତାଙ୍କ ନେତୃତ୍ୱର ଅନ୍ୟ ଏକ ପରିଚୟ। ଅର୍ଥନୀତିରେ ଉନ୍ନତି ଆଣିବା ଥିଲା ତାଙ୍କ ଲକ୍ଷ୍ୟ। ତାଙ୍କର ପ୍ରତିଟି ମୁହୂର୍ତ୍ତ ଥିଲା କର୍ମମୟ। ଦୁର୍ଦ୍ଧର୍ଷ ପାଇଲଟ, ସଫଳ ଶିଳ୍ପପତି, ବିଚକ୍ଷଣ ରାଜନୀତିଜ୍ଞ, ଦୂରଦ୍ରଷ୍ଟା, ସ୍ୱାଭିମାନୀ, ନିର୍ଭୀକ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ ଏହି ସର୍ବମାନ୍ୟ ନେତା।

ଆଜି ବିଜୁବାବୁଙ୍କ ଜୟନ୍ତୀ। ଟଲ୍‌ମ୍ୟାନ୍‌ଙ୍କ ସ୍ମୃତିକୁ ମନେ ପକାଉଛି ସାରା ଓଡ଼ିଶା। କେବଳ ଓଡ଼ିଶା ନୁହେଁ, ଭାରତର ରାଜନୀତିରେ ଯେଉଁ କେତେଜଣ ଉଚ୍ଚରୁ ଉଚ୍ଚତର ସୋପାନରେ ପହଞ୍ଚି ପାରିଥିଲେ ସେମାନଙ୍କ ମଧ୍ୟରେ ବିଜୁ ପଟ୍ଟନାୟକ ଅନ୍ୟତମ। ବାଲ୍ୟକାଳରୁ ଥିଲେ ସାହସୀ ଓ ସ୍ୱାଭିମାନୀ। କଟକ ମିଶନ୍ ସ୍କୁଲ, ରେଭେନ୍‌ଶା କଲେଜରୁ ଶିକ୍ଷା ପରେ ପାଇଲଟ ଭାବେ ପ୍ରଶିକ୍ଷଣ ନେଇଥିଲେ। ନିଜକୁ ଜଣେ ଦକ୍ଷ ପାଇଲଟ ଭାବେ ପ୍ରତିଷ୍ଠା କରି କଳିଙ୍ଗ ବୀର ଭାବେ ଅଭିହିତ ହୋଇଥିଲେ। ଭାରତ, ଇଣ୍ଡୋନେସିଆ ଓ ରୁଷିଆର ମୁକ୍ତି ଆନ୍ଦୋଳନରେ ସକ୍ରିୟ ଭାଗ ନେଇଥିଲେ ସେ। ଇଣ୍ଡୋନେସିଆ ମୁକ୍ତି ଆନ୍ଦୋଳନରେ ଡଚ୍‌ମାନଙ୍କ କବଳରୁ ସୁଲତାନ ସାଜହରିରଙ୍କୁ ମୁକ୍ତ କରି ସମସ୍ତଙ୍କୁ ବିସ୍ମିତ କରିଥିଲେ। ସେଥିପାଇଁ ବିଜୁବାବୁଙ୍କୁ ଇଣ୍ଡୋନେସିଆର ସର୍ବୋଚ୍ଚ ବେସାମରିକ ସମ୍ମାନ 'ଭୂମିପୁତ୍ର' ପ୍ରଦାନ କରାଯାଇଥିଲା। ଓଡ଼ିଶା ରାଜନୀତିରେ ଅର୍ଦ୍ଧଶତାବ୍ଦୀ ଧରି ସେ ଜଡ଼ିତ ଥିଲେ।

ପ୍ରବାଦପୁରୁଷ ତଥା ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଜନ୍ମଦିନ ୫ ମାର୍ଚ୍ଚକୁ ପ୍ରତିବର୍ଷ ପଞ୍ଚାୟତିରାଜ ଦିବସ ରୂପେ ପାଳନ କରାଯାଉଛି। ୧୯୬୧ ଜାନୁୟାରୀ ୨୬ ତାରିଖରୁ ଓଡ଼ିଶାରେ ପଞ୍ଚାୟତିରାଜ ବ୍ୟବସ୍ଥା ହୋଇଥିଲା। ପଞ୍ଚାୟତିରାଜ ସଂସ୍ଥାଗୁଡ଼ିକ ଯେପରି କାର୍ଯ୍ୟକ୍ଷମ ହେବ, ସେଥିପାଇଁ ବିଜୁ ପଟ୍ଟନାୟକ ପଞ୍ଚାୟତ ଶିଳ୍ପର ପ୍ରବର୍ତ୍ତନ କରିଥିଲେ। କ୍ଷମତାର ବିକେନ୍ଦ୍ରୀକରଣ ପାଇଁ ରାଜ୍ୟରେ ସମୁଦାୟ ୩୧୪ଟି ପଞ୍ଚାୟତ ସମିତି ଗଠନ କରି ଜଣେ ଲେଖାଏଁ ବିଡିଓ ବା ଗୋଷ୍ଠୀ ଉନ୍ନୟନ ଅଧିକାରୀ ନିଯୁକ୍ତ କରାଯାଇଥିଲା। ଗ୍ରାମପଞ୍ଚାୟତ, ପଞ୍ଚାୟତ ସମିତି ଓ ଜିଲା ପରିଷଦ ମାଧ୍ୟମରେ ଗାଁର ବିକାଶ କରିବା ଥିଲା ବିଜୁବାବୁଙ୍କର ମୁଖ୍ୟ ଲକ୍ଷ୍ୟ। ୧୯୯୦ରୁ ୧୯୯୫ ତାଙ୍କ ଶାସନ କାଳରେ ଓଡ଼ିଶାରେ ପଞ୍ଚାୟତିରାଜ ବ୍ୟବସ୍ଥା ସଂପୂର୍ଣ୍ଣ କାର୍ଯ୍ୟକାରୀ ହେବା ସହ ସେ ହିଁ ବାସ୍ତବ କ୍ଷେତ୍ରରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ଆରମ୍ଭ କଲେ। ପଞ୍ଚାୟତିରାଜ ବ୍ୟବସ୍ଥାରେ ଅନୁସୂଚିତ ଜାତି ଓ ଜନଜାତିର ଲୋକଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା ସାଙ୍ଗକୁ ମହିଳାଙ୍କ ପାଇଁ ୩୩ ପ୍ରତିଶତ ଆସନ ସଂରକ୍ଷଣ ରହିଲା। ନିର୍ବାଚନରେ ମହିଳାଙ୍କ ପାଇଁ ସ୍ୱତନ୍ତ୍ର ସ୍ଥାନ ସଂରକ୍ଷଣ କରାଯିବା ଫଳରେ ୨୭ ହଜାର ମହିଳା ନିର୍ବାଚିତ ହୋଇପାରିଥିଲେ। ଏପରିକି ପଞ୍ଚାୟତର ସରପଞ୍ଚ ପୁରୁଷ ଥିଲେ ମହିଳା ନାଏବ ସରପଞ୍ଚ ଏବଂ ପଞ୍ଚାୟତ ସମିତି ଅଧ୍ୟକ୍ଷ ପଦବୀରେ ପୁରୁଷ ଥିଲେ ଉପାଧ୍ୟକ୍ଷ ପାଇଁ ମହିଳା ରହିବେ ବୋଲି ଆଇନ ପ୍ରଣୟନ କରାଗଲା। ମୋଟାମୋଟି ଭାବେ ବିଜୁବାବୁଙ୍କ ମୁଖ୍ୟମନ୍ତ୍ରିତ୍ୱ କାଳରେ ପଞ୍ଚାୟତିରାଜ ପ୍ରତିଷ୍ଠାନଗୁଡ଼ିକ ବେଶ୍ ସୁଦୃଢ଼ ହୋଇପାରିଥିଲା। କେବଳ ସେତିକି ନୁହେଁ, ଶିକ୍ଷା ଓ ସ୍ୱାସ୍ଥ୍ୟ ସମେତ ଅନ୍ୟ ପ୍ରମୁଖ କାର୍ଯ୍ୟକ୍ରମରେ ମହିଳାଙ୍କ ପ୍ରତିନିଧିତ୍ୱକୁ ଗୁରୁତ୍ୱ ଦେବାକୁ ବିଜୁବାବୁ ପ୍ରୟାସ କରିଥିଲେ। ଗ୍ରାମାଞ୍ଚଳର ବିକାଶ ଲାଗି ନିରନ୍ତର ଉଦ୍ୟମ ରହିଥିଲା ବିଜୁବାବୁଙ୍କର। ବିଧାନସଭାରେ ଏ ସମ୍ପର୍କିତ ବିଲ୍ ପାସ କରି ସେ ଏ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିଥିଲେ। ଏପରିକି ସାରା ଦେଶରେ ଏନେଇ ଓଡ଼ିଶା ଥିଲା ପ୍ରଥମ ରାଜ୍ୟ। ତେଣୁ ବିଜୁ ପଟ୍ଟନାୟକଙ୍କ ଜନ୍ମଦିନକୁ ପଞ୍ଚାୟତିରାଜ ଦିବସ ଭାବେ ପାଳନ କରାଯାଉଛି।

ବିଜୁବାବୁ ଦୁଇ ଥର ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରରେ ମନ୍ତ୍ରୀ ଥିଲେ। ସେ ଥିଲେ ଜଣେ ବିସ୍ମୟକର ରାଜନେତା। ଓଡ଼ିଶାର ସର୍ବାଙ୍ଗୀନ ଉନ୍ନତି ପାଇଁ ପାରାଦୀପ ବନ୍ଦର, ଦୁବୁରୀରୁ ପାରାଦୀପ ଏକ୍ସପ୍ରେସ ୱେ, ଚୌଦ୍ୱାରରେ ଓଟିଏମ୍ ଓ କଳିଙ୍ଗ ଟ୍ୟୁବ୍‌ସ କାରଖାନା, ଭୁବନେଶ୍ୱରରେ ସୈନିକ ସ୍କୁଲ ଆଦି ପ୍ରତିଷ୍ଠା କରିଥିଲେ। ପ୍ରଶାସନକୁ ଲୋକଙ୍କ ପାଖରେ ସହଜରେ ପହଞ୍ଚାଇବାକୁ ୧୩ ଜିଲାକୁ ୩୦ ଜିଲାରେ ପରିଣତ କରିଥିଲେ।

ସେ କେବଳ ଜଣେ ଦୁଃସାହସିକ, ଉତ୍ତୁଙ୍ଗ ବ୍ୟକ୍ତିତ୍ୱ ନ ଥିଲେ, ଥିଲେ ଜଣେ ଦରଦୀ ମଣିଷ, ଖାଣ୍ଟି ଓଡ଼ିଆ। ସେ ଦିନେ କହିଥିଲେ, 'ମୁଁ ଖାରବେଳଙ୍କ ବଂଶଧର। ମୋର ସଂସ୍କୃତି ଜଗନ୍ନାଥ ସଂସ୍କୃତି। ଆଉ ମୋର ରାଜ୍ୟ କଳିଙ୍ଗ। ଉତ୍କଳ ମାଟିର ବରପୁତ୍ର, ଜନପ୍ରତିନିଧି ଓ ଆଧୁନିକ ଓଡ଼ିଶାର ସୂକ୍ଷ୍ମ କାରିଗର ଥିଲେ ବିଜୁବାବୁ।

୧୭ ଏପ୍ରିଲ ୧୯୯୭ରେ ଏହି ମହାନ୍ ଜନନେତାଙ୍କର ମହାପ୍ରୟାଣ ଘଟିଥିଲା। ଉତ୍କଳ ଜନନୀ ତା'ର ବରପୁତ୍ରକୁ ହରାଇଲା। ବିଜୁବାବୁଙ୍କ ଅବଦାନ କେବଳ ଓଡ଼ିଶା ନୁହେଁ, ସମଗ୍ର ଦେଶରେ ମଧ୍ୟ ଅତୁଳନୀୟ। ତାଙ୍କର ବୁଦ୍ଧି, ଦକ୍ଷତା ଓ ଦୂରଦୃଷ୍ଟି ବଳରେ ବିଜୟାନନ୍ଦ ପଟ୍ଟନାୟକରୁ ସେ ପାଲଟି ଯାଇଥିଲେ ଶତାବ୍ଦୀ ପୁରୁଷ ବିଜୁ ପଟ୍ଟନାୟକ। ଆଜିର ଏହି ଜୟନ୍ତୀରେ ବିଜୁବାବୁଙ୍କୁ ଝୁରୁଛି ସାରା ଓଡ଼ିଶା। ତାଙ୍କର ଜୀବନକାଳ ଭିତରେ ସେ ଯେଉଁ କର୍ମ କରିଯାଇଛନ୍ତି, ତାହା ତାଙ୍କୁ ଚିରଦିନ ପାଇଁ ଅମର କରି ରଖିବ।

**– ଚିତ୍ତରଞ୍ଜନ ପୃଷ୍ଟି,** ମୋ–୯୭୭୮୧୭୭୫୦୧

# ସଶକ୍ତୀକରଣର ମାର୍ଗଦର୍ଶକ

ରାଜ୍ୟ ସରକାର ମାର୍ଚ୍ଚ ୫ ତାରିଖରେ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀକୁ ରାଜ୍ୟ ପଞ୍ଚାୟତିରାଜ ଦିବସ ଭାବେ ପାଳନ କରି ଆସୁଛନ୍ତି। ପଞ୍ଚାୟତକୁ ଅଧିକ କ୍ଷମତା ଦେଇ ଗ୍ରାମାଞ୍ଚଳ ମହିଳାଙ୍କୁ ସଶକ୍ତ କରିବା ଏହି ଦିବସର ମୁଖ୍ୟ ଆହ୍ୱାନ। ବିଶେଷ କରି ମହିଳାଙ୍କୁ ଆର୍ଥିକ, ରାଜନୈତିକ ଓ ସାମାଜିକ କ୍ଷେତ୍ରରେ ସ୍ୱାବଲମ୍ବୀ କରିବା ଉପରେ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କଠାରୁ ଆରମ୍ଭ କରି ତାଙ୍କ ପୁତ୍ର ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁତ୍ୱ ଦେଇ ଆସିଛନ୍ତି। ବିଜୁ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରିତ୍ୱ ସମୟରେ ହିଁ ଓଡ଼ିଶାରେ ମହିଳା ସଶକ୍ତୀକରଣର ଶୁଭାରମ୍ଭ ହୋଇଥିଲା। ସେ ସର୍ବଦା କହୁଥିଲେ, ମହିଳାମାନେ ସ୍ୱାବଲମ୍ବୀ ହୋଇ ନ ପାରିଲେ କୌଣସି ଦେଶ କିମ୍ବା ଜାତି ଆଗକୁ ବଢ଼ିପାରିବ ନାହିଁ। ୧୯୯୦ରୁ ୧୯୯୫ ବିଜୁ ପଟ୍ଟନାୟକ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିଲେ। ସେହି ସମୟରେ ସେ ମହିଳାମାନଙ୍କ ବିକାଶ ପାଇଁ ଅନେକ ପଦକ୍ଷେପ ନେଇଥିଲେ। କେନ୍ଦ୍ର ସରକାରଙ୍କ ସହାୟତାରେ ମହିଳାମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବା ପାଇଁ ୧୯୯୧ରେ ମହିଳା ମଣ୍ଡଳ ବିକାଶ ସମବାୟ ନିଗମ ଗଠନ କରିଥିଲେ। ସେହିପରି ସମାଜରେ ମହିଳାମାନଙ୍କୁ ସମ୍ମାନର ସହ ବଞ୍ଚିବା ଏବଂ ସେମାନଙ୍କ ସୁରକ୍ଷା ପାଇଁ ୧୯୯୩ରେ ରାଜ୍ୟ ମହିଳା କମିଶନ ଗଠନ କରିଥିଲେ। ସରକାରୀ ଚାକିରି କ୍ଷେତ୍ରରେ ମହିଳାମାନଙ୍କୁ ଅଧିକ ସୁଯୋଗ ଦେବା ଲାଗି ସର୍ବୋଚ୍ଚ ବୟସ ସୀମା ୫ ବର୍ଷକୁ ବୃଦ୍ଧି କରିଥିଲେ। ଏହାଛଡ଼ା ମହିଳାମାନଙ୍କ ଶିକ୍ଷା ଉପରେ ମଧ୍ୟ ସେ ସର୍ବାଧିକ ଗୁରୁତ୍ୱ ଦେଇଥିଲେ। ବାଳିକା ଉଚ୍ଚ ବିଦ୍ୟାଳୟଠାରୁ ଆରମ୍ଭ କରି ମହିଳା ମହାବିଦ୍ୟାଳୟ, ମହିଳା ପଲିଟେକ୍ନିକ, ମହିଳା ବିଏଡ୍ କଲେଜ ଇତ୍ୟାଦି ରାଜ୍ୟର ବିଭିନ୍ନ ଭାଗରେ ପ୍ରତିଷ୍ଠା କରିଥିଲେ। ମହିଳାମାନଙ୍କ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେଇ ସେ ୧୯୯୩ ଅକ୍ଟୋବର ୨ରେ ମହିଳା ସମୃଦ୍ଧି ଯୋଜନା ଆରମ୍ଭ କରିଥିଲେ। ରାଜ୍ୟର ଅଧାରୁ ଅଧିକ ଜନସଂଖ୍ୟା ଥିବା ମହିଳାଙ୍କ ପ୍ରତି ଅବହେଳା ବିଜୁବାବୁଙ୍କୁ ବ୍ୟଥିତ କରିଥିଲା। ସେ ପଞ୍ଚାୟତ ସ୍ତରରେ ମହିଳାଙ୍କ ହାତକୁ କ୍ଷମତା ଦେବାକୁ ନିଷ୍ପତ୍ତି ନେଇଥିଲେ। ମହିଳାମାନଙ୍କ ପାଇଁ ୩୩% ସ୍ଥାନ ସଂରକ୍ଷଣ କରିବା ଲାଗି ଓଡ଼ିଶା ଜିଲା ପରିଷଦ ଆଇନ ୧୯୯୧ ଏବଂ ଓଡ଼ିଶା ଗ୍ରାମ ପଞ୍ଚାୟତ ସଂଶୋଧନ ଆଇନ–୧୯୯୨କୁ ସଂଶୋଧନ କରାଯାଇଥିଲା। ମହିଳା ସଶକ୍ତୀକରଣ କ୍ଷେତ୍ରରେ ବିଜୁ ବାବୁଙ୍କ ଅବଦାନ ତାଙ୍କୁ ସ୍ମରଣୀୟ କରି ରଖିଛି।

ବିଜୁ ପଟ୍ଟନାୟକଙ୍କ ମହିଳା ସଶକ୍ତୀକରଣ କାର୍ଯ୍ୟକୁ ତାଙ୍କ ପୁତ୍ର ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନେକ ପାଦ ଆଗକୁ ନେଇ ଚାଲିଛନ୍ତି। ମହିଳା ସଶକ୍ତୀକରଣ ହିଁ ନବୀନଙ୍କୁ ଦୀର୍ଘ ବର୍ଷ କ୍ଷମତାସୀନ କରିବାରେ ସହାୟକ ହୋଇଥିବା କହିଲେ ଅତ୍ୟୁକ୍ତି ହେବ ନାହିଁ। ପିତାଙ୍କ ପଦାଙ୍କ ଅନୁସରଣ କରି ସମଗ୍ର ଦେଶରେ ନବୀନ ମହିଳା ସଶକ୍ତୀକରଣ କ୍ଷେତ୍ରରେ ଏକ ଅଦ୍ୱିତୀୟ ରାଜନେତା ପାଲଟିଛନ୍ତି। ୨୦୧୧ରେ ପଞ୍ଚାୟତ କ୍ଷେତ୍ରରେ ଓଡ଼ିଶା ସରକାର ମହିଳାମାନଙ୍କ ପାଇଁ ୫୦ ପ୍ରତିଶତ ସ୍ଥାନ ସଂରକ୍ଷଣ କରିଥିବା ବେଳେ ୨୦୧୯ ସାଧାରଣ ନିର୍ବାଚନରେ ନବୀନ ମହିଳାମାନଙ୍କ ପାଇଁ ଏକ ତୃତୀୟାଂଶ ଦଳୀୟ ଟିକେଟ ଦେଇ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ସେ ସର୍ବଦା କହି ଆସିଛନ୍ତି, ମହିଳାମାନେ ହେଉଛନ୍ତି ଦେଶ ଓ ସମାଜର ପଥ ପ୍ରଦର୍ଶକ। ସେମାନଙ୍କର ବିକାଶ ହେଲେ ପରିବାରଠାରୁ ଆରମ୍ଭ କରି ଦେଶର ଅର୍ଥନୀତି ସୁଦୃଢ଼ ହୋଇପାରିବ। ପାର୍ଲାମେଣ୍ଟରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ କରିବାକୁ ପ୍ରସ୍ତାବ ଦେବା ସହ ଏଥିପାଇଁ ସେ ବିଭିନ୍ନ ଦଳର ସହଯୋଗ ମଧ୍ୟ ଲୋଡ଼ିଛନ୍ତି। କେବଳ ସେତିକି ନୁହେଁ, ରାଜ୍ୟରେ ମିଶନ ଶକ୍ତି ଗଠନ କରି ପ୍ରାୟ ୧ କୋଟି ମହିଳାଙ୍କୁ ସାମିଲ କରି ଓଡ଼ିଶା ଜାତୀୟ ସ୍ତରରେ ଏକ ରେକର୍ଡ ସୃଷ୍ଟି କରିପାରିଛି। ମିଶନ ଶକ୍ତି ଅସହାୟ ମହିଳାଙ୍କୁ ଆର୍ଥିକ ସଶକ୍ତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ବିନା ସୁଧରେ ଋଣ ଯୋଗାଇ ଦେବାଠାରୁ ଆରମ୍ଭ କରି ବିଦ୍ୟୁତ୍ ବିଲ୍, ପାଣି ବିଲ୍ ସଂଗ୍ରହ, ମଧ୍ୟାହ୍ନଭୋଜନ ଖାଦ୍ୟ ପ୍ରସ୍ତୁତି, ପଞ୍ଚାୟତ ପୋଖରୀ ନିଲାମ, ସାଧାରଣ ବଣ୍ଟନ ବ୍ୟବସ୍ଥା, ପାଣି ପଞ୍ଚାୟତ ଆଦି ଅନେକ କ୍ଷେତ୍ରରେ ମହିଳାଙ୍କୁ ଦାୟିତ୍ୱ ଦେଇ ନବୀନ ମହିଳା ସଶକ୍ତୀକରଣ କରି ଏକ ଅନନ୍ୟ ଉଦାହରଣ ସୃଷ୍ଟି କରିଛନ୍ତି। ମହିଳା ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ମଧ୍ୟ ରାଜ୍ୟ ସରକାର ଅନେକ ପଦକ୍ଷେପ ନେଇଛନ୍ତି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ମହିଳାଙ୍କୁ ୧୦ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା ପ୍ରଦାନଠାରୁ ଆରମ୍ଭ କରି ମମତା ଯୋଜନା ଦେଶରେ ଏକ ରୋଲ୍‌ମଡେଲ ହୋଇଛି। ଷ୍ଟାର୍ଟ ଅପ୍ କ୍ଷେତ୍ରରେ ମହିଳା ଉଦ୍ୟୋଗୀଙ୍କୁ ପ୍ରୋତ୍ସାହନ ଦେବାକୁ ଅନେକ ଘୋଷଣା କରାଯାଇଛି। ଓଡ଼ିଶାର ମହିଳା ସଶକ୍ତୀକରଣ ମଡେଲକୁ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ମଧ୍ୟ ଅନେକ ପ୍ରଶଂସା କରାଯାଇଛି।

**– ଅନିଲ ଦାସ**



ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଉପଲକ୍ଷେ ଶୁକ୍ରବାର ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା।

# ବିଜୁ ଓ ଏସ୍‌ଏଫ୍‌ଏଫ୍

୧୯୬୨ ଭାରତ– ଚାଇନା ଯୁଦ୍ଧରେ ବିଜୁ ପଟ୍ଟନାୟକଙ୍କ ଭୂମିକା ଓ ଚାଇନାର ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍‌ଏ)କୁ ଦମନ କରିବାରେ ତାଙ୍କର ରଣନୀତି ଏବେ ବି ଦେଶ ପାଇଁ କାମରେ ଆସୁଛି। ସେ ସମୟରେ ପିଏଲ୍‌ଏକୁ ଦମନ କରିବାକୁ ବିଜୁଙ୍କ ପରାମର୍ଶରେ ଗଠନ କରାଯାଇଥିବା ସ୍ୱତନ୍ତ୍ର ବାହିନୀ ଏବେ ସ୍ପେଶାଲ ଫ୍ରଣ୍ଟିୟର ଫୋର୍ସ (ଏସ୍‌ଏଫ୍‌ଏଫ୍) ଭାବେ ପୂର୍ବ ଲଦାଖରେ ବାସ୍ତବ ନିୟନ୍ତ୍ରଣ ରେଖା (ଏଲ୍‌ଏସି)ରେ ଦେଖା ଦେଉଥିବା ଉତ୍ତେଜନା ଏବଂ ଚାଇନାର ସମ୍ଭାବ୍ୟ ଆକ୍ରମଣର ମୁକାବିଲାରେ ଆମ ଦେଶର ସାମର୍ଥ୍ୟ ହୋଇଛି। ବିଜୁବାବୁ ଏବଂ ତତ୍କାଳୀନ ଇଣ୍ଟେଲିଜେନ୍ସ ବ୍ୟୁରୋ ଭୋଳାନାଥ ମଲ୍ଲିକଙ୍କ ମୂଳ ପରିକଳ୍ପନାରେ ଏହି ଏସ୍‌ଏଫ୍‌ଏଫ୍ ଗଠନ ହୋଇଥିଲା। ଚାଇନା ସେନାକୁ ମୁକାବିଲା କରିବା ପାଇଁ ତିବ୍ବତୀୟ ଗେରିଲା ଫୋର୍ସ ଗଠନ କରିବାକୁ ବିଜୁବାବୁ ଓ ଭୋଳାନାଥ ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କୁ ପରାମର୍ଶ ଦେଇଥିଲେ ଏବଂ ନେହେରୁଙ୍କ ଜନ୍ମଦିନରେ ଏଷ୍ଟାବ୍ଲିଶମେଣ୍ଟ–୨୨ ବା ୨୨ ନାମରେ ସ୍ୱତନ୍ତ୍ର ବାହିନୀ ଗଠନ ହୋଇଥିଲା। ନେହେରୁଙ୍କ ପ୍ରତିନିଧି ଭାବେ ବିଜୁବାବୁ ଦଲାଇଲାମାଙ୍କୁ ସାକ୍ଷାତ୍ କରି ଏହି ବାହିନୀ ଗଠନ ଦିଗରେ ଆବଶ୍ୟକ ସହାୟତା ଲୋଡ଼ିଥିଲେ। ପରେ ଏହି ବାହିନୀର ନାମ ପରିବର୍ତ୍ତନ କରାଯାଇ ସ୍ପେଶାଲ ଫ୍ରଣ୍ଟିୟର ଫୋର୍ସ (ଏସ୍‌ଏଫ୍‌ଏଫ୍) କରାଗଲା। ତିବ୍ବତୀୟ ଶରଣାର୍ଥୀ ଯଥା ସ୍ୱାଧୀନ ତିବ୍ବତ ଗଠନ ସପକ୍ଷବାଦୀ ଓ ଦଲାଇଲାମାଙ୍କ ସମର୍ଥକଙ୍କୁ ନେଇ ଏହି ବାହିନୀ ଗଠନ ହୋଇଥିଲା। ଏସ୍‌ଏଫ୍‌ଏଫ୍ ଚାଇନା ସେନା ଗତିବିଧି ସମ୍ପର୍କରେ ଗୋଇନ୍ଦା ତଥ୍ୟ ସଂଗ୍ରହ କରେ। ଉତ୍ତରାଖଣ୍ଡର ଚକ୍ରତାରେ ଏସ୍‌ଏଫ୍‌ଏଫ୍‌ର ମୁଖ୍ୟ କାର୍ଯ୍ୟାଳୟ ରହିଛି। ଏହି ବାହିନୀ ଗୋଇନ୍ଦା ବ୍ୟୁରୋ (ଆଇବି) ଓ ରିସର୍ଚ୍ଚ ଆଣ୍ଡ ଆନାଲିସିସ୍ ୱିଙ୍ଗ (ର) ଅଧୀନରେ କାର୍ଯ୍ୟ କରିଥାଏ। ଏସ୍‌ଏଫ୍‌ଏଫ୍ ଗଠନ ପରଠାରୁ ଭାରତ– ଚାଇନା ଅନେକ ଥର ମୁହାଁମୁହିଁ ହୋଇଥିଲେ ମଧ୍ୟ ଭାରତ ପରାଜୟ ବରଣ କରିନାହିଁ। ୧୯୭୧ ଯୁଦ୍ଧ, ୧୯୮୪ରେ ସିଆଚେନ ଗ୍ଲାସିୟର ସୁରକ୍ଷା ପାଇଁ ହୋଇଥିବା ଅପରେଶନ ମେଘଦୂତ ଓ ୧୯୯୯ କାର୍ଗିଲ ଯୁଦ୍ଧରେ ସଫଳତା ପଛରେ ଏସ୍‌ଏଫ୍‌ଏଫ୍‌ର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏଷ୍ଟାବ୍ଲିଶମେଣ୍ଟ ୨୨ ଗଠନ ପୂର୍ବରୁ ନେହେରୁ ତତ୍କାଳୀନ ଆମେରିକା ରାଷ୍ଟ୍ରପତି ଜନ୍ କେନେଡିଙ୍କ ସହ ଯୋଗାଯୋଗ କରିଥିଲେ। ଆମେରିକା ସେନାର ପ୍ରତିନିଧି ଓ ଆମେରିକା ଗୋଇନ୍ଦା ଏଜେନ୍ସିର ପ୍ରତିନିଧି ଦଳ ଭାରତ ଆସିଥିଲେ। ଓଡ଼ିଶାରେ ଚୌଦ୍ୱାରର ଚାର୍‌ବାଟିଆରେ ଏସ୍‌ଏଫ୍‌ଏଫ୍‌ର ପ୍ରଶିକ୍ଷଣ ପାଇଁ ଭିତ୍ତିଭୂମି ଗଠନ କରାଯାଇ ଥିଲା। ଏହା ସହିତ ତିବ୍ବତୀୟ ଶରଣାର୍ଥୀଙ୍କ ପାଇଁ ଓଡ଼ିଶାର ଚନ୍ଦ୍ରଗିରିରେ ୨୫୦୦ଏକର ଜମି ଅନୁମୋଦନ କରାଯାଇଥିଲା। ୧୯୭୧ ସୁଦ୍ଧା ଏସ୍‌ଏଫ୍‌ଏଫ୍‌ର ୮ଟି ବାଟାଲିୟନ ଚାର୍‌ବାଟିଆରେ ରହିଥିଲେ।

**– ସତୀଶ ବିଶ୍ୱାଳ**
ମୋ–୯୪୩୭୦୧୯୧୧୭



# କ୍ରୀଡ଼ାବିତ୍ ବିଜୁ

ଦେଶର ଅନ୍ୟତମ ଅଗ୍ରଗଣ୍ୟ ରାଷ୍ଟ୍ରନୀତିଜ୍ଞ ସ୍ୱର୍ଗତ୍ ବିଜୁ ପଟ୍ଟନାୟକ ଥିଲେ ବହୁମୁଖୀ ପ୍ରତିଭାର ଅଧିକାରୀ। ତାଙ୍କର ଅସାଧାରଣ ଦକ୍ଷତା ଏବଂ ଗୁଣାବଳୀର ଆଲେଖ୍ୟ ବହୁବାର ରାଜ୍ୟ, ଦେଶ ଓ ବିଦେଶରେ ଅସଂଖ୍ୟ ପୁସ୍ତକ, ପ୍ରବନ୍ଧରେ ପ୍ରକାଶିତ ହୋଇଥିଲେ ମଧ୍ୟ 'କ୍ରୀଡ଼ାବିତ୍' ବିଜୁ ପଟ୍ଟନାୟକଙ୍କ ବିଷୟରେ ବିଶେଷ ଭାବେ ଆଲୋଚିତ ହୋଇ ନାହିଁ। ଅନେକ ବର୍ଷ ତଳେ ଦେଶର ଏକ ପ୍ରଖ୍ୟାତ କ୍ରୀଡ଼ା ପତ୍ରିକା 'ସ୍ପୋର୍ଟ୍ସ ୱାର୍ଲ୍ଡ'ର କ୍ରୀଡ଼ା କୁଇଜ୍ ବିଭାଗରେ ଗୋଟିଏ ପ୍ରଶ୍ନ ଥିଲା "କେଉଁ ପୂର୍ବତନ ସାଂସଦ ତାଙ୍କ ବିଶ୍ୱବିଦ୍ୟାଳୟକୁ 'କ୍ରିକେଟ୍, ଫୁଟବଲ, ହକି ଓ ଦୌଡ଼କୁଦ'ରେ ପ୍ରତିନିଧିତ୍ୱ କରିଥିଲେ ?" ଉତ୍ତର ଥିଲା 'ବିଜୁ ପଟ୍ଟନାୟକ'।

୧୯୩୦ ଦଶକରେ ରାଜ୍ୟର ଖ୍ୟାତନାମା ଫୁଟବଲ ଖେଳାଳିଙ୍କ ମଧ୍ୟରେ ବିଜୁ ଏବଂ ତାଙ୍କର ଦୁଇ ଭାଇ ସିଜୁ ଓ ଜର୍ଜ ପଟ୍ଟନାୟକ ଅଗ୍ରଣୀ ଥିଲେ। ଫୁଟବଲ ବ୍ୟତୀତ ଆଥଲେଟିକ୍ସରେ ମଧ୍ୟ ତାଙ୍କର ନିପୁଣ ଦକ୍ଷତା ଥିଲା। ସବୁଠାରୁ କଷ୍ଟସାଧ୍ୟ ଟେକ୍ନିକାଲ ଇଭେଣ୍ଟ ଭାବେ ପରିଚିତ 'ପୋଲ୍ ଭଲ୍ଟ'ରେ ସେ ରେକର୍ଡ କରିଥିଲେ। ୧୯୪୬ ମସିହାରେ ଘଟିଥିବା ଏକ ସ୍ମରଣୀୟ ଘଟଣା ବିଜୁବାବୁଙ୍କର କ୍ରୀଡ଼ା ପାଇଁ ଥିବା ଆନ୍ତରିକତାର ପରିଚୟ ଦିଏ। ଘଟଣାଟି ଥିଲା ଏହିପରି।

୨୬ ବର୍ଷୀୟ ପ୍ରତିଭାବାନ୍ କ୍ରୀଡ଼ାବିତ୍ ନନ୍ଦକୃଷ୍ଣ ଦାସ (ପରବର୍ତ୍ତୀ ସମୟରେ ୧୯୫୦ ଜାତୀୟ ଅଲିମ୍ପିକ୍ କ୍ରୀଡ଼ାରେ 'ଡେକାଥଲନ୍' ଗୋଲ୍ଡ ମେଡାଲିଷ୍ଟ) କଟକ ପୋଲିସ ଗ୍ରାଉଣ୍ଡରେ 'ପୋଲ୍ ଭଲ୍ଟ' ଅଭ୍ୟାସ କରୁଥିବା ସମୟରେ ଅକସ୍ମାତ୍ ଭେଟ ହୋଇଥିଲା ତାଙ୍କର ପ୍ରାୟ ସମସାମୟିକ (ତାଙ୍କଠାରୁ ୪ ବର୍ଷ ବଡ଼) ବିଜୁ ବାବୁଙ୍କ ସହିତ। ମାତ୍ର ବିଜୁ ବାବୁ ନନ୍ଦ ଦାସଙ୍କୁ ତାଙ୍କର ନିଜ ରେକର୍ଡ (୧୦ଫୁଟ୍ ୧୦ ଇଞ୍ଚ)କୁ ଅତିକ୍ରମ କରିବା ପାଇଁ ଚାଲେଞ୍ଜ ଦେଇଥିଲେ। ନନ୍ଦ ଦାସ ଚାଲେଞ୍ଜ ଗ୍ରହଣ କରି ସେହି ଉଚ୍ଚତା ଅତିକ୍ରମ କରିଥିଲେ ଏବଂ ବିଜୁବାବୁ ପୁରସ୍କାର ସ୍ୱରୂପ ୧୦୦ଟଙ୍କା ପ୍ରଦାନ କରିଥିଲେ।

ସେତେବେଳେ କଟକର ରେଭେନ୍ସା କଲେଜରେ ରାଜ୍ୟର ବହୁ ଶ୍ରେଷ୍ଠ କ୍ରୀଡ଼ାବିତ୍ ଅଧ୍ୟୟନ କରୁଥିଲେ। ବିଶ୍ୱବିଖ୍ୟାତ୍ କେମ୍ବ୍ରିଜ୍ ଏବଂ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟରେ ପ୍ରଚଳିତ ଉଚ୍ଚ କ୍ରୀଡ଼ା ପରମ୍ପରା ଆଧାରରେ ରେଭେନ୍ସା କଲେଜର ଶ୍ରେଷ୍ଠ କ୍ରୀଡ଼ାବିତ୍‌ଙ୍କୁ 'ରେଭେନ୍ସା ବ୍ଲୁ' ପ୍ରଦାନ କରାଯାଉଥିଲା। ବିଜୁ ପଟ୍ଟନାୟକ ଲଗାତର ଭାବେ ୨ ଥର ସମ୍ମାନଜନକ 'ରେଭେନ୍ସା ବ୍ଲୁ' ହାସଲ କରି ବିରଳ କୃତିତ୍ୱ ଅର୍ଜନ କରିଥିଲେ।

ଉତ୍କଳ ଗୌରବ ମଧୁସୂଦନ ଦାସ ୧୯୦୯ରେ ଯେପରି କଟକଠାରେ ରାଜ୍ୟର ପ୍ରଥମ 'ଅଟଓ୍ୱାର ଶିଲ୍ଡ' ନକ୍‌ଆଉଟ ଫୁଟବଲ ପ୍ରତିଯୋଗିତା ଆରମ୍ଭ କରିଥିଲେ ଠିକ୍ ସେହିପରି ବିଜୁବାବୁ ଆଉ ପାଦେ ଅଧିକ ଯାଇ ୧୯୬୧–୬୨ ମସିହାରେ କଟକଠାରେ ପ୍ରଥମ ସର୍ବଭାରତୀୟ କଳିଙ୍ଗ କପ୍ ଫୁଟବଲ ଟୁର୍ନାମେଣ୍ଟ ଆରମ୍ଭ କରିଥିଲେ। ଯାହା କି ସେ ସମୟରେ ଦେଶର ଅନ୍ୟତମ ର୍‍ୟାଙ୍କିଙ୍ଗ ଟୁର୍ନାମେଣ୍ଟ ଭାବେ ପ୍ରସିଦ୍ଧିଲାଭ କରିଥିଲା ଏବଂ ଦେଶର ସମସ୍ତ ଶ୍ରେଷ୍ଠ ଫୁଟବଲ ଦଳ ଏଥିରେ ଭାଗ ନେଉଥିଲେ। କଳିଙ୍ଗ ଫାଉଣ୍ଡେଶନ ଟ୍ରଷ୍ଟ ଦ୍ୱାରା ପ୍ରଦତ୍ତ 'କଳିଙ୍ଗ କପ୍' ଟ୍ରଫିକୁ ଲଣ୍ଡନର ପ୍ରସିଦ୍ଧ 'ହାମିଲଟନ କମ୍ପାନୀ' ପ୍ରସ୍ତୁତ କରିଥିଲା ଏବଂ ଏହି ଟ୍ରଫି ବିଜେତା ଦଳକୁ ପ୍ରଦାନ କରାଯାଉଥିଲା।

ଷାଠିଏ ଦଶକରେ ବିଜୁବାବୁ ତାଙ୍କ ପ୍ରତିଷ୍ଠିତ 'କଳିଙ୍ଗ ଟ୍ୟୁବ୍ସ' କାରଖାନାରେ ବହୁ ଉଦୀୟମାନ ଫୁଟବଲ ଖେଳାଳିଙ୍କୁ କର୍ମନିଯୁକ୍ତି ଯୋଗାଇଦେଇ ଉଚ୍ଚକୋଟୀର ଖେଳାଳି ସୃଷ୍ଟି କରିବାରେ ବିଶେଷ ସହାୟତା କରିଥିଲେ। ସେଖ୍ ବାବୁ (ବାବୁ ମିଆଁ), ମାଧବନ, ଥମାସ ବ୍ରଦର୍ସ ଆଦି ଅନେକ ଖ୍ୟାତନାମା ଖେଳାଳି 'କଳିଙ୍ଗ ଟ୍ୟୁବ୍ସ'ରୁ ଖେଳି ବହୁବର୍ଷ ଧରି ରାଜ୍ୟକୁ ପ୍ରତିନିଧିତ୍ୱ କରିଥିଲେ।

କୌଣସି ଜାତୀୟ କ୍ରୀଡ଼ା ସଂଘ (National Sports Federation)ର ସର୍ବୋଚ୍ଚ ପଦ ମଣ୍ଡନ କରିବାରେ ପ୍ରଥମ ଓଡ଼ିଆ ଭାବେ ବିଜୁ ପଟ୍ଟନାୟକ ୧୯୬୪–୬୫ ମସିହାରେ 'ବାସ୍କେଟବଲ ଫେଡେରେଶନ୍ ଅଫ୍ ଇଣ୍ଡିଆ (BFI)ର ସଭାପତି ହୋଇଥିଲେ। ସେହିବର୍ଷ ବିଜୁ ତାଙ୍କ ପ୍ରଚେଷ୍ଟାରେ କଟକରେ ଜାତୀୟ ବାସ୍କେଟ୍‌ବଲ ଚାମ୍ପିୟନଶିପ୍ ଆୟୋଜନ ହୋଇଥିଲା।

୧୯୯୨ ମସିହା ନଭେମ୍ବର ମାସର ଏକ ଶୀତୁଆ ସକାଳ। ଭୋର ୫–୩୦ମି.ରେ କ୍ରୀଡ଼ା ନିର୍ଦ୍ଦେଶକ ଓ ଆମେ ସହକର୍ମୀମାନେ 'ନବୀନ ନିବାସ' ସମ୍ମୁଖ ସ୍ଥାନରେ ପହଞ୍ଚି ଆରମ୍ଭ ହେବାକୁ ଥିବା 'ମହିଳା ସାଇକେଲ ଏକ୍ସପେଡିଶନ'ର ଶୁଭାରମ୍ଭ ଉତ୍ସବ ପାଇଁ ତତ୍ପର ହୋଇ ଉଠିଲୁ। ସୂର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ଉଦୟ ହୋଇ ନ ଥାନ୍ତି। ହଠାତ୍ ନଜର ପଡ଼ିଲା ଧୋବ ଫରଫର ଧୋତି ପଞ୍ଜାବି ପରିହିତ ବିଜୁ ବାବୁ 'ନବୀନ ନିବାସ'ର ଉପର ମହଲା କରିଡରରେ ଚଲାବୁଲା କରୁଛନ୍ତି। ଏକ୍ସପେଡିଶନ 'ଫ୍ଲାଗ୍‌ଅଫ୍'ର ନିର୍ଦ୍ଧାରିତ ସମୟ ସକାଳ ୬ଟାରେ ଶୁଭାରମ୍ଭ ଉତ୍ସବ ପେଣ୍ଡାଲ ପାଖରେ ହୋଇ କହିଥିଲେ, "ମୋ ଝିଅମାନେ ଶୁଣ, ତୁମେମାନେ ସବୁ ଆଡଭେଞ୍ଚର ସାଇକେଲ 'ଏକ୍ସପେଡିଶନରେ ବାହାରିଛ। ତୁମେମାନେ ଜାଣିଛ ମୁଁ ତୁମମାନଙ୍କ ବୟସରେ ଦିନେ ସକାଳୁ ଜଣେ ସାଙ୍ଗ ସହିତ ଏକ ପୁରୁଣା ସାଇକେଲରେ ସୁଦୂର ପେଶାୱର ଅଭିମୁଖେ କଟକରୁ ବାହାରି ପଡ଼ିଲି, ପାଖରେ ଅର୍ଥ ନ ଥିଲା କିନ୍ତୁ ମନରେ ଥିଲା ସାହସ ଏବଂ ଦୁର୍ବାର ଇଚ୍ଛାଶକ୍ତି। ସେ ଯାହା ହେଉ ମୁଁ ତୁମ୍ଭମାନଙ୍କୁ ଆଶୀର୍ବାଦ ଓ ଶୁଭେଚ୍ଛା ଜଣାଉଛି। ତୁମର ଯାତ୍ରା ସଫଳ ହେଉ।"




ପୂର୍ବତନ କ୍ରୀଡ଼ାବିତ୍ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ରାଜ୍ୟର କ୍ରୀଡ଼ାମନ୍ତ୍ରୀ ଭାବେ ଦାୟିତ୍ୱରେ ଥିବା ସମୟରେ ଦିନେ ଏହି ଲେଖକଙ୍କୁ ଡାକି କହିଲେ "ଆମ ରାଜ୍ୟରେ କ୍ରୀଡ଼ା କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା କ୍ରୀଡ଼ାବିତ୍‌ଙ୍କୁ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରତିବର୍ଷ ପୁରସ୍କୃତ କରି ପ୍ରୋତ୍ସାହନ ଯୋଗାଇ ଦେବାର ଆବଶ୍ୟକତା ରହିଛି। ଏହି ବାର୍ଷିକ କ୍ରୀଡ଼ା ସମ୍ମାନ ସ୍ୱର୍ଗତ୍ ବିଜୁ ପଟ୍ଟନାୟକଙ୍କ ନାମରେ ନାମିତ କରାଯିବ। ଅର୍ଜୁନ ପୁରସ୍କାର ଏବଂ ଅନ୍ୟ ଜାତୀୟ କ୍ରୀଡ଼ା ପୁରସ୍କାର ଆଧାରରେ ଏକ ସ୍କିମ୍ ତିଆରି କର। ମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁସାରେ ବିଭିନ୍ନ ଜାତୀୟ କ୍ରୀଡ଼ା ପୁରସ୍କାରକୁ ଅଧ୍ୟୟନ କରି ଏକ ସ୍ୱୟଂସମ୍ପୂର୍ଣ୍ଣ 'ସ୍କିମ୍' ତିଆରି ହେଲା ଏବଂ ୨୦୦୧–୦୨ ମସିହାରେ ପ୍ରଥମଥର ପାଇଁ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଏହି ସର୍ବୋଚ୍ଚ କ୍ରୀଡ଼ା ପୁରସ୍କାର ୪ଟି (ଶ୍ରେଷ୍ଠ କ୍ରୀଡ଼ାବିତ୍, ଜୀବନବ୍ୟାପୀ କ୍ରୀଡ଼ା ପାଇଁ ଅବଦାନ, ଶ୍ରେଷ୍ଠ କୋଚ, ଶ୍ରେଷ୍ଠ କ୍ରୀଡ଼ା ସାମ୍ବାଦିକ) ବିଭାଗରେ ବିଜୁ ବାବୁଙ୍କ ଜନ୍ମଦିନ ମାର୍ଚ୍ଚ ୫ ତାରିଖରେ ପ୍ରଦାନ କରାଯାଇଥିଲା। ପରବର୍ତ୍ତୀ ସମୟରେ ଏହି ପୁରସ୍କାରର କଳେବର ଓ ଧନରାଶି ବୃଦ୍ଧି ପାଇଛି ଏବଂ ରାଜ୍ୟର କ୍ରୀଡ଼ାବିତ୍‌ମାନଙ୍କୁ ପ୍ରୋତ୍ସାହନ ଯୋଗାଇ ଦେବାରେ ସହାୟକ ହୋଇପାରିଛି।

**– ଅଶୋକ ମହାନ୍ତି**
ମୋ–୯୯୩୭୩୩୭୧୬୪

## ମହିଳା କୋଲାଜ ଚିତ୍ରଶିଳ୍ପୀ ଶିବିର ଉଦ୍‌ଘାଟିତ

**ଭୁବନେଶ୍ୱର,(ବ୍ୟୁରୋ):** ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ଓଡ଼ିଶା ଲଳିତ କଳା ଏକାଡେମୀ ପକ୍ଷରୁ ବୁଦ୍ଧ ଆର୍ଟ ଗ୍ୟାଲେରୀଠାରେ ଏକ ମହିଳା କୋଲାଜ ଚିତ୍ରଶିଳ୍ପୀ ଶିବିର ଆରମ୍ଭ ହୋଇଛି। ଶୁକ୍ରବାର ଏହାକୁ ଚିତ୍ରଶିଳ୍ପୀ ଜ୍ୟୋତିର୍ମୟୀ କାନୁନ୍‌ଗୋ ଉଦ୍‌ଘାଟନ କରିଛନ୍ତି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ଶାସନ ସଚିବ ମନସ୍ୱିନୀ ସାହୁ ଅତିଥି ଭାବେ ଯୋଗଦେଇଥିବାବେଳେ ଓଡ଼ିଶାର କୋଲାଜ ଚିତ୍ରଶିଳ୍ପୀ ପଞ୍ଚାନନ ସୁର ପରିଚାଳନା କରିଥିଲେ। ଏଥିରେ ୧୦ଜଣ ନାରୀ ଚିତ୍ରଶିଳ୍ପୀ ଅଂଶଗ୍ରହଣ କରିଛନ୍ତି । ଏହା ଆସନ୍ତା ୬ ତାରିଖ ରବିବାର ପର୍ଯ୍ୟନ୍ତ ଚାଲିବ।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଆର୍ଯ୍ୟସମାଜ ଭୁବନେଶ୍ୱରର ୪୫ତମ ବାର୍ଷିକ ଉତ୍ସବ, ଆର୍ଯ୍ୟସମାଜ, ମହର୍ଷି ଦୟାନନ୍ଦ ମାର୍ଗ, ଶହୀଦନଗର, ସକାଳ ୭ଟା ୩୦।
- ଉତ୍କଳ ସମ୍ମିଳନୀ ପକ୍ଷରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ବିଜୁ ପଟ୍ଟନାୟକ ପାର୍କ, ସକାଳ ୯ଟା।
- ଦି ଇଣ୍ଟରଭ୍ୟୁ ଟାଇମ୍ସ ପକ୍ଷରୁ ଷ୍ଟେଟ ବିଜ୍‌ନେସ ଲିଡରଶିପ୍ ଆୱାର୍ଡ, ମେ ଫେୟାର କନଭେନ୍‌ସନ ହଲ୍, ସନ୍ଧ୍ୟା ୬ଟା।
- ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ, ଇଷ୍ଟର୍ନ ଜୋନାଲ କଲ୍‌ଚରାଲ ସେଣ୍ଟର, କୋଲକାତାର ସାହିତ୍ୟ, କଳା ସଙ୍ଗୀତ ବିଭାଗର ମିଳିତ ଆନୁକୂଲ୍ୟରେ ଜାତୀୟ ନାଟ୍ୟ ଉତ୍ସବ 'ପୂର୍ବ ରଙ୍ଗ', ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

**ବାଲିଅନ୍ତା**

- ବାଦୀପାଲାର ଉଦ୍‌ଘାଟନୀ ଉତ୍ସବ, ଶାଳେଶ୍ୱର, ସତ୍ୟନାରାୟଣ ପୂଜା ମଣ୍ଡପ, ରାତି ୮ଟା।

# ୩ ଦିନ ପରେ ଧରାପଡ଼ିଲା କୁମ୍ଭୀର

- ବାଟବଣା ହୋଇ ପୁରୀ କେନାଲକୁ ଚାଲି ଆସିଥିଲା
- ୧ ଘଣ୍ଟାର ପରିଶ୍ରମ ପରେ ମିଳିଲା ସଫଳତା

**ବାଲିଅନ୍ତା/ବାରଙ୍ଗ,୪।୩(ଡି.ଏନ୍.ଏ.)**



ରାଜଧାନୀ ଉପକଣ୍ଠ ପାହାଳ ଥାନା ଅଧୀନ ନହରକଣ୍ଟା ନିକଟ ପୁରୀ ମୁଖ୍ୟ କେନାଲରୁ ୩ଦିନ ପରେ ଅର୍ଥାତ୍ ଶୁକ୍ରବାର ବନ ବିଭାଗ ଓ ନନ୍ଦନକାନନ କର୍ମଚାରୀଙ୍କ ମିଳିତ ଉଦ୍ୟମରେ ଏକ ଘଡ଼ିଆଳ କୁମ୍ଭୀରକୁ ଉଦ୍ଧାର କରାଯାଇଛି। ଏହାର ଲମ୍ବ ପ୍ରାୟ ୧୨ଫୁଟ। କୁମ୍ଭୀରକୁ ଏକ ଅଟୋରେ ନନ୍ଦନକାନନକୁ ନିଆଯାଇ ସ୍ୱତନ୍ତ୍ର ଘଡ଼ିଆଳ କୁମ୍ଭୀର ଟାଙ୍କିରେ ଛଡ଼ାଯାଇଛି। ୭ଦିନ ନନ୍ଦନକାନନ ବନ୍ୟପ୍ରାଣୀ ଚିକିତ୍ସକଙ୍କ ନଜରରେ ରହିବା ପରେ ମହାନଦୀରେ ଛଡ଼ାଯିବ ବୋଲି ନନ୍ଦନକାନନ କର୍ତ୍ତୃପକ୍ଷ କହିଛନ୍ତି।

ସୂଚନା ମୁତାବକ, ନନ୍ଦନକାନନ କର୍ତ୍ତୃପକ୍ଷଙ୍କ ପକ୍ଷରୁ ମହାନଦୀରେ ୪ଟି କୁମ୍ଭୀର ଛଡ଼ାଯାଇଥିଲା। ଏମାନଙ୍କ ଗତିବିଧି ଉପରେ ନଜର ରଖିବା ପାଇଁ ଟ୍ରାନ୍ସମିଟର ଚିପ୍ ଖଞ୍ଜାଯାଇଥିଲା। ତେବେ ସେଥିରୁ ଏକ କୁମ୍ଭୀର ବାଟବଣା ହୋଇ ମୁଣ୍ଡଳୀ ଦେଇ ପୁରୀ ମୁଖ୍ୟ କେନାଲକୁ ପଶି ଆସିଥିଲା। ଗତ ୩ଦିନ ହେବ ଉକ୍ତ କେନାଲରେ ବିଚରଣ କରୁଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ବାରଙ୍ଗ, ନୂଆପାଟଣା ଆଦି ଗ୍ରାମ ନିକଟ କେନାଲରେ କୁମ୍ଭୀର ଥିବା ନେଇ ଲୋକେ ବନ ବିଭାଗକୁ ଜଣାଇଥିଲେ। କୁମ୍ଭୀରକୁ ଧରିବା ପାଇଁ ବନ ବିଭାଗ ଦୁଇଥର ଉଦ୍ୟମ କରି ବିଫଳ ହୋଇଥିଲା। ତେବେ ଶୁକ୍ରବାର ସକାଳ ୬ଟାରେ ନହରକଣ୍ଟା ଗ୍ରାମ ନିକଟରେ କୁମ୍ଭୀର କୂଳରେ ଥିବା ଲୋକେ ଦେଖିବାକୁ ପାଇଥିଲେ। ଏହି ଖବର ପ୍ରଚାରିତ ହେବା ପରେ କୁମ୍ଭୀରକୁ ଦେଖିବା ପାଇଁ କେନାଲର ଉଭୟ ପାର୍ଶ୍ୱରେ ଶତାଧିକ ଲୋକ ଜମା ହୋଇଯାଇଥିଲେ। କେନାଲରେ କମ୍ ପାଣି ଥିବାରୁ କୁମ୍ଭୀର କେଉଁଆଡ଼େ ଯାଇ ନ ପାରି କୂଳରେ ବୁଲିବା ଯୋଗୁ ଲୋକେ ଭୟଭୀତ ହୋଇପଡ଼ିଥିଲେ। ସ୍ଥାନୀୟ ସାମାଜିକ କର୍ମୀ ସ୍ୱାକ୍ଷର ରଞ୍ଜନ ମହାନ୍ତି, ଦୀପକ କୁମାର ସାମନ୍ତରାୟ ପ୍ରମୁଖ ସିଟି ଫରେଷ୍ଟ ବିଭାଗକୁ ଘଟଣା ସମ୍ପର୍କରେ ଜଣାଇଥିଲେ। ସିଟି ଡିଭିଜନର ଡିଏଫ୍‌ଓଙ୍କ ନିର୍ଦ୍ଦେଶକ୍ରମେ ଏସିଏଫ୍ ବିଜୟ କୁମାର ପରିଡ଼ା ଓ ଅନନ୍ତ କୁମାର ପ୍ରଧାନଙ୍କ ନେତୃତ୍ୱରେ ୧୨ଜଣିଆ ଟିମ୍ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଥିଲେ। ନନ୍ଦନକାନନରୁ ଜାଲ ନେଇ ଆସିଥିବା କର୍ମଚାରୀ କେନାଲରେ ପଶି ଜାଲ ବିଛାଇ ଥିଲେ। ପ୍ରାୟ ୧ଘଣ୍ଟାର ପରିଶ୍ରମ ପରେ କୁମ୍ଭୀରଟିକୁ ପାଣିରୁ ଉଦ୍ଧାର କରାଯାଇଥିଲା। ଏଥିରେ ବାଲିପାଟଣା ଫରେଷ୍ଟ ରେଞ୍ଜ କର୍ମଚାରୀ ଓ ନହରକଣ୍ଟାର କେତେଜଣ ଯୁବକ ସହଯୋଗ କରିଥିଲେ। କୁମ୍ଭୀରଟିକୁ ଦେଖିବା ପାଇଁ ୧୬ନଂ. ଜାତୀୟ ରାଜପଥର କେନାଲ ବ୍ରିଜ୍ ଲୋକାରଣ୍ୟ ହୋଇପଡ଼ିଥିଲା। ପୋଲିସ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲା।




ରୁଷିଆ-ୟୁକ୍ରେନ ଯୁଦ୍ଧ ବନ୍ଦ ସହ ବିଶ୍ୱରେ ଶାନ୍ତି ପ୍ରାର୍ଥନା କରି ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ବିଭିନ୍ନ ସାମାଜିକ ଅନୁଷ୍ଠାନ ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା।

## ପଦ୍ମଜ ପାଳଙ୍କୁ ପ୍ରଥମ ସୁକୁବିନା ସ୍ରଷ୍ଟା ପୁରସ୍କାର

**ଭୁବନେଶ୍ୱର,୪।୩(ବ୍ୟୁରୋ)**

ଔପନାସିକ ତଥା କ୍ଷୁଦ୍ରଗଳ୍ପ ଲେଖକ ପଦ୍ମଜ ପାଳଙ୍କୁ ପ୍ରଥମ ସୁକୁବିନା ସ୍ରଷ୍ଟା ସ୍ମାରକୀ ପୁରସ୍କାର ପ୍ରଦାନ କରାଯାଇଛି। ସୁକୁବିନା ସ୍ରଷ୍ଟା ସ୍ମାରକୀ ଟ୍ରଷ୍ଟ ପକ୍ଷରୁ ଜାପାନୀ ବାବୁଙ୍କ ଜନ୍ମଦିନ ପାଳନ ଅବସରରେ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଉତ୍କର୍ଷତା ପାଇଁ ଏହି ପୁରସ୍କାର ଦିଆଯାଇଛି। ଜ୍ଞାନପୀଠ ପୁରସ୍କାରପ୍ରାପ୍ତ ସାହିତ୍ୟିକ ସୀତାକାନ୍ତ ମହାପାତ୍ର ତାଙ୍କୁ ପୁରସ୍କାର ସ୍ୱରୂପ ୫୦ ହଜାର ଟଙ୍କା ଓ ମାନପତ୍ର ପ୍ରଦାନ କରିଥିଲେ। ପ୍ରକାଶନୀ ସଂସ୍ଥା ପଶ୍ଚିମା ପକ୍ଷରୁ 'ଜାପାନୀ ବାବୁଙ୍କ କଥା ସମାହାର'ର ପ୍ରଥମ ଖଣ୍ଡ ଉନ୍ମୋଚିତ ହୋଇଥିଲା। ଯତୀନ୍ଦ୍ର ନାୟକ ଅଧ୍ୟକ୍ଷତା କରିଥିବାବେଳେ ସାହିତ୍ୟିକ ଗୌରହରି ଦାସ, ପ୍ରଦୀପ ବିଶ୍ୱାଳ, ଟ୍ରଷ୍ଟି ସିଦ୍ଧାର୍ଥ ଦାସ ଓ ପୁରବୀ ଦାସ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ୩୦ କର୍ପୋରେଟର ପ୍ରାର୍ଥୀଙ୍କ ତାଲିକା ପ୍ରକାଶ କଲା କଂଗ୍ରେସ

**ଭୁବନେଶ୍ୱର, ୪।୩ (ବ୍ୟୁରୋ):** ଭୁବନେଶ୍ୱର ଜିଲା କଂଗ୍ରେସ ପକ୍ଷରୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ୩୦ ୱାର୍ଡ ପାଇଁ ପ୍ରାଥମିକ ପର୍ଯ୍ୟାୟରେ କର୍ପୋରେଟର ପ୍ରାର୍ଥୀ ତାଲିକା ଘୋଷଣା କରାଯାଇଛି। ୱାର୍ଡ ନଂ.୧ ପାଇଁ କାଜଲ ମଣ୍ଡଳ, ୩ନଂ. ୱାର୍ଡ ପାଇଁ ସୁକାନ୍ତି ଜେନା, ୪ନଂ. ୱାର୍ଡରେ ପ୍ରଦୀପ କୁମାର ପଟ୍ଟନାୟକ, ୬ ନଂ. ପାଇଁ ସୁଜିତ କୁମାର ସାହୁ, ୭ନଂ. ପାଇଁ ମନୋଜ କୁମାର ମହାପାତ୍ର ଓ ୧୦ ନଂ. ୱାର୍ଡ ଲାଗି ଶ୍ରୀଧର ବଳିଆରଙ୍କୁ ଚୟନ କରାଯାଇଛି। ସେହିପରି ଶୈଳବାଳା ମହାପାତ୍ର ୧୩ ନଂ. ୱାର୍ଡ, ୧୪ ନଂ. ୱାର୍ଡ ପାଇଁ ସୁପ୍ରିୟା ମହାପାତ୍ର, ୧୫ ନଂ. ୱାର୍ଡ ପାଇଁ ଲିପ୍ସା ମହାନ୍ତି, ୧୬ ନଂ. ୱାର୍ଡରେ ନଗମା ଖାତୁନ, ୧୮ ନଂ. ୱାର୍ଡରେ ନିବାସ କୁମାର ଭୋଇ, ୨୪ ନଂ. ୱାର୍ଡରେ ମଣ୍ଟୁ ମଲ୍ଲିକ, ୨୫ ନଂ. ୱାର୍ଡ ପାଇଁ ପବିତ୍ର ଦାସ,୨୬ ନଂ. ୱାର୍ଡରେ ପଦ୍ମିନୀ ମାରାଣ୍ଡି, ୨୭ ନଂ. ୱାର୍ଡରେ ଅନିଲ କୁମାର ଦାସଙ୍କୁ ପ୍ରାର୍ଥୀ କରାଯାଇଛି। ୨୮ ନଂ. ୱାର୍ଡରେ ଅଞ୍ଜଳି ସାହୁ ପ୍ରାର୍ଥୀ ହୋଇଥିବାବେଳେ ୩୦ ନଂ. ୱାର୍ଡରେ ସ୍ମୃତି ରଞ୍ଜନ ତ୍ରିପାଠୀ , ୩୫ ନଂ. ୱାର୍ଡ ପାଇଁ ମମତା ମଲ୍ଲିକ, ୩୯ ନଂ. ୱାର୍ଡ ପାଇଁ ଲିଜା ମହାନ୍ତି , ୪୧ ନଂ. ୱାର୍ଡରେ ପ୍ରତିମା ମହାନ୍ତି, ୪୪ ନଂ. ୱାର୍ଡ ପାଇଁ ପ୍ରଭାତ କୁମାର ପ୍ରତାପ ସିଂ, ୫୦ ନଂ. ୱାର୍ଡ ପାଇଁ ବିଭୁ ପ୍ରସାଦ ଜେନା , ୱାର୍ଡ ନଂ. ୫୩ ପାଇଁ ନିବାସୀ ଦେଇ, ୱାର୍ଡ ନଂ. ୫୪ ପାଇଁ ପୁଷ୍ପିତା ଦାସ, ୱାର୍ଡ ନଂ. ୫୬ ପାଇଁ ସଂଜୟ କୁମାର ପରିଡ଼ା,ୱାର୍ଡ ନଂ. ୫୭ ପାଇଁ ମିହିର ରଞ୍ଜନ ଆଚାର୍ଯ୍ୟ, ୱାର୍ଡ ନଂ. ୫୯ ପାଇଁ ଦେବୀ ପ୍ରସାଦ ସ୍ୱାଇଁ , ୱାର୍ଡ ନଂ. ୬୧ ପାଇଁ ନାରାୟଣ ଜେନା, ୱାର୍ଡ ନଂ. ୬୩ ପାଇଁ ନିତିଶା ମହାନ୍ତି ଏବଂ ୱାର୍ଡ ନଂ.୬୭ ପାଇଁ ଶିବାନୀ ଶିବଦର୍ଶିନୀ ମହାନ୍ତି ନାମ କଂଗ୍ରେସ ପ୍ରାର୍ଥୀ ତାଲିକାରେ ରହିଛି।

### ଏନ୍‌ସିପି ପକ୍ଷରୁ ରାଜ୍ୟ ସଂଯୋଜକ ନିଯୁକ୍ତ

**ଭୁବନେଶ୍ୱର, ୪।୩ (ବ୍ୟୁରୋ):** ନ୍ୟାଶନାଲିଷ୍ଟ କଂଗ୍ରେସ ପାର୍ଟି (ଏନସିପି)ପକ୍ଷରୁ ରାଜ୍ୟ କମିଟି ସଂଯୋଜକ ଭାବେ ବିକ୍ରମ ସାଇନଙ୍କୁ ନିଯୁକ୍ତ କରାଯାଇଛି। ଓଡିଶା ଦାୟିତ୍ୱରେ ଥିବା ଏନ୍‌ସିପି ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ପଟେଲ ଏନେଇ ଏକ ପ୍ରେସ ବିଜ୍ଞପ୍ତି ମାଧମରେ ସୂଚନା ଦେଇଛନ୍ତି। ଏଥିସହିତ ରାଜ୍ୟର ଦଳର ଗତିବିଧି ଓ ପରିଚାଳନା ନେଇ ବିକ୍ରମ ସିଧାସଳଖ ଜାତୀୟ ନେତା ପ୍ରଫୁଲ୍ଲ ପଟେଲଙ୍କୁ ରିପୋର୍ଟ କରିବା ନେଇ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି।

# ସରଗରମ ହେଉଛି ରାଜଧାନୀ ରାଜନୀତି

## ବିଏମ୍‌ସି ନିର୍ବାଚନ

- ତୃତୀୟ ଦିନରେ ନାମାଙ୍କନ ଦାଖଲ କଲେ ୧୬ କର୍ପୋରେଟର ପ୍ରାର୍ଥୀ
- ୭ ମେୟର ପଦବୀ ଓ ୨୧୦ କର୍ପୋରେଟର ପଦବୀ ପାଇଁ ଫର୍ମ ବିକ୍ରି



**ଭୁବନେଶ୍ୱର, ୪।୩ (ବ୍ୟୁରୋ)**

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ରେ ନିର୍ବାଚନ ତାତି ଧୀରେ ଧୀରେ ସରଗରମ ହେବାରେ ଲାଗିଛି। ନାମାଙ୍କନ ପତ୍ର ଦାଖଲ ସମୟ ସରି ଆସୁଥିବାରୁ ବିଭିନ୍ନ ଦଳ ପ୍ରାର୍ଥୀଙ୍କ ନାମ ଘୋଷଣା କରିବାରେ ତତ୍ପରତା ପ୍ରକାଶ କରିଛନ୍ତି। ସେହିପରି ଟିକେଟ ପାଇବା ପୂର୍ବରୁ ମଧ୍ୟ ଅନେକ ପ୍ରାର୍ଥୀ ତରବରରେ ନାମାଙ୍କନ ଦାଖଲ କରୁଥିବା ଜଣାପଡିଛି। ଶୁକ୍ରବାର ତୃତୀୟ ଦିନରେ ବିଭିନ୍ନ ୱାର୍ଡର କର୍ପୋରେଟର ପଦବୀ ପାଇଁ ୧୬ଜଣ ପ୍ରାର୍ଥୀ ମନୋନୟନ ପତ୍ର ଦାଖଲ କରିଛନ୍ତି। ସେମାନଙ୍କ ମଧ୍ୟରେ ୫୨ ନଂ. ୱାର୍ଡର ପୂର୍ବତନ କର୍ପୋରେଟର ଶ୍ରୀଧର ବେହେରା ରହିଛନ୍ତି। ଶ୍ରୀଧର ବିଜେଡିରୁ ୨୦୧୪ରୁ ୨୦୧୯ ପର୍ଯ୍ୟନ୍ତ ଉକ୍ତ ୱାର୍ଡର କର୍ପୋରେଟର ଦାୟିତ୍ୱରେ ଥିଲେ। ଚଳିତଥର ମଧ୍ୟ ସେ ଦଳୀୟ ଟିକେଟ ଆଶାରେ ରହିଛନ୍ତି। ସେହିଭଳି ୱାର୍ଡ ନଂ. ୨୩ ପାଇଁ ଆରତୀ ଭୂୟାଁ, ୨୮ ନଂ. ପାଇଁ ପ୍ରିୟମ୍ବଦା ପୃଷ୍ଟି, ୩୨ ନଂ. ପାଇଁ ଜହୁର ଖାନ୍, ୩୩ ନଂ. ପାଇଁ ଧରିତ୍ରୀ ଜେନା, ୩୬ ନଂ. ପାଇଁ ମମତା ସେଠୀ, ୩୯ ନଂ. ପାଇଁ ଗୀତାଞ୍ଜଳି ସାହୁ, ୪୦ ନଂ. ପାଇଁ କୁଳସା ବିଶୋଇ, ୱାର୍ଡ ନଂ. ୪୨ ପାଇଁ ରଶ୍ମୀ ରଞ୍ଜନ ମହାପାତ୍ର, ୪୫ ନଂ. ପାଇଁ ଜ୍ୟୋତିରେଖା ନାୟକ, ୪୬ ନଂ. ପାଇଁ ମମତା ମଲିକ, ୫୦ ନଂ. ପାଇଁ ରାମଚନ୍ଦ୍ର ରଣସିଂହ, ୫୪ ନଂ. ପାଇଁ ଶିବପ୍ରସାଦ ବେହେରା, ୬୧ ନଂ. ପାଇଁ ନରେନ ସାହୁ ଏବଂ ସୁଭାଷିନୀ ପୃଷ୍ଟି ଓ ୬୫ ନଂ. ୱାର୍ଡ ପାଇଁ କାର୍ତ୍ତିକ ଚନ୍ଦ୍ର ସୁନ୍ଦରାୟ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଗୁରୁବାର ୪ଜଣ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଥିବାରୁ ତୃତୀୟ ଦିନ ସୁଦ୍ଧା ମୋଟ୍ ୨୦ଜଣ ପ୍ରାର୍ଥୀ କର୍ପୋରେଟର ପଦବୀ ପାଇଁ ନାମାଙ୍କନ ଦାଖଲ କରି ସାରିଲେଣି। ସେହିପରି କର୍ପୋରେଟର ପଦବୀ ପାଇଁ ଆଉ ୨୧୦ଟି ଫର୍ମ ବିକ୍ରି ହୋଇଛି। ଅପରପକ୍ଷେ ତୃତୀୟ ଦିନ ବିତିଯାଇଥିଲେ ବି କୌଣସି ଦଳ ପକ୍ଷରୁ ମେୟର ପଦବୀ ପାଇଁ ମନୋନୟନ ପତ୍ର ଦାଖଲ ହୋଇନାହିଁ। ତେବେ ତୃତୀୟ ଦିନରେ ୭ଟି ମେୟର ପଦବୀ ଫର୍ମ ବିକ୍ରି ହୋଇଥିବା ସୂଚନା ମିଳିଛି। ଏହାକୁ ମିଶାଇ କର୍ପୋରେଟର ପଦବୀ ପାଇଁ ମୋଟ୍ ୫୮୧ଟି ଫର୍ମ ବିକ୍ରି ହୋଇଥିବାବେଳେ ମେୟର ପଦବୀ ପାଇଁ ୧୫ଟି ଫର୍ମ ବିକ୍ରି ହୋଇଛି।

ଏପଟେ ମନୋନୟନ ପ୍ରକ୍ରିୟାକୁ ଅଧିକ ସୁବ୍ୟବସ୍ଥିତ କରିବା ପାଇଁ ଅତିରିକ୍ତ ଜିଲାପାଳ ତଥା ନିର୍ବାଚନ ଅଧିକାରୀ ପ୍ରଫୁଲ୍ଲ କୁମାର ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅଧିକ କାଉଣ୍ଟର ଖୋଲା ଯାଇଥିଲା। ମନୋନୟନ ପତ୍ରଗୁଡିକ ପ୍ରାରମ୍ଭିକ ଯାଞ୍ଚ ପରେ ପ୍ରାର୍ଥୀମାନେ ନିର୍ଦ୍ଧାରିତ କାଉଣ୍ଟରରେ ସଂପୃକ୍ତ ସହକାରୀ ନିର୍ବାଚନ ଅଧିକାରୀଙ୍କ ନିକଟରେ ଦାଖଲ କରିଥିଲେ। ଟ୍ରାଫିକ ଓ ଜନ ଗହଳିକୁ ନିୟନ୍ତ୍ରଣ କରିବା ପାଇଁ ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ତଥା ସମ୍ମୁଖ ରାସ୍ତାରେ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା।







ବିଏମ୍‌ସି ନିର୍ବାଚନ ପାଇଁ ନିର୍ବାଚନ ଅଧିକାରୀ ତଥା ଭୁବନେଶ୍ୱର ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟରେ ବିଭିନ୍ନ ଦଳ ପକ୍ଷରୁ କର୍ପୋରେଟର ପ୍ରାର୍ଥୀମାନେ ଶୁକ୍ରବାର ନାମାଙ୍କନ ପତ୍ର ଦାଖଲ କରୁଛନ୍ତି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଭାଗ୍ୟଶ୍ରୀ



@ ଲିଜା



@ ଲିପି



@ ନିର୍ମଳ



@ ଶୁଭାଂଶୁ



@ ରାଣୀ

# ୱାର୍ଡ ବୁଲିଲେଣି ଆଶାୟୀ ପ୍ରାର୍ଥୀ



ୱାର୍ଡ ନମ୍ବର ୪୪ର ଆଶାୟୀ ପ୍ରାର୍ଥୀ ସୁନୀତା ରାଉତ ଶୁକ୍ରବାର ମହିଳା ଓ ସମର୍ଥକଙ୍କ ସହ ଶୋଭାଯାତ୍ରାରେ ବାହାରି ୱାର୍ଡ ବୁଲୁଛନ୍ତି।

**ଭୁବନେଶ୍ୱର,୪।୩(ବ୍ୟୁରୋ)**

ପୌର ନିର୍ବାଚନ ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ରେ ନାମାଙ୍କନ ପତ୍ର ଦାଖଲ ଜାରି ରହିଛି। ଆସନ୍ତା ୨୪ରେ ଭୋଟ। ପ୍ରାର୍ଥୀଙ୍କ ହାତରେ ସମୟ ବହୁତ କମ୍ ରହିଛି। ହେଲେ ବିଭିନ୍ନ ଦଳ ପକ୍ଷରୁ କର୍ପୋରେଟର ଓ ମେୟର ପଦ ଲାଗି ପ୍ରାର୍ଥୀ ଚୟନ ସରି ନ ଥିବାରୁ ଆଶାୟୀ ପ୍ରାର୍ଥୀମାନେ ଆଗୁଆ ଲୋକଙ୍କ ପାଖରେ ପହଞ୍ଚିଛନ୍ତି। ଘରକୁ ଘର ବୁଲି ଲୋକଙ୍କୁ ଭେଟିବା ସହ ପ୍ରତିଶ୍ରୁତି ଦେଇ ବିଶ୍ୱାସ ସାଉଣ୍ଟୁଛନ୍ତି। ଏକାମ୍ର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୱାର୍ଡ ନଂ.୪୪ରେ କର୍ପୋରେଟର ପାଇଁ ଆଶାୟୀ ପ୍ରାର୍ଥୀ ସୁନିତା ରାଉତ ଶୁକ୍ରବାର ଶୋଭାଯାତ୍ରାରେ ବାହାରିଥିଲେ। ତାଙ୍କ ସହ ଏସ୍ଏଚ୍‌ଜିର ମହିଳାମାନେ ସାମିଲ ହୋଇ ଲୋକଙ୍କ ପାଖକୁ ଯାଇଥିଲେ। ଏ ସମ୍ପର୍କରେ ସୁନିତା କହିଛନ୍ତି, ମୁଁ ଏହି ମାଟିର ବୋହୂ। ଏହି ମାଟି ହିଁ ମୋର ଶେଷ ପରିଚୟ। ଗୁରୁଜନଙ୍କ ଆଶୀର୍ବାଦ ଓ ପରାମର୍ଶ ନେଇ ମୁଁ ଚଳିତ ନିର୍ବାଚନରେ ଭାଗ ନେବାକୁ ଯାଉଛି। ୱାର୍ଡର ବିକାଶଧାରା ଓ ୱାର୍ଡବାସୀଙ୍କ ଦୁଃଖସୁଖରେ ସାମିଲ ହୋଇ ସମସ୍ତ ସମସ୍ୟାର ସମାଧାନ କରିବାକୁ ଶତଚେଷ୍ଟା କରିବି। ବିଜେଡିରୁ ଟିକେଟ ପାଇବାକୁ ଆଶାବାଦୀ ଥିବା ସେ କହିଛନ୍ତି।

## ସଂକ୍ଷେପରେ

### ଲାଞ୍ଚ ନେଇ କନିଷ୍ଠ ଯନ୍ତ୍ରୀ ଗିରଫ

**କଟକ ଅଫିସ,୪।୩:** ଲାଞ୍ଚ ନେବା ଅଭିଯୋଗରେ କଟକ ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ ପରିସରରେ ଥିବା ପୂର୍ତ୍ତ ବିଭାଗ ସେକ୍ସନ-୧ କାର୍ଯ୍ୟାଳୟର କନିଷ୍ଠଯନ୍ତ୍ରୀ ଧ୍ରୁବାନନ୍ଦ ରାଉତଙ୍କୁ ଶୁକ୍ରବାର ଭିଜିଲାନ୍ସ ଗିରଫ କରି ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରିଥିଲା। ପରେ ତାଙ୍କୁ ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ନ୍ୟାୟିକ ହିରାସତରେ ରଖାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ରାଉତ ଏକ ବିଲ୍ ପାସ୍ କରାଇଦେବା ପାଇଁ କଣ୍ଟ୍ରାକ୍ଟର ରଞ୍ଜିତ ପଣ୍ଡାଙ୍କୁ ୧୫,୦୦୦ ଟଙ୍କା ମାଗିଥିଲେ। ଏ ନେଇ ସେ ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଶୁକ୍ରବାର ରାଉତ ତାଙ୍କ କାର୍ଯ୍ୟାଳୟରେ ପଣ୍ଡାଙ୍କଠାରୁ ଲାଞ୍ଚ ଟଙ୍କା ଗ୍ରହଣ କରିବାବେଳେ ପୂର୍ବରୁ ଲୁଚି ରହିଥିବା ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ କାବୁ କରିଥିଲେ। ଏଥିସହ ତାଙ୍କଠାରୁ ୧୫,୦୦୦ ଲାଞ୍ଚ ଟଙ୍କା ଜବତ କରିଥିଲେ। ଏ ନେଇ ଭିଜିଲାନ୍ସ ପକ୍ଷରୁ ଏକ ମାମଲା(ନଂ.୪/୨୨) ରୁଜୁ ହୋଇଛି। ପରେ ରାଉତଙ୍କର ବାଦାମବାଡି ଏଲ୍‌ଆଇସି କଲୋନୀସ୍ଥିତ ସରକାରୀ ବାସଭବନ ଓ ମାହାଙ୍ଗା ଚମ୍ପତିପୁରସ୍ଥିତ ପୈତୃକ ବାସଭବନରେ ଚଢ଼ାଉ କରାଯାଇଛି।

### ‘ପୌର ନିର୍ବାଚନରେ ନିରପେକ୍ଷ ରୁହ’

**ଭୁବନେଶ୍ୱର,୪।୩(ବ୍ୟୁରୋ):** ରାଜ୍ୟରେ ଆସନ୍ତା ୨୪ ତାରିଖରେ ହେବାକୁ ଥିବା ପୌର ନିର୍ବାଚନ ପାଇଁ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଜାରି ରହିଛି। ୧୦୬ଟି ପୌରାଞ୍ଚଳ ଓ ୩ ମହାନଗର ନିଗମରେ ଆଦର୍ଶ ଆଚରଣ ବିଧି ଲାଗୁ କରାଯାଇଛି। ତେବେ ଏହି ନିର୍ବାଚନରେ ନିରପେକ୍ଷତା ଅବଲମ୍ବନ କରିବାକୁ ରାଜ୍ୟ ସରକାର କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ ଶୁକ୍ରବାର ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ସମସ୍ତ ବିଭାଗର ସଚିବ, ଡିଜିପି, ରାଜସ୍ୱ ଡିଭିଜନ କମିଶନ, ବିଭାଗୀୟ ମୁଖ୍ୟ ଏବଂ ଜିଲାପାଳଙ୍କୁ ଚିଠି ଲେଖିଛନ୍ତି। ପୋଲିସଠାରୁ ଆରମ୍ଭ କରି ସମସ୍ତ କର୍ମଚାରୀ ନିର୍ବାଚନ ଦାୟିତ୍ୱ ତୁଲାଇବା ବେଳେ ସମ୍ପୂର୍ଣ୍ଣ ନିରପେକ୍ଷତା ଅବଲମ୍ବନ କରିବେ। କୌଣସି ପ୍ରକାର ପ୍ରଚାର କାର୍ଯ୍ୟରେ ନିଜକୁ ନିୟୋଜିତ ନ କରିବାକୁ କଡ଼ା ତାଗିଦ କରାଯାଇଛି। ନିର୍ବାଚନ ଶେଷ ନ ହେବା ଯାଏ ସରକାରୀ ଅର୍ଥରେ ମଧ କୌଣସି ବିଜ୍ଞାପନ ଦିଆଯାଇ ପାରିବ ନାହିଁ। ଆସନ୍ତା ୨୬ ତାରିଖ ଯାଏ ଏହା ବଳବତ୍ତର ରହିବ। ରାଜ୍ୟ ନିର୍ବାଚନ କମିଶନରଙ୍କ ବିନା ଅନୁମୋଦନରେ ନିର୍ବାଚନ ପରିଚାଳନା କରୁଥିବା ଅଧିକାରୀମାନଙ୍କୁ ଛୁଟି ଦିଆଯାଇପାରିବ ନାହିଁ ବୋଲି ଚିଠିରେ ଉଲ୍ଲେଖ କରାଯାଇଛି।

# ଆଜି ହୋଇପାରେ ବିଜେଡି, ଭାଜପା ମେୟର ପ୍ରାର୍ଥୀ ଘୋଷଣା

ଭୁବନେଶ୍ୱର, ୪।୩(ବ୍ୟୁରୋ)

- ଅସନ୍ତୁଷ୍ଟଙ୍କୁ ରୋକିବାକୁ ଆଉ ଦିନେ ଗଡ଼ାଇଲା ବିଜେଡି
- ବିଧାୟକଙ୍କୁ ଡର ଟେଲିଫୋନ ଚାପ
- ବ୍ୟବସାୟିକ କ୍ଷେତ୍ରରୁ ମେୟର ପ୍ରାର୍ଥୀ ଖୋଜା ନେଇ ଭାଜପାରେ ଅସନ୍ତୋଷ

ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ନିର୍ବାଚନ ପାଇଁ ପ୍ରାର୍ଥୀ ଚୟନ ସବୁ ଦଳ ଲାଗି ବଡ଼ ସମସ୍ୟା ହୋଇଛି। ଏହାରି ଭିତରେ କଂଗ୍ରେସ ଶୁକ୍ରବାର ସୁଦ୍ଧା ୩୦ ଜଣ ପ୍ରାର୍ଥୀଙ୍କ ତାଲିକା ସମେତ ମେୟର ପ୍ରାର୍ଥୀ ଭାବେ ମଧୁସ୍ମିତା ଆଚାର୍ଯ୍ୟଙ୍କ ନା ଘୋଷଣା କରିଛି। ହେଲେ ବିଜେଡି ଏବଂ ଭାଜପା ପକ୍ଷରୁ ଏପର୍ଯ୍ୟନ୍ତ କାହାକୁ ମେୟର ପ୍ରାର୍ଥୀ କରାଯିବ ସେନେଇ କିଛି ସ୍ପଷ୍ଟ କରାଯାଇ ନାହିଁ। ଭାଜପା ପକ୍ଷରୁ କେତେଗୁଡ଼ିଏ ୱାର୍ଡ ଲାଗି ପ୍ରାର୍ଥୀମାନେ ନାମାଙ୍କନ ଦାଖଲ କରିଥିବା ବେଳେ ତାଲିକା ଶନିବାର ସୁଦ୍ଧା ପ୍ରକାଶ କରିଦିଆଯିବ ବୋଲି ଜଣାପଡିଛି। ବର୍ତ୍ତମାନ ସମୟରେ ମେୟର ପ୍ରାର୍ଥୀ ଭାବେ ଶାସକ ଦଳ ଏବଂ ଭାଜପା କାହାକୁ ଓହ୍ଲାଇବେ ତାହା ସବୁଠାରୁ ଆଲୋଚନାର ପ୍ରସଙ୍ଗ ପାଲଟିଛି। ଗୋଟିଏ ପଟେ ବିଜେଡି ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠଠାରେ ଘନଘନ ବୈଠକ କରି ମେୟର ପ୍ରାର୍ଥୀ ସମ୍ପର୍କରେ ଆଲୋଚନା ଜାରି ରଖିଛି। ଶୁକ୍ରବାର ବିଳମ୍ବିତ ସନ୍ଧ୍ୟା ପର୍ଯ୍ୟନ୍ତ ବସିଥିବା ବୈଠକରେ ମେୟର ପ୍ରାର୍ଥୀ ଚୁଡ଼ାନ୍ତ ହୋଇଯାଇଥିବା ବେଳେ ଶନିବାର ଏନେଇ ଘୋଷଣା କରିଦିଆଯିବ ବୋଲି ଜଣେ ବରିଷ୍ଠ ନେତା ସୂଚନା ଦେଇଛନ୍ତି। ଅନ୍ୟପଟେ ଭାଜପା ମେୟର ପ୍ରାର୍ଥୀ ଚୁଡାନ୍ତ କରି ବିଜେଡି ଘୋଷଣାକୁ ଅପେକ୍ଷା କରି ରହିଥିବା କୁହାଯାଉଛି।

ବିଜେଡି ଏବଂ ଭାଜପାରେ ମେୟର ପ୍ରାର୍ଥୀ ଚୟନ ନେଇ ଦଳ ଭିତରେ ବହୁ ପୁରୁଣା ନେତାମାନେ ଅସନ୍ତୁଷ୍ଟ ଥିବା ଚାରିଆଡେ ଚାଲିଥିବା ଆଲୋଚନାରୁ ଜଣାପଡିଛି। ଭାଜପା ନିକଟରେ ଜଣେ କର୍ପୋରେଟ ମହିଳାଙ୍କୁ ମେୟର ପ୍ରାର୍ଥୀ କରିବ ବୋଲି ଆଲୋଚନା କରିଥିଲା। ଉକ୍ତ ମହିଳାଙ୍କୁ ମେୟର ହେବା ଲାଗି ମଧ ପ୍ରସ୍ତାବ ଦେଇଥିଲା। ତେବେ ଦଳରେ ଦୀର୍ଘଦିନ ଧରି ଖଟିଥିବା ମହିଳାଙ୍କୁ ଅଣଦେଖା କରି କାହିଁକି ବ୍ୟବସାୟ କ୍ଷେତ୍ରରୁ ଜଣେ ମହିଳାଙ୍କୁ ଦଳ ପ୍ରାର୍ଥୀ କରିବାକୁ ଏତେ ଇଚ୍ଛୁକ ବୋଲି ଦଳୀୟ ମହଲରେ ବେଶ୍ ଆଲୋଚନା ଚାଲିଛି। ଯଦିଓ ଉକ୍ତ ବ୍ୟବସାୟ କ୍ଷେତ୍ରରେ ରହିଥିବା ମହିଳା ଜଣକ ମେୟର ପ୍ରାର୍ଥୀ ହେବା ପ୍ରସ୍ତାବକୁ ଅଗ୍ରାହ୍ୟ କରିଦେଇଥିବା ଶୁଣିବାକୁ ମିଳୁଛି। ତଥାପି ଏ ବାବଦରେ ଦଳର ବିଚାରକୁ ବହୁ ମହିଳା ନେତ୍ରୀ ଭିତରେ ଭିତରେ ନାପସନ୍ଦ କରିଛନ୍ତି। ସେହିପରି ବିଜେଡିରେ ମେୟର ପ୍ରାର୍ଥୀ କାହାକୁ କରାଯିବ ସେକଥା କୌଣସି ନେତାଙ୍କୁ ଏ ପର୍ଯ୍ୟନ୍ତ ଜଣାନାହିଁ। ଦଳର ଶୀର୍ଷ କ୍ଷମତା ରଖୁଥିବା ନେତା ହିଁ କେବଳ ଜାଣିଛନ୍ତି ମେୟର କାହାକୁ କରାଯିବ। ତେଣୁ ଶାସକ ଦଳରେ ବହୁ ଆଶାୟୀ ମେୟର ପାଇଁ ଯଦିଓ ଅଛନ୍ତି ତଥାପି ନିଜ ପାଇଁ ଲବି କରିବାକୁ ସେତେଟା ସାହସ ଜୁଟାଇ ପାରୁନାହାନ୍ତି।

ଅନ୍ୟପକ୍ଷରେ ପଞ୍ଚାୟତ ନିର୍ବାଚନ ଫଳାଫଳ ଆସିବା ପରେ ଭାଜପାର ନୈରାଶ୍ୟଜନକ ପ୍ରଦର୍ଶନରେ ବହୁ ଭାଜପା ନେତା ଏଥର କର୍ପୋରେଟର ନିର୍ବାଚନରେ ପ୍ରାର୍ଥୀ ହେବାକୁ ସେତେଟା ଆଗ୍ରହ ପ୍ରକାଶ କରୁ ନ ଥିବା ଦଳର ଜଣେ ବରିଷ୍ଠ ନେତା ନିଜ ନାମକୁ ଗୋପନ ରଖିବା ସର୍ତ୍ତରେ କହିଛନ୍ତି। ସେପଟେ ଶାସକ ଦଳରେ କର୍ପୋରେଟର ଟିକେଟ ଲାଗି ମାଳମାଳ ଆଶାୟୀ ରହିଛନ୍ତି। ଏ ପର୍ଯ୍ୟନ୍ତ ଶାସକ ଦଳ ପକ୍ଷରୁ କର୍ପୋରେଟର ପ୍ରାର୍ଥୀଙ୍କ ତାଲିକା ମଧ ପ୍ରକାଶ କରିନାହିଁ କି କାହାରିକୁ ଟିକେଟ ଦେଇନାହିଁ। ଅସନ୍ତୁଷ୍ଟଙ୍କୁ ବିରୋଧୀ କ୍ୟାମ୍ପକୁ ଯିବାରେ ରୋକିବା ଲାଗି ଏହା ଶାସକ ଦଳର ଏକ ଯୋଜନା ବୋଲି କୁହାଯାଉଛି। ମିଳିଥିବା ସୂଚନା ମୁତାବକ ବିଜେଡି ଶନିବାର ଟିକେଟ ବଣ୍ଟା କାର୍ଯ୍ୟକ୍ରମ ଆରମ୍ଭ କରିବ। ତେବେ କର୍ପୋରେଟର ଟିକେଟ ଲାଗି ଆଶାୟୀମାନେ ଭୁବନେଶ୍ୱର ବିଧାୟକମାନଙ୍କୁ ଚାରିଆଡୁ ଚାପ ପକାଇବାରେ ଲାଗିଛନ୍ତି। ତେଣୁ ୩ ବିଧାୟକଙ୍କ ନିକଟକୁ ସବୁଆଡୁ ଘନଘନ ଫୋନ୍ ଆସିବାରେ ଲାଗିଛି। ସେଥିରେ ବହୁ ମନ୍ତ୍ରୀ, ନେତା ମଧ ନିଜ ସମର୍ଥକଙ୍କୁ ଟିକେଟ ଦେବା ଲାଗି ଉକ୍ତ ୩ ବିଧାୟକଙ୍କୁ ଚାପ ପକାଉଛନ୍ତି। ତେଣୁ ଫୋନ୍ ଆସିବା ମାତ୍ରେ ବିଧାୟକଙ୍କୁ ଡର ଲାଗିବାରେ ଲାଗିଛି। କାହା କଥା ରଖିବେ କାହା କଥା କାଟିବେ ସେନେଇ ସେମାନେ ଏବେ ଚିନ୍ତାରେ ପଡ଼ିଯାଇଛନ୍ତି।



ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ଦେଇ ଛାତ୍ରୀଛାତ୍ରମାନେ ଶୁକ୍ରବାର ଭୁବନେଶ୍ୱରସ୍ଥିତ ୟୁନିଟ୍-୧ ସରକାରୀ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରୁ ବାହାରୁଛନ୍ତି।

## ବାପା ହେଲେ ଆଦିତ୍ୟ ନାରାୟଣ

**ମୁମ୍ବାଇ:** ବଲିଉଡ୍ ସିଙ୍ଗର୍ ତଥା ଟିଭି ଆଙ୍କର୍ ଆଦିତ୍ୟ ନାରାୟଣ ଏବଂ ଶ୍ୱେତା ଅଗ୍ରୱାଲ ୨୦୨୦ ଡିସେମ୍ବର ୧ରେ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ। ସେମାନେ ନିଜର ବୈବାହିକ ଜୀବନକୁ ନେଇ ଖୁସି ଅଛନ୍ତି। ଏବେ ତାଙ୍କର ଖୁସି ଦ୍ୱିଗୁଣିତ ହୋଇଯାଇଛି। ଦୁହେଁ ଏବେ ମା’-ବାପା ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ଫେବୃୟାରୀ ୨୪ରେ ସେମାନେ ମୁମ୍ବାଇର ଏକ ନର୍ସିଂହୋମରେ ସେମାନଙ୍କର ପ୍ରଥମ କନ୍ୟା ସନ୍ତାନକୁ ସ୍ୱାଗତ କରିଥିଲେ। ଶୁକ୍ରବାର ଏନେଇ ଆଦିତ୍ୟ ତାଙ୍କ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି। ଦୁହେଁ ଏବେ ବେଶ୍ ଖୁସି ଥିବା ଜଣାପଡ଼ିଛି।



## ୭ରୁ ମିଶନ ଇନ୍ଦ୍ରଧନୁଷ ୪.୦

ଭୁବନେଶ୍ୱର, ୪।୩(ବ୍ୟୁରୋ)

- ୧୨ ଜିଲାରେ ୩ ପର୍ଯ୍ୟାୟରେ ଟିକାକରଣ
- ୧୦,୯୯୭ ପିଲା, ୨,୬୩୧ ଗର୍ଭବତୀଙ୍କୁ ଟିକାକରଣ ଲକ୍ଷ୍ୟ

ଆସନ୍ତା ୭ ତାରିଖରୁ ରାଜ୍ୟରେ ମିଶନ ଇନ୍ଦ୍ରଧନୁଷ ୪.୦ ଟିକାକରଣ ଅଭିଯାନ ୨୦୨୨ ଆରମ୍ଭ ହେବ। ଏହା ୩ଟି ପର୍ଯ୍ୟାୟରେ ମେ’ ପର୍ଯ୍ୟନ୍ତ ଚାଲିବ। ପ୍ରତି ପର୍ଯ୍ୟାୟ ୭ଦିନ ରହିବ। ଏହି ଟିକାକରଣ ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଓଡ଼ିଶାର ୧୨ଟି ଜିଲାକୁ ଚିହ୍ନଟ କରିଛି। ଏହି ଜିଲାଗୁଡ଼ିକ ହେଉଛି କଟକ, ଗଞ୍ଜାମ, ଯାଜପୁର, ଝାରସୁଗୁଡ଼ା, କେନ୍ଦ୍ରାପଡ଼ା, କେନ୍ଦୁଝର, କୋରାପୁଟ, ଖୋର୍ଦ୍ଧା, ମାଲକାନଗିରି, ମୟୂରଭଞ୍ଜ, ସମ୍ବଲପୁର ଓ ସୁନ୍ଦରଗଡ଼। ଏଥିସହିତ ୫ଟି ମହାନଗର ନିଗମରେ ମଧ ଏହି ଟିକାରକଣ ହେବ। ପ୍ରଥମ ପର୍ଯ୍ୟାୟ ମାର୍ଚ୍ଚ ୭, ଦ୍ୱିତୀୟ ପର୍ଯ୍ୟାୟ ଏପ୍ରିଲ ୪ ଓ ତୃତୀୟ ପର୍ଯ୍ୟାୟ ମେ’ ୨ରୁ ଆରମ୍ଭ ହେବ। ଟିକାକରଣ ସମୟସୀମା, ଆର୍ଥିକ, ଆଇସିବିସି ତଥା ବିସ୍ତୃତ କାର୍ଯ୍ୟକ୍ରମର ସମ୍ପୂର୍ଣ୍ଣ ଗାଇଡ୍‌ଲାଇନ୍ ୧୨ଟି ଜିଲାକୁ ପ୍ରଦାନ କରାଯାଇଛି। ଅଭିଯାନର ସଫଳତା ପାଇଁ ରାଜ୍ୟସ୍ତରୀୟ ନୋଡାଲ ଅଫିସରମାନଙ୍କୁ ଦାୟିତ୍ୱ ଦିଆଯାଇଛି। ସେମାନେ ଜିଲାକୁ ଯାଇ ମିଶନ ଇନ୍ଦ୍ରଧନୁଷ ୪.୦ ଟିକାକରଣ ଅଭିଯାନକୁ ଅନୁଧ୍ୟାନ କରିବେ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ଏ ସଂକ୍ରାନ୍ତରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ ଟାସ୍କଫୋର୍ସ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପଞ୍ଚାୟତିରାଜ ଓ ପାନୀୟ ଜଳ, ମହିଳା ଓ ଶିଶୁ ବିକାଶ, ଗୃହ ନିର୍ମାଣ ଓ ନଗର ଉନ୍ନୟନ, ଶିକ୍ଷା, କ୍ରୀଡ଼ା ଓ ଯୁବସେବା, ଅନୁସୂଚିତ ଜନଜାତି, ଶ୍ରମ, ସୂଚନା ଓ ଲୋକସମ୍ପର୍କ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ୧୨ ଜିଲାର ୧୬୮ ଗୋଷ୍ଠୀରେ ୧୦,୯୯୭ଜଣ ଶିଶୁ (୦-୨ ବର୍ଷ), ୨,୬୩୧ ଗର୍ଭବତୀଙ୍କୁ ଟିକାକରଣର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏହାକୁ ସଫଳ କରିବା ପାଇଁ ୟୁନିସେଫ୍, ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ, ଜେଏସ୍‌ଆଇ ଓ ୟୁଏନ୍‌ଡିପି ସହଯୋଗର ହାତ ବଢ଼ାଇଛନ୍ତି ବୋଲି ପରିବାର କଲ୍ୟାଣ ନିର୍ଦ୍ଦେଶକ ବିଜୟ କୁମାର ପାଣିଗ୍ରାହୀ ଶୁକ୍ରବାର ସୂଚନା ଦେଇଛନ୍ତି।

ମିଶନ ଇନ୍ଦ୍ରଧନୁଷ ୪.୦ ଅଭିଯାନର ମୁଖ୍ୟ ଲକ୍ଷ୍ୟ ହେଉଛି ଆଦୌ କିମ୍ବା ଅଧାରୁ ଟିକା ନେଇ ନ ଥିବା ୦ରୁ ୨ ବର୍ଷ ମଧ୍ୟରେ ପିଲା ଓ ଗର୍ଭବତୀଙ୍କୁ ଚିହ୍ନଟ କରି ସେମାନଙ୍କ ଟିକାକରଣ କରିବା। ଏହାଦ୍ୱାରା ନିୟମିତ ଟିକାକରଣ କାର୍ଯ୍ୟକ୍ରମ ସଶକ୍ତ ହେବ। ଏଥିପାଇଁ ପ୍ରଶିକ୍ଷଣ, ଆଶା ଓ ଅଙ୍ଗନୱାଡ଼ି କର୍ମୀଙ୍କ ଦ୍ୱାରା ମୁଣ୍ଡଗଣତି, ଟିକା ଆଦିର ଠିକ୍ ଯୋଗାଣ, ନିରୀକ୍ଷଣ ଓ ରିପୋର୍ଟ ପ୍ରଦାନ ଉପରେ ଗୁରୁତ୍ୱ ଦିଆଯାଉଛି। ଜିଲାପାଳଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ ଟାସ୍କଫୋର୍ସ ବୈଠକ ଜରିଆରେ ପ୍ରତିଟି କାର୍ଯ୍ୟର ତଦାରଖ କରାଯାଉଛି।

## କେନ୍ଦ୍ରାଞ୍ଚଳ ଆର୍‌ଡିସି ଭାବେ ଦାୟିତ୍ୱ ନେଲେ ସୁରେଶ ଚନ୍ଦ୍ର ଦଳାଇ

କଟକ ଅଫିସ, ୪।୩

କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ (ଆର୍‌ଡିସି) ଭାବେ ଡ. ସୁରେଶ ଚନ୍ଦ୍ର ଦଳାଇ ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ଉତ୍ତରାଞ୍ଚଳ ଆର୍‌ଡିସି ସହିତ କଟକସ୍ଥିତ କେନ୍ଦ୍ରାଞ୍ଚଳ ଆର୍‌ଡିସି ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ଏହି ଅବସରରେ କେନ୍ଦ୍ରାଞ୍ଚଳ ଆର୍‌ଡିସିଙ୍କ କାର୍ଯ୍ୟାଳୟରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ ଆର୍‌ଡିସି ଦଳାଇଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ସେହିପରି ଆର୍‌ଡିସି କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀମାନେ ମଧ ଦଳାଇଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ। ସୂଚନାଯୋଗ୍ୟ, ପୂର୍ବତନ କେନ୍ଦ୍ରାଞ୍ଚଳ ଆର୍‌ଡିସି ଗୋପବନ୍ଧୁ ଶତପଥୀ ଗତ ଫେବୃୟାରୀ ୨୮ରେ ଅବସର ଗ୍ରହଣ କରିବା ପରେ ଉକ୍ତ ପଦବୀ ଖାଲି ପଡ଼ିଥିଲା।



## ପ୍ରଥମ ପୃଷ୍ଠାରୁ...

### ରୁଷିଆ ଦଖଲରେ....

ଭୋଲୋଡିମିର ଜେଲେନ୍‌ସ୍କି କହିଛନ୍ତି, ଆଣବିକ ଶକ୍ତି କେନ୍ଦ୍ର ଉପରେ ଆକ୍ରମଣ ହେଲେ ୧୯୮୬ ଏପ୍ରିଲ୍ ୨୬ରେ ଘଟିଥିବା ଚେର୍ନୋବିଲ୍ସ ବିପର୍ଯ୍ୟୟର ୬ ଗୁଣା କ୍ଷତି ଦେଖିବାକୁ ମିଳିବ। ଚାରିଆଡୁ ସମାଲୋଚିତ ହେବା ପରେ ରୁଷିଆ ପ୍ରତିରକ୍ଷା ମନ୍ତ୍ରଣାଳୟ ମୁଖପାତ୍ର ଆଇଗୋର କୋନାଶେଙ୍କୋ ଅଭିଯୋଗକୁ ଖଣ୍ଡନ କରିଛନ୍ତି। କୋନାଶେଙ୍କୋ କହିଛନ୍ତି, ୟୁକ୍ରେନ୍‌ର ଅନ୍ତର୍ଘାତୀ ଗୋଷ୍ଠୀ ପ୍ଲାଣ୍ଟର ଟ୍ରେନିଂ ବିଲ୍ଡିଂକୁ ଦଖଲ କରିନେଇଥିଲେ। ସେମାନେ ସେଠାରେ ନିଆଁ ଲଗାଇ ଫେରାର ହୋଇଯାଇଥିଲେ। ରୁଷୀୟ ସୈନ୍ୟମାନେ ଏହା ଜାଣିବା ପରେ ନିଆଁ ଲିଭାଇବାକୁ ଯାଇଥିଲେ।

### ରୁଷିଆ ଟିଭି ଚ୍ୟାନେଲ...

କର୍ମଚାରୀମାନେ ଚାଲିଯିବା ପରେ ଚ୍ୟାନେଲ୍‌ରେ ‘ସ୍ୱାନ୍ ଲେକ୍’ ବେଲେ ଭିଡିଓ ପ୍ରସାରିତ ହୋଇଥିଲା। ୧୯୯୧ରେ ସୋଭିଏଟ୍ ରୁଷ୍ ଭାଗ ଭାଗ ହେବା ସମୟରେ ରୁଷିଆ ସରକାରଙ୍କ ପରିଚାଳିତ ଟିଭି ଚ୍ୟାନେଲରେ ଉକ୍ତ ଭିଡିଓ ପ୍ରଦର୍ଶିତ ହୋଇଥିଲା। ଏହା ଏବେ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ସେହିଭଳି ୟୁକ୍ରେନ୍ ଯୁଦ୍ଧ ଖବର ପ୍ରସାରଣ କରୁଥିବା ଇଖୋ ମସ୍କଭି (ମସ୍କୋର ପ୍ରତିଧ୍ୱନି) ନାମକ ରେଡିଓ ଷ୍ଟେଶନ ଉପରେ ସରକାର ଚାପ ପକାଇବାରୁ ବୋର୍ଡ ପକ୍ଷରୁ ଏହାକୁ ବନ୍ଦ କରିଦିଆଯାଇଥିବା ଏହାର ସମ୍ପାଦକ କହିଛନ୍ତି।

### ଶେନ ୱର୍ନଙ୍କ...

(ଏସ୍‌ଏଲ୍‌ସି) ପକ୍ଷରୁ ଦୁଇ ଦଳ ମଧ୍ୟରେ ଆୟୋଜିତ ଏକ ଟେଷ୍ଟ ସିରିଜର ନାମକରଣ ୱର୍ନ-ମୁରଲୀଧରନ ଟ୍ରଫି ରଖାଯାଇଥିଲା। ୱର୍ନ ଆଇକନିକ ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡରେ ଭାରତ ବିପକ୍ଷରେ ତାଙ୍କ ଟେଷ୍ଟ ପଦାର୍ପଣ କରିଥିଲେ। ୧୯୯୨ରୁ ୨୦୦୭ ପର୍ଯ୍ୟନ୍ତ ଦୀର୍ଘ ୧୫ ବର୍ଷ ଧରି ଅସମାନ୍ତରାଳ ସଫଳତା ପାଇଁ ତାଙ୍କୁ ୱିଜଡେନ୍ ତରଫରୁ ମନୋନୀତ ଶତାବ୍ଦୀର ଶ୍ରେଷ୍ଠ ୫ କ୍ରିକେଟରଙ୍କ ମଧ୍ୟରେ ସ୍ଥାନ ମିଳିଥିଲା। ୨୦୧୩ରେ ତାଙ୍କ ନାମ ଆଇସିସି ହଲ୍ ଅଫ୍ ଫେମ୍‌ରେ ସ୍ଥାନିତ ହୋଇଥିଲା। ୧୯୯୯ରେ ଅଷ୍ଟ୍ରେଲିଆର ବିଶ୍ୱକପ୍ ବିଜୟ ପଛରେ ୱର୍ନଙ୍କର ବିଶେଷ ଭୂମିକା ରହିଥିଲା। ଆଶେସ କ୍ରିକେଟରେ ସେ ସବୁଠାରୁ ଅଧିକ ୧୯୫ ଉଇକେଟ ହାସଲ କରିଛନ୍ତି। ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ପରେ ସେ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଟିମ୍ ରାଜସ୍ଥାନ ରୟାଲ୍ସର ଉଭୟ ଅଧିନାୟକ ଓ କୋଚ୍ ଦାୟିତ୍ୱ ଗ୍ରହଣ କରିଥିଲେ। ତାଙ୍କ ନେତୃତ୍ୱରେ ଦଳ ଇଭେଣ୍ଟର ଉଦ୍‌ଘାଟନୀ ସଂସ୍କରଣ ଟାଇଟଲ ବିଜୟୀ ହୋଇଥିଲା।

### ପେଶାୱର ମସ୍‌ଜିଦରେ...

ଗୁଳି ବିନିମୟ ବେଳେ ଜଣେ ଆକ୍ରମଣକାରୀ ଓ ଜଣେ ପୋଲିସ କର୍ମଚାରୀ ନିହତ ହୋଇଥିବାବେଳେ ଅନ୍ୟ ଜଣେ ପୋଲିସ ଆହତ ହୋଇଥିଲେ। ଅନ୍ୟ ଆକ୍ରମଣକାରୀ ଜଣକ ମସ୍‌ଜିଦ ମଧ୍ୟକୁ ଧାଇଁଯାଇ ନିଜକୁ ବିସ୍ଫୋରଣରେ ଉଡ଼ାଇ ଦେଇଥିଲେ ବୋଲି ପେଶାୱର ପୋଲିସ ମୁଖ୍ୟ ମହମ୍ମଦ ଏଜାଜ ଖାନ୍ ସୂଚନା ଦେଇଛନ୍ତି। ଶାୟନ ହାଇଦର ନାମକ ଜଣେ ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ସେ ମସ୍‌ଜିଦରେ ପ୍ରବେଶ କରିବାକୁ ଯାଉଥିବାବେଳେ ବିସ୍ଫୋରଣ ଘଟିବାରୁ ସେ ବାହରକୁ ଛିଟିକି ପଡ଼ିଥିଲେ। ଆଖି ଖୋଲିଲା ବେଳେକୁ ଚାରିପଟେ ଧୂଳି ଭର୍ତ୍ତି ହୋଇଯାଇଥିଲା। ଆତ୍ମଘାତୀ ବୋମାଧାରୀ କଳା ପୋଷାକରେ ମସ୍‌ଜିଦ ଭିତରେ ପ୍ରବେଶ କରିଥିଲେ ବୋଲି ଅନ୍ୟ ଜଣେ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ସେ ପ୍ରଥମେ ସୁରକ୍ଷା କର୍ମୀଙ୍କୁ ଗୁଳିକରି ହତ୍ୟା କରିବା ପରେ ୫/୬ଟି ଗୁଳି ଚଳାଇଥିଲେ। ଏହା ପରେ ସେ ମସ୍‌ଜିଦ୍ ମୁଖ୍ୟ ହଲ୍ ମଧ୍ୟରେ ପ୍ରବେଶ କରି ନିଜକୁ ବିସ୍ଫୋରଣ ଘଟାଇଥିଲେ।

ଲେଡି ରିଡିଙ୍ଗ ହସ୍ପିଟାଲରେ ଆହତମାନଙ୍କୁ ଭର୍ତ୍ତି କରାଯାଇଥିବାବେଳ ସେଠାରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ହସ୍ପିଟାଲର ଜରୁରୀ ସ୍ଥିତି ଜାରି ହେବା ସହ ଛୁଟିରେ ଥିବା ଡାକ୍ତରମାନଙ୍କୁ ଡକାଯାଇଛି। ଆଶୁଚିକିତ୍ସା ବିଭାଗ ବାହାରେ ଶହ ଶହ ଆତ୍ମୀୟ ସ୍ୱଜନ ରୁଣ୍ଡ ହୋଇଛନ୍ତି। ରାଷ୍ଟ୍ରପତି ଅରିଫ୍ ଆଲ୍‌ଭି ଏବଂ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ପେଶାୱର ଆକ୍ରମଣକୁ ଦୃଢ଼ ନିନ୍ଦା କରିବା ସହ ମୃତକମାନଙ୍କ ଲାଗି ଶୋକବ୍ୟକ୍ତ କରିଛନ୍ତି। ଆଭ୍ୟନ୍ତରୀଣ ମନ୍ତ୍ରୀ ଶେଖ ରଶିଦ ଏନେଇ ଖାଇବର-ପଖତୁନ୍‌ଖ୍ୱା ପ୍ରଦେଶର ମୁଖ୍ୟ ସଚିବ ଏବଂ ଆଇଜିଙ୍କୁ ରିପୋର୍ଟ ମାଗିଛନ୍ତି। ମୁଖ୍ୟମନ୍ତ୍ରୀ ମହମ୍ମଦ ଖାନ୍ ବିସ୍ଫୋରଣକୁ ନିନ୍ଦା କରିବା ସହ ଅପରାଧୀଙ୍କୁ ଆଇନର କାଠଗଡ଼ାକୁ ଆଣିବା ଲାଗି ପ୍ରତିଜ୍ଞା କରିଛନ୍ତି। ଉପାସନା ସ୍ଥଳରେ ଲୋକମାନଙ୍କୁ ଟାର୍ଗେଟ କରି ହତ୍ୟା କରିବା ଅମାନବିକତା ଓ ନିଷ୍ଠୁର କାର୍ଯ୍ୟ ବୋଲି ସେ କହିଛନ୍ତି। ଆଫଗାନିସ୍ତାନ ସୀମାକୁ ଲାଗିଥିବା ଏହି ରାଜ୍ୟର ସୁରକ୍ଷା ସ୍ଥିତି ସମୀକ୍ଷା ଲାଗି ମୁଖ୍ୟମନ୍ତ୍ରୀ ଜରୁରୀ ବୈଠକ ଡାକିଛନ୍ତି।

## ଶ୍ରବଣଶକ୍ତି ସମସ୍ୟାର ଶୀଘ୍ର ଚିହ୍ନଟ ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର, ୪।୩(ବ୍ୟୁରୋ)

**ନବଜାତ ଶିଶୁଙ୍କ ପାଇଁ ଏମ୍ସରେ ସ୍ୱତନ୍ତ୍ର ବ୍ୟବସ୍ଥା**

- ଜନ୍ମହେବାର ମାତ୍ର ୪୮ ଘଣ୍ଟାରେ ହୋଇପାରିବ ଶ୍ରବଣ ପରୀକ୍ଷା
- ୨୧୫ରୁ ୧୭୫ ସଫଳ କକ୍ଲିଆର୍ ପ୍ରତିରୋପଣ

ଶ୍ରବଣ ଶକ୍ତି ହ୍ରାସରୁ ରକ୍ଷା ପାଇବା ନିମନ୍ତେ ନିରାପଦ ଶୁଣିବା ଅଭ୍ୟାସ ହେଉଛି ପ୍ରମୁଖ ଅସ୍ତ୍ର। ଶ୍ରବଣ ସମସ୍ୟାକୁ ଶୀଘ୍ର ଚିହ୍ନଟ କରିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଏହାଦ୍ୱାରା ଠିକ୍ ସମୟରେ ଚିକିତ୍ସା ସମ୍ଭବ ହୋଇଥାଏ ଓ ଶ୍ରବଣ ଶକ୍ତିର ଅବନତି ସହ ଅନ୍ୟାନ୍ୟ ସମସ୍ୟାରୁ ମୁକ୍ତି ମିଳିଥାଏ। ଶୁଦ୍ଧ ଟୋନ୍ ଅଡିଓମେଟ୍ରି, ବେରା ଏବଂ ଓଏଇ ପରି ବିଭିନ୍ନ ପଦ୍ଧତି ଦ୍ୱାରା ଶ୍ରବଣକ୍ଷୟଜନିତ ସମସ୍ୟାକୁ ଚିହ୍ନଟ କରାଯାଇଥାଏ ବୋଲି ଏମ୍ସ ଭୁବନେଶ୍ୱର ଅଧୀକ୍ଷକ ଡା. ସଚ୍ଚିଦାନନ୍ଦ ମହାନ୍ତି ବିଶ୍ୱ ଶ୍ରବଣ ଦିବସ ପାଳନ ଅବସରରେ ପ୍ରକାଶ କରିଛନ୍ତି।

ଏମ୍ସ ଇଏନ୍‌ଟି ବିଭାଗ ପକ୍ଷରୁ ‘ଜୀବନ ପାଇଁ ଶୁଣିବା, ଯତ୍ନ ସହକାରେ ଶୁଣିବା’ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭାଗ ମୁଖ୍ୟ ଡା. ପି. କେ. ପରିଡ଼ା ଯୋଗଦେଇ କହିଛନ୍ତି, ଏମ୍ସ ଭୁବନେଶ୍ୱରରେ ନବଜାତ ଶିଶୁଙ୍କ ଯେକୌଣସି ଶ୍ରବଣ ଶକ୍ତିକୁ ନେଇ ରହିଥିବା ସମସ୍ୟାର ଚିହ୍ନଟ ଓ ନିରାକରଣ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ମହୀଶୂରସ୍ଥିତ ଅଲ୍ ଇଣ୍ଡିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସ୍ପିଚ୍ ଆଣ୍ଡ୍ ହିୟରିଙ୍ଗ୍‌ର ମିଳିତ ସହଯୋଗରେ ଏହି ଚିକିତ୍ସା ସେବା ଜାରି ରହିଛି। ଜନ୍ମର ୪୮ ଘଣ୍ଟା ମଧ୍ୟରେ ନବଜାତକଙ୍କ ପାଇଁ ଏହି ଚିକିତ୍ସା ପଦ୍ଧତି ଉପଯୋଗ କରାଯାଇଥାଏ। ଏଥିସହିତ ବିଭାଗ ପକ୍ଷରୁ ୨୦୧୫ରୁ ଆଜି ପର୍ଯ୍ୟନ୍ତ ୧୭୫ଟି କକ୍ଲିଆର୍ ପ୍ରତିରୋପଣ ଅସ୍ତ୍ରୋପଚାର ସଫଳତାର ସହ କରାଯାଇ ଶ୍ରବଣଶକ୍ତି ଫେରାଇ ଅଣାଯାଇପାରିଛି। ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ (ଆର୍‌ବିଏସ୍‌କେ) ମାଧ୍ୟମରେ ଦିବ୍ୟାଙ୍ଗ ଓ ଅନ୍ୟମାନଙ୍କୁ ବିଭିନ୍ନ ସହାୟତା ଉପକରଣ କ୍ରୟ/ଫିଟିଂ ପାଇଁ ଯୋଗାଇ ଦିଆଯାଇଥାଏ। ଏହା ବ୍ୟତୀତ ଅତ୍ୟାଧୁନିକ ଜ୍ଞାନକୌଶଳ ସହାୟତାରେ ସମସ୍ତ ପ୍ରକାରର କାନ ସର୍ଜରି କରାଯାଏ ବୋଲି ଡା. ପରିଡ଼ା ପ୍ରକାଶ କରିଛନ୍ତି।

କାର୍ଯ୍ୟକ୍ରମରେ ଏମ୍ସ ଡିନ୍ ଡା. ଦେବାଶିଷ ହୋତା, ଡା. ସି. ପ୍ରୀତମ୍, ଡା. ସୌରଭ ସରକାର, ଡା. ପ୍ରଦୀପ ପ୍ରଧାନ, ଡା. ଦିଲୀପ ସାମଲ ଏବଂ ଅଡିଓଲୋଜିଷ୍ଟ ଅସିତ ଶାହ ଓ ସାର୍ଗା ସୁଶାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ କକ୍ଲିଆର୍ ପ୍ରତିରୋପଣ ମାଧ୍ୟମରେ ଶ୍ରବଣ ଶକ୍ତି ଫେରିପାଇଥିବା ହିତାଧିକାରୀମାନେ ସେମାନଙ୍କ ଅଭିଜ୍ଞତା ବର୍ଣ୍ଣନା କରିବା ସହିତ ଖୁସି ଜାହିର କରିଥିଲେ।

## ନକଲି ଡାକ୍ତରଙ୍କ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ

ଭୁବନେଶ୍ୱର,୪।୩(ବ୍ୟୁରୋ)

**ତୃତୀୟଥର ରିମାଣ୍ଡରେ ଆସିଲେ ରମେଶ**

- ଲାଏ ଡିଟେକ୍ସନ୍ ଟେଷ୍ଟ ପାଇଁ ଆବେଦନ କରିବ ପୋଲିସ
- ଭିଣୋଇ ଗଣେଶ୍ୱର, ଡ୍ରାଇଭର ପପୁଙ୍କୁ ଧରିବାକୁ ତନାଘନା

ଓଡ଼ିଶା ସମେତ ବାହାର ରାଜ୍ୟରେ ୧୭ରୁ ଅଧିକ ମହିଳାଙ୍କୁ ବିବାହ କରି ପ୍ରତାରଣା ପରେ ଲୁଟିବା ସହ ବିଭିନ୍ନ ଠକେଇ ମାମଲାରେ ଜେଲ ଯାଇଥିବା ନକଲି ଡାକ୍ତର ରମେଶ ଚନ୍ଦ୍ର ସ୍ୱାଇଁ ଶୁକ୍ରବାର ତୃତୀୟ ପର୍ଯ୍ୟାୟରେ ୫ଦିନିଆ ରିମାଣ୍ଡରେ ଆସିଛନ୍ତି। ମହିଳା ଥାନା ପୋଲିସ ତାଙ୍କୁ ମାରାଥନ୍ ଜେରା ଆରମ୍ଭ କରିଛି। ପୂର୍ବରୁ ୨ଟି ପର୍ଯ୍ୟାୟରେ ମହିଳା ଥାନା ପୋଲିସ ରମେଶଙ୍କୁ ୮ଦିନ ରିମାଣ୍ଡରେ ଆଣି ବିଭିନ୍ନ ତଥ୍ୟ ହାସଲ କରିଥିଲା। ଗୁଆହାଟୀର ଡାକ୍ତରାଣୀ ସ୍ତ୍ରୀଙ୍କୁ ୨୩ ଲକ୍ଷ ଟଙ୍କା ଠକିବା ମାମଲାରେ ରମେଶଙ୍କୁ ୭ ଦିନିଆ ରିମାଣ୍ଡରେ ନେବା ପାଇଁ ଆବେଦନ କରାଯାଇଥିଲା। କୋର୍ଟ ଉକ୍ତ ଆବେଦନକୁ ଗ୍ରହଣ କରିବା ସହ ୫ ଦିନିଆ ରିମାଣ୍ଡ ଅନୁମତି ଦେଇଥିଲେ। ମହିଳା ଥାନା ପୋଲିସ ଓ ଆଣ୍ଟି ଫ୍ରଡ୍ ସେଲ୍ ରମେଶଙ୍କ ମାମଲାଗୁଡ଼ିକର ବିଭିନ୍ନ ଦିଗକୁ ନେଇ ଅଧିକ ଖୋଳତାଡ଼ ଚଳାଇଛନ୍ତି। ତଦନ୍ତ ପାଇଁ ଗଠିତ ଟିମ୍ ରମେଶଙ୍କୁ ପଚରାଉଚରା କରିବାକୁ ପୂର୍ବରୁ ପ୍ରଶ୍ନ ତାଲିକା ପ୍ରସ୍ତୁତ କରି ରଖିଥିଲା। ସେହି ଅନୁସାରେ ଜେରା ଆରମ୍ଭ ହୋଇଥିବା ଜଣାପଡିଛି। ରିମାଣ୍ଡର ପ୍ରଥମ ଦିନରେ ପୋଲିସ ରମେଶଙ୍କ ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରିଛି। କେଉଁ ଆକାଉଣ୍ଟରେ କେତେ ଟଙ୍କା ରହିଛି ସେନେଇ ତଥ୍ୟ ହାସଲ କରିଛି। ମହିଳା ଥାନା ଅଧିକାରିଣୀ ସନ୍ତୋଷିନୀ କହିଛନ୍ତି, ଏହି ତୃତୀୟ ପର୍ଯ୍ୟାୟ ରିମାଣ୍ଡର ବାକି ଥିବା ୪ ଦିନରେ ବିଭିନ୍ନ ଦିଗକୁ ନେଇ ପ୍ରଶ୍ନ ପଚରାଯିବ। ତେବେ ଫେରାର ଥିବା ଭିଣୋଇ ଗଣେଶ୍ୱର ବେହେରା ଓ ଡ୍ରାଇଭର ପପୁଙ୍କୁ ଖୋଜାଚାଲିଛି। ରମେଶ କହୁଥିବା କଥାର ସତ୍ୟତା ଜାଣିବା ସହ ଅଧିକ ତଥ୍ୟ ହାସଲ ପାଇଁ ତାଙ୍କର ଲାଏ ଡିଟେକ୍ସନ୍ ଟେଷ୍ଟ କରିବାକୁ କୋର୍ଟରେ ଆବେଦନ କରାଯିବ ବୋଲି ଡିସିପି ଉମାଶଙ୍କର ଦାଶ କହିଛନ୍ତି।

ଅପରପକ୍ଷରେ ରାଜ୍ୟର ବିଭିନ୍ନ ଥାନାରେ ରମେଶଙ୍କ ନାମରେ ୧୫ଟି ମାମଲା ରୁଜୁ କରାଯାଇଛି। ଆଗାମୀ ଦିନରେ ଅଭିଯୋଗ ସଂଖ୍ୟା ବଢ଼ିବା ସମ୍ଭାବନା ଥିବାରୁ ମାମଲା ସଂଖ୍ୟା ମଧ ବଢ଼ିପାରେ ବୋଲି ପୋଲିସ କହିଛି। ଏହି ରିମାଣ୍ଡ ସମୟରେ ରମେଶଙ୍କ କାର୍‌ନାମାର ବିଭିନ୍ନ ଗୋପନ ତଥ୍ୟ ହାସଲ କରିବାକୁ ପୋଲିସ ଟିମ୍ ଆଶା ରଖିଛି।

ସୂଚନାଯୋଗ୍ୟ, ଠକ ରମେଶ ନିଜକୁ ଡାକ୍ତର କହି ବିଭିନ୍ନ ମାଟ୍ରିମୋନିଆଲ ଓ ସୋସିଆଲ୍ ସାଇଟ୍‌ରୁ ଉଚ୍ଚଶିକ୍ଷିତା ମହିଳାଙ୍କୁ ଫସାଇ ବିବାହ କରିବା ପରେ ସେମାନଙ୍କଠାରୁ ଟଙ୍କା, ସୁନା ଓ ସମ୍ପତ୍ତି ଲୁଟି ପ୍ରତାରଣା କରୁଥିଲେ। ଏଥିରେ ତାଙ୍କୁ ଭଉଣୀ ରଶ୍ମିତା ଓ ଭିଣୋଇ ଗଣେଶ୍ୱର ସହଯୋଗ କରୁଥିଲେ। ତେବେ ରମେଶଙ୍କ ଦ୍ୱାରା ପ୍ରତାରଣାର ଶିକାର ହୋଇଥିବା ଦିଲ୍ଲୀର ଜଣୈକା ମହିଳା ଗତବର୍ଷ ଜୁଲାଇରେ ଭୁବନେଶ୍ୱର ମହିଳା ଥାନାରେ ଅଭିଯୋଗ କରିବା ପରେ ତାଙ୍କ କଳାକାରନାମା ପଦାକୁ ଆସିଥିଲା। ଏହାପରେ ଚାକିରି ଓ ଡାକ୍ତରୀ ପାଠରେ ନାମଲେଖା ପାଇଁ ବହୁ ଲକ୍ଷ ଟଙ୍କା ଠକେଇ କରିଥିବା ମଧ ଅଭିଯୋଗ ହୋଇଥିଲା। କିଛିଦିନ ତଳେ ରମେଶଙ୍କୁ ଗିରଫ କରାଯିବା ପରେ ଭଉଣୀ ରଶ୍ମିତାଙ୍କୁ ମଧ ପୋଲିସ କେନ୍ଦ୍ରାପଡ଼ାରୁ ଗିରଫ କରି ଜେଲ୍ ପଠାଇଥିଲା।

# ସାତଦିନର ସହବାସ

**ଗଳ୍ପ**

**ରାଧାମୋହନ ମହାପାତ୍ର**

ବିବାହର ଅନେକ ବର୍ଷ ପରେ ବହୁ ଦିଅଁଦେବତାଙ୍କ ପୂଜାର୍ଚ୍ଚନା ତଥା ଡାକ୍ତରି ଚିକିତ୍ସା ଅନ୍ତେ ତୁମେ ଭୂମିଷ୍ଠ ହେଲ ସୁକନ୍ୟାର ପ୍ରତିମାଟିଏ ଭଳି। ତୁମକୁ ପାଇ ଆଣ୍ଟୁକୁଡ଼ା ଆରୋପରୁ ରକ୍ଷା ପାଇଥିବାରୁ ମାତାପିତା ସନ୍ତୋଷ ଲାଭ କରିଥିଲେ। ସେମାନେ କାହିଁକି ତୁମ ନାଁ ଦେଇଥିଲେ ସ୍ମୃତି–ତା'ର ଯଥାର୍ଥତା ଏବେ ମୁଁ ଅନୁଭବ କରୁଛି ମର୍ମେ ମର୍ମେ। ସେମାନଙ୍କ ତତ୍ତ୍ୱାବଧାନ ଓ ଯତ୍ନରେ ବଢ଼ି ତୁମେ ଡଉଲଡାଉଲ ସାବାଳିକା ସୁନ୍ଦରୀ କନ୍ୟାରତ୍ନଟିଏ ହୋଇ ଉତ୍ତୀର୍ଣ୍ଣ ହେଲ। ତୁମ ରୂପର ଛନ୍ଦ, ନୃତ୍ୟାୟିତ ଆଖି ଓ ଚନ୍ଦ୍ରବଦନର କିମିଆ ଦେଖି ଯେ କୌଣସି ପୁରୁଷ ଆକୃଷ୍ଟ ହେବା ସ୍ୱାଭାବିକ। ମୁଁ ସେଦିନ ଆକୃଷ୍ଟ ହୋଇଥିଲି ଯେଉଁଦିନ ତୁମେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ ସାଇନ୍ସର ପ୍ରଥମ କ୍ଲାସ୍‌ରେ ପାଦ ଦେଇଥିଲ। ସେତେବେଳେ ମୁଁ ତୁମର ଦୁଇ କ୍ଲାସ୍ ଉପରେ ପଢୁଥିଲି। ସଫ୍ଟୱେର ଇଞ୍ଜିନିୟରିଂରେ ମୋର ଥିଲା ଶେଷ ବର୍ଷ। ସେଦିନ କଲେଜର ସ୍ମରଣିକାରେ ମୋ' ଲିଖିତ ପ୍ରବନ୍ଧ ପଢ଼ି ଯେଉଁ କେତେଜଣ ପ୍ରଶଂସକ ମୋତେ ଉଚ୍ଛ୍ୱସିତ ବଧାଇ ଦେଇଥିଲେ, ତୁମେ ଥିଲ ସେମାନଙ୍କ ମଧ୍ୟରେ ଅନ୍ୟତମ– ଏକମାତ୍ର ଛାତ୍ରୀ। ସେଇ ଦିନଠୁଁ ତୁମ ସହିତ ମୋର ପରିଚୟ। କେଜାଣି କାହିଁକି ତୁମ ମିଠା କଥା ଓ ରୂପପ୍ରତି ମୁଁ ଆକର୍ଷିତ ହୋଇ ପଡ଼ିଥିଲି।

ମୁଁ ପାଠ ଶେଷକରି ଟାଟା କମ୍ପାନୀ ପରିଚାଳିତ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ରାଉରକେଲାରେ ସଫ୍ଟୱେର ଇଞ୍ଜିନିୟର ଭାବେ ଯୋଗଦେଲି। ତୁମର ପାଠପଢ଼ା ଶେଷ ହୋଇ ନ ଥିଲା। କିନ୍ତୁ ଆମ ସମ୍ପର୍କର ଡୋରି କ୍ରମଶଃ ମଜଭୁତ ହେବାକୁ ଲାଗିଲା। ସବୁବେଳେ ତୁମେ ଶୟନେ ସପନେ ଜାଗରଣେ ମୋ' ଆଖି ଆଗରେ ନାଚିଲ। ଛୁଟିଦିନ ମୁଁ ଚାକିରିସ୍ଥଳ ରାଉରକେଲାରେ ରହିବା ସମ୍ଭବ ହେଉ ନ ଥିଲା। ଚାଲିଯାଉଥିଲି ତୁମ ପାଖକୁ। ଜାମସେଦପୁର କଲେଜ ହଷ୍ଟେଲରେ ତୁମେ ରହୁଥିଲ। ମୁଁ ଜାମସେଦପୁରସ୍ଥ 'ସ୍ୱପ୍ନପୁରୀ' ହୋଟେଲରେ ରୁମ୍‌ଟିଏ ନେଇ ରହିଯାଉଥିଲି, ତୁମ ହଷ୍ଟେଲଠାରୁ ଡାକେ ବାଟ। ସକାଳ ହେଲା ମାତ୍ରେ ତୁମକୁ ନ ଦେଖିଲା ପର୍ଯ୍ୟନ୍ତ ମୁଁ ଆଉ ହୋଟେଲ ରୁମ୍‌ରେ ରହିପାରୁ ନ ଥିଲି। ଗୋଟେ ବାଇକ୍‌ରେ ତୁମ ହଷ୍ଟେଲ ଚତୁଃପାର୍ଶ୍ୱରେ ଘୂରି ବୁଲୁଥିଲି। ବାଇକ୍‌ର ଏକ ଭିନ୍ନ ପ୍ରକାର ହର୍ଣ୍ଣଶବ୍ଦ ବାରମ୍ବାର ବଜାଉଥିଲି, ଯଦ୍ୱାରା ତୁମେ ଜାଣିପାରିବ ଯେ ଏହା ଶ୍ରୀକୁମାରର ହର୍ଣ୍ଣ। ଏହାକୁ ମୁଁ ମୋ' ବୈଷୟିକ ଜ୍ଞାନ ପ୍ରୟୋଗ କରି ତୁମ ପାଇଁ ଉଦ୍ଭାବନ କରିଥିଲି। ହର୍ଣ୍ଣ ସ୍ୱରଟି ଥିଲା ଯେମିତି ତୁମ ଓ ମୋ' ଭିତରେ ଦୂରତ୍ୱ ଜିଣିବାର ସେତୁ।

ହର୍ଣ୍ଣ ଶବ୍ଦ ଶୁଣି ତୁମେ ଚଟ୍‌କିନି ରୁମ୍ ବାହାରକୁ ପଳାଇ ଆସ। ବସ୍ତ୍ର ବଦଳାଇବାକୁ ସମୟ ନ ଥାଏ। ବିନା ମେକ୍‌ଅପ୍ ଓ ପ୍ରସାଧନରେ ତୁମର ଅକୃତ୍ରିମ ସୌନ୍ଦର୍ଯ୍ୟ ଫୁଟି ଉଠୁଥାଏ। ରବିବାସରୀୟ ଛୁଟିଦିନ ଯୋଗୁଁ ତୁମେ ହାଲୁକା ଅନୁଭବ କର, ମୁଁ ବି। ଦିନଟିକୁ ମୋ' ସହିତ ହସଖୁସିରେ ଉପଭୋଗ କରିବାକୁ ତୁମର ଇଚ୍ଛା, ମୋର ମଧ୍ୟ। ମୋ' ବାଇକ୍ ପଛରେ ସାଲୁଅର ପଞ୍ଜାବି ପିନ୍ଧା ଶରୀରରେ ତୁମେ ମୋ' ଉପରେ ଆଉଜି ବକ୍ଷଲଗ୍ନା ହୋଇ ବସିପଡ଼; ହାତ ଦୁଇଟିକୁ ମୋ' ପେଟରେ ଛନ୍ଦି ଦେଇଥାଅ। ଦେହର ଉଷ୍ମତା ଆରାମଦାୟକ ହୋଇଥାଏ ଉଭୟଙ୍କର। ଆମେ ଘୁରିଚାଲୁ ସହରର ଅନେକ ସ୍ଥାନ– ପାର୍କ, ରେଷ୍ଟୁରାଣ୍ଟ, ସାନ୍ଧ୍ୟ ସିନେମା, ବଜାର ଇତ୍ୟାଦି। ବାଇକ୍ ଷ୍ଟାଣ୍ଡରେ ଗାଡ଼ି ରଖିଦେଇ ମୁଁ ପାର୍କ ରାସ୍ତାରେ ଝୁଣ୍ଟିପଡ଼ିଲେ ତୁମକୁ କଷ୍ଟ ହେଉଥିଲା। ମୁଁ କେଉଁ ରେଷ୍ଟୁରାଣ୍ଟରେ କଫି ପିଉଥିଲାବେଳେ ତୁମେ କୁହ– ବେଶୀ କଫି ପିଇବା ଭଲ ନୁହେଁ, ଭୋକ କମିଯିବ।

ଡାଇନିଂ ଟେବୁଲ୍‌ରେ ତୁମେ ବସିଥାଅ ସାମ୍ନାରେ। ମୁଁ ଖାଇ ନ ପାରିଲେ ତୁମେ କୁହ– କ'ଣ ହୋଇଛି ତୁମର? ଏତେ କମ୍ ଖାଉଛ ଯେ! ତୁମର ଆଇସ୍‌କ୍ରିମ୍ ହିଁ ପସନ୍ଦ। ୱେଟରକୁ ମୁଁ ତେଣୁ କହି ସାରିଥାଏ ତୁମର ମନ ପସନ୍ଦର ଆଇସ୍‌କ୍ରିମ୍– 'ଭ୍ୟାନିଲା'। ତୁମେ କିନ୍ତୁ ମତ ବଦଳାଇ ଅନ୍ୟ ଆଇସ୍‌କ୍ରିମ୍ 'ଅନ୍‌ମୋଲ ଡ୍ରିମ୍ ଲାଇଟ୍' ପାଇଁ ବରାଦ ଦିଅ। ଓଃ କି ମିଠା ଅନୁଭୂତି ଏସବୁ! ଆଶାର ଡେଣା ଲଗାଇ ଆମେ କେତେ ସାଂସାରିକ ସୁଖ ସ୍ୱପ୍ନ ଦେଖି ଚାଲି ନ ଥିଲେ!!

ତୁମେ ସେଦିନ ମିଲ୍ ଖାଉ ଖାଉ ବାନ୍ତି କରିଦେଲ ସେଇ ଡାଇନିଂ ଟେବୁଲ୍ ଉପରେ। ମୁଁ ଚମକି ପଡ଼ିଲି। ବୟକୁ ଡାକି ଟେବୁଲ୍ ପରିଷ୍କାର କରିଦେଲି। ମେନୁ ବଦଳାଇ ନୂଆ ଅର୍ଡର ଦେଲି। ତୁମେ କିଛି ଖାଇବାକୁ ଅସ୍ପୃହ ଥିଲ। ତଥାପି ଜୋରଜବରସ୍ତ କିଛି ଚାମୁଚ ଖୁଆଇଲି ବିଭିନ୍ନ ବ୍ୟଞ୍ଜନରୁ। ତୁମର ଖାଇବାର ଜୁ ନ ଥିଲା। ପୁଣି ସେଇ ବାନ୍ତି। ମେନୁ ପେମେଣ୍ଟ ଦେଇ ଡାଇନିଂ ଛାଡ଼ିଲେ। ମୋ' ମନରେ ଅବସୋସ, ଚିନ୍ତା। ବାନ୍ତି କାହିଁକି ହେଲା? ଡାକ୍ତର ପରାମର୍ଶ କଲେ। ଏହା ଅମ୍ଳରୋଗର ସୂଚନା ବୋଲି ଡାକ୍ତର ମତ ଦେଲେ। ପ୍ରଚୁର ଆଣ୍ଟାସିଡ୍ ଲେଖିଦେଲେ। ଠିକ୍ ସମୟରେ ଔଷଧ ଖାଇବ ବୋଲି ତାଗିଦ୍ କରି ମୁଁ ତୁମକୁ ହଷ୍ଟେଲ୍‌ରେ ଛାଡ଼ି ରାଉରକେଲା ଫେରିଲି। ମୁଁ ବାରମ୍ବାର ମୋବାଇଲରେ ଫୋନ୍ କରି ବୁଝୁଥାଏ। ପୁଣି ଗୋଟାଏ ସପ୍ତାହ ପରେ ଦେଖା। ବାନ୍ତି କମୁନାହିଁ ଯେତେ ଆଣ୍ଟାସିଡ ଓ ଟାବଲେଟ୍ ଖାଇଲେ ବି! କାରଣ କ'ଣ? ଆସନ୍ତା ରବିବାର ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ମୋର ଧୈର୍ଯ୍ୟ ନ ଥିଲା। ଛୁଟି ନେଇ ଦୌଡ଼ିଲି ଜାମସେଦ୍‌ପୁର। ରୋଗକୁ ବିଳମ୍ବ କରାଯାଇ ନ ପାରେ। ତୁମକୁ ହସ୍ପିଟାଲରେ ଆଡମିଟ୍ କଲି। ସେଠି ଚାଲିଲା ଅନେକ ପ୍ରକାର ପରୀକ୍ଷାନିରୀକ୍ଷା। ବଡି ସ୍କାନ୍‌ରୁ ଜଣାପଡ଼ିଲା ଯେ ତୁମର ଯକୃତ ସାଂଘାତିକ କ୍ୟାନସରରେ ଆକ୍ରାନ୍ତ। ଏକ ବର୍ଷରୁ ଅଧିକ କାଳ ରୋଗ ମାଡ଼ିବସି ଯକୃତକୁ ଖାଇଯାଇଛି। ଷ୍ଟେଜ୍–୪।

ଅସ୍ତ୍ରୋପଚାର ସମୟ ପାର ହୋଇଗଲାଣି। ଏବେ କେବଳ କେମୋଥେରାପି। କିନ୍ତୁ କେତେ ଦିନ? ମୃତ୍ୟୁର ଅନ୍ୟନାମ କ୍ୟାନ୍‌ସର। ଡାକ୍ତର ଦଳ ମତ ଦେଲେ, ଆୟୁକାଳ ମାତ୍ର ସାତଠୁଁ ପନ୍ଦର ଦିନ। ମୋ' ଦେହରେ ନିଆଁ ଚରିଗଲା। କର୍କଟ ପରି ମାରାତ୍ମକ ବ୍ୟାଧିରୁ ବର୍ତ୍ତିବା ପାଇଁ ଆଜି ମଧ୍ୟ ଚିକିତ୍ସା ବିଜ୍ଞାନ ଅକ୍ଷମ, ନାଚାର। ସ୍ମୃତି ସହିତ ମୋର ସମ୍ପର୍କ ଆଉ କେବଳ ସାତ ଦିନର। ତା'ପରେ ସବୁ ଶେଷ। ଜୀବନରେ ଗୋଟାଏ ଅଙ୍ଗଚ୍ଛେଦ ହେଲା ପରେ ଅନ୍ୟ ଅଙ୍ଗଟିର ମୂଲ୍ୟ ବା କ'ଣ!

ସ୍ମୃତିକୁ ନେଇ କେତେ ସୁନେଲି ସ୍ୱପ୍ନ ଦେଖି ନ ଥିଲି ମୁଁ!! ତା'ର ପାଠପଢ଼ା ଶେଷ ପରେ ହୁଏତ କୌଣସି ଚାକିରି ଏବଂ ତା'ପରେ ତା' ସହିତ ବିବାହ। କିନ୍ତୁ ଦୁରାଚାରୀ ସମୟ ଆଶାକୁ ନିରାଶାରେ ପରିଣତ କଲା। ଜୀବନରେ ଗୋଟାଏ ଭୀଷ୍ମ ନିଷ୍ପତ୍ତି ମନକୁ କାବୁକଲା। ସ୍ମୃତିକୁ ଦେଇଥିବା କଥା ଅନୁଯାୟୀ ତାକୁ ବିବାହ କରିବାକୁ ଚାହେଁ। ସ୍ମୃତି ବିବାହିତ ହୋଇ ସବୁଦିନ ପାଇଁ ଆଖି ବୁଜିବାର ଶେଷଇଚ୍ଛା ମୋତେ ପୂରଣ କରିବାକୁ ହେବ। ସ୍ମୃତିର ବଞ୍ଚିବାର ଅବଧି ଆଉ ମାତ୍ର ଏକ ସପ୍ତାହ। ତେଣୁ ବନ୍ଧୁବାନ୍ଧବ, ମାତାପିତା, ପରିଜନଙ୍କୁ ଡକାଇ ସେହିଦିନ ଡାକ୍ତରଖାନା ବେଡ୍‌ରେ ସ୍ମୃତିକୁ ବୈଦିକ ମନ୍ତ୍ରପାଠ ପୂର୍ବକ ବିବାହ କଲି ଓ ସ୍ମୃତିର ହାତ ଉପରେ ହାତ ରଖି କହିଲି– ମୋ' ଅବଶିଷ୍ଟ ଜୀବନର ସ୍ମୃତି, ତମେ ସ୍ମୃତି ହୋଇ ରହିବ। ସ୍ମୃତିର ମଳିନ କରୁଣ ମୁହଁରେ ସନ୍ତୋଷର ମୁଦ୍ରା ଫୁଟି ଉଠି ଦ୍ୱିତୀୟା ଜହ୍ନ ପରି ଅସ୍ତ ହେଇଗଲା।

ବୁଦ୍ଧେଶ୍ୱରୀ, ଭୁବନେଶ୍ୱର
ମୋ: ୯୮୬୧୧୮୯୯୩୬



## କ ବି ତା

**୮ ମାର୍ଚ୍ଚ ଆନ୍ତର୍ଜାତିକ ମହିଳା ଦିବସ ଉପଲକ୍ଷେ...**

### ଉଡ଼ିବା ମରେନି

**ଅନାମିକା**

ଜଣେ ଶିଶୁ – ଥେରୀ ବି
ଥେରୀମାନଙ୍କ ହଷ୍ଟେଲରେ ଥିଲା,
ଦିନେ ସିଏ କମ୍ପ୍ୟୁଟରରେ
ପ୍ରଜାପତି ଦେଖିଲା, ଆଉ କହିଲା–
''ଇୟେ କି ଗୋଲକ ଧନ୍ଦା, ମା'
ପ୍ରଜାପତି ତ ଏତେ ସୁନ୍ଦର,
ତେବେ ହିଟଲରର ନିଶକୁ କାହିଁକି
ପ୍ରଜାପତି–କଟ୍ କୁହାଯାଉଥିଲା?''
ବୁଦ୍ଧ ସିଆଡ଼େ ଯାଉଥିଲେ,
ହସିକରି କହିଲେ– ''ହିଟଲରର ନିଶର
ପ୍ରତିପକ୍ଷ ଥିଲେ ଏଇ ପ୍ରଜାପତି!
ସାରା ଦୁନିଆର ଟାଣୁଆ ନିଶମାନଙ୍କ ସହ
ବାଜି ମାରିବାକୁ ପ୍ରସ୍ତୁତ।''
ଏତିକିବେଳେ ସତକୁ ସତ
ଦେଖାଦେଲା ଗୋଟେ ପ୍ରଜାପତି
ଯିଏ ଆଜିକାଲି ପ୍ରାୟ ଦେଖାଦିଏନି
ଆଉ ବୁଦ୍ଧ କହିଲେ–
''ଦେଖ– ଦେଖ, ଭଲ କରି ଦେଖ–
ନିଜର ଛୋଟିଆ ଡେଣାରେ
ଅନ୍ଧାରକୁ କାଟି
ପ୍ରଜାପତିଟିଏ ଉଡୁଛି ସେଠି!
ଉଡୁଛି ଡେଣାଖୋଲି ଏକ ଝିଲ୍‌ମିଲ୍ ଆଶା
ଘୋର ନିରାଶାର ମେଘାୟିତ ଆକାଶରେ
ସୃଷ୍ଟିର ପ୍ରଥମ ଲୁହ ପରି
କମ୍ପିଉଠୁଛି ସେଇ ପ୍ରଜାପତିର ଡେଣା
ହାଲ୍‌କା ଏଇ କମ୍ପନରେ
ନାହିଁ ଭୟର ସ୍ପର୍ଶ
ଅଛି ଶିହରଣ ଆନନ୍ଦର
ଯାହା ଜାଣନ୍ତି ଉଡ଼ିଲାବାଲା ହିଁ!
ପ୍ରଜାପତି ମରେନି, ମରେନି ମଣିଷର ଭିତରର
କେବଳ ନିଜର ଆକାଶ
ସୀମାହୀନ ଅନନ୍ତ କରିବାକୁ ପଡ଼େ,
ଆଉ ସାହସ କରିବାକୁ ହୁଏ
ଡେଣା ଖୋଲିବାର!''

(ହିନ୍ଦୀ ଭାଷାର ପ୍ରସିଦ୍ଧ କବି। ୨୦୨୧ ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ।)

### ଅନ୍ଧାରରେ ବୁଦ୍ଧ

**ଗଗନ ଗିଲ୍**

ଅନ୍ଧାରରେ ବୁଦ୍ଧ
ନିଜ ପ୍ରତିମାରୁ ବାହାରନ୍ତି
ନିଜ କାୟାରୁ ବାହାରନ୍ତି
ନିଜ ସ୍ତୂପରୁ ବାହାରନ୍ତି
ଅସ୍ଥିରୁ ବାହାରନ୍ତି
ଅନ୍ଧାରରେ ବୁଦ୍ଧ
ପରିକ୍ରମା କରନ୍ତି
ମାୟାର, ମୋକ୍ଷର, ପୃଥିବୀର
କଣ୍ଟା ମୁନରେ ପିଟି ହୁଅନ୍ତି
ଅନ୍ଧାରରେ ବୁଦ୍ଧ
ଦୁଃଖ ସେମାନଙ୍କର
ଯିଏ ତାଙ୍କୁ ମାନନ୍ତି
ଦୁଃଖ ସେମାନଙ୍କ ପାଇଁ ବି
ଯିଏ ତାଙ୍କୁ ମାନନ୍ତିନି
ମୁଣ୍ଡ ନୁଆନ୍ତି
ଅନ୍ଧାରରେ ବୁଦ୍ଧ
ଧୂପକାଠି ଜଳାନ୍ତି
ତାଙ୍କ ସାମ୍ନାରେ
ଯିଏ ଅଛନ୍ତି, ଯିଏ ନାହାନ୍ତି
ଏକ ମୁଦ୍ରାରୁ ଅନ୍ୟ ଏକ ମୁଦ୍ରାଯାଏ
ଏକ ପ୍ରତିମାରୁ
ଅନ୍ୟ ଏକ ପ୍ରତିମାଯାଏ
ଅନ୍ଧାରରେ ବୁଦ୍ଧ
ନିଜ ସ୍ଥାନ ବଦଳାନ୍ତି
ଯେମିତି ତାଙ୍କର ନୁହେଁ
ସ୍ଥାନ ଦୁଃଖର ହେଉ।

(ହିନ୍ଦୀ ଭାଷାର ଅନ୍ୟତମ ସୁପ୍ରସିଦ୍ଧ କବି)

### କ୍ଷମା

**ନିରୁପମା ଦତ୍ତ**

ଆଜି ମୁଁ ସେଇସବୁ ସ୍ତ୍ରୀଲୋକଙ୍କୁ
କ୍ଷମତା ମାଗୁଛି
ଯେଉଁମାନଙ୍କ ଭାଗର ଖରାରୁ ମୁଁ
ମୁହୂର୍ତ୍ତଟିଏ କି କ୍ଷଣଟିଏ ନେଇ ଆସିଛି
ମୋର ଏଇ ଛୋଟିଆ ଚୋରିଟି
ସେମାନଙ୍କୁ ହୁଏତ
ବହୁତ ଦୁଃଖ ଦେଇଛି
ରାତି– ରାତି ଅନିଦ୍ରା ରହିଛି
ଆମେ ସ୍ତ୍ରୀ ଲୋକମାନେ ବି କ'ଣ କରିବୁ
ଅନ୍ଧାରରୁ ରକ୍ଷା ପାଇବା ପାଇଁ ହିଁ
ଆମେ ପରସ୍ପରର ଖରାଆଡ଼କୁ ଯାଉ
କିରଣଟିଏ ଉଧାର ନେଇ
ନିଜର ଉଦାସୀ ରାତିର
ଚଦରକୁ ସଜାଉ
ସୂର୍ଯ୍ୟକୁ ତ ଆମେ
ପୂରାପୂରି ଛାଡ଼ିଦେଇ ଆସୁ
ଆଜି ମୁଁ ସେଇ ସ୍ତ୍ରୀ ଲୋକଙ୍କୁ
କ୍ଷମା କରୁଛି
ଯେଉଁମାନେ ମୋ ଭାଗର ଖରାରୁ
ମୁହୂର୍ତ୍ତଟେ ବି ନେଇ ଯାଇଛନ୍ତି।

**ଉପସ୍ଥାପିକା: ପ୍ରବାସିନୀ ମହାକୁଡ଼**

## ପୁସ୍ତକ ପରିଚୟ

### ମୋହ ମୁକ୍ତି



**ଲେଖିକା:** ଇନ୍ଦିରା ଦାଶ
**ପ୍ରକାଶକ:** ସୁଧନ୍ୟା ପ୍ରକାଶନୀ, ଭୁବନେଶ୍ୱର–୧୮
**ପ୍ରଥମ ପ୍ରକାଶ:** ୨୦୨୧, **ମୂଲ୍ୟ:** ଟ.୨୬୦/–

୩୩୬ ପୃଷ୍ଠାର ଏଇ ଉପନ୍ୟାସଟିକୁ ପଢ଼ିବା ଆରମ୍ଭ କଲେ ପଢ଼ିବା ଲୋକ ଜାଣିଯିବ ଯେ ୟା'କୁ ଛାଡ଼ି ଆଉ କୁଆଡ଼େ ମନଦେବା ସମ୍ଭବ ନୁହେଁ। ଗୋଟେ ଉପନ୍ୟାସର ଆରମ୍ଭ ଯଦି ଭିଡ଼ି ଧରିଲା ପରି ନୁହେଁ, ତେବେ ସେ ଉପନ୍ୟାସକୁ ଭଲ ଉପନ୍ୟାସ କୁହାଯିବ କି ନା ଭାବିବାକୁ ହୁଏ। 'ମୋହ ମୁକ୍ତି' କିନ୍ତୁ ଏମିତି ଏକ ଉପନ୍ୟାସ, ଯାହାର ବିଷୟ ନିର୍ବାଚନ, ବିଷୟ ଉପସ୍ଥାପନା ଓ ଜୀବନଦୃଷ୍ଟି ଏକୁଆରେକ ବଳି। ଗ୍ରନ୍ଥାରମ୍ଭରେ ଲେଖିକା ଲେଖିଛନ୍ତି: ''ମୋହ ମୁକ୍ତିର ପ୍ରତ୍ୟେକ ଚରିତ୍ର ଆମ ସମାଜରେ ଚଳପ୍ରଚଳ ହେଉଥିବା ବ୍ୟକ୍ତି। x x ଏହି ପୁସ୍ତକଟିରେ ମୁଁ ସାଧାରଣ ଜୀବନରେ ଘଟୁଥିବା ଘଟଣାବଳୀକୁ ହିଁ ବର୍ଣ୍ଣନା କରିଛି।'' ଆରତି ଦାସ ଉପନ୍ୟାସର ମୁଖ୍ୟ ଚରିତ୍ର। ସେ ସମ୍ପନ୍ନା ଓ ତାଙ୍କ ସଂସାର ବେଶ୍ ପୂରିଲା। ତଥାପି ଅବସର ପରେ ତାଙ୍କର ଅନୁଭବ ହୋଇଛି ଯେ ସେ ଯେମିତି ତାଙ୍କ ଘରେ ଖୁବ୍ ଏକଲା। ଏହି ନିଃସଙ୍ଗ ଅନୁଭବରୁ ସେ ଘରଛାଡ଼ି ପୁନେର ଏକ ଆଶ୍ରମକୁ ଚାଲିଯିବାର ନିଷ୍ପତ୍ତି ନିଅନ୍ତି। ତା'ପରେ ଜୀବନର ପଛ କଥାର ସ୍ମୃତି ରୋମନ୍ଥନ ଓ ଉପନ୍ୟାସର ଉପସଂହାରରେ 'ଗୋଲ୍‌ଡେନ୍ ଓଲ୍‌ଡଏଜ୍ ହୋମ୍'କୁ ଆରତିଙ୍କ ପ୍ରସ୍ଥାନ। ଗୀତାର ଶ୍ଳୋକ ''ସର୍ବଧର୍ମାନ୍ ପରିତ୍ୟଜ୍ୟ... ମୋକ୍ଷୟିଷ୍ୟାମି ମା ଶୁଚଃ''ରେ ଉପନ୍ୟାସର ପୂର୍ଣ୍ଣଚ୍ଛେଦ। ମଝିରେ ମଝିରେ କବିତାର ମହତ୍ତ୍ୱପୂର୍ଣ୍ଣ ଧାଡ଼ିଟିଏ ପରି ଫୁଟିଉଠେ ଦର୍ଶନ। ଯଥା: ''ଅନ୍ଧାର ସହିତ ଦୁଃଖୀ ମଣିଷର ଗୋଟିଏ ନିବିଡ଼ ଘନିଷ୍ଠତା ଥାଏ...।'' ଉପନ୍ୟାସର ପ୍ରତ୍ୟେକଟି ଚରିତ୍ର– ଆରତି, ନାନୀ, ଦିଲୀପ, ବିଶ୍ୱଜିତ, ବିଜୟ, ଟୁଇଁକିଲ୍ ଓ ହର୍ଷ ମେହେଟ୍ଟା– ସମସ୍ତେ ଲେଖିକାଙ୍କ ବାସ୍ତବ ଅନୁଭୂତିଠାରୁ ଯେ ଦୂରବର୍ତ୍ତୀ ନୁହନ୍ତି– ଏହା ବୁଝିବା ବାକି ରହେ ନାହିଁ ପାଠକର। ଜୀବନର ଧୁ' ଧୁ' ଶୂନ୍ୟତା, ସମ୍ପର୍କର ନିରର୍ଥକତା ଭିତରେ ଉପନ୍ୟାସଟି ପାଠକଙ୍କୁ ଆଣିଦିଏ ଏକ ବୃହତ୍ତର ଆଧ୍ୟାତ୍ମିକ ଉପଲବ୍ଧି। ପାଠକେ ଟେର୍ ପାଇଲେ ଖୋଜି ଖୋଜି ବହିଟି ପଢ଼ିବେ।

### ନୋବେଲ–୨୦୨୦



**ସମ୍ପାଦନା:** ହରିହର ମିଶ୍ର, ପ୍ରଭାସ ରଞ୍ଜନ ତ୍ରିପାଠୀ ଓ ଗୌରୀଶଙ୍କର ସାହୁ
**ପ୍ରକାଶକ:** ଉତ୍କଳିକା, ବାଙ୍କାବଜାର, କଟକ
**ପ୍ରଥମ ପ୍ରକାଶ:** ୨୦୨୧, **ମୂଲ୍ୟ:** ଟ.୭୬/–

ଆଲୋଚ୍ୟ ପୁସ୍ତିକାଟି ୨୦୨୦ର ନୋବେଲ ପୁରସ୍କାରକୁ ନେଇ। ଏଥିରେ ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଭେଷଜ ବିଜ୍ଞାନ, ସାହିତ୍ୟ, ଶାନ୍ତି ଓ ଅର୍ଥନୀତିରେ ନୋବେଲ ବିଜେତାମାନଙ୍କ ଜୀବନୀ ଓ କୃତି ବିଷୟରେ ସବିଶେଷ ଆଲୋଚନା କରାଯାଇଛି। 'ଛ' ଜଣ ଲେଖକ 'ଛ'ଟି ପ୍ରସଙ୍ଗରେ ତଥ୍ୟନିଷ୍ଠ ବିଶ୍ଳେଷଣ କରିଛନ୍ତି। ଯେଉଁମାନଙ୍କ ମଧ୍ୟରେ ଅଛନ୍ତି ଡ. ବିବେକାନନ୍ଦ ରାୟ, ଡ. ବିକାଶ କୁମାର ଜେନା, ଡ. ଜିତେନ୍ଦ୍ର ପ୍ରସାଦ ରାୟ, ଅନିଲ କୁମାର ମିଶ୍ର, ଜିତେନ୍ଦ୍ର କୁମାର ନାୟକ ଓ ଡ. ଅମରେନ୍ଦ୍ର ଦାସ। ସମ୍ପାଦକୀୟରେ କୁହାଯାଇଛି– ''ନୋବେଲ ପୁରସ୍କାର ବିଶ୍ୱର ଶ୍ରେଷ୍ଠ ସମ୍ମାନ ହୋଇଥିବାରୁ ପ୍ରତିବର୍ଷ ଏହାର ବିଜେତାମାନଙ୍କୁ ଜାଣିବାରେ ସମାଜର ସବୁସ୍ତରର ବ୍ୟକ୍ତି ଅନାଇ ରହିଥାନ୍ତି। x x ଆମେ ଏକ ଅଭିନବ ପ୍ରୟାସ କରିଛୁ ଯେ ଏଣିକି ପ୍ରତିବର୍ଷ ନୋବେଲ ବିଜେତାଙ୍କ କୃତି ଓ ଜୀବନୀ ବିଷୟରେ ଓଡ଼ିଆ ପାଠକଙ୍କୁ ବେଶ୍ ଭଲ ଭାବେ ତଥ୍ୟ ଓ ଅନୁଭୂତିମୂଳକ ଲେଖା ଭେଟି ଦେଇ ଏକ ନୂଆ ପରମ୍ପରା ସୃଷ୍ଟି କରିବୁ।'' ସମ୍ପାଦନାମଣ୍ଡଳୀ କେବଳ ଏହା ଘୋଷଣା କରିନାହାନ୍ତି, ଉପଯୁକ୍ତ ଓ ଦିଶାଦର୍ଶୀ ଆଲୋଚନା ଦ୍ୱାରା ଏହି ମହତ୍ କାର୍ଯ୍ୟଟିକୁ ସମ୍ପନ୍ନ କରିଛନ୍ତି। ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ ବହିଟି ସମ୍ପର୍କରେ ତାଙ୍କର ଆଶାବାଦୀ ବକ୍ତବ୍ୟ ରଖି କହିଛନ୍ତି– ''ନୋବେଲପ୍ରାପ୍ତ ବ୍ୟକ୍ତିବିଶେଷଙ୍କ ସାଧନାମୟ ଜୀବନର ଆଦର୍ଶ ମୁମୂର୍ଷୁ, କ୍ଷୀଣପ୍ରାଣ, ନିସ୍ତେଜ ତରୁଣୀ ତରୁଣମାନଙ୍କ ପାଇଁ ଉଜ୍ଜ୍ୱଳ ସମ୍ଭାବନାର ଏକ ମାର୍ଗ ପ୍ରସ୍ତୁତ କରିବ।'' ବହି ଶେଷରେ ନୋବେଲ ବିଜେତାମାନଙ୍କ ଫଟୋ ଓ ସମ୍ମୁଖ ପ୍ରଚ୍ଛଦରେ ନୋବେଲ ପୁରସ୍କାରର ପ୍ରତିଷ୍ଠାତା ଆଲ୍‌ଫ୍ରେଡ୍ ନୋବେଲଙ୍କ ଫଟୋ ପ୍ରଦାନ କରାଯାଇଛି।

## କାଳକାଳକୁ



**''ଈଶ୍ୱର ହେଉଛନ୍ତି ସର୍ବୋତ୍ତମ କବିତା ଓ ତାଙ୍କ କବିତା ହିଁ ପ୍ରକୃତ କବିତା।''**
**– ଏଲିଜାବେଥ୍ ବାରେଟ୍ ବ୍ରାଉନିଙ୍ଗ୍**

**ଏଲିଜାବେଥ୍ ବାରେଟ୍ ବ୍ରାଉନିଙ୍ଗ୍‌ଙ୍କ** ଜନ୍ମ ୬ ମାର୍ଚ୍ଚ ୧୮୦୬ରେ, ଇଂଲଣ୍ଡ ବରହାମ୍‌ର ନେଲୋୟେରେ ଓ ପରଲୋକ ୨୯ ଜୁନ୍ ୧୮୬୧ରେ ଇଟାଲୀର ଫ୍ଲୋରେନ୍ସରେ। ଭିକ୍ଟୋରିଆ ଯୁଗର ଏହି ଇଂଲିଶ୍ କବୟିତ୍ରୀ ୧୧ ବର୍ଷ ବୟସରେ ଲେଖନ୍ତି ପ୍ରଥମ କବିତା। ୧୮୩୮ରେ ପ୍ରକାଶପାଏ ତାଙ୍କର ପ୍ରଥମ କବିତା ବହି। ୧୮୪୪ରେ ପ୍ରକାଶିତ କବିତା ପୁସ୍ତକ 'ପୋଏମ୍‌ସ' କବି ରବର୍ଟ ବ୍ରାଉନିଙ୍ଗ୍‌ଙ୍କ ନଜରକୁ ଆସେ ଓ ସେ ଏହାର ପ୍ରଶଂସା କରନ୍ତି। ପରେ ରବର୍ଟଙ୍କ ସହ ଏଲିଜାବେଥ୍‌ଙ୍କର ବିବାହ ହୁଏ ଓ ଦୁହେଁ ଇଟାଲୀରେ ବାସ କରନ୍ତି। ଦାସତ୍ୱପ୍ରଥାର ବିଲୋପ ପାଇଁ ଜନସଚେତନତା ସୃଷ୍ଟି ଥିଲା ତାଙ୍କର ଉଲ୍ଲେଖନୀୟ ସାମାଜିକ କର୍ମ ଓ ପରେ ଶିଶୁ ଶ୍ରମିକ ଆଇନର ସଂସ୍କାର ଆଣିବାରେ ଏହା ସହାୟକ ହୋଇଥିଲା। ଏହି କବୟିତ୍ରୀ କବିତା ପାଇଁ ବ୍ରିଟେନ୍ ଓ ଆମେରିକାରେ ଥିଲେ ଅତ୍ୟନ୍ତ ଲୋକପ୍ରିୟ।

## ଚିଠିଟିଏ



**ବିନୋଦିନୀ ମିଶ୍ର**

(ଗୀତି–କବି ସ୍ୱର୍ଗତା ମୀନାକ୍ଷୀ ଦେବୀଙ୍କ ସ୍ମୃତିରେ)

**ରମ୍ୟ ଗଦ୍ୟ**

ନାନୀଲୋ...

ଅନେକ ଅନେକ ଦୂରରୁ ହୃଦୟର କୋହ ଆଉ ଆଖିର ଲୁହରେ ଭିଜି ଭିଜି ଯାଉଥିବା ଏଚିଠିଟି ଲେଖୁଛି। ଏମିତି ଏକ ଜୀବନ ଜିଇଥିଲୁ। ଯାହାଥିଲା କେବଳ ତ୍ୟାଗ ଆଉ ତିତିକ୍ଷାର। ଗୀତି–କବିତା ଯେମିତି କୁଳୁକୁଳୁ ଝରଣାଟିଏ ପରି ଝରିଯାଉଥିଲା। ସେମିତି ନାଟକ, ଗଳ୍ପ, ଶିଶୁ ସାହିତ୍ୟ। ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ବାଣୀରେ ''ଏମିତି ବଞ୍ଚ, ଯେମିତି ତୁମେ ହୁଏତ କାଲି ମରିଯିବ, ଏମିତି ଶିକ୍ଷା ଗ୍ରହଣ କର ଯେମିତି ତୁମେ ସବୁ ଦିନ ପାଇଁ ବଞ୍ଚିରହିବ। ସେଇ ଶିକ୍ଷା ହିଁ ଥିଲା ତୋ' ଜୀବନର ମୂଳମନ୍ତ୍ର। ଖଦଡ଼ କନାର ସ୍କୁଲ୍ ବ୍ୟାଗ୍‌ଟିକୁ ମୋ' କାନ୍ଧରେ ଝୁଲାଇ ହାତଧରି ସ୍କୁଲ୍‌ରେ ନାଁ ଲେଖାଇଦେଲୁ। ପାଠ ନ ପଢ଼ିଲେ ମୋତେ ଚିମୁଟି ଦେଇ କାନ୍ଦିଲେ ପିଠି ଆଉଁଶି ଦେଉଥିଲୁ। ତୋ' କଥା ମାନି ଅଧିକ ପରିଶ୍ରମ କରି ପାଠ ପଢ଼ିଥିଲେ ହୁଏତ ମୋ' ଜୀବନର ଗତିପଥ ବଦଳି ଯାଇଥା'ନ୍ତା। ତୁ ଥିଲୁ ଗାଁ ଡ୍ରାମାର ନେପଥ୍ୟ ନାୟିକା। ସତ୍ୟବାଦୀର ବାଳିକା ବିଦ୍ୟାଳୟରେ ହେଉଥିବା ବାର୍ଷିକ ଉତ୍ସବର ନୃତ୍ୟ ସଂଗୀତକୁ ତୋ'ଠାରୁ ଶିଖି ଆମେ ଝିଅମାନେ ଗାଁରେ ନାଟକ କରୁଥିଲୁ। ପ୍ରତି ଘରୁ ମାଗି ଆଣିଥିବା ଚାନ୍ଦାରୁ କିଛି ବଳିଲେ ଭୋଜି ନ କରି ସେ ଟଙ୍କାରେ ଢୁବି, ତବଲା କିଣି ଦେଇଥିଲୁ। ଅବଶ୍ୟ ବାଡ଼ିପଟେ ଚୁଲି କରି ଭାତ, ଡାଲମା ରାନ୍ଧି ଆମକୁ ଖୁଆଇ ଦେଲୁ। ଡକ୍ଟର ଏପିଜେ ଅବଦୁଲ କଲାମଙ୍କ ଉକ୍ତିରେ ''ଯଦି ଆମେ ସ୍ୱତନ୍ତ୍ର ନୁହନ୍ତି, ତା'ହେଲେ କେହି ଆମର ସମ୍ମାନ କରିବେ ନାହିଁ।'' ଏତେ ସମ୍ମାନର ଅଧିକାରିଣୀ ହୋଇ ବି ଥିଲୁ ସରଳ ଓ ସାବଲୀଳ। ପରୋପକାର କରିବା ତ ମନୁଷ୍ୟର କର୍ମ, ଧର୍ମ, ତ୍ୟାଗ ସବୁକିଛି। ଦରଦୀ ହୃଦୟରେ ପରୋପକାର କରିବାରେ ଏକ ଉଚ୍ଛୁଳା ନଈର ଅମାନିଆ ସ୍ରୋତ ଭଳି ବହି ଯାଉଥିଲୁ ଆଗକୁ, ଆହୁରି ଆଗକୁ। ମାନବିକତା ତୋ' ପାଖରେ ଥିଲା ବିଶାଳ ସମୁଦ୍ର ପରି, ଅନ୍ୟର ଖୁସିରେ ଆତ୍ମହରା ହୋଇ ଦୁଃଖରେ ହେଉଥିଲୁ ଅତ୍ୟନ୍ତ ଦୁଃଖିନୀ। ମନପକ୍ଷୀ ତୋର ଉଡ଼ିବୁଲୁଥିଲା ବସ୍ତିମାନଙ୍କର ନିଃସହାୟଙ୍କୁ ସେବା, ଶିକ୍ଷା ଓ ସାହାରା ଦେବାରେ...

ନାନୀ ଲୋ, ତୋ' ଜିନିଷରେ ମୋର ଥିଲା ସଂପୂର୍ଣ୍ଣ ଅଧିକାର। ମୋତେ ଯାହା ଭଲ ଲାଗେ, ତୋ'ଠାରୁ ନେଇ ଆସେ। ତୋତେ ମୁଁ ଦେଇଛି କ'ଣ? ସେମିତି ତ କିଛି ମୋର ମନେପଡୁନି? ତୁ ଦେଇଥିବା ସମ୍ବଲପୁରୀ ଶାଢ଼ିଟି ଏବେ ସବୁବେଳେ ପିନ୍ଧୁଛି। ପଣତରେ ଲୁହ ପୋଛି କହୁଛି ଦେଖେ ତୋର ଶାଢ଼ି ମୁଁ ପିନ୍ଧିଛି। ନିଦାଘର ଦାରୁଣ ଆଘାତରେ ଶୁଖି ଯାଇଥିବା ଗାଁ ନଈ ରତ୍ନଚିରା ତା' ଲୁହରେ ପୁଣି ବୁଡ଼ିଗଲାଣି। ତୋଟା, ମାଳ, ବାଡ଼ି, ବଗିଚାରୁ ଶୁଣାଯାଉଛି ପକ୍ଷୀମାନଙ୍କର ବିକଳ କାନ୍ଦଣାର ସ୍ୱର, ନୀରବି ଯାଇଛନ୍ତି ସବୁ ପରିବାର। ସତ୍ୟବାଦୀର ବକୁଳ ବନ ଛୁରିଆନା କୁଞ୍ଜ ପାଖରେ ଥିବା ବାଳିକା ସ୍କୁଲଟି ଜଣାଇଦେଇଥିବ ଜଣେ ସଂଗ୍ରାମୀ କନ୍ୟା ପାଇଁ ଅନ୍ତରର ସମବେଦନା...।

ନାନୀଲୋ, ତୋ' ସେବା, ସଦୁପଦେଶରେ ମଣିଷ ହୋଇଛି ମୁଁ। ତୁ ଯିବା ଆଗ ଦିନ ତ ବଡ଼ନାନୀକୁ ଫୋନ କରିଥିଲୁ? ତୋ' ମନକଥା ଦି' ପଦ ତ କହିଲୁନି? ଏମିତି କ'ଣ କିଏ ଯାଏ? ଯେତେ ବୁଝାଇଲେ ବି ଏ ମନ ବୁଝୁନି। ସଜନୀ, ରଜନୀଙ୍କ ଆଖିରୁ ଲୁହ ଶୁଖୁନି। ଏଇ ଦରଦୀ ପାରାଟି ହାତରେ ଚିଠିଟି ପଠାଇଛି। ତୁ ଯେଉଁଠି ଥାଆ, ସେ ତୋତେ ଖୋଜି ଖୋଜି ଏ ଚିଠି ଦେଇଦେବ। ଆଉ ଦେଖିବୁ ତୋ' ଆଖିରୁ ଦୁଇ ଧାର ଲୁହ ଝରି ଶୁଖିଯାଇଥିବ। ସେ ଲୁହ ସହିତ ଫେଣ୍ଟାଫେଣ୍ଟି ହୋଇ ଯାଇଛି ଆମ ସମସ୍ତଙ୍କର ଲୁହ...।

ଇତି
ତୋର ବିନି
ମୋ: ୯୪୩୮୫୦୪୫୮୩

## ପ୍ରେମ

**ମୂଳ ରଚନା: ଖଲିଲ ଜିବ୍ରାନ୍**
**ଅନୁସୃଜନ: ଡ. ଉଦ୍ଧବ ଚରଣ ନାୟକ**

**ଅନୁବାଦ ଗଳ୍ପ**

ସେମାନେ ତାଙ୍କୁ ଅନୁରୋଧ କଲେ, ''ଆମକୁ ପ୍ରେମ ସମ୍ପର୍କରେ କିଛି କହନ୍ତୁ!''

ସେ ମଥା ଉପରକୁ ଟେକିଲେ। ଡୋଳା ବୁଲାଇ ଲୋକଙ୍କ ଆଡ଼କୁ ଟିକିଏ ଚାହିଁଲେ। ଚାରିଆଡ଼େ ଖେଳିଗଲା ଶାନ୍ତିର ବାତାବରଣ। ସେ ଗୁରୁଗମ୍ଭୀର ସ୍ୱରରେ କହିଲେ– ''ପ୍ରେମ ତୁମକୁ ପାଖକୁ ଡାକିଲେ ତା' ପାଖକୁ ଯାଅ। ଯଦିଓ ଏହା ଅତ୍ୟନ୍ତ ଭୟଙ୍କର ଓ କଦର୍ଯ୍ୟ। ତା' ଡେଣାରେ ସେ ତୁମକୁ ଢାଙ୍କି ରଖିବାକୁ ଚାହେଁ। ତୁମେ ତା' ପାଖରେ ଆତ୍ମସମର୍ପଣ କରିଦିଅ।''

''ହଁ, ସେ ତା' ଡେଣା ତଳେ ଥିବା ତରବାରିରେ ତୁମକୁ ଆଘାତ କରିପାରେ। ଯଦି ସେ ତୁମକୁ କିଛିକହେ, ତେବେ ତାକୁ ବିଶ୍ୱାସ କର। ତା'ର ଡାକ ତୁମର ସ୍ୱପ୍ନକୁ ଚୂର୍‌ମାର କରିପକାଇବ। ଯେମିତି ଉତ୍ତରା ପବନ ଉପବନକୁ ଉଜାଡ଼ିଦିଏ।''

''ଶୁଣ, ପ୍ରେମ ଯେପରି ତୁମକୁ ବିଜୟର ମୁକୁଟ ପିନ୍ଧାଏ, ସେହିପରି ସେ ତୁମକୁ ଶୂଳୀରେ ଚଢ଼ାଏ। ଯେପରି ସେ ତୁମର ଉନ୍ନତି କରେ, ସେହିପରି ତୁମର ଅବନତି ପାଇଁ ସେ ବି ପୂରାପୂରି ଦାୟୀ।'' ଗହମଦାନା ଚୂରିଲା ପରି ସେ ତୁମକୁ ଚୂର୍ଣ୍ଣରେ ପରିଣତ କରି ତା' ଭିତରକୁ ଟାଣିନେବ। ତୁମକୁ ଉଲଗ୍ନ କରି ଲଜ୍ଜିତ କରିବ। ତୁମର ମଇଳା ଦୂର କରିବା ପାଇଁ ସେ ଚେଷ୍ଟାକରିବ। ତୁମକୁ ଶୋଷିଦେଇ ଶ୍ୱେତବର୍ଣ୍ଣରେ ପରିଣତ କରିଦେବ। ତୁମକୁ କୋମଳ କରିଦେବା ପାଇଁ ତୁମ ଦେହରେ ସେ ଗୁଡ଼ାଇ ହୋଇଯିବ। ତା'ପରେ ସେ ପବିତ୍ର ଅଗ୍ନିରେ ସେକିଦେବ, ଯେପରିକି ତୁମେ ପ୍ରଭୁଙ୍କ ପାଇଁ ହୋଇଯିବ ପବିତ୍ର ଭୋଗ। ପ୍ରେମ ତୁମ ସହିତ ଏପରି ଲୀଳା କରିବ। ଯେମିତିକି ତୁମେ ତୁମ ଅନ୍ତରତମ ରହସ୍ୟର ଜ୍ଞାନ ଲାଭ କରିଥାଅ। ଫଳରେ ତୁମେ ଏହି ଜ୍ଞାନ ଦ୍ୱାରା ଜଗଜ୍ଜୀବନଙ୍କ ହୃଦୟର ଏକ ଅଂଶରେ ପରିଣତ ହୋଇଯିବ।

ଯଦି ତୁମେ ଭୟଭୀତ ହୋଇ ସଂସାର ଆସକ୍ତିରେ ବାନ୍ଧି ହୋଇ ପ୍ରେମର ଶାନ୍ତି ଓ ପ୍ରେମର ଉଲ୍ଲାସ କାମନା କରୁଥାଅ, ତେବେ ତୁମ ପାଇଁ ଏହା ଭଲହେବ। ତୁମେ ତୁମର ନଗ୍ନତାକୁ ପୋଡ଼ିଦିଅ କିମ୍ବା ଲଜ୍ଜାହୀନ ପ୍ରେମ ପାଖରୁ ବାହାରି ଆସ। ଏହା ତୁମ ପାଇଁ ଖୁବ୍ ଭଲ ହେବ। ଏ ହେଉଛି ଜୀବନହୀନ ପରିବର୍ତ୍ତନଶୀଳ ଦୁନିଆ। ଏଠାରେ ତୁମେ ରହିଯାଅ। ଏଇଠି ତୁମେ ହସିପାରିବ। ହେଲେ ପୂରା ହସ ନୁହେଁ। ଏଇଠି ତୁମେ କାନ୍ଦି ପାରିବ। ହେଲେ ତୁମର ଏଇ କାନ୍ଦରୁ ତୁମ ଆଖିରୁ ଟୋପେ ଲୁହ ବାହାରିବ ନାହିଁ।

ନିଜ ବ୍ୟତୀତ ପ୍ରେମ କାହାକୁ କିଛି ଦିଏ ନାହିଁ ବା ନିଜ ବ୍ୟତୀତ କାହାଠାରୁ କିଛି ନିଏ ନାହିଁ। ପ୍ରେମ କାହାର ମାଲିକ ବା ସ୍ୱାମୀ ନୁହେଁ କି କାହାକୁ ନିଜର ସ୍ୱାମୀ ବା ମାଲିକ ବୋଲି କହେ ନାହିଁ। କାହିଁକି ନା ପ୍ରେମ ପ୍ରେମରେ ହିଁ ପରିପୂର୍ଣ୍ଣ।

ହଁ, ଯଦି ତୁମେ ପ୍ରେମ କରୁଛ, ତେବେ କାହାକୁ କୁହ ନାହିଁ ଯେ ଈଶ୍ୱର ମୋ' ହୃଦୟରେ ଅଛନ୍ତି। ବରଂ କୁହ ମୁଁ ଈଶ୍ୱରଙ୍କ ହୃଦୟରେ ଅଛି। ହଁ, କେବେ ଭାବନି ଯେ ମୁଁ ପ୍ରେମର ପଥ ନିର୍ଦ୍ଧାରଣ କରୁଛି। କାହିଁକି ନା ପ୍ରେମ ଯଦି ତୁମକୁ ଅଧିକାରୀ ବୋଲି ଭାବୁଥାଏ, ତେବେ ତୁମେ ତୁମର ପଥ ନିର୍ଦ୍ଧାରଣ କର। ପ୍ରେମ ନିଜକୁ ନିଜେ ସମ୍ପୂର୍ଣ୍ଣ କରିବା ବ୍ୟତୀତ ଆଉ କିଛି ଚାହେଁ ନାହିଁ। ଯଦି ତୁମେ ପ୍ରେମ କରୁଥାଅ ଏବଂ ତୁମ ହୃଦୟରେ କାମନା ଜାଗ୍ରତ ହୁଏ, ତାହା ହେଲା ପ୍ରକୃତ ପ୍ରେମ। ତୁମେ ଦ୍ରବିଭୂତ ହୋଇପାର ବହିଯାଉଥିବା ଝରଣା ପରି, ରାତ୍ରିରେ ସୁମଧୁର ଗୀତ ଗାଇବା ପରି। ଅତ୍ୟନ୍ତ କୋମଳତାର ବେଦନାକୁ ତୁମେ ଅନୁଭବ କରିପାର– ନିଜର ପ୍ରେମର ଅନୁଭୂତିକୁ ନେଇ ତୁମେ କ୍ଷତ ହୋଇପାର। ହସି ହସି ତୁମେ ଡେଣା ହଲାଉଥିବା ହୃଦୟକୁ ନେଇ ପ୍ରଭାତ ସମୟରେ ଜାଗିଉଠ। ଗୋଟିଏ ପ୍ରେମମୟ ଦିବସ ଲାଭ ନିମନ୍ତେ ଧନ୍ୟବାଦ ଦିଅ। ଦିନ ଦି' ପ୍ରହରରେ ବିଶ୍ରାମ କରି ପ୍ରେମର ପରମ ଆନନ୍ଦରେ ବିଲୀନ ହୋଇ ନୂତନ ଦିବସ ଗଡ଼ିବା ପରେ କୃତଜ୍ଞତାପୂର୍ଣ୍ଣ ହୃଦୟ ନେଇ ଘରକୁ ଫେର। ପୁଣି ରାତ୍ରିରେ ହୃଦୟରେ ପ୍ରିୟତମାଙ୍କ ପାଇଁ ପ୍ରାର୍ଥନା କର ଏବଂ ଓଠରେ ତା'ର ପ୍ରଶଂସାର ଗୀତ ଗାଇ ଗାଇ ଶୋଇପଡ଼।

ମୋ: ୯୪୩୮୨୯୯୧୭୪



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୫/୨୦୨୨ Bhubaneswar, Saturday, March 5/ 2022

# ଜଳୁଛି ମାଙ୍କଡ଼ଚୁଆ ଜଙ୍ଗଲ

କେନ୍ଦୁଝର,୪।୩(ସ୍ୱ.ପ୍ର.)

କେନ୍ଦୁଝର ଜିଲା ତେଲକୋଇ ରେଞ୍ଜ ବିମଳା ଫରେଷ୍ଟ ସେକ୍ସନ ଅଧୀନ କରଦାଙ୍ଗି ପଞ୍ଚାୟତର ଶ୍ରୀଧରପୁର ଗାଁ ନିକଟସ୍ଥ ମାଙ୍କଡଚୁଆ ସଂରକ୍ଷିତ ଜଙ୍ଗଲରେ ନିଆଁ ଲାଗିଯାଇଛି। ଫଳରେ ବହୁ ମୂଲ୍ୟବାନ ଗଛଲତା ଏବଂ ଔଷଧୀୟ ଗୁଳ୍ମ ଆଦି ପୋଡ଼ି ନଷ୍ଟ ହୋଇଗଲାଣି। ଉକ୍ତ ଜଙ୍ଗଲରେ ହାତୀ, ବାର୍ହା, ହରିଣ, ସମ୍ବର ଆଦି ବନ୍ୟପ୍ରାଣୀ ରହୁଥିବାରୁ କ୍ଷତିଗ୍ରସ୍ତ ହେବା ଆଶଙ୍କା ପ୍ରକାଶ ପାଇଛି। ତୁରନ୍ତ ଏହି ଜଙ୍ଗଲରୁ ନିଆଁ ଲିଭାଇବା ପାଇଁ ସାଧାରଣରେ ଦାବି ହେଉଛି।


ମାଙ୍କଡ଼ଚୁଆ ସଂରକ୍ଷିତ ଜଙ୍ଗଲରେ ଲାଗିଥିବା ନିଆଁ।

# ‘ମହିଳାଙ୍କ ସଂଘର୍ଷ ଏବେ ବି ସରିନାହିଁ’


କାର୍ଯ୍ୟକ୍ରମରେ ଉପସ୍ଥିତ ପୁରାଣବିତ୍ ଦେବଦତ୍ତ ପଟ୍ଟନାୟକ ଓ ଅନ୍ୟ ଅତିଥିମାନେ।

ଭୁବନେଶ୍ୱର, ୪।୩

ସମତା, ଅଧିକାର ପାଇଁ ମହିଳାମାନଙ୍କ ସଂଗ୍ରାମ ଓ ସଂଘର୍ଷ ଏଯାଏ ସରିନାହିଁ। କାରଣ ବ୍ୟବସ୍ଥାର ଅଗ୍ରଗତି ସତ୍ତ୍ୱେ ବିଶ୍ୱର ଅନେକ ମହିଳା ଏବେ ବି ନିଜ ଅଧିକାରରୁ ବଞ୍ଚିତ ହୋଇରହିଛନ୍ତି, ଯାହାକୁ ଅଣଦେଖା କରାଯାଇପାରିବ ନାହିଁ ବୋଲି ଭୁବନେଶ୍ୱରସ୍ଥିତ କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲ ପରିସରରେ ଶୁକ୍ରବାର ଆୟୋଜିତ ଓମାନିୟା-୨.୦ ସଂସ୍କରଣ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ବିଶ୍ୱ ମହିଳା ଦିବସ ଉପଲକ୍ଷେ ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ପ୍ରଫେସର ଡ. ଅଚ୍ୟୁତ ସାମନ୍ତଙ୍କ ଦୃଷ୍ଟିଭଙ୍ଗୀକୁ ଆଧାର କରି ‘ପକ୍ଷପାତିତା ଭାଙ୍ଗିଦିଅ ଓ ପଦାର୍ଥର କିଏ ଜଣେ ନାରୀ’ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପୁରାଣବିତ୍ ଦେବଦତ୍ତ ପଟ୍ଟନାୟକ, ସ୍ୱାଭିମାନର ପ୍ରତିଷ୍ଠାତା ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଡ. ଶ୍ରୁତି ମହାପାତ୍ର, ବୟନ ଶିଳ୍ପୀ, ଅଂଶୀଦାର ତଥା ଡିଜାଇନର ବାପଦିତ୍ୟ ବିଶ୍ୱାସ, ଲେଖିକା ରୀତା ଭୀମାନି ପ୍ରମୁଖ ପ୍ୟାନେଲିଷ୍ଟ ଭାବେ ଏଥିରେ ଅଂଶଗ୍ରହଣ କରିଥିଲେ। କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲ ଅଧ୍ୟକ୍ଷା ଡ. ମୋନାଲିସା ବଳ ଉଦ୍‌ବୋଧନ ଦେଇ କହିଲେ, ମହିଳା ଦିବସ କେବଳ ମହିଳାମାନଙ୍କ ସଫଳତାର ଉତ୍ସବ ନୁହେଁ, ବରଂ ଲିଙ୍ଗଗତ ସମାନତା ପାଇଁ ଏକ ଶିକ୍ଷା ମଧ୍ୟ ହେବା ଉଚିତ। ଗତାନୁଗତିକ ଲିଙ୍ଗଗତ ବିଭେଦତା ଧାରାକୁ ବଦଳାଇବାର ସମୟ ଆସିଛି। ଏହା କେବଳ ଆମ ପରବର୍ତ୍ତୀ ପିଢ଼ିର ଚିନ୍ତାଧାରାରେ ପରିବର୍ତ୍ତନ ଦ୍ୱାରା ସମ୍ଭବ ହୋଇପାରିବ। ଗୀତାର ବାଦନରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ମହିଳାଙ୍କ ସାମୂହିକ ଉନ୍ନତି ପାଇଁ କାର୍ଯ୍ୟ କରୁଥିବା ବ୍ୟକ୍ତିତ୍ୱମାନଙ୍କୁ ସମ୍ବର୍ଦ୍ଧନାର ସହିତ ଶେଷ ହୋଇଥିଲା।

# ଜଙ୍ଗଲରେ ନିଆଁ ଲଗାଇ ୨ ଗିରଫ

**ଠାକୁରମୁଣ୍ଡା, ୪।୩(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା କରଞ୍ଜିଆ ବନଖଣ୍ଡ ସାତକୋଶିଆ ରେଞ୍ଜ ଅନ୍ତର୍ଗତ ଜଙ୍ଗଲରେ ନିଆଁ ଲଗାଇବା ଅଭିଯୋଗରେ ବନବିଭାଗ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ଆନନ୍ଦପୁର ଥାନା ପାଣ୍ଡୁଆ ଗ୍ରାମର ଅକ୍ଷୟ ନାୟକ ଓ ବାବୁଲା ଦାସ। ଗୁରବାର ସନ୍ଧ୍ୟାରେ ସେମାନେ ସପ୍ତାହିକ ହାଟରୁ ଘରକୁ ଫେରୁଥିବା ବେଳେ ବାଉଁଶନାଳ ନିକଟରେ ଜଙ୍ଗଲରେ ନିଆଁ ଲଗାଉଥିଲେ।



ବନ ବିଭାଗ କର୍ମଚାରୀ ଜାଣିପାରି ଉଭୟଙ୍କୁ କାବୁ କରିଥିଲେ। ଏନେଇ ବନ ବିଭାଗ ପକ୍ଷରୁ ଏକ ମାମଲା (ନଂ.୧୪୮/୨୦୨୧-୨୨) ରୁଜୁ ହୋଇଛି।

# ସ୍ପିନ୍ କିମ୍ବଦନ୍ତୀ

କ୍ରିକେଟ ଇତିହାସରେ ଅନ୍ୟତମ ଶ୍ରେଷ୍ଠ ବୋଲରଭାବେ ଶେନ ୱାର୍ନ ବେଶ୍ ଜଣାଶୁଣା ଥିଲେ। ଏହି ଯାଦୁକରୀ ସ୍ପିନରଙ୍କ ପରଲୋକରେ କ୍ରିକେଟ ଜଗତ ସ୍ତବ୍ଧ। ଏକଦିବସୀୟ ଅନ୍ତର୍ଜାତୀୟ କ୍ରିକେଟରେ ସେ ଅଷ୍ଟ୍ରେଲିଆ ଦଳର ନେତୃତ୍ୱ ନେଇଥିଲେ। ନିଜ ଦକ୍ଷତା ପାଇଁ ସେ ୧୯୯୪ରେ ୱିଜଡେନ୍ କ୍ରିକେଟର ଅଫ୍ ଦି ଇୟର ପୁରସ୍କାର ଜିତିଥିଲେ। ୧୯୯୭ରେ ସେ ୱିଜଡେନର ଲିଡିଂ କ୍ରିକେଟର (ଜାତୀୟ ବିଜେତା) ଅଫ୍ ଦି ୱାର୍ଲ୍ଡ ହେବାର ସୌଭାଗ୍ୟ ପାଇଥିଲେ। ନିଷିଦ୍ଧ ଡ୍ରଗ୍ସ ସେବନ ଅଭିଯୋଗରେ ସେ ଯଦିଓ ୨୦୦୩ରେ କ୍ରୀଡ଼ାରୁ ବାସନ୍ଦ ହୋଇଥିଲେ ତେବେ ଏହାପରେ ୨୦୦୪ରେ ସେ ୱିଜଡେନ ଲିଡିଂ କ୍ରିକେଟର ଅଫ୍ ଦି ୱାର୍ଲ୍ଡ ଏବଂ ୨୦୦୫ରେ ୱିଜଡେନ କ୍ରିକେଟର୍ସ ଅଲ୍‌ମାନାକ ବିବେଚିତ ହୋଇଥିଲେ। କ୍ରିକେଟ ବିଶେଷଜ୍ଞଙ୍କୁ ନେଇ ଗଠିତ ଏକ ପ୍ୟାନେଲ ୨୦୦୦ ମସିହାରେ ଯେଉଁ ୫ ଜଣ ଖେଳାଳିଙ୍କ ନାମ ୱିଜଡେନ କ୍ରିକେଟର୍ସ ଅଫ୍ ଦି ସେଞ୍ଚୁରି ପାଇଁ ମନୋନୀତ କରିଥିଲେ ତା ମଧ୍ୟରେ ୱାର୍ନ ଅନ୍ୟତମ ଥିଲେ। ୨୦୧୩ରେ ସେ ଆନୁଷ୍ଠାନିକଭାବେ କ୍ରିକେଟର ସମସ୍ତ ଫର୍ମାଟରୁ ଅବସର ନେଇଥିଲେ।

ସେ ଅନ୍ତର୍ଜାତୀୟ କ୍ରିକେଟ ଖେଳିବା ସହିତ ଘରୋଇ ରାଜ୍ୟ ଭିକ୍ଟୋରିଆ ଏବଂ ଇଂଲିଶ୍ ଘରୋଇ କ୍ରିକେଟରେ ହାମ୍ପଶାୟାର ପକ୍ଷରୁ ଖେଳିବା ଜାରି ରଖିଥିଲେ। ସେ ୨୦୦୫ରୁ ୨୦୦୭ ପର୍ଯ୍ୟନ୍ତ ହାମ୍ପଶାୟାର ଦଳର ନେତୃତ୍ୱ ନେଇଥିଲେ। ୱାର୍ନ ୧୯୯୨ରେ ଭାରତ ବିପକ୍ଷରେ ଟେଷ୍ଟ ପଦାର୍ପଣ କରିଥିଲେ। ଟେଷ୍ଟ ଓ ଦିନିକିଆ ଅନ୍ତର୍ଜାତୀୟରେ ସେ ୧୦୦୦ରୁ ଊର୍ଦ୍ଧ୍ୱ ଉଇକେଟ ହାସଲ କରିଥିଲେ। ଏକଦା ସେ ଟେଷ୍ଟରେ ସବୁଠାରୁ ସଫଳ ବୋଲରଭାବେ ୭୦୮ ଉଇକେଟ ନେଇ ରେକର୍ଡର ଅଧିକାରୀ ହୋଇଥିଲେ। ପରେ ଏହି ରେକର୍ଡ ଶ୍ରୀଲଙ୍କାର ମୁଥୟା ମୁରଲୀଧରନ ୨୦୦୭ରେ ଭାଙ୍ଗିଥିଲେ। ସେ ଶତକ ହାସଲ କରିପାରି ନ ଥିଲେ ହେଁ ଲୋୟର ଅର୍ଡରରେ ଜଣେ ଉପଯୋଗୀ ବ୍ୟାଟରଭାବେ ୩,୦୦୦ ଟେଷ୍ଟ ରନ ସଂଗ୍ରହ କରିଥିଲେ। ୨୦୦୭ ଜାନୁୟାରୀରେ ଇଂଲଣ୍ଡ ବିପକ୍ଷରେ ଅଷ୍ଟ୍ରେଲିଆର ୫-୦ ଆଶେସ ଟେଷ୍ଟ ସିରିଜ ବିଜୟ ପରେ ସେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇଥିଲେ। ୱାର୍ନଙ୍କ ଅବସରରେ ଅଷ୍ଟ୍ରେଲିଆ କ୍ରିକେଟରେ ଏକ ଯୁଗର ଅବସାନ ଘଟିଥିଲା।


**ଶେନ ୱାର୍ନ**
**୧୯୬୯ ସେପ୍ଟେମ୍ବର ୧୩ରୁ ୨୦୨୨ ମାର୍ଚ୍ଚ ୪**

## ରାଜସ୍ଥାନ ରୟାଲ୍ସ ଅଧିନାୟକ

ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ପରେ ୱାର୍ନ ୨୦୦୭ରେ ହାମ୍ପଶାୟାର ପାଇଁ ପୂରା ସିଜନ ଖେଳିଥିଲେ। ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର ପ୍ରଥମ ୪ ସିଜନ (୨୦୦୮ରୁ ୨୦୧୧) ସେ ରାଜସ୍ଥାନ ରୟାଲ୍ସ ପକ୍ଷରୁ ଖେଳିଥିଲେ। ସେଠାରେ ସେ ଦଳର ଉଭୟ ଅଧିନାୟକ ଓ କୋଚ୍ ଭୂମିକା ତୁଲାଇଥିଲେ। ତାଙ୍କ ନେତୃତ୍ୱରେ ରାଜସ୍ଥାନ ରୟାଲ୍ସ ଆଇପିଏଲ୍‌ର ପ୍ରଥମ ସଂସ୍କରଣରେ ଚାମ୍ପିୟନ ହୋଇଥିଲା। ଫାଇନାଲରେ ୱାର୍ନଙ୍କ ଦଳ ଚେନ୍ନାଇ ସୁପରକିଙ୍ଗ୍ସକୁ ପରାସ୍ତ କରିଥିଲା। ୨୦୧୮ରେ ରାଜସ୍ଥାନ ରୟାଲ୍ସ ତାଙ୍କୁ ମେଣ୍ଟରଭାବେ ନିଯୁକ୍ତ କରିଥିଲା। ୨୦୧୩ରେ ୱାର୍ନ ଆଇସିସି ହଲ୍ ଅଫ୍ ଫେମ୍‌ରେ ସାମିଲ ହୋଇଥିଲେ।

## ବିଶ୍ୱ କ୍ରିକେଟ ମହଲରେ ଶୋକ

- ୱାର୍ନଙ୍କ ଅକାଳ ବିୟୋଗ ଖବରରେ ମୁଁ ସ୍ତବ୍ଧ ଓ ଖୁବ୍ ଦୁଃଖିତ। ସେ ସବୁବେଳେ ମନେପଡ଼ିବେ।
  **-ସଚିନ ତେନ୍ଦୁଲକର**
- ସ୍ପିନ୍ କିମ୍ବଦନ୍ତୀଙ୍କ ପରଲୋକ ଖବରକୁ ମୁଁ ବିଶ୍ୱାସ କରିପାରୁ ନାହିଁ। ମୁଁ ଏତେ ଦୁଃଖିତ ଯେ ମୁହଁରେ ଭାଷା ନାହିଁ। ସେ ଥିଲେ ଆମ ଖେଳର କିମ୍ବଦନ୍ତୀ ଓ ଚାମ୍ପିୟନ।
  **-ରୋହିତ ଶର୍ମା**
- କ୍ରିକେଟ ବଲ୍‌କୁ ଟର୍ନ କରାଇବାରେ ୱାର୍ନ ଧୁରନ୍ଧର ଥିଲେ। ଜୀବନ ହେଉଛି ଅସ୍ଥିର ଓ ଅପ୍ରତ୍ୟାଶିତ।
  **-ବିରାଟ କୋହଲି**
- କିମ୍ବଦନ୍ତୀ ଶେନ ୱାର୍ନଙ୍କ ବିୟୋଗ ଖବରରେ ମୁଁ ଦୁଃଖିତ ଓ ମର୍ମାହତ। ତାଙ୍କ ପରିବାର, ବନ୍ଧୁ ଓ ସମର୍ଥକଙ୍କ ପ୍ରତି ମୁଁ ସମବେଦନା ଜଣାଉଛି।
  **-ଜୟ ଶାହା, ବିସିସିଆଇ ସମ୍ପାଦକ**
- ଜୀବନ ସ୍ଥାୟୀ ନୁହେଁ ଆମେ ଜାଣୁ। କିନ୍ତୁ ଏହି ସତ୍ୟକୁ ସାମ୍ନା କରିବା ସହଜ ନୁହେଁ।
  **-ବୀରେନ୍ଦ୍ର ସେହ୍ୱାଗ**
- କେବଳ ଭାରତୀୟମାନେ ନୁହନ୍ତି ବିଶ୍ୱ କ୍ରିକେଟ ୱାର୍ନଙ୍କ ଦେହାନ୍ତରେ ମର୍ମାହତ। ତାଙ୍କ ବୋଲିଂରେ ମ୍ୟାଜିକ୍ ଥିବାଭଳି ମନେ ହେଉଥିଲା।
  **-ଗୌତମ ଗମ୍ଭୀର**
- କ୍ରିକେଟ ଏକ ଲେଗ୍ ସ୍ପିନ ବୋଲିଂର ବିଶ୍ୱବିଦ୍ୟାଳୟକୁ ହରାଇଲା।
  **-ଶାହିଦ ଆଫ୍ରିଦୀ, ପାକିସ୍ତାନ କ୍ରିକେଟର**
- ସ୍ପିନ୍ କିମ୍ବଦନ୍ତୀଙ୍କ ପରଲୋକରେ ଯେଉଁ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି ତାହା ପୂରଣ ହେବାକୁ ବହୁଦିନ ଲାଗିବ।
  **-ଶୋଏବ ଅଖତର**
- ୱାର୍ନଙ୍କ ଦେହାନ୍ତ ଖବରକୁ ମୁଁ ବିଶ୍ୱାସ କରିପାରୁ ନାହିଁ।
  **-ଜଣ୍ଟି ରୋଡ୍ସ, ଦକ୍ଷିଣ ଆଫ୍ରିକା କ୍ରିକେଟର**
- ସ୍ପିନ ଯାଦୁକର ଆଉ ନାହାନ୍ତି ତାହା ବିଶ୍ୱାସ କରି ହେଉନି।
  **-ଆଞ୍ଜେଲୋ ମାଥ୍ୟୁସ, ଶ୍ରୀଲଙ୍କା ଅଲରାଉଣ୍ଡର**






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ସଂକ୍ଷେପରେ

### ଆଲବମ୍ ଅଭିନେତ୍ରୀ କରାଇଦେବାକୁ କହି ବଳାତ୍କାର

ଭୁବନେଶ୍ୱର,୪।୩(ବ୍ୟୁରୋ): ଆଲବମ ଅଭିନେତ୍ରୀ କରାଇଦେବାକୁ କହି ଜଣେ ଯୁବତୀଙ୍କୁ ବଳାତ୍କାର କରାଯାଇଛି। ଏନେଇ ପୀଡିତା ଯୁବତୀ ଓ ପରିବାର ଲୋକେ ଭରତପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ସହକଳାକାର ସୁରଜ ବିଶ୍ୱାଳଙ୍କ ନାମରେ ଆଇପିସି ଦଫା ୩୭୬ରେ ମାମଲା ନଂ.୭୭/୨୨ ରୁଜୁ କରି ତଦନ୍ତ ଚଳାଇଥିବା ଏସ୍ଆଇ ବିଜୟ୍ କୁମାର ଦାଶ କହିଛନ୍ତି। ଅଭିଯୋଗ ଅନୁଯାୟୀ, ଖୋର୍ଦ୍ଧା ଅଞ୍ଚଳରୁ ଆସିଥିବା ଯୁବତୀ ଜଣଙ୍କୁ ସୁରଜ ଆଲ୍ବମ୍‌ରେ ଅଭିନେତ୍ରୀ କରାଇଦେବାକୁ କହି ଭରତପୁରରେ ଥିବା ଏକ ଘରକୁ ଡାକିଥିଲେ। ଏହାପରେ ସେ ସେଠାରେ ତାଙ୍କୁ ବଳାତ୍କାର କରିଥିଲେ। ତେବେ ଭରତପୁର ଥାନାରେ ପୀଡିତା ଯୁବତୀଜଣଙ୍କ ଅଭିଯୋଗ କରିଛନ୍ତି। ଅଭିଯୁକ୍ତଙ୍କୁ ଗିରଫ ପାଇଁ ଉଦ୍ୟମ ଚାଲିଛି ବୋଲି ଏସ୍ଆଇ ଦାଶ କହିଛନ୍ତି।

### କ୍ୟାପିଟାଲ ହସ୍ପିଟାଲରୁ ଦଲାଲ ଗିରଫ

ଭୁବନେଶ୍ୱର,୪।୩(ବ୍ୟୁରୋ): କ୍ୟାପିଟାଲ ହସ୍ପିଟାଲରେ ପ୍ରସବ କରାଇଦେବାକୁ କହି ଜଣେ ରୋଗୀଙ୍କଠାରୁ ୨ ହଜାର ଟଙ୍କା ନେଇଥିବା ଅଭିଯୋଗରେ କ୍ୟାପିଟାଲ ଥାନା ପୋଲିସ ଜଣେ ଦଲାଲଙ୍କୁ ଗିରଫ କରି ଶୁକ୍ରାବର କୋର୍ଟ ଚାଲାଣ କରିଛି । ସେ ହେଲେ ପୁରୀ ଜିଲାର ସୁମନ୍ତ ସ୍ୱାଇଁ (୩୩)। ତାଙ୍କଠାରୁ ୨ଟି ମୋବାଇଲ ଫୋନ ଜବତ କରାଯାଇଛି । ଗତ ୨ ତାରିଖରେ ଅଭିଯୁକ୍ତ ସୁମନ୍ତ କ୍ୟାପିଟାଲ ହସ୍ପିଟାଲରୁ ପ୍ରସୂତିଙ୍କ ସ୍ୱାମୀଙ୍କଠାରୁ ଫୋନ୍ ପେ' ମାଧମରେ ୨ ହଜାର ଟଙ୍କା ନେଇଥିବା ଜଣାପଡିଛି। ତେବେ ଟଙ୍କା ନେବା ପରେ ସେ ଫୋନ୍ ନ ଉଠାଇବାରୁ ବକ୍ତିଜଣକ ଘଟଣା ସମ୍ପର୍କରେ ହସ୍ପିଟାଲ ସ୍ତ୍ରୀ ଓ ପ୍ରସୂତି ବିଭାଗର ଜଣେ ଅଧିକାରୀଣଙ୍କୁ ଜଣାଇଥିଲେ। ତାଙ୍କ ପରାମର୍ଶକ୍ରମେ ସେ ଅଭିଯୁକ୍ତଙ୍କ ନାମରେ କ୍ୟାପିଟାଲ ଥାନାରେ ଅଭିଯୋଗ କରିଥିଲେ। ଏହି ଆଧାରରେ ପୋଲିସ ମାମଲା ନଂ. ୧୩୧/୨୨ ରୁଜୁ କରି ଅଭିଯୁକ୍ତ ସୁମନ୍ତଙ୍କୁ ଗିରଫ କରିଥିଲା।

### କଳା ସଙ୍ଗଠକ ଗୌରୀଶଙ୍କର ରାଉତରାୟଙ୍କ ପରଲୋକ



ଖୋର୍ଦ୍ଧା ଅଫିସ,୪।୩ : ଖୋର୍ଦ୍ଧା ଅଞ୍ଚଳର ସାମାଜିକ କର୍ମୀ, ଓଡ଼ିଆ ଚଳଚିତ୍ର ପ୍ରଯୋଜକ ତଥା ଖୋର୍ଦ୍ଧା ଲୋକକଳା ଉତ୍ସବର ସ୍ରଷ୍ଟା ଗୌରୀଶଙ୍କର ରାଉତରାୟ(୭୬)ଙ୍କ ଶୁକ୍ରବାର ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଥିଲେ। ଓଡ଼ିଆ ସିନେମା ଶୀତ ରାତି ପ୍ରଯୋଜନା କରି ଶ୍ରେଷ୍ଠ ଚଳଚ୍ଚିତ୍ର ପୁରସ୍କାର ପାଇଥିଲେ ଗୌରୀଶଙ୍କର। ଖୋର୍ଦ୍ଧା ମାଟିର ମହାନ କବି ସଚ୍ଚି ରାଉତରାୟଙ୍କ ସେ ହେଉଛନ୍ତି ପୁତୁରା। କଳା,ସଂସ୍କୃତି, ସାହିତ୍ୟ, ସମାଜସେବା କ୍ଷେତ୍ରରେ ସେ ଥିଲେ ଜଣେ ସମର୍ପିତ ବ୍ୟକ୍ତିତ୍ୱ। ପାରମ୍ପରିକ ଲୋକକଳାଙ୍କୁ ଉଜ୍ଜିବୀତ ଲାଗି ସେ ଆରମ୍ଭ କରିଥିଲେ ଲୋକକଳା ମହୋତ୍ସବ। ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁ, ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟ୍ଟଶାଣୀ, ଗବେଷକ ଗୋପାଳକୃଷ୍ଣ ଦାସ, ଗ୍ରାମ୍ୟ କମିଟି ସମ୍ପାଦକ ଜିତେନ୍ଦ୍ର ସାହୁ, ସାମାଜିକ କର୍ମୀ ସଞ୍ଜୟ ପଟ୍ଟନାୟକ, ଅବ୍ୟକ୍ତ ହରିହର ଖାଡଙ୍ଗା, ଶୁଭ୍ରରଞ୍ଜନ ଦାସ, ଶୁଭ୍ରାଂଶୁ ଶେଖର ସାମନ୍ତରାୟ, ଲଳିତ ମୋହନ ମହାପାତ୍ର, ନରେନ୍ଦ୍ର ପୃଷ୍ଟି, ଶକ୍ତିଶଙ୍କର ମିଶ୍ର, ଶୋଭନ ଘୋଷ, ବୁଦ୍ଧିଜୀବୀ ଉମାଶଙ୍କର ପ୍ରସାଦ, ପ୍ରଭାତ ମିଶ୍ର, କୃଷ୍ଣଚନ୍ଦ୍ର ଶ୍ରୀଚନ୍ଦନଙ୍କ ସମେତ ବହୁ କଳାପ୍ରେମୀ ଶୋକବ୍ୟକ୍ତ କରିଛନ୍ତି। ଗ୍ରାମ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ପୁଅ ପିନାକୀ ମୁଖାଗ୍ନି ଦେଇଥିଲେ।

# ବିଶୋଧନ ଆଳରେ ରାଜସ୍ୱକୁ ଅଣଦେଖା

■ ରବିବାର ଦର୍ଶନ ବନ୍ଦକୁ ନେଇ ଅସନ୍ତୋଷ

■ ମନ ଊଣା କରୁଛନ୍ତି ସ୍ଥାନୀୟ ବ୍ୟବସାୟୀ

ପୁରୀ ଅଫିସ,୪।୩:

କରୋନା ସଂକ୍ରମଣ ହ୍ରାସ ପାଇବା ପରେ ଶ୍ରୀମନ୍ଦିରରେ ସର୍ବସାଧାରଣ ଦର୍ଶନ ଚାଲିଛି। କଟକଣା କୋହଳ କରାଯାଇ ଭକ୍ତଙ୍କୁ ଦାରୁଦିଅଁଙ୍କ ଦର୍ଶନର ସୁଯୋଗ ଦିଆଯାଉଛି। ତେବେ ପ୍ରତ୍ୟେକ ରବିବାର ଶ୍ରୀମନ୍ଦିର ପରିସର ସାନିଟାଇଜ ଲାଗି ସାଧାରଣ ଦର୍ଶନ ବନ୍ଦ ରହୁଛି। ଫଳରେ ମହାପ୍ରଭୁଙ୍କ ଦର୍ଶନରୁ ଭକ୍ତଙ୍କୁ ବଞ୍ଚିତ ହେବାକୁ ପଡୁଛି। ଏହାକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। ସେହିପରି ରବିବାର ଛୁଟିଦିନ ହୋଇଥିବାରୁ ବହୁ ଭକ୍ତ ପୁରୀ ଆସି ମହାପ୍ରଭୁଙ୍କ ଦର୍ଶନ ସହ ବେଳାଭୂମି ବୁଲି ଓ ସମୁଦ୍ର ସ୍ନାନ କରି ମଜା ଉଠାଇଥାନ୍ତି। ମାତ୍ର ଉକ୍ତ ଦିନ ଦର୍ଶନ ବନ୍ଦ ରହୁଥିବାରୁ ଭକ୍ତମାନେ ନିରାଶ ହେଉଥିବାବେଳେ ହୁଣ୍ଡି ଆୟ ନାହିଁ କହିଲେ ଚଳେ। ତେଣୁ ବିଶୋଧନ ଆଳରେ ଶ୍ରୀମନ୍ଦିର ରାଜସ୍ୱକୁ ଅଣଦେଖା କରାଯାଉଛି।

ସମ୍ପ୍ରତି ନୂଆ ଏସ୍‌ଓପି ଅନୁଯାୟୀ ଶ୍ରୀମନ୍ଦିରରେ ଦର୍ଶନ ବ୍ୟବସ୍ଥା ଚାଲିଛି। ଡବଲ ଡୋଜ୍ କୋଭିଡ୍ ଟିକା ପ୍ରମାଣପତ୍ର କିମ୍ବା ଆର୍‌ଟି-ପିସିଆର୍ ସାର୍ଟିଫିକେଟ ବିନା ସପ୍ତାହରେ ୬ଦିନ ଭକ୍ତଙ୍କୁ ଶ୍ରୀମନ୍ଦିରରେ ପ୍ରବେଶ ସୁଯୋଗ ମିଳୁଛି। ତେବେ ପ୍ରତ୍ୟେକ ରବିବାର ଦର୍ଶନ ବନ୍ଦ ରଖାଯାଉଛି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ବାଲେଶ୍ୱରର ଏକ ଘରୋଇ କମ୍ପାନୀରେ କାର୍ଯ୍ୟରତ ଶଶାଙ୍କ ନାୟକ କହିଛନ୍ତି, ରବିବାର ଛୁଟିଦିନ ହୋଇଥିବାରୁ ଆମ ଭଳି ଚାକିରିଆ ଲୋକେ ପୁରୀ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଚାହୁଁଥିଲେ ମଧ୍ୟ ପ୍ରଶାସନର କଟକଣା ଯୋଗୁ ତାହା ସମ୍ଭବ ହୋଇପାରୁ ନାହିଁ। ଛୁଟିଦିନରେ ଶ୍ରୀମନ୍ଦିର ବନ୍ଦ ରଖାଯିବା ଯଥାର୍ଥ ନୁହେଁ। ଶଶାଙ୍କଙ୍କ ପରି ଅନେକେ ଏଭଳି ମତ ରଖିଛନ୍ତି। ଶ୍ରୀଜଗନ୍ନାଥ ଭକ୍ତ ପରିଷଦର ଆବାହକ ସୂର୍ଯ୍ୟ ନାରାୟଣ ରଥ କହିଛନ୍ତି, ପ୍ରକୃତ ଉଦ୍ଦେଶ୍ୟ ଲୁଚାଯାଉଛି। ସାନିଟାଇଜ ଉଦ୍ଦେଶ୍ୟରେ ନୁହେଁ ବରଂ ରବିବାର ଗହଳି ରୋକିବା ପାଇଁ ପ୍ରଶାସନ ଏଭଳି କଟକଣା କରିଛି। ଏହି ଆଳରେ ଭକ୍ତଙ୍କୁ ମହାପ୍ରଭୁଙ୍କ ଦର୍ଶନରୁ ବଞ୍ଚିତ କରାଯାଉଛି। ସେହିପରି ହୁଣ୍ଡି ଆୟ ହେଉଛି ଶ୍ରୀମନ୍ଦିର ପ୍ରଶାସନର ରାଜସ୍ୱ ସଂଗ୍ରହର ଅନ୍ୟତମ ମାଧ୍ୟମ। ତେବେ ରବିବାର ଦର୍ଶନ ବନ୍ଦ ଯୋଗୁ ହୁଣ୍ଡି ଆୟ ସମେତ ପର୍ଯ୍ୟଟନ ଓ ହୋଟେଲ ଶିଳ୍ପ ମଧ୍ୟ ପ୍ରଭାବିତ ହେଉଛି। ତେଣୁ ରାଜସ୍ୱକୁ ଅଣଦେଖା କରାଯାଉଛି ବୋଲି କୁହାଯାଇପାରେ। ସେହିପରି ଏକ ହୋଟେଲର ମାଲିକ ଶୁଶାନ୍ତ ସାହୁ କହିଛନ୍ତି, ବେଳାଭୂମି ଉଠାଦୋକାନୀଙ୍କ ସମେତ ହୋଟେଲ ଶିଳ୍ପ ପ୍ରଭାବିତ ହେଉଛି। ଛୁଟି ଦିନଗୁଡ଼ିକରେ ଭଲ ବ୍ୟବସାୟ ହୋଇଥାଏ। ଏଭଳି ସ୍ଥଳେ ଶ୍ରୀମନ୍ଦିର ବନ୍ଦ ରହିଲେ ବ୍ୟବସାୟ ମାନ୍ଦା ପଡୁଛି। ଅନ୍ୟପକ୍ଷରେ ଶ୍ରୀମନ୍ଦିର ପରିସର ସାନିଟାଇଜ ପାଇଁ ୩ରୁ ୪ଘଣ୍ଟା ଲାଗିଥାଏ ବୋଲି ପୁରୀ ଅଗ୍ନିଶମ ଅଧିକାରୀ ମନୋଜ ମହାପାତ୍ର କହିଛନ୍ତି। ଏ ନେଇ ଆଇନଜୀବୀ ଚିନ୍ମୟ ଦାଶ କହିଛନ୍ତି, ଶନିବାର ରାତି କିମ୍ବା ରବିବାର ସକାଳେ ସାନିଟାଇଜ କରାଯାଇପାରିବ। ତେବେ ପ୍ରଶାସନ କାହିଁକି ଗୋଟିଏ ଦିନ ଶ୍ରଦ୍ଧାଳୁଙ୍କୁ ଦର୍ଶନରୁ ବଞ୍ଚିତ କରୁଛି ତାହା ବୁଝାପଡୁନାହିଁ।



ପୁରୀ ସଂସ୍କୃତି ଭବନରେ ଶୁକ୍ରବାର ଲଳିତ କଳା ଏକାଡେମୀ ଏବଂ ଜିଲା ପ୍ରଶାସନ ସହଯୋଗରେ ଆୟୋଜିତ ମହିଳା ଚିତ୍ରକଳା ଶିବିର।

## ରାସ୍ତାପାର୍ଶ୍ୱ ଗଛରେ ଝୁଲିପଡ଼ିଲେ ଯୁବକ

ଭୁବନେଶ୍ୱର,୪।୩ (ବ୍ୟୁରୋ)

ରାସ୍ତା ଗହଳି ଥିଲା। ଗାଡ଼ିମୋଟର ଯିବା ଆସିବା କରୁଥିଲା। ହେଲେ ରାସ୍ତା ପାର୍ଶ୍ୱ ଏକ ଗଛରେ ବେକରେ ଗାମୁଛା ବାନ୍ଧି ହଠାତ ଝୁଲି ପଡିଥିଲେ ଜଣେ ଯୁବକ। ଶୁକ୍ରବାର ରାତି ପ୍ରାୟ ୯ଟାରେ କଳ୍ପନା ନିକଟ ଶ୍ରୀଦେବୀ ଛକରେ ଘଟିଛି ଏହି ଦୁଃଖଦ ଘଟଣା। ଖବର ଲେଖାହେବା ପର୍ଯ୍ୟନ୍ତ ମୃତକଙ୍କ ସମ୍ପୂର୍ଣ୍ଣ ପରିଚୟ ଜଣାପଡ଼ି ନ ଥିବାବେଳେ ସେ ଗଞ୍ଜାମର ବୋଲି କୁହାଯାଉଛି। ପୋଲିସ ପହଞ୍ଚି ମୃତଦେହ ଉଦ୍ଧାର କରିବା ପରେ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଛି। ଏନେଇ ଲକ୍ଷ୍ମୀସାଗର ଥାନା ଅଧିକାରୀ ଓମ୍ ପ୍ରକାଶ ମହାନ୍ତି କହିଛନ୍ତି, ଘଟଣାକୁ ନେଇ କୌଣସି ରିପୋର୍ଟ ହୋଇ ନ ଥିବାରୁ ମାମଲା ରୁଜୁ କରାଯାଇ ନାହିଁ।

କେଉଁ କାରଣ ପାଇଁ ଯୁବକ ଜଣକ ଆତ୍ମହତ୍ୟା କଲେ ତାହାର ତଦନ୍ତ କରାଯାଉଥିବା ସେ କହିଛନ୍ତି। ତେବେ ଏହି ଘଟଣା ପରେ ସ୍ଥାନୀୟ ଲୋକ ଭିଡ଼ ଜମାଇଥିଲେ। ଫଳରେ କଟକ ରୋଡ଼ରେ ଘଣ୍ଟାଏରୁ ଉର୍ଦ୍ଧ୍ୱ ସମୟ ଧରି ଜାମ୍ ହୋଇଥିଲା। ପୋଲିସ ଭିଡ଼ ନୟନ୍ତ୍ରଣ କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

# ଜେଲ ଫେରନ୍ତାଙ୍କୁ ତଣ୍ଟି ଚିପି ହତ୍ୟା

ଭୁବନେଶ୍ୱର,୪।୩(ବ୍ୟୁରୋ)

କିଛିଦିନର ଅନ୍ତରାଳରେ ରାଜଧାନୀରେ ଆଉଏକ ହତ୍ୟାକାଣ୍ଡ ଘଟିଛି। ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ପଳାଶୁଣି ମୁଣ୍ଡାସାହିସ୍ଥିତ ନିର୍ମାଣାଧୀନ ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର ଭିତରେ ଜଣେ ଯୁବକଙ୍କୁ ଦୁର୍ବୃତ୍ତମାନେ ତଣ୍ଟି ଚିପି ହତ୍ୟା କରିଛନ୍ତି। ମୃତକ ହେଲେ ବିହାରର ମୁକେଶ ଚୌଧୁରୀ। ସେ ସ୍ଥାନୀୟ ଅଞ୍ଚଳରେ ଏକ ସିମେଣ୍ଟ ଗୋଦାମରେ କାମ କରୁଥିଲେ। ଦେଢ଼ବର୍ଷ ତଳେ ଏକ ବାଇକ ଚୋରି ମାମଲାରେ ଗିରଫ ହୋଇ ଜେଲ ଯାଇଥିଲେ। ତେବେ ୪ଦିନ ତଳେ ଜେଲରୁ ଫେରିଥିବାବେଳେ ହଠାତ୍ ତାଙ୍କ ହତ୍ୟାକୁ ନେଇ ନାନା ଚର୍ଚ୍ଚା ଚାଲିଛି।

ଶୁକ୍ରବାର ପୂର୍ବାହ୍ନରେ ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟରରେ ଏକ ମୃତଦେହ ପଡିଥିବା ଖବର ପାଇ ଜାନ୍-୫ ଏସିପି ସଞ୍ଜୀବ ଶତପଥୀ ଓ ମଞ୍ଚେଶ୍ୱର ଥାନା ଅଧିକାରୀ ସୁଧୀର କୁମାର ସାହୁ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ସାଇଣ୍ଟିଫିକ୍ ଟିମ୍ ମଧ୍ୟ ଉକ୍ତ ସ୍ଥାନକୁ ଯାଞ୍ଚ କରିବା ସହ ବିଭିନ୍ନ ନମୁନା ସଂଗ୍ରହ କରିଥିଲା। ମୃତ ଯୁବକଙ୍କ ବୟସ ୨୮ରୁ ୩୨ ବର୍ଷ ମଧ୍ୟରେ ହେବ ବୋଲି ଅନୁମାନ କରାଯାଉଛି। ଚିହ୍ନଟ ପରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଯାଇଛି। ତେବେ ତାଙ୍କ ଠିକଣା ଜଣାପଡି ନ ଥିବାରୁ ପରିବାର ଲୋକଙ୍କ ସହ ଯୋଗାଯୋଗ ହୋଇପାରି ନାହିଁ। ମୃତଦେହ ଶବ ସଂରକ୍ଷଣ ଗୃହରେ ରଖାଯାଇଛି। ପୋଲିସ ହତ୍ୟା ମାମଲା (ନଂ. ୬୧/୨୨) ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ଏସିପି ଶତପଥୀ କହିଛନ୍ତି, ଏହି ଘଟଣାରେ ସମ୍ପୃକ୍ତ କେତେଜଣଙ୍କୁ ଚିହ୍ନଟ କରାଯାଇଛି। ସେମାନେ ଧରାପଡ଼ିଲେ ହତ୍ୟା ଘଟଣା ଉପରୁ ପରଦା ହଟିବ।

# ୩ ଦିନ ପରେ ଧରାପଡ଼ିଲା କୁମ୍ଭୀର

■ ବାଟବଣା ହୋଇ ପୁରୀ କେନାଲକୁ ଚାଲି ଆସିଥିଲା

■ ୧ ଘଣ୍ଟାର ପରିଶ୍ରମ ପରେ ମିଳିଲା ସଫଳତା

ବାଲିଅନ୍ତା/ବାରଙ୍ଗ,୪।୩ (ଡି.ଏନ୍.ଏ.)

ରାଜଧାନୀ ଉପକଣ୍ଠ ପାହାଳ ଥାନା ଅଧୀନ ନହରକଣ୍ଟା ନିକଟ ପୁରୀ ମୁଖ୍ୟ କେନାଲରୁ ୩ଦିନ ପରେ ଅର୍ଥାତ୍ ଶୁକ୍ରବାର ବନ ବିଭାଗ ଓ ନନ୍ଦନକାନନ କର୍ମଚାରୀଙ୍କ ମିଳିତ ଉଦ୍ୟମରେ ଏକ ଘଡ଼ିଆଳ କୁମ୍ଭୀରକୁ ଉଦ୍ଧାର କରାଯାଇଛି। ଏହାର ଲମ୍ବ ପ୍ରାୟ ୧୨ଫୁଟ। କୁମ୍ଭୀରକୁ ଏକ ଅଟୋରେ ନନ୍ଦନକାନନକୁ ନିଆଯାଇ ସ୍ୱତନ୍ତ୍ର ଘଡ଼ିଅଳ କୁମ୍ଭୀର ଟାଙ୍କିରେ ଛଡ଼ାଯାଇଛି। ୭ଦିନ ନନ୍ଦନକାନନ ବନ୍ୟପ୍ରାଣୀ ଚିକିତ୍ସକଙ୍କ ନଜରରେ ରହିବା ପରେ ମହାନଦୀରେ ଛଡ଼ାଯିବ ବୋଲି ନନ୍ଦନକାନନ କର୍ତ୍ତୃପକ୍ଷ କହିଛନ୍ତି।

ସୂଚନା ମୁତାବକ, ନନ୍ଦନକାନନ କର୍ତ୍ତୃପକ୍ଷଙ୍କ ପକ୍ଷରୁ ମହାନଦୀରେ ୪ଟି କୁମ୍ଭୀର ଛଡ଼ାଯାଇଥିଲା। ଏମାନଙ୍କ ଗତିବିଧି ଉପରେ ନଜର ରଖିବା ପାଇଁ ଟ୍ରାନ୍ସମିଟର ଚିପ୍ ଖଞ୍ଜାଯାଇଥିଲା। ତେବେ ସେଥିରୁ ଏକ କୁମ୍ଭୀର ବାଟବଣା ହୋଇ ମୁଣ୍ଡଳୀ ଦେଇ ପୁରୀ ମୁଖ୍ୟ କେନାଲକୁ ପଶି ଆସିଥିଲା। ଗତ ୩ଦିନ ହେବ ଉକ୍ତ କେନାଲରେ ବିଚରଣ କରୁଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ବାରଙ୍ଗ, ନୂଆପାଟଣା ଆଦି ଗ୍ରାମ ନିକଟ କେନାଲରେ କୁମ୍ଭୀର ଥିବା ନେଇ ଲୋକେ ବନ ବିଭାଗକୁ ଜଣାଇଥିଲେ। କୁମ୍ଭୀରକୁ ଧରିବା ପାଇଁ ବନ ବିଭାଗ ଦୁଇଥର ଉଦ୍ୟମ କରି ବିଫଳ ହୋଇଥିଲା। ତେବେ ଶୁକ୍ରବାର ସକାଳ ୬ଟାରେ ନହରକଣ୍ଟା ଗ୍ରାମ ନିକଟରେ କୁମ୍ଭୀର କୂଳରେ ଥିବା ଲୋକେ ଦେଖିବାକୁ ପାଇଥିଲେ। ଏହି ଖବର ପ୍ରଚାରିତ ହେବା ପରେ କୁମ୍ଭୀରକୁ ଦେଖିବା ପାଇଁ କେନାଲର ଉଭୟ ପାର୍ଶ୍ୱରେ ଶତାଧିକ ଲୋକ ଜମା ହୋଇଯାଇଥିଲେ। କେନାଲରେ କମ୍ ପାଣି ଥିବାରୁ କୁମ୍ଭୀର କେଉଁଆଡ଼େ ଯାଇ ନ ପାରି କୂଳରେ ବୁଲିବା ଯୋଗୁ ଲୋକେ ଭୟଭୀତ ହୋଇପଡ଼ିଥିଲେ। ସ୍ଥାନୀୟ ସାମାଜିକ କର୍ମୀ ସ୍ୱାକ୍ଷର ରଞ୍ଜନ ମହାନ୍ତି, ଦୀପକ କୁମାର ସାମନ୍ତରାୟ ପ୍ରମୁଖ ସିଟି ଫରେଷ୍ଟ ବିଭାଗକୁ ଘଟଣା ସମ୍ପର୍କରେ ଜଣାଇଥିଲେ। ସିଟି ଡିଭିଜନର ଡିଏଫ୍‌ଓଙ୍କ ନିର୍ଦ୍ଦେଶକ୍ରମେ ଏସିଏଫ୍ ବିଜୟ କୁମାର ପରିଡ଼ା ଓ ଅନନ୍ତ କୁମାର ପ୍ରଧାନଙ୍କ ନେତୃତ୍ୱରେ ୧୨ଜଣିଆ ଟିମ୍ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଥିଲେ। ନନ୍ଦନକାନନରୁ ଜାଲ ନେଇ ଆସିଥିବା କର୍ମଚାରୀ କେନାଲରେ ପଶି ଜାଲ ବିଛାଇ ଥିଲେ। ପ୍ରାୟ ୧ଘଣ୍ଟାର ପରିଶ୍ରମ ପରେ କୁମ୍ଭୀରଟିକୁ ପାଣିରୁ ଉଦ୍ଧାର କରାଯାଇଥିଲା। ଏଥିରେ ବାଲିପାଟଣା ଫରେଷ୍ଟ ରେଞ୍ଜ କର୍ମଚାରୀ ଓ ନହରକଣ୍ଟାର କେତେଜଣ ଯୁବକ ସହଯୋଗ କରିଥିଲେ। କୁମ୍ଭୀରଟିକୁ ଦେଖିବା ପାଇଁ ୧୬ନଂ. ଜାତୀୟ ରାଜପଥର କେନାଲ ବ୍ରିଜ୍ ଲୋକାରଣ୍ୟ ହୋଇପଡ଼ିଥିଲା। ପୋଲିସ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲା।






ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଭାଗ୍ୟଶ୍ରୀ


@ ଲିଜା


@ ଲିପି


@ ନିର୍ମଳ


@ ଶୁଭ୍ରାଂଶୁ


@ ରାଣୀ

## ୧୩ ଦଫା ଦାବିରେ ଶ୍ରମିକ ୟୁନିୟନର ଧାରଣା

ଜଟଣୀ,୪।୩ (ଡି.ଏନ୍.ଏ.)

ଖୋର୍ଦ୍ଧାରୋଡ୍ (ଜଟଣୀ) ରେଳ ମଣ୍ଡଳ ପ୍ରବନ୍ଧକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ରେଳ ଶ୍ରମିକ ୟୁନିୟନ ପକ୍ଷରୁ ୧୩ ଦଫା ଦାବିରେ ଧାରଣା ଦିଆଯିବା ସହ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଶ୍ରମିକ ୟୁନିୟନର ଜେନେରାଲ ସେକ୍ରେଟାରି ପ୍ରଦୀପ ପାଟଶାଣୀଙ୍କ ଅଧ୍ୟକ୍ଷତାରେ ଏହି ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ରେଳ ରନିଂ କର୍ମଚାରୀଙ୍କୁ ସର୍ବନିମ୍ନ ୧୨୦କିଲୋମିଟରର ମାଇଲେଜ ପ୍ରଦାନ, ଟ୍ରଲି ବ୍ୟାଗ ପରିବର୍ତ୍ତେ ସାଧାରଣ ଲାଇନ ବ୍ୟାଗ ପ୍ରଚଳନ, ମଣ୍ଡଳ ସ୍ତରରେ ବଦଳି ପ୍ରକ୍ରିୟାର ତ୍ୱରିତ ସମାଧାନ, ରନିଂ କର୍ମଚାରୀଙ୍କୁ ଡ୍ୟୁଟି ପାସ୍ ପ୍ରଦାନ, ଖାଲି ପଡ଼ିଥିବା ଷ୍ଟେଶନ ମାଷ୍ଟର ପଦବୀ ପୂରଣ, ରେଳ କର୍ମଚାରୀଙ୍କ କ୍ୱାର୍ଟରରେ ଏସି ସ୍ଥାପନ, କ୍ୱାର୍ଟର ନିର୍ମାଣ ଓ ମରାମତି, ରେଳ ଚିକିତ୍ସାଳୟରେ ଉନ୍ନତମାନର ଔଷଧ ପ୍ରଦାନ ଆଦି ଦାବି ରହିଛି। ଏହି ଅବସରରେ ଶ୍ରମିକ ୟୁନିୟନ ଖୋର୍ଦ୍ଧାରୋଡ ମଣ୍ଡଳ ସଂଯୋଜକ ରଞ୍ଜିତ ଦାସଙ୍କ ନେତୃତ୍ୱରେ ରେଳ ମଣ୍ଡଳ ପ୍ରବନ୍ଧକ ରିଙ୍କେଶ ରାୟଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ପ୍ରତିବାଦ ସଭାରେ ରେଳ ଶ୍ରମିକ ସଙ୍ଗଠନର ଶତାଧିକ କର୍ମଚାରୀ ଓ ନେତା ସାମିଲ ହୋଇଥିଲେ।


ପୁରୀ ହଲିଡେ ରିସର୍ଟରେ ଶୁକ୍ରବାର ନୀତି ଆୟୋଗ ପକ୍ଷରୁ ପ୍ଲାଷ୍ଟିକ୍ ଓ ବର୍ଜ୍ୟବସ୍ତୁ ପରିଚାଳନା ସଂକ୍ରାନ୍ତ ସଚେତନତା କର୍ମଶାଳାରେ ଯୋଗଦେଇଥିବା ଅଧିକାରୀମାନେ।


ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଉପଲକ୍ଷେ କଟକ ବିଜୁ ପଟ୍ଟନାୟକ ଛକସ୍ଥିତ ଆନନ୍ଦ ଭବନ ସଂଗ୍ରହାଳୟ ଓ ଅଧ୍ୟୟନ କେନ୍ଦ୍ରକୁ ଆଲୋକମାଳାରେ ସଜ୍ଜିତ କରାଯାଇଛି।



ଖୋର୍ଦ୍ଧାରୋଡ୍ (ଜଟଣୀ) ରେଳ ମଣ୍ଡଳ ପ୍ରବନ୍ଧକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ରେଳ ଶ୍ରମିକ ୟୁନିୟନ ପକ୍ଷରୁ ୧୩ ଦଫା ଦାବିରେ ପ୍ରତିବାଦ କରାଯାଉଛି।

# ବିଶୋଧନ ଆଳରେ ରାଜସ୍ୱକୁ ଅଣଦେଖା

■ ରବିବାର ଦର୍ଶନ ବନ୍ଦକୁ ନେଇ ଅସନ୍ତୋଷ
■ ମନ ଉଣା କରୁଛନ୍ତି ସ୍ଥାନୀୟ ବ୍ୟବସାୟୀ

**ପୁରୀ ଅଫିସ,୪।୩:** କରୋନା ସଂକ୍ରମଣ ହ୍ରାସ ପାଇବା ପରେ ଶ୍ରୀମନ୍ଦିରରେ ସର୍ବସାଧାରଣ ଦର୍ଶନ ଚାଲିଛି। କଟକଣା କୋହଳ କରାଯାଇ ଭକ୍ତଙ୍କୁ ଦାରୁଦିଅଁଙ୍କ ଦର୍ଶନର ସୁଯୋଗ ଦିଆଯାଉଛି। ତେବେ ପ୍ରତ୍ୟେକ ରବିବାର ଶ୍ରୀମନ୍ଦିର ପରିସର ସାନିଟାଇଜ ଲାଗି ସାଧାରଣ ଦର୍ଶନ ବନ୍ଦ ରହୁଛି। ଫଳରେ ମହାପ୍ରଭୁଙ୍କ ଦର୍ଶନରୁ ଭକ୍ତଙ୍କୁ ବଞ୍ଚିତ ହେବାକୁ ପଡୁଛି। ଏହାକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। ସେହିପରି ରବିବାର ଛୁଟିଦିନ ହୋଇଥିବାରୁ ବହୁ ଭକ୍ତ ପୁରୀ ଆସି ମହାପ୍ରଭୁଙ୍କ ଦର୍ଶନ ସହ ବେଳାଭୂମି ବୁଲି ଓ ସମୁଦ୍ର ସ୍ନାନ କରି ମଜା ଉଠାଇଥାନ୍ତି। ମାତ୍ର ଉକ୍ତ ଦିନ ଦର୍ଶନ ବନ୍ଦ ରହୁଥିବାରୁ ଭକ୍ତମାନେ ନିରାଶ ହେଉଥିବାବେଳେ ହୁଣ୍ଡି ଆୟ ନାହିଁ କହିଲେ ଚଳେ। ତେଣୁ ବିଶୋଧନ ଆଳରେ ଶ୍ରୀମନ୍ଦିର ରାଜସ୍ୱକୁ ଅଣଦେଖା କରାଯାଉଛି।

ସମ୍ପ୍ରତି ନୂଆ ଏସ୍‌ଓପି ଅନୁଯାୟୀ ଶ୍ରୀମନ୍ଦିରରେ ଦର୍ଶନ ବ୍ୟବସ୍ଥା ଚାଲିଛି। ଡବଲ ଡୋଜ୍ କୋଭିଡ୍ ଟିକା ପ୍ରମାଣପତ୍ର କିମ୍ବା ଆର୍‌ଟି-ପିସିଆର୍ ସାର୍ଟିଫିକେଟ ବିନା ସପ୍ତାହରେ ୬ଦିନ ଭକ୍ତଙ୍କୁ ଶ୍ରୀମନ୍ଦିରରେ ପ୍ରବେଶ ସୁଯୋଗ ମିଳୁଛି। ତେବେ ପ୍ରତ୍ୟେକ ରବିବାର ଦର୍ଶନ ବନ୍ଦ ରଖାଯାଉଛି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ବାଲେଶ୍ୱରର ଏକ ଘରୋଇ କମ୍ପାନୀରେ କାର୍ଯ୍ୟରତ ଶଶାଙ୍କ ନାୟକ କହିଛନ୍ତି, ରବିବାର ଛୁଟିଦିନ ହୋଇଥିବାରୁ ଆମ ଭଳି ଚାକିରିଆ ଲୋକେ ପୁରୀ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଚାହୁଁଥିଲେ ମଧ୍ୟ ପ୍ରଶାସନର କଟକଣା ଯୋଗୁ ତାହା ସମ୍ଭବ ହୋଇପାରୁ ନାହିଁ। ଛୁଟିଦିନରେ ଶ୍ରୀମନ୍ଦିର ବନ୍ଦ ରଖାଯିବା ଯଥାର୍ଥ ନୁହେଁ। ଶଶାଙ୍କଙ୍କ ପରି ଅନେକେ ଏଭଳି ମତ ରଖିଛନ୍ତି। ଶ୍ରୀଜଗନ୍ନାଥ ଭକ୍ତ ପରିଷଦର ଆବାହକ ସୂର୍ଯ୍ୟ ନାରାୟଣ ରଥ କହିଛନ୍ତି, ପ୍ରକୃତ ଉଦ୍ଦେଶ୍ୟ ଲୁଚାଯାଉଛି। ସାନିଟାଇଜ ଉଦ୍ଦେଶ୍ୟରେ ନୁହେଁ ବରଂ ରବିବାର ଗହଳି ରୋକିବା ପାଇଁ ପ୍ରଶାସନ ଏଭଳି କଟକଣା କରିଛି। ଏହି ଆଳରେ ଭକ୍ତଙ୍କୁ ମହାପ୍ରଭୁଙ୍କ ଦର୍ଶନରୁ ବଞ୍ଚିତ କରାଯାଉଛି। ସେହିପରି ହୁଣ୍ଡି ଆୟ ହେଉଛି ଶ୍ରୀମନ୍ଦିର ପ୍ରଶାସନର ରାଜସ୍ୱ ସଂଗ୍ରହର ଅନ୍ୟତମ ମାଧ୍ୟମ। ତେବେ ରବିବାର ଦର୍ଶନ ବନ୍ଦ ଯୋଗୁ ହୁଣ୍ଡି ଆୟ ସମେତ ପର୍ଯ୍ୟଟନ ଓ ହୋଟେଲ ଶିଳ୍ପ ମଧ୍ୟ ପ୍ରଭାବିତ ହେଉଛି। ତେଣୁ ରାଜସ୍ୱକୁ ଅଣଦେଖା କରାଯାଉଛି ବୋଲି କୁହାଯାଇପାରେ। ସେହିପରି ଏକ ହୋଟେଲର ମାଲିକ ସୁଶାନ୍ତ ସାହୁ କହିଛନ୍ତି, ବେଳାଭୂମି ଉଠାଦୋକାନୀଙ୍କ ସମେତ ହୋଟେଲ ଶିଳ୍ପ ପ୍ରଭାବିତ ହେଉଛି। ଛୁଟି ଦିନଗୁଡ଼ିକରେ ଭଲ ବ୍ୟବସାୟ ହୋଇଥାଏ। ଏଭଳି ସ୍ଥଳେ ଶ୍ରୀମନ୍ଦିର ବନ୍ଦ ରହିଲେ ବ୍ୟବସାୟ ମାନ୍ଦା ପଡୁଛି। ଅନ୍ୟପକ୍ଷରେ ଶ୍ରୀମନ୍ଦିର ପରିସର ସାନିଟାଇଜ ପାଇଁ ୩ରୁ ୪ଘଣ୍ଟା ଲାଗିଥାଏ ବୋଲି ପୁରୀ ଅଗ୍ନିଶମ ଅଧିକାରୀ ମନୋଜ ମହାପାତ୍ର କହିଛନ୍ତି। ଏ ନେଇ ଆଇନଜୀବୀ ଚିନ୍ମୟ ଦାଶ କହିଛନ୍ତି, ଶନିବାର ରାତି କିମ୍ବା ରବିବାର ସକାଳେ ସାନିଟାଇଜ କରାଯାଇପାରିବ। ତେବେ ପ୍ରଶାସନ କାହିଁକି ଗୋଟିଏ ଦିନ ଶ୍ରଦ୍ଧାଳୁଙ୍କୁ ଦର୍ଶନରୁ ବଞ୍ଚିତ କରୁଛି ତାହା ବୁଝାପଡୁନାହିଁ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୪।୩।୨୦୨୨

| ୪,୯୮,୨୩୨ ଟଙ୍କା | |
|---|---|
| ସୁନା | ମିଳିନାହିଁ |
| ରୁପା | ୬୬୦ ମିଲି ଗ୍ରାମ |

## ସଂକ୍ଷେପରେ

### ସୂର୍ଯ୍ୟ ନମସ୍କାର ସଚେତନତା ପାଇଁ ସାଇକେଲ ଯାତ୍ରା

ପୁରୀ ଅଫିସ, ୪।୩: କ୍ରୀଡ଼ା ଭାରତୀ ଓଡ଼ିଶା ଆନୁକୂଲ୍ୟରେ ଅମୃତ ମହୋତ୍ସବ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ସାଇକେଲ ଯାତ୍ରା ମାଧ୍ୟମରେ ସୂର୍ଯ୍ୟ ନମସ୍କାର ଏବଂ ଫିଟ୍ ଇଣ୍ଡିଆ ମିଶନର ସଚେତନତା ଓ ସୁସ୍ଥ ଭାରତର ସନ୍ଦେଶର ପ୍ରଚାର ପ୍ରସାର ନିମନ୍ତେ ସାଇକେଲ ଯାତ୍ରା ଆରମ୍ଭ ହୋଇଛି। ଏହି ଯାତ୍ରା ପୁରୀରୁ ବାହାରି ବିଶାଖାପାଟଣା ଅଭିମୁଖେ ଯିବ। କ୍ରୀଡ଼ା ଭାରତୀର ଓଡ଼ିଶା ରାଜ୍ୟ ସମ୍ପାଦକ ରଘୁନାଥ ସାହୁ ଏହାର ନେତୃତ୍ୱ ନେଉଛନ୍ତି। ସେ ପୁରୀଠାରୁ ବାହାରି କୃଷ୍ଣପ୍ରସାଦ, ବାଲୁଗାଁ, ବାଣପୁର, ଛତ୍ରପୁର, ଆନ୍ଧ୍ରପ୍ରଦେଶର ଇଚ୍ଛାପୁରମ୍, ଶ୍ରୀକାକୁଲମ୍, ବିଜୟ ନଗରମ ଇତ୍ୟାଦି ସ୍ଥାନ ଦେଇ ଯିବା ବାଟରେ ଫିଟ୍ ଇଣ୍ଡିଆ ମିଶନର ସଚେତନା ଓ ସୂର୍ଯ୍ୟ ନମସ୍କାରର ପ୍ରଚାର ପ୍ରସାର କରିବେ। ଏହାପରେ ପଡ଼ୋଶୀ ରାଜ୍ୟଗୁଡ଼ିକରେ ପ୍ରଚାର ପ୍ରସାରର କାର୍ଯ୍ୟକ୍ରମ ରହିଛି।

### ୨୦ ବିଦ୍ୟାର୍ଥୀ ପ୍ରବେଶିକା ପରୀକ୍ଷା ଦେଇ ନ ପାରି ଫେରିଲେ

ପିପିଲି,୪।୩(ଡି.ଏନ୍.ଏ.): ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପାଇଁ ଶୁକ୍ରବାର ପ୍ରବେଶିକା ପରୀକ୍ଷା କରାଯାଇଥିବା ବେଳେ ଆଡମିଟ କାର୍ଡ ପାଇଥିବା କେତେଜଣ ଛାତ୍ରୀଛାତ୍ର ପରୀକ୍ଷାରୁ ବଞ୍ଚିତ ହୋଇଛନ୍ତି। ପିପିଲିର ଜବାହର ବିଦ୍ୟାପୀଠ ପରୀକ୍ଷା କେନ୍ଦ୍ରରେ ୧୮୧ ଜଣଙ୍କ ମଧ୍ୟରୁ ୨୦ ଜଣ ଛାତ୍ରୀଛାତ୍ର ପରୀକ୍ଷାରୁ ବଞ୍ଚିତ ହୋଇଛନ୍ତି। ଏନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ଏ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ ପୀତବାସ ସେଠୀ କହିଛନ୍ତି, ପୂର୍ବରୁ ଷଷ୍ଠ ୧୨୭, ସପ୍ତମ ୨୪, ଅଷ୍ଟମ ୧୭ ଏବଂ ନବମ ଶ୍ରେଣୀର ୧୩ ଜଣ ମୋଟ୍ ୧୮୧ ଜଣ ପରୀକ୍ଷା ଦେବା ପାଇଁ ଲିଷ୍ଟ ଆସିଥିଲା। ଗୁରୁବାର ପୁଣି ଏକ ଲିଷ୍ଟ ଆସିବାରୁ କେତେଜଣ ଛାତ୍ରୀଛାତ୍ର ପରୀକ୍ଷାରୁ ବଞ୍ଚିତ ହୋଇଥିଲେ।

### ଆଲବମ୍ ଅଭିନେତ୍ରୀ କରାଇଦେବାକୁ କହି ବଳାତ୍କାର

ଭୁବନେଶ୍ୱର,୪।୩(ବ୍ୟୁରୋ): ଆଲବମ ଅଭିନେତ୍ରୀ କରାଇଦେବାକୁ କହି ଜଣେ ଯୁବତୀଙ୍କୁ ବଳାତ୍କାର କରାଯାଇଛି। ଏନେଇ ପୀଡିତା ଯୁବତୀ ଓ ପରିବାର ଲୋକେ ଭରତପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ସହକଳାକାର ସୁରଜ ବିଶ୍ୱାଳଙ୍କ ନାମରେ ଆଇପିସି ଦଫା ୩୭୬ରେ ମାମଲା ନଂ.୭୭/୨୨ ରୁଜୁ କରି ତଦନ୍ତ ଚଳାଇଥିବା ଏସ୍‌ଆଇ ବିଜୟ କୁମାର ଦାଶ କହିଛନ୍ତି। ଅଭିଯୋଗ ଅନୁଯାୟୀ, ଖୋର୍ଦ୍ଧା ଅଞ୍ଚଳରୁ ଆସିଥିବା ଯୁବତୀ ଜଣଙ୍କୁ ସୁରଜ ଆଲ୍‌ବମ୍‌ରେ ଅଭିନେତ୍ରୀ କରାଇଦେବାକୁ କହି ଭରତପୁରରେ ଥିବା ଏକ ଘରକୁ ଡାକିଥିଲେ। ଏହାପରେ ସେ ସେଠାରେ ତାଙ୍କୁ ବଳାତ୍କାର କରିଥିଲେ। ତେବେ ଭରତପୁର ଥାନାରେ ଅଭିଯୋଗ ପୀଡିତା ଯୁବତୀଜଣଙ୍କ ଅଭିଯୋଗ କରିଛନ୍ତି। ଅଭିଯୁକ୍ତଙ୍କୁ ଗିରଫ ପାଇଁ ଉଦ୍ୟମ ଚାଲିଥିବା ଏସ୍‌ଆଇ ଦାଶ କହିଛନ୍ତି।



ପୁରୀ ସଂସ୍କୃତ ଭବନରେ ଶୁକ୍ରବାର ଲଳିତ କଳା ଏକାଡେମୀ ଏବଂ ଜିଲା ପ୍ରଶାସନ ସହଯୋଗରେ ଆୟୋଜିତ ମହିଳା ଚିତ୍ରକଳା ଶିବିର।

# ଚିତ୍ରକଳାରେ ପ୍ରତିଭା ଦେଖାଇଲେ ମହିଳା

**ଶିବିର ଉଦ୍‌ଘାଟିତ**

**ପୁରୀ ଅଫିସ,୪।୩:** ଲଳିତ କଳା ଏକାଡେମୀ ଏବଂ ପୁରୀ ଜିଲା ପ୍ରଶାସନ ସହଯୋଗରେ ଶୁକ୍ରବାର ସ୍ଥାନୀୟ ସଂସ୍କୃତି ଭବନରେ ମହିଳା ଚିତ୍ରକଳା ଶିବିର ଉଦ୍‌ଘାଟିତ ହୋଇଛି। ଆସନ୍ତା ୬ତାରିଖ ପର୍ଯ୍ୟନ୍ତ ଏହି ଶିବିର ଚାଲିବ। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସେ କହିଛନ୍ତି, ଜିଲାରେ ଲୁକ୍କାୟିତ ଚିତ୍ରକଳା ଓ କଳାକାରଙ୍କୁ ଲୋକଲୋଚନକୁ ଆଣିବା ଉଦ୍ଦେଶ୍ୟରେ ଜିଲା ପ୍ରଶାସନ ପକ୍ଷରୁ ଏଭଳି ପ୍ରଚେଷ୍ଟା କରାଯାଉଛି। ଆନୁଷ୍ଠାନିକ ଓ ଆର୍ଥିକ କ୍ଷେତ୍ରରେ ସହାୟତା ଯୋଗାଇ ମହିଳାଙ୍କଠାରେ ଥିବା ପ୍ରତିଭାକୁ ପ୍ରୋତ୍ସାହିତ କରାଯିବ ବୋଲି ସାହୁ ପ୍ରକାଶ କରିଛନ୍ତି। ପୁରୀର ୧୦ ମହିଳା ଚିତ୍ରଶିଳ୍ପୀ ନୟନା ବାରିକ, ପୁଷ୍ପାଞ୍ଜଳି ରାଓ, ସଂଯୁକ୍ତା ଦାସ, ପ୍ରିୟଦର୍ଶିନୀ ସାହୁ, ଆମ୍ରପଲ୍ଲୀ ମହାପାତ୍ର, ସସ୍ମିତା ମହାରଣା, ଲକ୍ଷ୍ମୀପ୍ରିୟା ଦଳାଇ, ମିନାକ୍ଷୀ ଦାସ, ପ୍ରତିଭା ଦାସ ଏବଂ ସ୍ୱେତଲ ନାୟକ ଏହି ଶିବିରରେ ଅଂଶଗ୍ରହଣ କରିଛନ୍ତି। ଶିଳ୍ପୀମାନେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସମେତ ଭିନ୍ନ ଭିନ୍ନ ଚିତ୍ରକଳା ଆଙ୍କିଛନ୍ତି। ଏମାନଙ୍କ କଳାକୃତି ଆସନ୍ତା ୮ ତାରିଖ ଆନ୍ତର୍ଜାତିକ ମହିଳା ଦିବସରେ ଭୁବନେଶ୍ୱରସ୍ଥିତ କଳିଙ୍ଗ ଆର୍ଟ ଗ୍ୟାଲେରୀରେ ପ୍ରଦର୍ଶିତ ହେବ। ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ କହିଛନ୍ତି, ପୁରୀ ଜିଲାରେ ଅନେକ ମହିଳା ଚିତ୍ରଶିଳ୍ପୀ ଅଛନ୍ତି। ବିଗତ ଦିନରେ ଏହି କଳାପ୍ରେମୀମାନଙ୍କୁ ଚିହ୍ନଟ କରାଯାଇ ସେମାନଙ୍କୁ ଓ ସେମାନଙ୍କ କଳାକୁ ସମ୍ମାନିତ କରାଯାଇଛି। ରାଜ୍ୟସ୍ତରରେ ପୁରୀ ଜିଲାର କଳାକୃତି ସମ୍ମାନିତ ହେବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ଶିବିରରେ ଜିଲା ସଂସ୍କୃତି ଅଧିକାରୀଙ୍କ ସମେତ ଚିତ୍ରଶିଳ୍ପୀ ସତ୍ୟ ପାଢ଼ୀ ଓ ଚନ୍ଦ୍ରଶେଖର ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ଲାଷ୍ଟିକ୍, ବର୍ଜ୍ୟବସ୍ତୁ ପରିଚାଳନା ସଂକ୍ରାନ୍ତ ସଚେତନତା କର୍ମଶାଳା

**ପୁରୀ ଅଫିସ, ୪।୩:** ନୀତି ଆୟୋଗ ପକ୍ଷରୁ ପ୍ଲାଷ୍ଟିକ୍ ଓ ବର୍ଜ୍ୟବସ୍ତୁ ପରିଚାଳନା ନେଇ ଏକ ସଚେତନା କର୍ମଶାଳା ଶୁକ୍ରବାର ପୁରୀ ହଲିଡେ ରିସର୍ଟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୀତି ଆୟୋଗର ସ୍ୱତନ୍ତ୍ର ସଚିବ ଡ. କେ. ରାଜେଶ୍ୱର ରାଓ ଅଧ୍ୟକ୍ଷତା କରିଥିଲେ। ଓଡ଼ିଶା, ପଶ୍ଚିମବଙ୍ଗ ଏବଂ ଝାଡ଼ଖଣ୍ଡ ଜୋନ୍‌ର ୪୩ଜଣ ଅଧିକାରୀ ଯୋଗଦେଇ ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କରେ ମତ ରଖିଥିଲେ। ସେହିପରି ପୁରୀ ପୌରାଞ୍ଚଳରେ ପ୍ଲାଷ୍ଟିକ ଓ ବର୍ଜ୍ୟବସ୍ତୁ ପରିଚାଳନା ନେଇ ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ ମତ ଉପସ୍ଥାପନ କରିଥିଲେ। ପୁରୀ ସହର ଦେଶର ଏକ ପ୍ରମୁଖ ଧାର୍ମିକ ତଥା ପର୍ଯ୍ୟଟନ ସ୍ଥଳୀ। ରାଜ୍ୟ ସରକାର ପୁରୀକୁ ବିଶ୍ୱ ଐତିହ୍ୟ ସହରରେ ପରିଣତ କରିବା ପାଇଁ ଯୋଜନା ଆରମ୍ଭ କରିଛନ୍ତି। ଫଳରେ ପର୍ଯ୍ୟଟନ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ତେଣୁ ଜିଲା ପ୍ରଶାସନ ପକ୍ଷରୁ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ମାଇକ୍ରୋ କମ୍ପୋଷ୍ଟ ସେଣ୍ଟର ପ୍ରତିଷ୍ଠା କରାଯାଇଛି। ପ୍ରତିଦିନ ଘରଘର ବୁଲି ବର୍ଜ୍ୟବସ୍ତୁ ସଂଗ୍ରହ ସହ କିପରି ସହରରୁ ବାହାରୁଥିବା କଠିନ ବର୍ଜ୍ୟବସ୍ତୁ ଆର୍ବଜନାକୁ ପୁନଃନବୀକରଣ କରି ବ୍ୟବହାର ଉପଯୋଗୀ କରାଯାଇପାରିବ ସେନେଇ କାର୍ଯ୍ୟ କରାଯାଉଛି। ଭାରତ ସରକାରଙ୍କ ସ୍ୱଚ୍ଛ ସର୍ବେକ୍ଷଣ ତାଲିକାରେ ପୁରୀ କ୍ରମାଗତ ଭାବେ ଭଲ ପ୍ରଦର୍ଶନ କରୁଛି। ଆଗାମୀ ଦିନରେ ଶ୍ରେଷ୍ଠ ୧୦୦ ତାଲିକାରେ ପୁରୀ ରହିବ ବୋଲି ଆଶା ପ୍ରକାଶ କରୁଥିବା ସ୍ୱାଇଁ କହିଥିଲେ। ସେହିପରି ବର୍ଜ୍ୟବସ୍ତୁ ପରିଚାଳନା ନେଇ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଜିଲା ପ୍ରଶାସନ ଏବଂ ପୌରସଂସ୍ଥା ମିଳିତ ଆନୁକୂଲ୍ୟରେ ପ୍ରତ୍ୟେକ ୱାର୍ଡରେ ୱାର୍ଡ ଗ୍ରୁପ ଗଠନ କରାଯାଇଛି। ହ୍ୱାଟ୍‌ସ ଆପ୍ ମାଧ୍ୟମରେ ସେମାନଙ୍କୁ ବର୍ଜ୍ୟବସ୍ତୁ ପରିଚାଳନା ନେଇ ପରାମର୍ଶ ଦିଆଯାଉଛି। ସେହିପରି ଗୃହ ତଥା ଭିତ୍ତିଭୂମି ନିର୍ମାଣ କାର୍ଯ୍ୟରୁ ବାହାରୁଥିବା ବର୍ଜ୍ୟବସ୍ତୁକୁ ପୌରସଂସ୍ଥାକୁ ହସ୍ତାନ୍ତର କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହି ବର୍ଜ୍ୟବସ୍ତୁକୁ ପୁନଃବ୍ୟବହାର ଯୋଗ୍ୟ କରାଯାଇପାରିବ। ସେହିପରି ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁର ସୁପରିଚାଳନା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯିବା ସହ ୫୦ ମାଇକ୍ରୋନରୁ ଅଧିକ ଥିବା ପ୍ଲାଷ୍ଟିକ୍ ବ୍ୟବହାର ଉପରେ ରୋକ ଲଗାଯାଇଛି ବୋଲି ସ୍ୱାଇଁ କହିଥିଲେ। ସେହିପରି ରାଜ୍ୟ ମଡେଲ ମୁଖ୍ୟ ଲୋକନାଥ ଦାସ କାର୍ଯ୍ୟକ୍ରମରେ ଯୋଗଦେଇ ଭୁବନେଶ୍ୱର, କଟକ, ରାଉରକେଲା, ବ୍ରହ୍ମପୁର , ସମ୍ବଲପୁର ସହ ପୁରୀରେ ବର୍ଜ୍ୟବସ୍ତୁ ସୁପରିଚାଳନା ପାଇଁ ସରକାର ଗୁରୁତ୍ୱ ଦେଉଛନ୍ତି ବୋଲି କହିଥିଲେ। ସେହିଭଳି ବିଭିନ୍ନ ରାଜ୍ୟରୁ ଯୋଗଦେଇଥିବା ଅଧିକାରୀମାନେ ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କରେ ନିଜ ନିଜର ମତ ପ୍ରଦାନ କରିଥିଲେ।

## ଜେଲ ଫେରନ୍ତାଙ୍କୁ ତଣ୍ଟି ଚିପି ହତ୍ୟା

**ଭୁବନେଶ୍ୱର,୪।୩(ବ୍ୟୁରୋ):** କିଛିଦିନର ଅନ୍ତରାଳରେ ରାଜଧାନୀରେ ଆଉ ଏକ ହତ୍ୟାକାଣ୍ଡ ଘଟିଛି। ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ପଳାଶୁଣି ମୁଣ୍ଡାସାହିସ୍ଥିତ ନିର୍ମାଣାଧୀନ ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର ଭିତରେ ଜଣେ ଯୁବକଙ୍କୁ ଦୁର୍ବୃତ୍ତମାନେ ତଣ୍ଟି ଚିପି ହତ୍ୟା କରିଛନ୍ତି। ମୃତକ ହେଲେ ବିହାରର ମୁକେଶ ଚୌଧୁରୀ। ସେ ସ୍ଥାନୀୟ ଅଞ୍ଚଳରେ ଏକ ସିମେଣ୍ଟ ଗୋଦାମରେ କାମ କରୁଥିଲେ। ଦେଢ଼ବର୍ଷ ତଳେ ଏକ ବାଇକ ଚୋରି ମାମଲାରେ ଗିରଫ ହୋଇ ଜେଲ ଯାଇଥିଲେ। ତେବେ ୪ଦିନ ତଳେ ଜେଲରୁ ଫେରିଥିବାବେଳେ ହଠାତ୍ ତାଙ୍କ ହତ୍ୟାକୁ ନେଇ ନାନା ଚର୍ଚ୍ଚା ଚାଲିଛି।

## ଶରଧାବାଲି ପ୍ରାତଃ ଭ୍ରମଣକାରୀ ସମିତିର ବୈଠକ

**ପୁରୀ ଅଫିସ ୪।୩**

ଶରଧାବାଲି ପ୍ରାତଃ ଭ୍ରମଣକାରୀ ସମିତିର ବାର୍ଷିକ ସାଧାରଣ ସଭା ଶୁକ୍ରବାର ପୁରୀ ସିଦ୍ଧମହାବୀର ସମ୍ମୁଖସ୍ଥ ମଣ୍ଡପରେ ଅନୁଷ୍ଠିତ ହୋଇଛି । ଏଥିରେ ସମିତିର ସଭାପତି ଆର୍ତ୍ତତ୍ରାଣ ମାନସିଂହ ସଭାପତିତ୍ୱ କରିଥିଲେ। ସମ୍ପାଦକ ନରସିଂହ ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ। ସଭ୍ୟ ମାନଙ୍କୁ ନିୟମିତ ପ୍ରାତଃ ଭ୍ରମଣରେ ଯୋଗଦେବା ପାଇଁ କହିଥିଲେ। କୋଷାଧ୍ୟକ୍ଷ କୈଳାସ ଚନ୍ଦ୍ର ମହାନ୍ତି ଆୟବ୍ୟୟ ଉପସ୍ଥାପନ କରିଥିଲେ । ଉପ ସଭାପତି ପ୍ରାବନ୍ଧିକ ସତ୍ୟ ନାରାୟଣ ମିଶ୍ର ସଂଘ ତରଫରୁ ଜରାଶ୍ରମ ବାସିନ୍ଦାଙ୍କୁ ଗୋଟିଏ ଦିନ ମଧ୍ୟାହ୍ନ ଭୋଜନ ଦେବା ପାଇଁ ପ୍ରସ୍ତାବ ଦେଇଥିଲେ। ଯାହା ସର୍ବସମ୍ମତି କ୍ରମେ ଗୃହୀତ ହୋଇଥିଲା । ଏହି ଅବସରରେ ବରିଷ୍ଠତା ଦୃଷ୍ଟିରୁ ସମିତିର ସଭ୍ୟ ନାରାୟଣ ଶତପଥିଙ୍କୁ ଚଳିତବର୍ଷ ପାଇଁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ସଭାପତି ପଲ୍ଲୀପ୍ରାଣ ଆର୍ତ୍ତତ୍ରାଣ ମାନସିଂହ କବିତା ଆବୃତ୍ତି କରାଯାଇଥିଲା । କାର୍ଯ୍ୟକ୍ରମରେ ହରିହର ମହାନ୍ତି, ଗୋଲକ ବିହାରୀ ଧଳ, ବୈଦନାଥ ଦତ୍ତ, ବିଜୟ ମହାନ୍ତିଙ୍କ ସମେତ ୪୦ ଜଣ ସଦସ୍ୟ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

## ବିଏସ୍ଏଫ୍ ଯବାନଙ୍କ ଶେଷକୃତ୍ୟ ସମ୍ପନ୍ନ

**କଣାସ,୪।୩(ସ୍ୱ.ପ୍ର.):** କଣାସ ବ୍ଲକ ଅନ୍ତର୍ଗତ ବାଲିପାଟଣା ଗ୍ରାମର ବିଏସ୍ଏଫ ଯବାନ ଗଦାଧର ବେହେରାଙ୍କ ଗତ ୧ ତାରିଖ ରାତିରେ କାର୍ଯ୍ୟରତ ବେଳେ ମୃତ୍ୟୁ ହୋଇଥିଲା। ଶୁକ୍ରବାର ତାଙ୍କ ମରଶରୀରକୁ ୨୦ରୁ ଊର୍ଦ୍ଧ୍ୱ ବିଏସ୍ଏଫ୍ ଯବାନଙ୍କ ଗହଣରେ ବାଲିପାଟଣା ଗ୍ରାମକୁ ଅଣାଯାଇଥିଲା। ପରିବାର ଲୋକେ ଓ ସମ୍ପର୍କୀୟ ଶେଷ ଦର୍ଶନ କରିବା ପରେ ଗ୍ରାମ ଶ୍ମଶାନକୁ ନିଆଯାଇଥିଲା। ୨୭ ତୋପ ସଲାମି ଦିଆଯିବା ପରେ ଅନ୍ତିମ ସତ୍କାର କରାଯାଇଥିଲା।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଭାଗ୍ୟଶ୍ରୀ



@ ଲିଜା



@ ଲିପି



@ ନିର୍ମଳ



@ ଶୁଭ୍ରାଂଶୁ



@ ରାଣୀ

## ନାବାଳିକାଙ୍କ ଅଶ୍ଳୀଳ ଫଟୋ ଭାଇରାଲ ଧମକ, ଅଭିଯୁକ୍ତ ଗିରଫ

**ଗୋପ,୪।୩(ଡି.ଏନ୍.ଏ.):** ନାବାଳିକାଙ୍କୁ ମିଥ୍ୟା ପ୍ରଲୋଭନ ଦେଖାଇ ଶାରୀରିକ ସମ୍ପର୍କ ରଖିବା ସହ ଅଶ୍ଳୀଳ ଫଟୋ ଭାଇରାଲ ଧମକ ଦେବା ଅଭିଯୋଗରେ ପୁରୀ ଜିଲା ଗୋପ ଥାନା ପୋଲିସ ଯାଜପୁର ଅଞ୍ଚଳରୁ ଜଣେ ଯୁବକଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ଖୋର୍ଦ୍ଧା ଜିଲା ବାଲିଅନ୍ତା ଥାନା ଅଞ୍ଚଳର ସଚ୍ଚିଦାନନ୍ଦ ଦାସ(୨୪)। ଏନେଇ ଥାନାରେ ମାମଲା (ନଂ.୫୨/୨୨)ରୁଜୁ ହୋଇଛି। ସୂଚନା ମୁତାବକ, ୨୦୨୦ ମସିହାରୁ ସଚ୍ଚିଦାନନ୍ଦ ମୋବାଇଲ ଫୋନରେ ଗୋପ ଥାନା ଅଞ୍ଚଳର ସମ୍ପୃକ୍ତ ନାବାଳିକାଙ୍କୁ ଫୋନ କରୁଥିଲେ। ପରେ ନାବାଳିକାଙ୍କୁ ବିବାହର ମିଥ୍ୟା ପ୍ରଲୋଭନ ଦେଖାଇ ଶାରୀରିକ ସମ୍ପର୍କ ରଖିଥିଲେ। ଏଥିସହ ଭିଡିଓ କଲିଂରେ ନାବାଳିକାଙ୍କ ଅଶ୍ଳୀଳ ଫଟୋ ଉଠାଇବା ପରେ ଧମକ ଦେଇଥିଲେ। ଏନେଇ ନାବାଳିକା ଜଣକ ପରିବାର ଲୋକଙ୍କୁ ଜଣାଇବା ସହ ଗତ ଫେବୃୟାରୀ ୧୨ରେ ଥାନାରେ ଅଭିଯୋଗ କରିଥିଲେ। ଥାନା ଅଧିକାରୀ କାଳନ୍ଦୀ ବେହେରା ଅଭିଯୁକ୍ତଙ୍କ ମୋବାଇଲ ଟ୍ରାକିଂ କରି ଧରିଥିଲେ।



ପୁରୀ ହଲିଡେ ରିସର୍ଟରେ ଶୁକ୍ରବାର ନୀତି ଆୟୋଗ ପକ୍ଷରୁ ପ୍ଲାଷ୍ଟିକ୍ ଓ ବର୍ଜ୍ୟବସ୍ତୁ ପରିଚାଳନା ସଂକ୍ରାନ୍ତ ସଚେତନତା କର୍ମଶାଳାରେ ଯୋଗଦେଇଥିବା ଅଧିକାରୀମାନେ।



ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଉପଲକ୍ଷେ କଟକ ବିଜୁ ପଟ୍ଟନାୟକ ଛକସ୍ଥିତ ଆନନ୍ଦ ଭବନ ସଂଗ୍ରହାଳୟ ଓ ଅଧ୍ୟୟନ କେନ୍ଦ୍ରକୁ ଆଲୋକମାଳାରେ ସଜ୍ଜିତ କରାଯାଇଛି।




ଖୋର୍ଦ୍ଧାରୋଡ୍ (ଜଟଣୀ) ରେଳ ମଣ୍ଡଳ ପ୍ରବନ୍ଧକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ରେଳ ଶ୍ରମିକ ୟୁନିୟନ ପକ୍ଷରୁ ୧୩ ଦଫା ଦାବିରେ ଧାରଣା ଦିଆଯାଇଛି।

## ଶିଶୁକନ୍ୟାଙ୍କୁ ବଳାତ୍କାର ଘଟଣା: ଅଭିଯୁକ୍ତ ଗିରଫ

ଟିଗିରିଆ,(ଡି.ଏନ୍.ଏ.): ଟିଗିରିଆ ଥାନା ଅଞ୍ଚଳରେ ଜଣେ ୫ବର୍ଷର ଶିଶୁକନ୍ୟାଙ୍କୁ ବଳାତ୍କାର କରିବା ଅଭିଯୋଗରେ ଶୁକ୍ରବାର ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ସେ ହେଲେ ଏହି ଥାନା ଅଞ୍ଚଳର ଗଗନ ନାଏକ। ଏଥିସହ ଶିଶୁକନ୍ୟା ଏବଂ ଅଭିଯୁକ୍ତଙ୍କ ଡାକ୍ତରୀ ପରୀକ୍ଷା କରାଯାଇଛି। ପୀଡ଼ିତା ମା'ଙ୍କ ଅଭିଯୋଗ ଅନୁଯାୟୀ, ଗଗନ ଫେବୃୟାରୀ ୨୧ରେ ଉକ୍ତ ଶିଶୁ କନ୍ୟାଙ୍କୁ ଘରୁ ଡାକିନେଇଥିଲେ। ନିକଟରେ ବନ୍ଦ ହୋଇ ରହିଥିବା ସୂତା କଳ ପରିସରରୁ କୋଳି ଆଣିବାକୁ କହି ଗଗନ ତା'ସହ ବଳାତ୍କାର କରିଥିଲେ। ପୀଡ଼ିତାଙ୍କ ମା' ଏହା ଜାଣିବା ପରେ ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତି କରି ଥାନାରେ ମାମଲା (ନଂ. ୪୨/୨୨) ରୁଜୁ କରାଯାଇ ତଦନ୍ତ ଜାରି ରହିଥିଲା ବୋଲି ଥାନା ଆଇଆଇସି ସୁଚିତ୍ରା ଜେନା କହିଛନ୍ତି।

## ଆଜି କ'ଣ କେଉଁଠି

କଟକ

- ଓଡ଼ିଶା ଜୁଡିସିଆଲ ଏକାଡେମୀ ଓ ମହିଳା ଓ ଶିଶୁ ବିକାଶ ବିଭାଗ ମିଳିତ ଆନୁକୂଲ୍ୟରେ ଶିଶୁ ଯୌନ ସୁରକ୍ଷା ସମ୍ପର୍କିତ କର୍ମଶାଳା, ଓଡ଼ିଶା ଜୁଡିସିଆଲ ଏକାଡେମୀ, ସକାଳ ୯ଟା ୩୦।
- ଓଡ଼ିଶା ଉର୍ଦ୍ଦୁ ଏକାଡେମୀ ପକ୍ଷରୁ ଦୁଇ ଦିବସୀୟ ତ୍ରିଭାଷୀ ଜାତୀୟସ୍ତରୀୟ ଆଲୋଚନାଚକ୍ର, ରେଭେନ୍ସା ବିଶ୍ୱବିଦ୍ୟାଳୟ, ପୂର୍ବାହ୍ନ ୧୦ଟା।
- ୧୮ତମ ଉଦ୍ୟୋଗୀ ସପ୍ତାହ, ସମ୍ମିଳନୀ କକ୍ଷ, ଓଡ଼ିଶା ଶିଳ୍ପ ମହାସଂଘ,ଜଗତପୁର ଶିଳ୍ପାଞ୍ଚଳ, ସନ୍ଧ୍ୟା ୫ଟା।
- ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ପାଲା ମହୋତ୍ସବ, ଶ୍ରୀରାମଚନ୍ଦ୍ର ଭବନ,ସନ୍ଧ୍ୟା ୬ଟା।

# ୨୨ ସୁନାଚେନ୍, ୨ ବାଇକ୍ ଜବତ: ୩ ଗିରଫ

କଟକ ଅଫିସ,୪।୩


ଗିରଫ ୩ ଅଭିଯୁକ୍ତ।


ଜବତ ସୁନା ଚେନ୍।

ସୁନାଚେନ୍ ଲୁଟ୍ ଘଟଣାରେ ଏକ ଛିନ୍ତାଇ ଗ୍ୟାଙ୍ଗର ୩ ଜଣଙ୍କୁ ଚୌଦ୍ୱାର ପୋଲିସ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ବାରଙ୍ଗ ଥାନା ଅନ୍ତର୍ଗତ ଜୟପୁର ଗ୍ରାମର ସୁବ୍ରତ ଭଟ୍ଟ(୩୧), ଗୋଠପୁର ଗ୍ରାମର ଦେବାଶିଷ ସ୍ୱାଇଁ(୨୫) ଓ ମହାରାଷ୍ଟ୍ର ସତାରା ଜିଲା ସେହେନାବାଡି ଗ୍ରାମର ଶୁଭମ୍ କୋକଟେ(୨୩)। ସେମାନଙ୍କ ନିକଟରୁ ୨୨ଟି ସୁନାଚେନ୍ ଓ ୨ଟି ବାଇକ୍ ଜବତ କରାଯାଇଥିବା କଟକ ଡିସିପିଙ୍କ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଡିସିପି ପ୍ରତୀକ୍ ସିଂ ସୂଚନା ଦେଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଗତ ୨୨ ତାରିଖ ପୂର୍ବାହ୍ନରେ ମଧୁପାଟଣା ଥାନା ନୟାବଜାର ସାର୍ତ୍ତୋଳ ଅଞ୍ଚଳର ଅନ୍ନପୂର୍ଣ୍ଣା ପ୍ରଧାନ(୫୩) ତାଙ୍କ ପୁଅ ସହିତ ବାଇକ୍‌ରେ ଚୌଦ୍ୱାର ଅଭିମୁଖେ ଯାଉଥିଲେ। ଏହି ସମୟରେ ମହାନଦୀର ମଧୁସୂଦନ ସେତୁ ନିକଟରେ ୨ ଜଣ ଦୁର୍ବୃତ୍ତ ଅନ୍ନପୂର୍ଣ୍ଣାଙ୍କ ବେକରୁ ସୁନାଚେନ୍ ଲୁଟି ନେଇ ବାଇକ୍‌ରେ ଫେରାର ହୋଇଯାଇଥିଲେ। ଏ ନେଇ ଅନ୍ନପୂର୍ଣ୍ଣା ଚୌଦ୍ୱାର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୮୮/୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପରେ ସିସିଟିଭି ଫୁଟେଜ ଆଧାରରେ ଦୁର୍ବୃତ୍ତଙ୍କୁ ଚିହ୍ନଟ କରିଥିଲା। ଏହାପରେ ବିରୂପା ବ୍ୟାରେଜ୍ ନିକଟରେ ଚୌଦ୍ୱାର ପୋଲିସ ଦୁର୍ବୃତ୍ତଙ୍କୁ କାବୁ କରିଥିଲା। ସୁବ୍ରତ ଓ ତାଙ୍କ ଗ୍ୟାଙ୍ଗ ସୁନା ଅଳଙ୍କାର ଲୁଟ୍ କରି ଦେବାଶିଷ ଏବଂ ଶୁଭମ୍‌ଙ୍କୁ ଦେଉଥିଲେ। ଏମାନେ ଉକ୍ତ ଅଳଙ୍କାରକୁ ତରଳେଇ ମାର୍କେଟରେ ବିକ୍ରି କରୁଥିଲେ। ଏମାନଙ୍କ ଯୋଗାଯୋଗରେ କେତେଜଣ ସୁନା ଦୋକାନୀ ଅଛନ୍ତି। ସେମାନଙ୍କୁ ଆଗାମୀ ଦିନରେ ଗିରଫ କରାଯିବ। ଏହି ଗ୍ୟାଙ୍ଗର ମୁଖ୍ୟ ସୁବ୍ରତଙ୍କ ନାଁରେ ଚୌଦ୍ୱାର, କଟକ, ଭୁବନେଶ୍ୱର ସମେତ ବହୁ ଥାନାରେ ୩୩ଟି ଓ ଶୁଭମ୍‌ଙ୍କ ନାଁରେ ୨୧ଟି ମାମଲା ରହିଥିବା ଡିସିପି କହିଛନ୍ତି।

## ନାଏବ ସରପଞ୍ଚ ନିର୍ବାଚନ ସଂକ୍ରାନ୍ତରେ ସ୍ପଷ୍ଟୀକରଣ

କଟକ ସଦର,୪।୩(ଡି.ଏନ୍.ଏ.): ରାଜ୍ୟର ପଞ୍ଚାୟତ କାର୍ଯ୍ୟାଳୟଗୁଡିକରେ ଆସନ୍ତା ୧୧ ତାରିଖରେ ନାଏବ ସରପଞ୍ଚ ନିର୍ବାଚନ ହେବ। ଏହାକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିଲା। ପୁରୁଷ ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ ଉକ୍ତ ପଞ୍ଚାୟତରେ ଜଣେ ୱାର୍ଡସଭ୍ୟା ନାଏବ ସରପଞ୍ଚ ନିର୍ବାଚିତ ହେବେ। ମାତ୍ର ଯେଉଁଠାରେ ମହିଳା ସରପଞ୍ଚ ରହିଛନ୍ତି ସେଠାରେ ଜଣେ ପୁରୁଷ ୱାର୍ଡସଭ୍ୟ ଭାବେ ନିର୍ବାଚିତ ହେବେ ବୋଲି କଟକ ସଦର ବ୍ଲକ ୧୨ଟି ପଞ୍ଚାୟତରେ ଆଲୋଚନା ଜୋର୍ ଧରିଥିଲା। ହେଲେ ଏ ସଂକ୍ରାନ୍ତରେ ରାଜ୍ୟ ପଞ୍ଚାୟତିରାଜ ବିଭାଗ ପତ୍ରସଂଖ୍ୟା ୬୯୭୪/୨୪।୪।୨୦୧୭ରେ ଏକ ସ୍ପଷ୍ଟୀକରଣ ଦେଇଥିଲେ। ଓଡ଼ିଶା ଗ୍ରାମପଞ୍ଚାୟତ ଆଇନ ୧୯୬୪, ଧାରା ୧୪(୧)ରେ ନାଏବ ସରପଞ୍ଚ ନିର୍ବାଚନ ସଂକ୍ରାନ୍ତରେ ଉଲ୍ଲେଖ ରହିଛି। ଯେଉଁ ପଞ୍ଚାୟତରେ ପୁରୁଷ ସରପଞ୍ଚ ନିର୍ବାଚିତ କିମ୍ବା ମନୋନୀତ ହୋଇଥିବେ ସେହି ପଞ୍ଚାୟତରେ ନାଏବ ସରପଞ୍ଚ ଜଣେ ମହିଳା ହେବା ବାଧ୍ୟତାମୂଳକ। ଯେଉଁ ସ୍ଥାନରେ ମହିଳା ସରପଞ୍ଚ ଭାବେ ନିର୍ବାଚିତ ହୋଇଥିବେ ସେହି ପଞ୍ଚାୟତରେ ଜଣେ ପୁରୁଷ ନାଏବ ସରପଞ୍ଚ ସମ୍ପର୍କରେ ଆଇନ୍‌ରେ ଉଲ୍ଲେଖ ନାହିଁ। ଏଭଳି ପରିସ୍ଥିତିରେ ମହିଳା ସରପଞ୍ଚ ହୋଇଥିବା ପଞ୍ଚାୟତରେ ନାଏବ ସରପଞ୍ଚ ପୁରୁଷ କିମ୍ବା ମହିଳା ହେବେ ତାହାର ନିର୍ଣ୍ଣୟ ୱାର୍ଡ଼ ସଭ୍ୟାସଭ୍ୟମାନେ କରିବେ। ଉକ୍ତ ଆଇନକୁ ବିଚାର କଲେ ମହିଳା ସରପଞ୍ଚଙ୍କ କ୍ଷେତ୍ରରେ ନାଏବ ସରପଞ୍ଚ ପୁରୁଷ ହେବା ବାଧ୍ୟତାମୂଳକ ନୁହେଁ।

## ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା

ଟିଗିରିଆ,୪।୩ (ଡି.ଏନ୍.ଏ.): ଟିଗିରିଆ ବ୍ଲକରେ ଶୁକ୍ରବାର ଆଦର୍ଶ ବିଦ୍ୟାଳୟ ପାଇଁ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ବ୍ଲକରେ ଆଗାମୀ ଶିକ୍ଷା ବର୍ଷରୁ ଆଦର୍ଶ ବିଦ୍ୟାଳୟ ଖୋଲୁଛି। ପ୍ରଥମେ ୬ଷ୍ଠ ଶ୍ରେଣୀ ଖୋଲୁଥିବାରୁ ଏହି ଶ୍ରେଣୀ ପାଇଁ ପଞ୍ଚମ ଶ୍ରେଣୀରେ ଅଧ୍ୟୟନରତ ୨୫୩ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ବ୍ଲକର ୨ଟି ପରୀକ୍ଷା କେନ୍ଦ୍ର ଯଥା ପବିତ୍ର ମୋହନ ବିଦ୍ୟାପୀଠରେ ୧୭୦ ଏବଂ ଟିଗିରିଆ ବାଳିକା ଉଚ୍ଚ ବିଦ୍ୟାଳୟରେ ୮୩ ଜଣ ପରୀକ୍ଷା ଦେଇଛନ୍ତି। ତେବେ ୧୪ଜଣ ଏହି ପରୀକ୍ଷାରେ ଅନୁପସ୍ଥିତ ଥିବା ଜଣାପଡ଼ିଛି। ଅନ୍ୟ ବ୍ଲକରେ ଥିବା ଆଦର୍ଶ ବିଦ୍ୟାଳୟରେ ପଢ଼ିବା ପାଇଁ ମଧ ଟିଗିରିଆର ଛାତୀଛାତ୍ରମାନେ ପରୀକ୍ଷା ଦେଇଥିଲେ। ସପ୍ତମ ଶ୍ରେଣୀରେ ପଢ଼ିବା ପାଇଁ ୩୮ ଜଣ ଆବେଦନ କରିଥିବା ବେଳେ ୩୦ ଜଣ ପ୍ରବେଶିକା ପରୀକ୍ଷା ଦେଇଥିଲେ। ସେହିପରି ଅଷ୍ଟମରେ ୨୦ ଜଣ ଆବେଦନକାରୀଙ୍କୁ ମଧ୍ୟରୁ ୧୫ ଓ ନବମରେ ୪ ଜଣ ଏହି ପରୀକ୍ଷା ଦେଇଥିଲେ। ଟିଗିରିଆ ବ୍ଲକ ଶିକ୍ଷା ଅଧିକାରୀ ପ୍ରିୟରଞ୍ଜନ ହୋତା, ସହ ଶିକ୍ଷା ଅଧିକାରୀ ରସାନନ୍ଦ ଲେଙ୍କା ଏବଂ ତହସିଲଦାର ପ୍ରମୋଦ କୁମାର ବାସ୍କେ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିଲେ।



ପୁରୀ ସଂସ୍କୃତି ଭବନରେ ଶୁକ୍ରବାର ଲଳିତ କଳା ଏକାଡେମୀ ଏବଂ ଜିଲା ପ୍ରଶାସନ ସହଯୋଗରେ ଆୟୋଜିତ ମହିଳା ଚିତ୍ରକଳା ଶିବିର।

## ବାପଘରୁ ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

**ଆପରାଧିକ ମାମଲାରେ ପଶ୍ଚିମବଙ୍ଗ ଜେଲରେ ସ୍ୱାମୀ**

ଆଠଗଡ,୪।୩(ସ୍ୱ.ପ୍ର.)

ଆପରାଧିକ ମାମଲାରେ ସ୍ୱାମୀ ବାହାର ରାଜ୍ୟର ଜେଲରେ ଥିବାବେଳେ ଶୁକ୍ରବାର ବାପ ଘରୁ ସ୍ତ୍ରୀଙ୍କ ଝୁଲନ୍ତା ମୃତଦେହ ମିଳିଛି। ଏପରି ଘଟଣା ଘଟିଛି କଟକ ଜିଲା ଆଠଗଡ ଥାନା ଅନ୍ତର୍ଗତ ନୂଆବନ୍ଧ ଗ୍ରାମରେ। ଯାଜପୁର ଜିଲା ପାଣିକୋଇଲି ଥାନା ଅନ୍ତର୍ଗତ ବାଗିରିଆ ଗ୍ରାମର ରଞ୍ଜନ କୁମାର ଧଳଙ୍କ ସହ ନୂଆବନ୍ଧ ଗ୍ରାମର ରବୀନ୍ଦ୍ର ପ୍ରାଧନଙ୍କ ଝିଅ ଚିନୁ ପ୍ରଧାନ (୩୨)ଙ୍କ ୩ ବର୍ଷ ତଳେ ବୈଦିକ ରୀତିରେ ବିବାହ ହୋଇଥିଲା। କିଛିଦିନ ହେବ ରଞ୍ଜନ କୌଣସି ଆପରାଧିକ ମାମଲାରେ ପଶ୍ଚିମବଙ୍ଗର ଏକ ଜେଲରେ ବିଚାରାଧୀନ କଏଦୀ ଭାବେ ଦିନ ବିତାଉଛନ୍ତି। ଏନେଇ ଚିନୁ ମାନସିକସ୍ତରରେ ଭାଙ୍ଗି ପଡ଼ିଥିଲେ। ସେ ୨୦ ଦିନ ହେବ ତାଙ୍କ ବାପଘରକୁ ଚାଲି ଆସିଥିଲେ। ସକାଳେ ଝିଅ ଫ୍ୟାନରେ ଝୁଲୁଥିବା ଦେଖି ପରିବାର ଲୋକେ ପୋଲିସକୁ ଜଣାଇଥିଲେ। ଚିନୁ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଥିବା ନେଇ ଚର୍ଚ୍ଚା ହେଉଛି। ଖବରପାଇ ଆଠଗଡ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

# ପୌର ନିର୍ବାଚନ ପାଇଁ ବଦଳିଲା ହୋଲି ପରମ୍ପରା

ଆଠଗଡ,୪।୩ (ସ୍ୱ.ପ୍ର.)

ଆଠଗଡ଼ର ପାରମ୍ପରିକ ହୋଲି ଉତ୍ସବ ପୌର ନିର୍ବାଚନ ପାଇଁ ବଦଳିଯାଇଛି। ରାଜାରାଜୁଡା ଅମଳରୁ ପଞ୍ଚୁଦୋଳବାସୀ ଦିନ ହୋଲି ଖେଳ ହେଉଥିବା ବେଳେ ଏଥର ସାର୍ବଜନୀନ ହୋଲି ଉତ୍ସବରେ ଖେଳିବାକୁ ଆଠଗଡ଼ ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଛି। ପଞ୍ଚୁଦୋଳ ପରଦିନ ନିର୍ବାଚନ ଥିବାରୁ ଏଭଳି ନିଷ୍ପତ୍ତି ନିଆଯାଇଛି। ଆଠଗଡ ଗଡ଼ଜାତର ଦୋଳ ଉତ୍ସବ ଫଗୁଦଶମୀ ଠାରୁ ଆରମ୍ଭ ହୋଇ ବାରୁଣୀ ସ୍ନାନ ପର୍ଯ୍ୟନ୍ତ ଚାଲିଥାଏ। ପଞ୍ଚୁଦୋଳରେ ମେଲଣ ଉତ୍ସବ ଓ ଏହାର ପରଦିନ ହୋଲି ଖେଳ ହୋଇଥାଏ। ଫଗୁ ଦଶମୀ, ରାଜଦୋଳ ଏବଂ ପଞ୍ଚୁଦୋଳକୁ ରାଜାଘର ପର୍ବ ଭାବେ ଆଠଗଡ ପ୍ରଶାସନ ପକ୍ଷରୁ ପ୍ରତିବର୍ଷ ପାରମ୍ପରିକ ଭାବେ ପାଳନ କରାଯାଇଥାଏ। ତେବେ ଏଥର ହୋଲି ପରମ୍ପରାକୁ ବଦଳାଇବାକୁ ସ୍ଥିର କରାଯାଇଥିବା ବେଳେ ଦୋଳ ଓ ମେଲଣ ଉତ୍ସବରେ କୌଣସି ପରିବର୍ତ୍ତନ ହୋଇନାହିଁ। ପଞ୍ଚୁଦୋଳ ଦିନ ଅର୍ଥାତ୍ ୨୩ ତାରିଖରେ ଆଠଗଡର ଶ୍ରୀ ଶ୍ରୀ ରାଧାଗୋବିନ୍ଦ ଜୀଉଙ୍କ ମେଲଣ ପଡିଆରେ ମେଲଣ ଅନୁଷ୍ଠିତ ହେବ। ପରଦିନ ସକାଳ ୭ ଟା ମଧ୍ୟରେ ସବୁ ଦିଅଁଙ୍କୁ ପାରମ୍ପରିକ ମେଲାଣି ଦିଆଯିବ। ପରମ୍ପରା ଅନୁଯାୟୀ, ନିମନ୍ତ୍ରିତ ଦିଅଁଙ୍କୁ ଚାଚେରି ଭୋଗ ଖୁଆଯିବା ସହ ଅନ୍ୟାନ୍ୟ ନୀତିକାନ୍ତି ପାଳନ କରାଯିବ। ଏହାପରେ ନିର୍ବାଚନ କାର୍ଯ୍ୟ ତ୍ୱରାନ୍ୱିତ ହେବ। ଏନେଇ ଶୁକ୍ରବାର ଆଠଗଡ ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ସ୍ୱତନ୍ତ୍ର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଠଗଡ ଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ବିଜୟ ବିଶି, ବାମଦେବ ସ୍ୱାଇଁ ଓ ଅଲେଖ ଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ୩ ଦିନ ପରେ ଧରାପଡ଼ିଲା କୁମ୍ଭୀର

- ବାଟବଣା ହୋଇ ପୁରୀ କେନାଲକୁ ଚାଲି ଆସିଥିଲା
- ୧ ଘଣ୍ଟାର ପରିଶ୍ରମ ପରେ ମିଳିଲା ସଫଳତା

ବାଲିଅନ୍ତା/ବାରଙ୍ଗ,୪।୩(ଡି.ଏନ୍.ଏ.)



ରାଜଧାନୀ ଉପକଣ୍ଠ ପାହାଲ ଥାନା ଅଧୀନ ନହରକଣ୍ଟା ନିକଟ ପୁରୀ ମୁଖ୍ୟ କେନାଲରୁ ୩ଦିନ ପରେ ଅର୍ଥାତ୍ ଶୁକ୍ରବାର ବନ ବିଭାଗ ଓ ନନ୍ଦନକାନନ କର୍ମଚାରୀଙ୍କ ମିଳିତ ଉଦ୍ୟମରେ ଏକ ଘଡ଼ିଆଳ କୁମ୍ଭୀରକୁ ଉଦ୍ଧାର କରାଯାଇଛି। ଏହାର ଲମ୍ବ ପ୍ରାୟ ୧୨ଫୁଟ। କୁମ୍ଭୀରକୁ ଏକ ଅଟୋରେ ନନ୍ଦନକାନନକୁ ନିଆଯାଇ ସ୍ୱତନ୍ତ୍ର ଘଡ଼ିଅଳ କୁମ୍ଭୀର ଟାଙ୍କିରେ ଛଡ଼ାଯାଇଛି। ୭ଦିନ ନନ୍ଦନକାନନ ବନ୍ୟପ୍ରାଣୀ ଚିକିତ୍ସକଙ୍କ ନଜରରେ ରହିବା ପରେ ମହାନଦୀରେ ଛଡ଼ାଯିବ ବୋଲି ନନ୍ଦନକାନନ କର୍ତ୍ତୃପକ୍ଷ କହିଛନ୍ତି।

ସୂଚନା ମୁତାବକ, ନନ୍ଦନକାନନ କର୍ତ୍ତୃପକ୍ଷଙ୍କ ପକ୍ଷରୁ ମହାନଦୀରେ ୪ଟି କୁମ୍ଭୀର ଛଡ଼ାଯାଇଥିଲା। ଏମାନଙ୍କ ଗତିବିଧି ଉପରେ ନଜର ରଖିବା ପାଇଁ ଟ୍ରାନ୍ସମିଟର ଚିପ୍ ଖଞ୍ଜାଯାଇଥିଲା। ତେବେ ସେଥିରୁ ଏକ କୁମ୍ଭୀର ବାଟବଣା ହୋଇ ମୁଣ୍ଡଳୀ ଦେଇ ପୁରୀ ମୁଖ୍ୟ କେନାଲକୁ ପଶି ଆସିଥିଲା। ଗତ ୩ଦିନ ହେବ ଉକ୍ତ କେନାଲରେ ବିଚରଣ କରୁଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ବାରଙ୍ଗ, ନୂଆପାଟଣା ଆଦି ଗ୍ରାମ ନିକଟ କେନାଲରେ କୁମ୍ଭୀର ଥିବା ନେଇ ଲୋକେ ବନ ବିଭାଗକୁ ଜଣାଇଥିଲେ। କୁମ୍ଭୀରକୁ ଧରିବା ପାଇଁ ବନ ବିଭାଗ ଦୁଇଥର ଉଦ୍ୟମ କରି ବିଫଳ ହୋଇଥିଲା। ତେବେ ଶୁକ୍ରବାର ସକାଳ ୬ଟାରେ ନହରକଣ୍ଟା ଗ୍ରାମ ନିକଟରେ କୁମ୍ଭୀର କୂଳରେ ଥିବା ଲୋକେ ଦେଖିବାକୁ ପାଇଥିଲେ। ଏହି ଖବର ପ୍ରଚାରିତ ହେବା ପରେ କୁମ୍ଭୀରକୁ ଦେଖିବା ପାଇଁ କେନାଲର ଉଭୟ ପାର୍ଶ୍ୱରେ ଶତାଧିକ ଲୋକ ଜମା ହୋଇଯାଇଥିଲେ। କେନାଲରେ କମ୍ ପାଣି ଥିବାରୁ କୁମ୍ଭୀର କେଉଁଆଡ଼େ ଯାଇ ନ ପାରି କୂଳରେ ବୁଲିବା ଯୋଗୁ ଲୋକେ ଭୟଭୀତ ହୋଇପଡ଼ିଥିଲେ। ସ୍ଥାନୀୟ ସାମାଜିକ କର୍ମୀ ସ୍ୱାକ୍ଷର ରଞ୍ଜନ ମହାନ୍ତି, ଦୀପକ କୁମାର ସାମନ୍ତରାୟ ପ୍ରମୁଖ ସିଟି ଫରେଷ୍ଟ ବିଭାଗକୁ ଘଟଣା ସମ୍ପର୍କରେ ଜଣାଇଥିଲେ। ସିଟି ଡିଭିଜନର ଡିଏଫ୍‌ଓଙ୍କ ନିର୍ଦ୍ଦେଶକ୍ରମେ ଏସିଏଫ୍ ବିଜୟ କୁମାର ପରିଡ଼ା ଓ ଅନନ୍ତ କୁମାର ପ୍ରଧାନଙ୍କ ନେତୃତ୍ୱରେ ୧୨ଜଣିଆ ଟିମ୍ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଥିଲେ। ନନ୍ଦନକାନନରୁ ଜାଲ ନେଇ ଆସିଥିବା କର୍ମଚାରୀ କେନାଲରେ ପଶି ଜାଲ ବିଛାଇ ଥିଲେ। ପ୍ରାୟ ୧ଘଣ୍ଟାର ପରିଶ୍ରମ ପରେ କୁମ୍ଭୀରଟିକୁ ପାଣିରୁ ଉଦ୍ଧାର କରାଯାଇଥିଲା। ଏଥିରେ ବାଲିପାଟଣା ଫରେଷ୍ଟ ରେଞ୍ଜ କର୍ମଚାରୀ ଓ ନହରକଣ୍ଟାର କେତେଜଣ ଯୁବକ ସହଯୋଗ କରିଥିଲେ। କୁମ୍ଭୀରଟିକୁ ଦେଖିବା ପାଇଁ ୧୬ନଂ. ଜାତୀୟ ରାଜପଥର କେନାଲ ବ୍ରିଜ୍ ଲୋକାରଣ୍ୟ ହୋଇପଡ଼ିଥିଲା। ପୋଲିସ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲା।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଭାଗ୍ୟଶ୍ରୀ


@ ଲିଜା


@ ଲିପି


@ ନିର୍ମଳ


@ ଶୁଭାଂଶୁ


@ ରାଣୀ

## ଚୌଦ୍ୱାର ପୌରପାଳିକାରେ ପ୍ରାର୍ଥୀପତ୍ର ଦାଖଲ ଆରମ୍ଭ

ଚୌଦ୍ୱାର,୪।୩(ଡି.ଏନ୍.ଏ.)

ଚୌଦ୍ୱାର ପୌରପାଳିକାରେ କଂଗ୍ରେସ ପକ୍ଷରୁ ପ୍ରାର୍ଥୀପତ୍ର ଦାଖଲ କରାଯାଇଛି। ଅଧ୍ୟକ୍ଷା ପଦ ପାଇଁ ଦଳ ପକ୍ଷରୁ ମୋନାଲିସା ଦାସ ପ୍ରାର୍ଥୀପତ୍ର ଦାଖଲ କରିଥିବାବେଳେ ୧୯ ନମ୍ବର ୱାର୍ଡ଼ ପାଇଁ ରାଜୀବ ମହାନ୍ତି, ୧୫ ନମ୍ବର ପାଇଁ ଦିଲ୍ଲୀପ କୁମାର ଭୂୟାଁ ଓ ତାଙ୍କ ସ୍ତ୍ରୀ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ତେବେ ଅନ୍ୟ ଦଳ ପକ୍ଷରୁ ଏପର୍ଯ୍ୟନ୍ତ କେହି ପ୍ରାର୍ଥୀପତ୍ର ଦାଖଲ କରି ନ ଥିବା ଜଣାପଡ଼ିଛି। ଏପର୍ଯ୍ୟନ୍ତ କାଉନସିଲର ପାଇଁ ୮୨ ଓ ଅଧ୍ୟକ୍ଷ ପଦ ପାଇଁ ୧୪ଟି ଫର୍ମ ବିକ୍ରି ହୋଇଥିବା ପୌର ନିର୍ବାହୀ ଅଧିକାରୀ ତଥା ନିର୍ବାଚନ ଅଧିକାରୀ ପବିତ୍ର ବେହେରା କହିଛନ୍ତି। ନିର୍ବାଚନ ପାଇଁ ଦଳୀୟ ଟିକେଟ ହାତେଇବା ଲାଗି ବିଜେଡ଼ିରେ ଆଶାୟୀମାନଙ୍କ ମଧ୍ୟରେ ଏକ ପ୍ରକାର ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି। ପ୍ରତି ୱାର୍ଡ଼ ପାଇଁ ୫ରୁ ୧୦ ଜଣ ଆଶାୟୀ ଦଳର ପ୍ରମୁଖ କର୍ମକର୍ତ୍ତାମାନଙ୍କ ନିକଟରେ ଭିଡ ଜମାଉଥିବାରୁ ଚୌଦ୍ୱାର ବିଜେଡିର ମଙ୍ଗ ଧରିଥିବା ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି। ଆଶାୟୀ ଓ ୱାର୍ଡ଼ବାସୀଙ୍କୁ ବୁଝାଇ ପ୍ରତି ୱାର୍ଡ଼ରୁ ସର୍ବସମ୍ମତ ପ୍ରାର୍ଥୀ ଚୟନ କରିବା ଲକ୍ଷରେ ସେ ପ୍ରାଣମୂର୍ଚ୍ଛା ଉଦ୍ୟମ ଚଳାଇଥିବା ଦେଖିବାକୁ ମିଳିଛି। ଭାଜପା ଓ କଂଗ୍ରେସ ମଧ ନିଜ ରଣନୀତି ଅନୁସାରେ ପ୍ରାର୍ଥୀ ଚୟନ କାର୍ଯ୍ୟ ଜାରି ରଖିଛି।


ପୁରୀ ହଲିଡେ ରିସର୍ଟରେ ଶୁକ୍ରବାର ନୀତି ଆୟୋଗ ପକ୍ଷରୁ ପ୍ଲାଷ୍ଟିକ୍ ଓ ବର୍ଜ୍ୟବସ୍ତୁ ପରିଚାଳନା ସଂକ୍ରାନ୍ତ ସଚେତନତା କର୍ମଶାଳାରେ ଯୋଗଦେଇଥିବା ଅଧିକାରୀମାନେ।


ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଉପଲକ୍ଷେ କଟକ ବିଜୁ ପଟ୍ଟନାୟକ ଛକସ୍ଥିତ ଆନନ୍ଦ ଭବନ ସଂଗ୍ରହାଳୟ ଓ ଅଧ୍ୟୟନ କେନ୍ଦ୍ରକୁ ଆଲୋକମାଳାରେ ସଜ୍ଜିତ କରାଯାଇଛି।



ଖୋର୍ଦ୍ଧାରୋଡ୍ (ଜଟଣୀ) ରେଳ ମଣ୍ଡଳ ପ୍ରବନ୍ଧକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ରେଳ ଶ୍ରମିକ ୟୁନିୟନ ପକ୍ଷରୁ ୧୩ ଦଫା ଦାବିରେ ଧାରଣା ଦିଆଯାଇଛି।

